ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁନ୍ ୧୯/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, June 19/2025 Page 14 | ₹ 7.00

୫୧ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 204 | ମୂଲ୍ୟ ₹୭/-


## RANKERS CREATED & AVERAGE TRANSFORMED TO AWESOME
NEET 2025

Decade-long consistency in Superb Success Rate delivered this year too

OVERWHELMING RESULTS IN ALL THE FRONTS: NEET, JEE (M&A), BOARD EXAMS, FRESHERS & REPEATERS

## BHUBANESWAR CAMPUS
JAYADEV VIHAR, BIJU PATTNAIK COLLEGE ROAD
7381064208 / 8249889460 / 7381013202

## YUVODAYA
MEDICAL/IIT-JEE

## BALANGIR CAMPUS
Campus: SAKMA / Admission Office: HATISAL PADA
9777884488 / 9938086842 / 9437367867

592 ANWESH ARPAN ACHARYA AIR - 2058 / CRL - 1158
583 OMM ABINASH SAHOO AIR - 3069/ CRL - 1620
571 PRATYUSH RANJAN NAIK AIR - 5206 / CRL - 2049
570 (EWS) OM PRAKASH SAMANTARA AIR - 5497/ CRL - 501
565 (EWS) SOMYA SAHIL SETH AIR - 6799/ CRL - 653
563 SOUMYA RANJAN SWAIN AIR - 7359/ CRL - 3000
559 JAGABANDHU MISHRA AIR - 8688/ CRL - 3968
557 SHUBHAM BARIK AIR - 9276/ CRL - 3850
556 BARSHARANI PADHAN AIR - 9792/ CRL - 4091
555 POLOSTYA MEHER AIR - 10116/ CRL - 4246
553 SHIBASISH MEHER AIR - 11142/ CRL - 4710
550 OMPRATIK MAHANA AIR - 12461/CRL - 5342
549 SUSHREE SMRUTI SAMAL AIR - 12880/ CRL - 5603
549 AYUSHMAN BHOI AIR - 12907/ CRL - 5558
548 ANWESHA ANANYA MEHER AIR - 13075/ CRL - 5629
547 SUNIL KARNA AIR - 13809/ CRL - 5979
547 SARTHAK PATTANAIK AIR - 13775/ CRL - 5948
544 PRITI PARINITA PATEL AIR - 14940/ CRL - 6530
543 AMAN KUMAR NAIK AIR - 15829/ CRL - 6975
543 SWAYAMBHU S. PANIGRAHI AIR - 15865/ CRL - 6688
542 ARNAB PATEL AIR - 16021/ CRL - 7075
538 KIRAN PRABHA AGRAWAL AIR - 18250/ CRL - 7573
538 GOURI SHANKAR MEHER AIR - 18261/ CRL - 8138
537 SUBHRANSHU S. SATPATHY AIR - 19234/ CRL - 7954
536 ROSHAN SENAPATI AIR - 19783/ CRL - 8841
536 KRUSHNA CH. BARIK AIR - 20077/ CRL - 8980
535 SHEETAL CHOUDHURY AIR - 20652/ CRL - 9304
535 HRUSHIKESH SAHU AIR - 20708/ CRL - 8467
534 AMISH SAHU AIR - 21189/ CRL - 9568
534 MAHESWAR BALA AIR - 21389/ CRL - 8705
533 SAISRITA JENA AIR - 21955/ CRL - 8914
533 DEEPAK SAHU AIR - 22111/ CRL - 10015
530 BISWA PRASAD MEHER AIR - 23385/ CRL - 10632
525 ASHISH ANSHUMAN NAYAK AIR - 27614/ CRL - 10927
525 (GOVT. CAT.) SUSIL SAHU AIR - 28048/ CRL - 11061
523 RAJIB LOCHAN MOHARANA AIR - 29618/ CRL - 13674
522 PRATIKSHYA TRIPATHY AIR - 29921/ CRL - 11732
522 AMIT KUMAR DAS AIR - 30126/ CRL - 13922
521 LIPAN GADTIA AIR - 30645/ CRL - 14169
521 CHINMAY PATRA AIR - 31327/ CRL - 14489
518 KRISHNA KALYANI SAHOO AIR - 33498/ CRL - 15568
516 HARIOMM BISWAL AIR - 35353/ CRL - 16519
516 (G.C. CAT.) SATYAM KUMAR SAHOO AIR - 35369/ CRL - 16524
516 (GOVT. CAT.) DIPTEERANJAN BEHERA AIR - 35718/ CRL - 13698
511 (CAT.) PARTHASARATHI TARAI AIR - 40461/ CRL - 911
501 (GOVT. CAT.) CHANDRAKANTI KARMI AIR - 50599/ CRL - 24131
493 (CAT.) PRAMOD KUMAR BAG AIR - 59944/ CRL - 1631
488 (CAT.) ADITYA KUMAR NAIK AIR - 66762/ CRL - 1930
482 (GOVT. CAT.) BIRAJ SAHU AIR - 74903/ CRL - 26689
480 (CAT.) TAPASWINI SUNA AIR - 77346/ CRL - 2366
472 (CAT.) AYESHA NANDA AIR - 88371/ CRL - 2905
470 (CAT.) ARATI SETH AIR - 91154/ CRL - 3042
447 (CAT.) TOFAN KUMAR CHALAN AIR - 126791/ CRL - 1259
395 (CAT.) CHHAYAKANTA BEHERA AIR - 219392/ CRL - 3602
360 (CAT.) BHANUPRIYA SINGH AIR - 292620/ CRL - 6348
345 (CAT.) ROCKY MEHER AIR - 326791/ CRL - 7837


602
AIR - 1247 / CRL - 384
CHUMKI JENA


598
AIR - 1515/ CRL - 877
RUPA DASH


547
JEE-ADV: AIR - 03 (PWD)
NEET: CRL - 12 (PWD)
TARAKANTA ROUT

592 SNITI DANTA AIR - 1956/ CRL - 641
588 PRAJNA PARIMITA PADHAN AIR - 2469/ CRL - 863
587 DEBASHISH JOSHI AIR - 2523/ CRL - 1370
584 SWAPNIL KUMAR SAHU AIR - 2991/ CRL - 1082
570 NIKITA SWAIN AIR - 5400/ CRL - 2144
570 (FRESHER) PRATYUSH DASH AIR - 5433/ CRL - 2635
568 DHIRAJ PADHAN AIR - 5929/ CRL - 2375
565 (FRESHER) PRATIKSHA P. PATRA AIR - 6848/ CRL - 3217
565 (FRESHER) SIMPAL PATTNAIK AIR - 6897/ CRL - 3233
564 KRISHNA SAGAR MISHRA AIR - 7050/ CRL - 3301
563 SRUSHTI AYESHA PRADHAN AIR - 7513/ CRL - 3499
558 CHINMAYA SAHU AIR - 9192/ CRL - 3806
558 (FRESHER) TILAK HOTA AIR - 9206/ CRL - 4192
551 LENA LINALI PATEL AIR - 11756/ CRL - 5009
551 PRITIDEV SAHU AIR - 11827/ CRL - 5207
550 SUBHANKAR NANDA AIR - 12424/ CRL - 5430
549 BHARATI RATH AIR - 12828/ CRL - 5585
545 SAGARIKA NAIK AIR - 14715/ CRL - 6836
544 SACHI SANIDDHYA SAHU AIR - 15287/ CRL - 6707
543 JYOTIPRANGYA SAHU AIR - 15506/ CRL - 6112
542 SMARAK SANGAM BARIK AIR - 16236/ CRL - 7180
542 (FRESHER) DEBESH SAHU AIR - 16354/ CRL - 7229
540 AYUSH MEHER AIR - 17511/ CRL - 7771
540 SANGITA BHOI AIR - 17604/ CRL - 7820
537 (EWS) SOUJANYA S. SARANGI AIR - 18954/ CRL - 2126
537 (FRESHER (CAT.)) DEEPIKA RANI BHOI AIR - 19353/ CRL - 433
534 SAPTAJIT NANDA AIR - 21331/ CRL - 8685
529 NIKHIL BEHERA AIR - 24970/ CRL - 11412
528 SWETAPUSPITA SAHU AIR - 25142/ CRL - 11494
524 (EWS) SIBANI SATAPATHY AIR - 28263/ CRL - 3336
524 (FRESHER) AMAN KUMAR YADAV AIR - 28597/ CRL - 13192
524 PRAGNYA PANDA AIR - 28870/ CRL - 11351
522 GIRIJA P. DASH AIR - 30312/ CRL - 11866
521 ROHAN BEHERA AIR - 30647 / CRL - 14171
517 (FRESHER) MIRAJ KUMAR BHOI AIR - 34880/ CRL - 16287
517 (EWS / FRESHER) KRUTIKA SAHU AIR - 34936/ CRL - 4214
516 (FRESHER) RAJU MEHER AIR - 35193/ CRL - 16338
494 (CAT.) BISWAJIT JAL AIR - 58583/ CRL - 1577
469 (FRESHER (CAT.)) ANUBHAB KUANR AIR - 93569/ CRL - 3185
396 (FRESHER (CAT.)) MADHUSMRUTI HANSDA AIR - 217665/ CRL - 3559
367 (CAT.) JASMIN ORAM AIR - 277442/ CRL - 5716
357 (CAT.) L. PRATIGYAN RANI AIR - 299557/ CRL - 6661

- ✔ 120+ Govt. MBBS probables in 2025
- ✔ 30 students scored above 550
- ✔ 100 students scored above 515
- ✔ 40 students expected in AIIMS / SCB

### ADMISSIONS IN FULL SWING
Next batch will start from 24th June, 2025

### BORDERLINE SELECTIONS
514 OM PRAKASH SAHA
513 JEEBAN SAHU
512 RANKESH SAHU
512 SHRABANEE MAHAKUR
511 SWAVIMAAN GADATIA
509 JYOTIRANJAN NAYAK
507 SUBRAT PATEL
507 AYUSH BARPANDA
506 HELLIN SWAIN
506 SWAROOP MOHAPATRA
505 PRANGYA PARIMITA MAHAKUR
505 SARTHAK SAHU
504 ASHIS ROUT
504 SUBHASISH SAHU
503 (FRESHER) KRITI SAMANTARAY
501 AMAR KUMAR MAHAPATRA
501 ADARSH PASAYAT
500 (FRESHER) OM PRAKASH PADHAN
500 PRIYABRATA PARIDA

### IIT - 2025 1st Round Selections
IIT Bombay SWAYAM SUNDAR MEHER
IIT Bombay KRISHNAS MISHRA
IIT Kanpur PURUSHOTTAM BHOINA
IIT Kharagpur KAMLESH SAHU
IIT Kharagpur RUCHISMITA PRADHAN

### JOSSA (FIRST ROUND)
NIT, Rourkela AYUSH PATEL
NIT, Rourkela NISHANT K. SAHU
NIT, Rourkela SUBHAM K. SAHU
NIT, Rourkela KEDAR K. CHHURA
NIT, Rourkela SONAKSHI MAHARANA
NIT, Rourkela ANAND KUMAR SAHU
NIT, Rourkela ANWESH PATEL
(QUALIFIER) NIT, Rourkela PRITISH CHANDAN SAHU
NIT, Raipur DISHA AGRAWAL
NIT, Raipur BIJAYLAXMI MISHRA
NIT, Guwhati SIDDHARTH S. DHAR
NIT, Calicut PRIYARANJAN SUNANI
IIIT, BBSR SOMDUTTA MAHAKUR
IMU, KOLKATA SHREYAN NAYAK

The Harder The Exams, The Better Are The YUVODAYANs

## ସଂକ୍ଷେପରେ

### ମହାରାଷ୍ଟ୍ର ସ୍କୁଲ ପିଲାଙ୍କ ପାଇଁ ହିନ୍ଦୀ ବାଧ୍ୟ ନୁହେଁ

ମୁମ୍ବାଇ, ୧୮।୬

ମହାରାଷ୍ଟ୍ରରେ ଚାଲିଥିବା ଭାଷା ବିବାଦକୁ ନେଇ ବୁଧବାର ରାଜ୍ୟର ଦେବେନ୍ଦ୍ର ଫଡ୍‌ନବିସ୍ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ଥିବା ମରାଠୀ ଏବଂ ଇଂଲିଶ ମିଡିୟମ ସ୍କୁଲଗୁଡ଼ିକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ତୃତୀୟ ଭାଷା ଭାବେ ହିନ୍ଦୀ ଶିକ୍ଷାଦାନ ବାଧ୍ୟତାମୂଳକ ନୁହେଁ ବୋଲି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଏହି ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ତ୍ରିଭାଷା ନୀତିରେ ମହାରାଷ୍ଟ୍ର ସରକାର ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ମହାରାଷ୍ଟ୍ରର ସ୍କୁଲଗୁଡ଼ିକରେ ତୃତୀୟ ଭାଷା ଭାବେ ହିନ୍ଦୀ ପାଠପଢ଼ା ଜାରି ରହିବ। ତେବେ ଯଦି କୌଣସି ଶ୍ରେଣୀରେ ୨୦ରୁ ଅଧିକ ଛାତ୍ରୀଛାତ୍ର ହିନ୍ଦୀ ବଦଳରେ ଅନ୍ୟ କୌଣସି ଭାରତୀୟ ଭାଷାକୁ ତୃତୀୟ ଭାଷା ଭାବେ ଶିଖିବାକୁ ଚାହିଁବେ, ସେମାନଙ୍କୁ ଉକ୍ତ ଭାଷାରେ ଶିକ୍ଷକ ଉପଲବ୍ଧ କରାଯିବ କିମ୍ବା ଅନ୍‌ଲାଇନରେ ଉକ୍ତ ଭାଷାର ଶିକ୍ଷା ଦିଆଯିବ।

### ଋଣ ଶୁଝି ନ ପାରିବାରୁ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼

ଅମରାବତୀ, ୧୮।୬

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ନିର୍ବାଚନମଣ୍ଡଳୀ କୁପ୍ପମ ଅନ୍ତର୍ଗତ ନାରାୟଣପୁରମ ଗ୍ରାମରେ ଋଣ ପରିଶୋଧ କରିପାରି ନ ଥିବାରୁ ସିରିଶି ନାମ୍ନୀ ଜଣେ ମହିଳାଙ୍କୁ ଗଛରେ ବାନ୍ଧି ମାଡ଼ ମରାଯାଇଛି। ଅଭିଯୁକ୍ତ ଜଣକ ଆନ୍ଧ୍ର ପ୍ରଦେଶରେ ଶାସନରେ ଥିବା ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଜଣେ କର୍ମୀ ମନିକପ୍ପା ବୋଲି ଜଣାପଡ଼ିଛି। ମାମଲାକୁ ନେଇ ପୋଲିସ ବୁଧବାର ମନିକପ୍ପା, ତାଙ୍କ ସ୍ତ୍ରୀ ମୁନେମ୍ମା ଏବଂ ତାଙ୍କ ପରିବାରର ୪ ସଦସ୍ୟଙ୍କୁ ଗିରଫ କରିଛି। ପୋଲିସର ସୂଚନା ମୁତାବକ, ସିରିଶିଙ୍କ ସ୍ୱାମୀ ଆର୍ ତିମପ୍ପା ୨ ବର୍ଷ ତଳେ ଗ୍ରାମର ମନିକପ୍ପାଙ୍କଠାରୁ ଋଣରେ ୮୦ ହଜାର ଟଙ୍କା ନେଇଥିଲେ। ତିମପ୍ପା ଏହି ଋଣକୁ ଛୋଟ ଛୋଟ କିସ୍ତିରେ ପରିଶୋଧ କରୁଥିଲେ। ତେବେ କିଛିଦିନ ତଳେ ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରିବା ପାଇଁ ସେ ଗାଁ ଛାଡ଼ି ବେଙ୍ଗାଲୁରୁ ଚାଲିଯାଇଥିଲେ। ବେଙ୍ଗାଲୁରୁ ଯିବା ପରେ ସେ ମନିକପ୍ପାଙ୍କୁ ଟଙ୍କା ଦେବା ବନ୍ଦ କରିଦେଇଥିଲେ। ଫଳରେ ମନିକପ୍ପା ଏବଂ ତାଙ୍କ ସ୍ତ୍ରୀ ମୁନେମ୍ମା ସିରିଶିଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିଲେ।


### ଗୋରକ୍ଷକଙ୍କ ମାଡ଼ରେ ଜଣେ ମୃତ, ଜଣେ ଗୁରୁତର

ଭୋପାଳ, ୧୮।୬

ମଧ୍ୟପ୍ରଦେଶର ମେହଗାଁଓ ସହରରେ ଗୋରୁ ଚୋରାଚାଲାଣ ଅଭିଯୋଗରେ ଗତ ୫ ତାରିଖ ରାତିରେ ୨ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ସେମାନଙ୍କ ମଧ୍ୟରେ ଜଣେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଜୁନେଦ୍ ଓ ତାଙ୍କର ଜଣେ ସହଯୋଗୀ ୬ରୁ ୧୦ଟି ଗାଈ ନେଇ ଯାଉଥିବାବେଳେ ତଥାକଥିତ ଗୋରକ୍ଷକମାନେ ମେହଗାଁଓ ମନ୍ଦିର ନିକଟରେ ସେମାନଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ।

# ୬ ଦିନରେ ୬୦୦ ଇରାନୀୟ ମୃତ

## ଆତ୍ମସମର୍ପଣ ଆହ୍ୱାନକୁ ଖାମେନେଇଙ୍କ ପ୍ରତ୍ୟାଖ୍ୟାନ, ଟ୍ରମ୍ପଙ୍କୁ ଓଲଟା ଚେତାବନୀ



ଇସ୍ରାଏଲ୍‌ର ଇରାନ୍ ଆକ୍ରମଣ ଏକ ବଡ଼ ଭୁଲ୍। ଏଥିପାଇଁ ଇସ୍ରାଏଲ୍‌କୁ ଦଣ୍ଡ ଭୋଗିବାକୁ ପଡ଼ିବ। ଇରାନ୍ ଉପରେ ଶାନ୍ତି କିମ୍ବା ଯୁଦ୍ଧ ଲଦି ଦିଆଗଲେ ଏହାକୁ ତେହରାନ୍ ଗ୍ରହଣ କରିବ ନାହିଁ। ଯେଉଁମାନେ ଇରାନ୍‌ର ଇତିହାସ ଜାଣନ୍ତି, ସେମାନେ ଏହା ମଧ୍ୟ ଜାଣିଛନ୍ତି ଯେ, ତେହରାନ୍ ଧମକପୂର୍ଣ୍ଣ ଭାଷାର ଉତ୍ତର ଦେବା ଜାଣିଛି। ଇରାନୀୟମାନେ ଆତ୍ମସମର୍ପଣ କରନ୍ତି ନାହିଁ। ଆମେରିକା ପକ୍ଷରୁ କୌଣସି ପ୍ରକାର ଷ୍ଟ୍ରାଇକ୍ କରାଗଲେ ଏହାର ପରିଣାମ ଅପୂରଣୀୟ କ୍ଷତି ଆଣିଦେବ।

**–ଆୟାତୋଲ୍ଲା ଅଲୀ ଖାମେନେଇ, ଇରାନ୍ ସୁପ୍ରିମ ଲିଡର**

ତେହରାନ୍/ୱାଶିଂଟନ୍, ୧୮।୬

ଇସ୍ରାଏଲ୍-ଇରାନ୍ ଯୁଦ୍ଧ ବୁଧବାର ଷଷ୍ଠ ଦିନରେ ପହଞ୍ଚିଛି। ଏଥିସହ ଇସ୍ରାଏଲ୍ ଆକ୍ରମଣରେ ଇରାନ୍‌ରେ ମୃତ୍ୟୁସଂଖ୍ୟା ୬୦୦ ଅତିକ୍ରମ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହରାନ୍‌କୁ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେବା ପରେ ଇରାନ୍ ତେଲ୍‌ଆଭିଭ୍‌କୁ ଟାର୍ଗେଟ କରି ଫତହ-୧ ମିଶାଇଲ୍ ଛାଡ଼ିଥିବା କହିଛି। ଇସ୍ରାଏଲ୍‌ରେ ଅଦ୍ୟାବଧି ୨୫ ଜଣ ନିହତ ହୋଇଛନ୍ତି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ଇରାନ୍ ସୁପ୍ରିମଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ନିଃସର୍ତ୍ତ ଆତ୍ମସମର୍ପଣ କରିବାକୁ ଆହ୍ୱାନ ଦେଇଥିଲେ। ଏହାର ଦିନକ ପରେ ଖାମେନେଇ ଟ୍ରମ୍ପଙ୍କ ଆହ୍ୱାନକୁ ପ୍ରତ୍ୟାଖ୍ୟାନ କରି ଆମେରିକାକୁ ଓଲଟା ଧମକ ଦେଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ଖାମେନେଇ କହିଛନ୍ତି, ଆମେରିକା ଯଦି ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ସାମିଲ ହୁଏ ତେବେ ଏହାକୁ ଅପୂରଣୀୟ କ୍ଷତି ସହିବାକୁ ପଡ଼ିବ। ସେହିପରି ଇରାନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ ମଧ୍ୟ ଆମେରିକୀୟ ହସ୍ତକ୍ଷେପକୁ ଯୁଦ୍ଧ ଜରିଆରେ ମୁକାବିଲା କରାଯିବ ବୋଲି କହିଛି। ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର ମିଶାଇଲ୍ ନିର୍ମାଣ କେନ୍ଦ୍ର ଉପରେ ଆକ୍ରମଣ ପାଇଁ ୫୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟ ନିୟୋଜିତ କରାଯାଇଛି। ଆକ୍ରମଣରେ ଇରାନ୍‌ର ତବ୍‌ରିଜ ମିଶାଇଲ୍ ବେସ୍ ଓ ମଶାହଦ ଏୟାରଫିଲ୍ଡର ପ୍ରଭୁତ କ୍ଷତି ସାଧିତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଇରାନ୍ ଦାବି କରିଛି ଯେ, ଇସ୍ରାଏଲ୍ ଆଡ଼କୁ ଏକ ଫତହ-୧ ମିଶାଇଡ୍ ଛଡ଼ାଯାଇଛି। ଏହା ସତ ହୋଇଥିଲେ ୨୦୨୩ ପରେ ସଦ୍ୟ ଯୁଦ୍ଧରେ ଇରାନ୍ ପକ୍ଷରୁ

### ତେଲ୍ ଆଭିଭ୍‌କୁ ଇରାନ୍ ଛାଡ଼ିଲା ଫତହ-୧ ମିଶାଇଲ୍

ଏହା ଇସ୍ରାଏଲ୍-ଷ୍ଟ୍ରାଇକର୍‌ର ପ୍ରଥମ ପ୍ରୟୋଗ। ଇତିମଧ୍ୟରେ ଆମେରିକାର ୨ ଜଣ ଅଧିକାରୀ କହିଛନ୍ତି, ଟ୍ରମ୍ପ ଇରାନୀୟ ନ୍ୟୁକ୍ଲିୟର ଫାସିଲଟିଗୁଡ଼ିକ ଉପରେ ଆମେରିକୀୟ ସାମରିକ ଉପକରଣ ବ୍ୟବହାର କରିବା ପାଇଁ ଅତ୍ୟନ୍ତ

ଇରାନ୍ ବର୍ତ୍ତମାନ ଆତ୍ମରକ୍ଷା ପାଇଁ ସମ୍ପୂର୍ଣ୍ଣ ରୂପେ ଅକ୍ଷମ ହୋଇଗଲାଣି। ଏହା ନିକଟରେ ଆଉ ଏୟାର ଡିଫେନ୍ସ ନାହିଁ। ଇରାନ୍ ହ୍ୱାଇଟ୍ ହାଉସ୍ ସହ ଆଲୋଚନା ପାଇଁ ପ୍ରସ୍ତାବ ଦେଇଛି।

**–ଡୋନାଲ୍ଡ ଟ୍ରମ୍ପ, ଆମେରିକା ରାଷ୍ଟ୍ରପତି**



ଆଗ୍ରହୀ। ୩୦ରୁ ଅଧିକ ୟୁଏସ୍ ମିଲିଟାରି ଏରିଆଲ୍ ରିଫ୍ୟୁଲିଙ୍ଗ୍ ଟ୍ୟାଙ୍କରକୁ ମଧ୍ୟପ୍ରାଚ୍ୟକୁ ଛଡ଼ାଯାଇଛି। ଇରାନ୍ ୬ ଦିନ ଭିତରେ ତେଲ୍‌ଆଭିଭ୍ ଆଡ଼କୁ ୪୦୦ରୁ ଅଧିକ ମିଶାଇଲ୍ ଓ ଅନେକ ଶହ ଡ୍ରୋନ୍ ଛାଡ଼ିସାରିଲାଣି। ଏଥିରେ ଇସ୍ରାଏଲ୍‌ର ୪୦ ସ୍ଥାନ କ୍ଷତିଗ୍ରସ୍ତ ହୋଇଛି।

ଇରାନ୍‌ର ଶେଷ ରାଜାଙ୍କ ପୁଅ ତଥା ନିର୍ବାସନରେ ଥିବା ବିରୋଧୀ ବ୍ୟକ୍ତିତ୍ୱ ରେଜା ପହଲଭି କ୍ଷମତା ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଛନ୍ତି। ଖାମେନେଇ ଅଣ୍ଡରଗ୍ରାଉଣ୍ଡ ହୋଇଯାଇଛନ୍ତି ଏବଂ ଇସ୍‌ଲାମିକ୍ ସାଧାରଣତନ୍ତ୍ର ଭୁଶୁଡ଼ିପଡ଼ିଥିବା ସେ ଦାବି କରିଛନ୍ତି। ଇତିମଧ୍ୟରେ ଇରାନ୍‌ରୁ ୧୧୦ ଭାରତୀୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବିମାନ ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛି। ଛାତ୍ରୀଛାତ୍ରମାନେ ଆର୍ମେନିଆରୁ ଦୋହା ଯିବା ପରେ ସେଠାରୁ ବିମାନରେ ଆସୁଥିବା ଜଣାପଡ଼ିଛି।



ତେହରାନରେ ଇସ୍ରାଏଲ୍‌ର ମିଶାଇଲ୍ ମାଡ଼ ପରେ ଧୂଆଁ ଉଠୁଛି।

### ୧୦-୧୨ ଦିନରେ ସରିଯିବ ଇସ୍ରାଏଲୀ ମିଶାଇଲ



ତେହରାନ୍‌ରୁ ନେଇ ତେଲ୍‌ଆଭିଭ୍ ପର୍ଯ୍ୟନ୍ତ ଚାଲିଛି ମିଶାଇଲ ମାଡ଼ର ପ୍ରତିଯୋଗିତା। ଇରାନ୍ ଉପରେ ଆକ୍ରମଣ ବେଳେ ଇସ୍ରାଏଲ୍ ଭାବି ନ ଥିଲା ଏପରି ପ୍ରତିରୋଧର ସମ୍ମୁଖୀନ ହେବ ବୋଲି। ଇସ୍ରାଏଲୀ ଇଣ୍ଟରସେପ୍ଟରଗୁଡ଼ିକ ବର୍ତ୍ତମାନ ଚାପଗ୍ରସ୍ତ। ଏରୋ ମିଶାଇଲ ପିଛା ୩ ନିୟୁତ ଡଲାର। ଇସ୍ରାଏଲ୍‌କୁ ଡିଫେନ୍ସ ଅପରେଶନ୍ ପାଇଁ ପ୍ରତି ରାତିରେ ୨୮୫ ନିୟୁତ ଡଲାର ଖର୍ଚ୍ଚ କରିବାକୁ ପଡ଼ୁଛି। ତେଣୁ ଇରାନ୍‌ର ପ୍ରତିଆକ୍ରମଣକୁ ଇସ୍ରାଏଲ୍ ଆଉ କେତେଦିନ ବରଦାସ୍ତ କରିପାରିବ ତାକୁ ନେଇ ବଡ଼ ପ୍ରଶ୍ନ ଉଠିଲାଣି। ଏଭଳି ସ୍ଥିତିରେ ଇସ୍ରାଏଲ୍ ଆମେରିକାଠାରୁ ଯୁଦ୍ଧାସ୍ତ୍ର ସହଯୋଗ ନ ପାଇଲେ ଏହାର ସାମରିକ ଭିତ୍ତିଭୂମି ଦୋହଲିଯିବ ବୋଲି ଅନେକେ ମତ ଦେଉଛନ୍ତି। କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏତେ ଶୀଘ୍ର ଇସ୍ରାଏଲ୍ ସହ ଇରାନ୍ ବିରୋଧୀ ଯୁଦ୍ଧରେ ଆମେରିକାକୁ ସାମିଲ କରି ତେହରାନ୍ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ନ ପାରନ୍ତି ବୋଲି ଅନ୍ୟ କେତେକ ସୂତ୍ରରୁ ଜଣାପଡ଼ିଛି।

## ୨୨କୁ ଘୁଞ୍ଚିଲା ଆକ୍ସିଓମ ୪ ମିଶନ

ଫ୍ଲୋରିଡା, ୧୮।୬

ଆମେରିକୀୟ ମହାକାଶ ସଂସ୍ଥା ନାସା ପୁଣିଥରେ ଆକ୍ସିଓମ ୪ ମିଶନର ଲଞ୍ଚିଂକୁ ଘୁଞ୍ଚାଇଛି। ରବିବାର ପୂର୍ବରୁ ଏହି ମିଶନ ଲଞ୍ଚ୍ ହୋଇପାରିବ ନାହିଁ ବୋଲି ନାସା ସ୍ପଷ୍ଟ କରିଛି। ଯଦି ସବୁକିଛି ଯୋଜନା ମୁତାବକ ରହେ, ତେବେ ଆସନ୍ତା ୨୨ରେ ଆକ୍ସିଓମ ୪ ମିଶନର ଲଞ୍ଚିଂ ହେବ। ନିକଟରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ର ଜେଭେଜ୍‌ଦା ସର୍ଭିସ୍ ମଡ୍ୟୁଲର ପଛ ପାର୍ଶ୍ୱରେ ମରାମତି କାର୍ଯ୍ୟ ହୋଇଥିବାରୁ ଏହାର ମୂଲ୍ୟାଙ୍କନ ପାଇଁ ରବିବାର ପର୍ଯ୍ୟନ୍ତ ନାସା ସମୟ ପାଇବ ବୋଲି ଆକ୍ସିଓମ୍ ସ୍ପେସ୍ କହିଛି। ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ମଧ୍ୟ ଏନେଇ ଏକ୍ସ’ରେ ସୂଚନା ଦେଇଛି। ନାସା, ସ୍ପେସ୍‌ଏକ୍ସ’, ଇସ୍ରୋ ଏବଂ ଆକ୍ସିଓମ୍ ସ୍ପେସ୍‌ର ଏହି

### ଆଇଏସ୍‌ଏସ୍‌ରେ ହୋଇଥିବା ମରାମତି କାର୍ଯ୍ୟର ମୂଲ୍ୟାଙ୍କନ କରିବ ନାସା

ମିଳିତ ମିଶନ ପୂର୍ବରୁ ମେ ୨୯ରେ ଲଞ୍ଚ୍ ହେବାର ଥିଲା। ପରେ ଭିନ୍ନ ଭିନ୍ନ କାରଣ ପାଇଁ ଏହାକୁ ଜୁନ୍ ୮, ୯, ୧୧ ଏବଂ ୧୯କୁ ଘୁଞ୍ଚାଯାଇଥିଲା। ଏହି ମିଶନରେ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଏବଂ ୩ ଅନ୍ୟ ଆଷ୍ଟ୍ରୋନଟ ଆଇଏସ୍‌ଏସ୍‌କୁ ଯିବେ। ଶୁଭାଂଶୁ ପ୍ରଥମ ଭାରତୀୟ ଭାବେ ଆଇଏସ୍‌ଏସ୍‌ରେ ପହଞ୍ଚିବେ। ସେହିପରି ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ସେ ଦ୍ୱିତୀୟ ଭାରତୀୟ ହେବେ।

## ୟୁପି ପୋଲିସରେ ଏକସଙ୍ଗେ ଭର୍ତ୍ତିହେଲେ ବାପପୁଅ

ଲକ୍ଷ୍ନୌ, ୧୮।୬

ଉତ୍ତର ପ୍ରଦେଶର ହାପୁର ଜିଲା ଉଦୟରାମପୁର ନଙ୍ଗଲା ଗ୍ରାମର ବାପପୁଅଙ୍କ ଯୋଡ଼ି ଏକସଙ୍ଗେ ରାଜ୍ୟ ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ଲକ୍ଷ୍ନୌସ୍ଥିତ ଡିଫେନ୍ସ ଏକ୍ସପୋ ଭେନ୍ୟୁରେ ପହଞ୍ଚି ଅବସରପ୍ରାପ୍ତ ସେନା ହାବିଲଦାର ଯଶପାଲ ସିଂ ନାଗର (୪୧) ଏବଂ ତାଙ୍କ ପୁଅ ଶେଖର ନାଗର (୨୧) ନିଜ ନିଯୁକ୍ତି ପତ୍ର ଆଣିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଉଭୟଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଯଶପାଲ ୨୦୦୩ରେ ଭାରତୀୟ ସେନାରେ ଭର୍ତ୍ତି ହୋଇଥିଲେ। ୧୬ ବର୍ଷ ଧରି ସେବା ଯୋଗାଇବା ପରେ ୨୦୧୯ରେ ସେ ସେନାରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏହାପରେ ଦିଲ୍ଲୀରେ ଥିବା ଆର୍ମି ଅର୍ଡିନାନ୍ସ କର୍ପ୍ସରେ ସେ କିଛିଦିନ ପାଇଁ କାର୍ଯ୍ୟ କରିଥିଲେ। ୨୦୨୪ରେ ଉତ୍ତର ପ୍ରଦେଶର କନ୍‌ଷ୍ଟେବଲ ନିଯୁକ୍ତି ପରୀକ୍ଷା ପାଇଁ ଯଶପାଲ ପୁଅ ଶେଖରଙ୍କ ସହ ମିଶି ଆବେଦନ କରିଥିଲେ। ଉଭୟ ବାପପୁଅ ଏକସଙ୍ଗେ ଉକ୍ତ ପରୀକ୍ଷା ଦେଇଥିଲେ ଏବଂ ଏକସଙ୍ଗେ ଉଭୟଙ୍କର ସିଲେକ୍ସନ ମଧ୍ୟ ହୋଇଛି। ଦୁହେଁ ୨ ବର୍ଷ ଧରି ଏହି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ଉଭୟେ ଦିଲ୍ଲୀର ଏକ କୋଚିଂ ସେଣ୍ଟରରେ ମିଳିତ ଭାବେ ୟୁପି ପୋଲିସ କନଷ୍ଟେବଲ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ ବୋଲି ଶେଖର କହିଛନ୍ତି।

ଏବେ ଯଶପାଲ ଶାହଜହାନ୍‌ପୁର ଏବଂ ପୁଅ ଶେଖର ବରେଲିରେ ୟୁପି ପୋଲିସ କନଷ୍ଟେବଲ ଭାବେ ଟ୍ରେନିଂ ନେବେ। ଚଳିତ ମାସ ଶେଷ ଆଡ଼କୁ ଉଭୟେ ଟ୍ରେନିଂ ପାଇଁ ଯିବେ। ୟୁପି ପୋଲିସରେ କନ୍‌ଷ୍ଟେବଲ ଭାବେ ଭର୍ତ୍ତି ହେବା ପରେ ଶେଖର କହିଛନ୍ତି, ସେ ଆଗକୁ ମଧ୍ୟ କମ୍ବାଇନ୍‌ଡ ଡିଫେନ୍ସ ସର୍ଭିସ୍ ଏକ୍ସାମିନେଶନ (ସିଡିଏସ୍) ଏବଂ ୟୁପି ଇନ୍ସପେକ୍ଟର ପରୀକ୍ଷା ପରି ବିଭିନ୍ନ ସରକାରୀ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିବେ। ସେହିପରି ଯଶପାଲ କହିଛନ୍ତି, ଶେଖର ଉଚ୍ଚ ମାଧ୍ୟମିକ ପାଠପଢ଼ା ଶେଷ କରିବା ପରେ ସେ ତାଙ୍କୁ ୟୁପି ପୋଲିସ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ତେବେ ଧୀରେ ଧୀରେ ପୁଅକୁ ପ୍ରସ୍ତୁତିରେ ସହଯୋଗ କରିବା ସହ ସେ ନିଜେ ମଧ୍ୟ ପ୍ରସ୍ତୁତିରେ ଲାଗିପଡ଼ିଥିଲେ ବୋଲି ଯଶପାଲ କହିଛନ୍ତି। ଫଳରେ ସେ ପୁଅ ସହ ମିଶି ୟୁପି ପୋଲିସ କନ୍‌ଷ୍ଟେବଲ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ସେହିପରି କୋଚିଂ ସେଣ୍ଟରରେ ପୁଅ ସହ ମିଶି ଗୋଟିଏ ଶ୍ରେଣୀରେ ବସିବା ତାଙ୍କୁ ପ୍ରଥମେ ଅଜବ ଲାଗିଥିଲା ବୋଲି ଯଶପାଲ କହିଛନ୍ତି। ତେବେ ପରେ ସେ ଏଥିରେ ଅଭ୍ୟସ୍ତ ହୋଇଯାଇଥିଲେ।



ଯଶପାଲ ସିଂ ନାଗର ଓ ତାଙ୍କ ପୁଅ ଶେଖର।

## ଫୁରସତ୍

### ଅତିଥିଙ୍କ ସଂଖ୍ୟା ମେଳ ନ ଖାଇଲେ ଜରିମାନା ଲଗାଇବ ରେଷ୍ଟୁରାଣ୍ଟ

ପ୍ୟାରିସ୍

ଫ୍ରାନ୍ସର ଆମ୍ବୋଇଜ୍‌ଠାରେ ଥିବା ଲିଲୋଟ୍ ନାମକ ଏକ ରେଷ୍ଟୁରାଣ୍ଟ ପକ୍ଷରୁ ନିକଟରେ ନିଜ ଗ୍ରାହକଙ୍କ ପାଇଁ ନୂତନ ଜରିମାନା ନୀତି ଘୋଷଣା କରାଯାଇଛି। ଏହି ନୀତି ଅନୁଯାୟୀ, ଗ୍ରାହକମାନେ ଅର୍ଡର ଦେଉଥିବା ପାର୍ଟିରେ ପୂର୍ବରୁ ଦର୍ଶା ଯାଇଥିବା ସଂଖ୍ୟାଠାରୁ ଯଦି କମ୍ କିମ୍ବା ଅଧିକ ଅତିଥି ଆସିଲେ, ତେବେ ଏଥିପାଇଁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ। ଲିଲୋଟ୍ ରେଷ୍ଟୁରାଣ୍ଟର ମାଲିକ ତଥା ମ୍ୟାନେଜର ଅଲିଭିୟର ଭିନ୍‌ସେଣ୍ଟ କହିଛନ୍ତି, ତାଙ୍କ ରେଷ୍ଟୁରାଣ୍ଟରେ କେବଳ ୨୦ଟି ସିଟ୍ ରହିଛି। ଯେତେବେଳେ ଲୋକମାନେ ଏଠାରେ ପାର୍ଟି ଆୟୋଜନ କରନ୍ତି, ସେମାନେ ପୂରା ୨୦ ସିଟ୍ ବୁକ୍ କରି ଦିଅନ୍ତି। କିନ୍ତୁ ଅନେକ ସମୟରେ ପାର୍ଟିରେ କମ୍ ଲୋକ ଆସିଥାନ୍ତି, ଯାହାଫଳରେ ରେଷ୍ଟୁରାଣ୍ଟକୁ କ୍ଷତି ସହିବାକୁ ପଡ଼େ। ସେହିପରି କେବେକେବେ ବୁକ୍ ହୋଇଥିବା ସିଟ୍ ସଂଖ୍ୟାଠାରୁ ଅଧିକ ଅତିଥି ମଧ୍ୟ ଆସିଯାଆନ୍ତି, ଯାହା ମଧ୍ୟ ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରେ ବୋଲି ଭିନ୍‌ସେଣ୍ଟ କହିଛନ୍ତି। ପ୍ରତି ସପ୍ତାହରେ ସେ ଏପରି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏବଂ ଏହି ସମସ୍ୟା ତାଙ୍କ ବ୍ୟବସାୟକୁ ପ୍ରଭାବିତ କରୁଥିବାରୁ ସେ ବାଧ୍ୟହୋଇ ଗ୍ରାହକଙ୍କ ପାଇଁ ଜରିମାନା ନୀତି ଘୋଷଣା କରିଥିବା ଭିନ୍‌ସେଣ୍ଟ କହିଛନ୍ତି। ନୂତନ ନିୟମ ଅନୁଯାୟୀ, ଲିଲୋଟ୍ ରେଷ୍ଟୁରାଣ୍ଟରେ ପାର୍ଟି ବୁକ୍ କରିବା ସମୟରେ ଉଲ୍ଲେଖ କରାଯାଇଥିବା ଅତିଥିଙ୍କ ସଂଖ୍ୟାଠାରୁ ଯଦି ପାର୍ଟିକୁ ଆସିଥିବା ଅତିଥିଙ୍କ ସଂଖ୍ୟା ମେଳ ଖାଇବ ନାହିଁ, ତେବେ ଅର୍ଡର ଦେଇଥିବା ଗ୍ରାହକଙ୍କଠାରୁ ପ୍ରତି କମ୍ କିମ୍ବା ଅତିରିକ୍ତ ଅତିଥିଙ୍କ ପାଇଁ ୧୫ ୟୁରୋ (ପ୍ରାୟ ୧୪୦୦ ଟଙ୍କା) ଜରିମାନା ଆକାରରେ ଆଦାୟ କରାଯିବ। ତେବେ ଏହାକୁ ଏକ ଅଜବ ନିୟମ ବୋଲି କହି ସୋସିଆଲ ମିଡିଆରେ ଅନେକ ୟୁଜର୍ସ ଭିନ୍‌ସେଣ୍ଟଙ୍କୁ ସମାଲୋଚନା କରିଛନ୍ତି।




### ଦିନକର ବାଇକ୍ ପାର୍କିଂ ଭଡ଼ା ୨,୪୦୦ ଟଙ୍କା

ବାରାଣସୀ

ଉତ୍ତର-ପୂର୍ବ ରେଳପଥର ବାରାଣସୀ ରେଳ ଷ୍ଟେଶନରେ ଏକ ବାଇକ୍ ପାର୍କିଂର ଟିକେଟ ଏବେ ଭାଇରାଲ ହେବାରେ ଲାଗିଛି। ଏହି ଟିକେଟ ଅନୁଯାୟୀ, ଘଣ୍ଟାଏରୁ ଅଧିକ ସମୟ ଧରି ଗାଡ଼ି ପାର୍କିଂ ହୋଇ ରହିଲେ, ଘଣ୍ଟା ପ୍ରତି ୧୦୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ଅର୍ଥାତ୍ ଯଦି ଗୋଟିଏ ବାଇକ୍ ୨୪ ଘଣ୍ଟା ପାଇଁ ପାର୍କିଂ ହୋଇ ରହିବ, ତେବେ ଭଡ଼ା ଆକାରରେ ୨,୪୦୦ ଟଙ୍କା ଦେବାକୁ ପଡିବ। ଘଟଣାକୁ ନେଇ ରେଳ ପ୍ରଶାସନ ପାର୍କିଂ ଅପରେଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ରେଳ ଷ୍ଟେଶନ ପ୍ରଶାସନ ସମ୍ପୃକ୍ତ ଠିକାଦାର ସଂସ୍ଥାର ପାର୍କିଂ ଚୁକ୍ତିନାମା ବାତିଲ କରିବା ସହ ଠିକାଦାରଙ୍କ ବିରୋଧରେ ଏଫ୍‌ଆଇଆର୍ ରୁଜୁ କରିଛି।


ଏନେଇ ସ୍ଥାନୀୟ ମହମୁର୍‌ଗଞ୍ଜ ବାସିନ୍ଦା ଡାକ୍ତର ରାଜେଶ କୁମାର ଶ୍ରୀବାସ୍ତବ ରେଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଶ୍ରୀବାସ୍ତବ ତାଙ୍କ ଅଭିଯୋଗରେ କହିଛନ୍ତି, ବାରାଣସୀ ରେଳ ଷ୍ଟେଶନର ପ୍ଲାଟଫର୍ମ-୧ରେ ଥିବା ପାର୍କିଂ ଷ୍ଟାଣ୍ଡ୍‌ରେ ୨୪ ଘଣ୍ଟା ବାଇକ୍ ରଖିବା ପାଇଁ ୨,୪୦୦ ଟଙ୍କା ଆଦାୟ କରାଯାଉଛି। ସେହିପରି ୨୪ ଘଣ୍ଟା ସାଇକେଲ ରଖିବା ପାଇଁ ୧,୨୦୦ ଟଙ୍କା ଆଦାୟ କରାଯାଉଛି। ଶ୍ରୀବାସ୍ତବଙ୍କ ଅଭିଯୋଗ ପରେ ରେଳ ପ୍ରଶାସନ ପକ୍ଷରୁ ଘଟଣାକୁ ନେଇ ତଦନ୍ତ କରାଯାଇଥିଲା। ମନମାନି କରି ପାର୍କିଂ ଫି ଆଦାୟ କରୁଥିବାରୁ ପାର୍କିଂ ଅପରେଟରଙ୍କ ଉପରେ ରେଳ ପ୍ରଶାସନ ୫ ହଜାର ଟଙ୍କାର ଜରିମାନା ଲଗାଇଥିଲା।



# ଧରିତ୍ରୀ
DHARITRI

ଧରିତ୍ରୀ 51 Years




## ଅଗଷ୍ଟ ୧୫ରୁ ବର୍ଷକିଆ ଫାସ୍‌ଟାଗ୍

### ଘରୋଇ ଯାନବାହନ ପାଇଁ ୩ ହଜାର ଟଙ୍କା

ନୂଆଦିଲ୍ଲୀ, ୧୮।୬

କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ଏକ୍ସ'ରେ ଦେଶବ୍ୟାପୀ ବର୍ଷକିଆ ଫାସ୍‌ଟାଗ୍‌ର ଘୋଷଣା କରିଛନ୍ତି। ଏହି ବର୍ଷକିଆ ପାସ୍ ପାଇଁ ୟୁଜର୍ସମାନଙ୍କୁ ୩ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହି ପାସ୍ ଦେଖାଇ ଯାତ୍ରୀମାନେ ବର୍ଷକୁ ସର୍ବାଧିକ ୨୦୦ ଥର ଯାତ୍ରା କରିପାରିବେ। ତେବେ ସମୟସୀମା ପୂର୍ବରୁ ୨୦୦ ଯାତ୍ରା ପୂରା ହୋଇଗଲେ କିମ୍ବା ପାସ୍‌ର ଅବଧି ବର୍ଷେ ପୂରା ହେବାପରେ ୟୁଜର୍ସମାନଙ୍କୁ ସେମାନଙ୍କ ପାସ୍ ରିନ୍ୟୁ କରିବାକୁ ପଡ଼ିବ। ଆସନ୍ତା ଅଗଷ୍ଟ ୧୫ଠାରୁ ଏହି ବର୍ଷକିଆ ଫାସ୍‌ଟାଗ୍ ପାସ୍ କାର୍ଯ୍ୟକାରୀ ହେବ ବୋଲି ଗଡ଼କରୀ କହିଛନ୍ତି। ☞ପୃଷ୍ଠା-୨



ନବଯୌବନ ଦର୍ଶନର ଅବ୍ୟବହିତ ପୂର୍ବରୁ କଟକ ଦରଘାବଜାର ଚିତ୍ରକର ସାହିରେ ଶ୍ରୀଜୀଉଙ୍କ ପ୍ରତିମାକୁ ରଙ୍ଗତୂଳୀରେ ସଜାଉଛନ୍ତି ଜଣେ ଶିଳ୍ପୀ।

# ଝିଅ ଜନ୍ମହେବାରୁ ମାରିଦେଲେ

**ଏବେବି ଝିଅ ଜନ୍ମକୁ କେତେଜଣ ଲୋକ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଜନ୍ମ ଦେଇଥିବା ମା'ଙ୍କୁ ବିଭିନ୍ନ ପ୍ରକାର ମାନସିକ ଏବଂ ଶାରୀରିକ ଯନ୍ତ୍ରଣା ଦିଆଯାଉଛି। ଉପାନ୍ତ ଅଞ୍ଚଳଠାରୁ ଆରମ୍ଭ କରି ସହର ଯାଏ ଏଭଳି ଅନେକ ଘଟଣା ଦେଖିବାକୁ ମିଳୁଛି। ବାଲେଶ୍ୱର ଜିଲା ଜଳେଶ୍ୱର ପୌରପାଳିକା ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପରିବାର ବିରୋଧରେ ମଧ ଏଭଳି ଏକ ସଙ୍ଗିନ ଅଭିଯୋଗ ଆସିଛି। ଉପାଧ୍ୟକ୍ଷାଙ୍କ ପୁତ୍ରବଧୂ ନମିତା ୧୦ଦିନ ତଳେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିବାବେଳେ ବୁଧବାର ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଅପରପକ୍ଷରେ କନ୍ୟାସନ୍ତାନ ଜନ୍ମ ଦେବା କାରଣରୁ ନବଜାତକର ମା'ଙ୍କୁ ମାନସିକ ନିର୍ଯାତନା ଦିଆଯିବା ସହ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ନେଇ ଅଭିଯୋଗ ହୋଇଛି। ଜଳେଶ୍ୱର ପୋଲିସ ଅଭିଯୋଗକୁ ଆଧାର କରି ଏକ ହତ୍ୟା ମାମଲା ରୁଜୁ କରିବା ସହ ମୃତାଙ୍କ ସ୍ୱାମୀ, ଶ୍ୱଶୁର, ଦାଦା ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।**

### ପୌର ଉପାଧ୍ୟକ୍ଷାଙ୍କ ପରିବାର ବିରୋଧରେ ଅଭିଯୋଗ



ନମିତା

### ସ୍ୱାମୀ, ଶ୍ୱଶୁର, କକାଶ୍ୱଶୁରଙ୍କୁ ଉଠାଇ ନେଲା ପୋଲିସ

ଜଳେଶ୍ୱର,୧୮।୬(ନବୀନ ସାହୁ)

ଜଳେଶ୍ୱର ପୌରପାଳିକାର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲାଙ୍କ ପୁଅ ରିତେଶ କାମିଲା ୨୦୨୨ରେ ନିକଟସ୍ଥ ଚକବିଷ୍ଣୁ ଗ୍ରାମର ଜଳଧର ପ୍ରଧାନଙ୍କ କନ୍ୟା ନମିତା(୨୪)ଙ୍କୁ ଭଲ ପାଇ ବୈଦିକ ରୀତିନୀତିରେ ବିବାହ କରିଥିଲେ। ଘରେ ଶାଶୁ, ଶ୍ୱଶୁର, କକା, କାକୀ ଶାଶୁ, ନଣନ୍ଦ ଏବଂ ସ୍ୱାମୀଙ୍କ ସହିତ ନମିତା ଏକ ଯୌଥ ପରିବାରରେ ରହୁଥିଲେ। ସ୍ୱାମୀ ରିତେଶଙ୍କ ଜଳେଶ୍ୱର ବଜାରରେ ଏକ ବାସନ ଦୋକାନ ରହିଛି। ନମିତା ୧୦ ଦିନ ତଳେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ସେ ଶିଶୁକନ୍ୟା ଜନ୍ମ ଦେଇଥିବାରୁ ଶାଶୁ ଘର ଲୋକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ନମିତାଙ୍କୁ ତାଙ୍କ ଶୋଇବା ଘରେ ଝୁଲନ୍ତା ଅବସ୍ଥାରେ ଶ୍ୱଶୁର ଘର ଲୋକ ଦେଖିବାକୁ ପାଇଥିଲେ। ନମିତାଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନମିତା ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ କହୁଥିବାବେଳେ ବାପଘର ଲୋକେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଝିଅ ଜନ୍ମ ଦେବା ପରଠାରୁ ନମିତାଙ୍କୁ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛନ୍ତି ବୋଲି ନମିତାଙ୍କ ସମ୍ପର୍କୀୟା ଭଉଣୀ ସୁମିତ୍ରା ପାଲ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୮୦ (ଯୌତୁକଜନିତ ମୃତ୍ୟୁ), ୮୫ (ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ନିର୍ଯାତନା), ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା), ୧୦୩ (ହତ୍ୟା), ୩(୫) (ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି)ରେ ଏକ ମାମଲା(ନଂ.୨୮୦/୨୫) ରୁଜୁ କରି ମୃତାଙ୍କ ସ୍ୱାମୀ, ଶ୍ୱଶୁର ଏବଂ ଦାଦା ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ ତଥ୍ୟ ମିଳିପାରିବ ବୋଲି ଥାନା ଅଧିକାରୀ ଜୟନ୍ତ ବେହେରା କହିଛନ୍ତି। ଏହି ଘଟଣା ସମ୍ପର୍କରେ ପୌର ଉପାଧ୍ୟକ୍ଷା କିମ୍ବା ତାଙ୍କ ପରିବାର କାହାରି ପ୍ରତିକ୍ରିୟା ମିଳିପାରି ନାହିଁ। ମିଳିଥିବା ସୂଚନା ଅନୁସାରେ ଗତ ୫ରୁ ୬ବର୍ଷ ପୌର ଉପାଧ୍ୟକ୍ଷା ପୁଷ୍ପପ୍ରିୟାଙ୍କ ବଡ଼ବୋହୂଙ୍କ ମଧ ସନ୍ଦେହଜନକ ମୃତ୍ୟୁ ଘଟିଥିଲା।

## ୧୫ ଦିନରେ ମିଳିବ ଭୋଟର କାର୍ଡ

ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ରବିନାରାୟଣ ଜେନା),୧୮।୬

ପୂର୍ବରୁ ଦେଶର ମତଦାତାଙ୍କୁ ଇଲେକ୍ଟର ଫଟୋ ଆଇଡେଣ୍ଟିଟି କାର୍ଡ (ଇପିଆଇସି) ପାଇବାକୁ ହେଲେ ମାସେରୁ ଅଧିକ ସମୟ ଲାଗୁଥିଲା। ଏଣିକି ଭୋଟର କାର୍ଡ ୧୫ ଦିନ ଭିତରେ ମିଳିଯିବ ବୋଲି ବୁଧବାର ନିର୍ବାଚନ କମିଶନ (ଇସି) ସୂଚନା ଦେଇଛନ୍ତି। ଇସି କହିଛନ୍ତି, ଭାରତର ନୂଆ ଭୋଟରଙ୍କ ନାମ ପଞ୍ଜୀକରଣ ଓ ପଞ୍ଜୀକୃତ ଭୋଟରଙ୍କ ତଥ୍ୟ ସଂଶୋଧନ ଯେମିତି ୧୫ ଦିନ ଭିତରେ ହୋଇପାରିବ ତାହା ସୁନିଶ୍ଚିତ କରିବା ପାଇଁ ଏକ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ନୂଆ ବ୍ୟବସ୍ଥା ଅନୁସାରେ ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ୍ ଅଫିସର (ଇଆରଓ)ଙ୍କ ଦ୍ୱାରା କରାଯାଉଥିବା ଇପିଆଇସି ଜେନେରେଶନ୍‌ଠାରୁ ନେଇ ଭୋଟରଙ୍କୁ ☞ପୃଷ୍ଠା-୨

# ଆଉ ୧୬ ନମୁନାରେ ହଇଜା

**ଯାଜପୁର**

- **ଜଣେ ଶିଶୁର ଜୀବନ ଗଲା, ମୃତ୍ୟୁସଂଖ୍ୟା ୨୦ ହେଲା**
- **ଦୂଷିତ ଜଳ, ଖାଦ୍ୟ ପ୍ରମୁଖ କାରଣ**

ଯାଜପୁର,୧୮।୬ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାରେ ହଇଜା(କଲେରା) ବ୍ୟାପିବାରେ ଲାଗିଛି। ବୁଧବାର ଆଉ ୧୬ ନମୁନାରେ ହଇଜା (ଭିବ୍ରିଓ କଲେରା) ଚିହ୍ନଟ ହୋଇଥିବା କେନ୍ଦ୍ରୀୟ ଦଳ ପକ୍ଷରୁ ସୂଚନା ମିଳିଛି। ମୋଟ ୪୯ ନମୁନା ଯାଞ୍ଚ ହୋଇଥିବାବେଳେ ସେଥିରୁ ୩୩% ହଇଜା ସଂକ୍ରମିତ ବୋଲି ସ୍ପଷ୍ଟ ହୋଇଛି। ପୂର୍ବରୁ ୧୧ଜଣ ହଇଜାରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ରିପୋର୍ଟକୁ ମିଶାଇ ହଇଜା ପଜିଟିଭ୍ ରୋଗୀଙ୍କ ସଂଖ୍ୟା ୨୭ ହୋଇଛି। ଅନ୍ୟପକ୍ଷେ ହଇଜା ଓ ଡାଇରିଆ ବ୍ୟାପିବାର ଧାରାରେ ପରିବର୍ତ୍ତନ ଆସିଛି। ପୂର୍ବରୁ ବୟସ୍କ ଲୋକମାନେ ହଇଜା ଓ ଡାଇରିଆରେ ଆକ୍ରାନ୍ତ ହେଉଥିବାବେଳେ ଗତ ୨ ଦିନ ହେଲା ଶିଶୁ ଓ କିଶୋରମାନେ ଏଥିରେ ସଂକ୍ରମିତ ହେଉଛନ୍ତି। ବୁଧବାର ବ୍ୟାସନଗର ପୌରାଞ୍ଚଳର ନହକା ୱାର୍ଡର ଜଣେ ୧ ବର୍ଷର ଶିଶୁଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁଜନିକ ମୁର୍ମୁ। ଏହାକୁ ମିଶାଇ ଜିଲାରେ ମୃତ୍ୟୁସଂଖ୍ୟା ୨୦ରେ ପହଞ୍ଚିଛି। ନୂଆ ରୋଗୀ ଏବଂ ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉ ନ ଥିଲେ ହେଁ ମୃତକଙ୍କ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ସ୍ୱାସ୍ଥ୍ୟ ବିଭାଗ ଏକପ୍ରକାର ବିଫଳ ହୋଇଛି ବୋଲି ମତପ୍ରକାଶ ପାଇଛି।

ଜିଲାରେ ଦୂଷିତ ଜଳ ଓ ଖାଦ୍ୟ ଦ୍ୱାରା ହଇଜା ବ୍ୟାପୁଥିବା କେନ୍ଦ୍ରୀୟ ଦଳ ପରୋକ୍ଷରେ ସ୍ୱୀକାର କରିଛନ୍ତି। ମଙ୍ଗଳବାର ସୁଦ୍ଧା ଜିଲାର ବିଭିନ୍ନ ଡାକ୍ତରଖାନାରେ ୧୭୪ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ବୁଧବାର ୧୦୪ ଜଣ ନୂଆ ରୋଗୀ ଭର୍ତ୍ତି ହୋଇଥିବାବେଳେ ସେଥିରୁ ୯ଜଣ ଗୁରୁତରଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହାବାଦ୍ ୧୧୨ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।


**ଆଜିର ସମ୍ପାଦକୀୟ**
ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ


# ମଧ୍ୟସ୍ଥତାକୁ ଗ୍ରହଣ କରିବନି ଭାରତ

**ମୋଦି-ଟ୍ରମ୍ପ ଆଲୋଚନା**

- ଆତଙ୍କବାଦକୁ ଯୁଦ୍ଧ ବିବେଚନା କରୁଛି ନୂଆଦିଲ୍ଲୀ
- ପାକିସ୍ତାନର ଅନୁରୋଧ କ୍ରମେ ହୋଇଥିଲା ଅସ୍ତ୍ରବିରତି
- କ୍ୱାଡ୍ ସମିଟ୍‌ରେ ଯୋଗଦେବା ପାଇଁ ଆସିବେ ଟ୍ରମ୍ପ



କନାନକସ୍କିସ୍(କାନାଡା),୧୮।୬

ଗତମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ପ୍ରତ୍ୟକ୍ଷ ପାରସ୍ପରିକ ଆଲୋଚନା ଜରିଆରେ ବନ୍ଦ ହୋଇଥିଲା। ଏଥିରେ କୌଣସି ତୃତୀୟ ପକ୍ଷ ମଧ୍ୟସ୍ଥତା କରି ନ ଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅବଗତ କରାଇଛନ୍ତି। ଟ୍ରମ୍ପ ମଧ୍ୟସ୍ଥତା କରି ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଆସୁଥିବାବେଳେ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ତାଙ୍କୁ ଏହି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ପ୍ରାୟ ୩୫ ମିନିଟ୍ ଧରି ପ୍ରଧାନମନ୍ତ୍ରୀ ମୋଦି ଫୋନ୍‌ରେ କଥା ହୋଇଛନ୍ତି। ଆଲୋଚନା ବେଳେ ମୋଦି ଟ୍ରମ୍ପଙ୍କୁ କହିଛନ୍ତି, ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଇସ୍‌ଲାମାବାଦର ଅନୁରୋଧକ୍ରମେ ଭାରତୀୟ ସେନା ଓ ପାକିସ୍ତାନ ପ୍ରତିପକ୍ଷ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତ ହୋଇଥିଲେ। ଭାରତର ବହିର୍ବ୍ୟାପାର ସଚିବ ☞ପୃଷ୍ଠା-୨

# ଆଦିବାସୀଙ୍କ ଉନ୍ନତି ବିନା ବିକାଶ ଅସମ୍ଭବ: ମୁଖ୍ୟମନ୍ତ୍ରୀ

### ବାରିପଦାରେ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶ

ବାରିପଦା,୧୮।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ସାଂସ୍କୃତିକ ବୈଭବ ଚିତ୍ରପଟ୍ଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ୨୦୩୬ ସୁଦ୍ଧା ଓଡ଼ିଶାକୁ ସମୃଦ୍ଧ ଓଡ଼ିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ବର୍ଷ ଭିତରେ ଏହି ଲକ୍ଷ୍ୟ ସାକାର କରିବାକୁ ହେଲେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ। ଆଦିବାସୀଙ୍କ ସାମଗ୍ରିକ ଉନ୍ନତି ବିନା ବିକାଶ ଅସମ୍ଭବ ବୋଲି ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବାରିପଦାର ଛଉ ପଡ଼ିଆଠାରେ ବୁଧବାର ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଓଡ଼ିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି। ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟ। ମୟୂରଭଞ୍ଜରୁ ୮ଜଣ ଆଦିବାସୀ ସମ୍ପ୍ରଦାୟର ବିଧାୟକ ପ୍ରତିନିଧିତ୍ୱ କରୁଛନ୍ତି। ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଆସନ ଅଳଙ୍କୃତ କରିଛନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ସରକାରଙ୍କ ସହ ଓଡ଼ିଶା ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି। କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ୫ ହଜାର ଆଦିବାସୀ ଯୁବତୀଯୁବକ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭକରି ଉପକୃତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ଟି ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ଟି ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଏବଂ ୨୨୯ ଗୋଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ବାରିପଦାଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।।

ଗଣଶିକ୍ଷା ତଥା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହି ଆଦିବାସୀ ସଶକ୍ତୀକରଣରେ ରାଜ୍ୟ ସରକାର ସଦାସର୍ବଦା ଚେଷ୍ଟିତ। ପ୍ରତ୍ୟେକ ଆଦିବାସୀ ପରିବାରରେ ଶିକ୍ଷାର ପ୍ରସାର ହେଲେ ହିଁ ଆଦିବାସୀ ସମାଜର ବିକାଶ ହେବ ବୋଲି କହିଛନ୍ତି। ସେହିପରି ଗରିବ, ଅବହେଳିତ ଆଦିବାସୀ ଭଉଣୀଭାଇଙ୍କ ସମସ୍ତ ମୌଳିକ ଆବଶ୍ୟକତା ପୂରଣକରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରଜ ମହୋତ୍ସବ ଅବସରରେ ଚଇତାଳି ଘୋଡ଼ାନାଚ ପରିବେଷଣ, ସ୍ଥାନ: ମା' ଉତ୍ତରମୁଖୀ ମନ୍ଦିର ପରିସର, ଭୁବନପୁର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍ସ ପକ୍ଷରୁ ବିଶ୍ୱ ଆନେମିଆ ଦିବସ, ସ୍ଥାନ: ଓପିଡ଼ି, ଏମ୍ସ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ
- ଜମିପଟା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ତହସିଲ କାର୍ଯ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା
- ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ଭାଜପା ଜିଲାସ୍ତରୀୟ କର୍ମଶାଳା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ବିକାଶ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ବ୍ଲକ୍‌ସ୍ତରୀୟ ମକ୍‌ଡ୍ରିଲ, ସ୍ଥାନ: ନୂଆସାହି, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମକ୍‌ଡ୍ରିଲ୍, ସ୍ଥାନ: ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ବିକଶିତ ବାହନ କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୦ ଟା।

## ମୟୂରଭଞ୍ଜ
- ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର, ସ୍ଥାନ: ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ, କଲେଜ ରୋଡ୍, ବେତନଟୀ,ସମୟ: ପୂର୍ବାହ୍ନ ୯ଟା।
- ମକ୍ ଡ୍ରିଲ, ସ୍ଥାନ ରଙ୍ଗପାଣି ବନ୍ୟା ଆଶ୍ରୟସ୍ଥଳୀ, ବଡ଼ସାହି,ସମୟ:ସକାଳ ୯ଟା।
- ବିଶ୍ୱ ସିକିଲ ସେଲ୍ ସଚେତନତା ଦିବସ ପାଳନ, ସ୍ଥାନ:ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ
- ବିକାଶ ବାହନ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ପରିକ୍ରମା, ସ୍ଥାନ: ବାଲିଗୁଡ଼ା ଏନ୍‌ଏସି ଅଞ୍ଚଳ, ସମୟ: ସକାଳ ୯ ଟା।
- ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପରମ ପଙ୍ଗା ଓ ଲଣ୍ଡାଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ବିନୋଦବିହାରୀ ମନ୍ଦିର ପରିସର, ଆୟତପୁର, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା
- ଶନିଶ୍ଚରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ–ଶନିଶ୍ଚର ମନ୍ଦିର ପରିସର, ମୁନିଖୋଲ,ମୁନିଗୁଡା, ସମୟ: ମଧ୍ୟାହ୍ନ ୧ଟା।

## ନବରଙ୍ଗପୁର
- ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ, ସ୍ଥାନ: ଡିଏନ୍‌କେ ଆଶ୍ରୟ ସ୍ଥଳୀ, ଉମରକୋଟ, ସମୟ: ପୂର୍ବାହ୍ନ ୧୧ ଟା।
- ବିକାଶ ବାହନ ଯାତ୍ରା, ସ୍ଥାନ: ମେଦନା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ
- ବିକାଶ ବାହନ ଶୁଭାରମ୍ଭ, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ସକାଳ ୯ଟା।

## ସମ୍ବଲପୁର
- ପତଞ୍ଜଳି ଯୋଗ ସମିତି ଆୟୋଜନରେ ଯୋଗ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଗଙ୍ଗାଧର ମଣ୍ଡପ, ସମୟ : ସକାଳ ୫ଟା।
- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ୍, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦।
- ବିକାଶ ରଥ ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ : ୯ଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସମୟ : ସକାଳ : ୯ଟା।
- ଜିଲା କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଓ ଆଲୋଚନା, ସ୍ଥାନ : ଜିଲା କଗ୍ରେସ ସମ୍ମିଳନୀ କକ୍ଷ, ସମୟ : ମଧ୍ୟାହ୍ନ ୧୨ଟା।

## ବଲାଙ୍ଗୀର
- ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ ଶୁଭାରମ୍ଭ ଓ ଗଣ ଶୋଭାଯାତ୍ରା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ସକାଳ ୮ଟା ।

## ରାଉରକେଲା
- ଜଳଅବରୋଧ ନେଇ ବିଶ୍ୱକର୍ମାବସ୍ତି କଲୋନୀବାସୀ ଆର୍‌ଏମ୍‌ସି କମିଶନରଙ୍କୁ ଭେଟିବେ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା
- ଆଦର୍ଶ ପାଠାଗାର ପକ୍ଷରୁ ସାହିତ୍ୟ ଆସର କାର୍ଯ୍ୟକ୍ରମ, ସ୍ଥାନ: ଆଦର୍ଶ ପାଠାଗାର ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ୮ତମ ସର୍ବଭାରତୀୟ ଟ୍ରାଇବାଲ ଥିଏଟର ଏବଂ ନୃତ୍ୟ ମହୋତ୍ସବ, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର–୫ ଆଦର୍ଶ ସାହିତ୍ୟଘର, ସମୟ: ସନ୍ଧ୍ୟା ୬ଟା ୪୫।

## ବରଗଡ଼
- ଜିଲାସ୍ତରୀୟ ବିକାଶ ମେଳା,ସ୍ଥାନ:ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: ଯଦୁମଣି ପ୍ରଧାନ ଅଡ଼ିଟୋରିୟମ, ବରଗଡ଼, ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ନିଶା ନିବାରଣ ସଚେତନତା କର୍ମଶାଳା, ସ୍ଥାନ: କର୍ଲାମୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ହାଇସ୍କୁଲ ପରିସର, ସମୟ: ସକାଳ ୯ଟା।
- ବିକାଶ ବାହନ ରଥ ପରିକ୍ରମା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ, ସ୍ଥାନ: ଜୁନାଗଡ଼ ବ୍ଲକ କୁଟେନ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ବିକାଶ ମେଳା ଉଦ୍‌ଯାପନୀ ସମାରୋହ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରେଡ: ସମୟ: ଅପରାହ୍ନ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିକାଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବଗିଚା, ପ୍ରଧାନପାଟ ରେଡ, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ନିଶା କାରବାର ବିରୋଧରେ ସଚେତନତା ପଦଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ରାମେଶ୍ୱର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ସର୍ବୋଦୟ ସଙ୍କଳ୍ପ ଶିବିର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବିନିକା ଚନ୍ଦ୍ରମା ହୋଟେଲ, ସମୟ: ସକାଳ ୯ଟା ୩୦।
- ମକଡ୍ରିଲ କାର୍ଯ୍ୟକ୍ରମ, ସ୍ଥାନ: ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପରିସର, ଡିଗସିରା, ଡୁଙ୍ଗୁରିପାଲି, ସମୟ: ପୂର୍ବାହ୍ନ ୧୦ଟା।
- ତରଭା ବ୍ଲକର ଝାରତରଭାରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: ଝାରତରଭା ଗ୍ରାମପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ବ୍ଲକର କଟାପାଲିରେ ନିଶା ନିବାରଣ ସଚେତନତା ଅଭିଯାନ, ସ୍ଥାନ: କଟାପାଲି ପଞ୍ଚାୟତ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା
- ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯେକୌଣସି ପରିସ୍ଥିତି ଓ ପରିବେଶରେ ନିଜକୁ ଚଳାଇ ନେବାରେ ସମର୍ଥ ହେବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ଉଚ୍ଚଶିକ୍ଷା, ସନ୍ତାନଙ୍କ ସ୍ୱାସ୍ଥ୍ୟ, ରଚନାତ୍ମକ କାମ ସାଙ୍ଗକୁ ଋଣ ପରିଶୋଧର ଯୋଜନା କରିବେ। ବ୍ୟବସାୟରେ ଉନ୍ନତି ସାଙ୍ଗକୁ ଲୋକସମ୍ପର୍କ ବୃଦ୍ଧି ଦିଗରେ ଚେଷ୍ଟିତ ହେବେ।

**ବୃଷ** ପରିସ୍ଥିତିକୁ ଆଖିଆଗରେ ରଖି ଆପଣଙ୍କୁ କର୍ମଧାରାରେ ପରିବର୍ତ୍ତନ ଆଣିବାକୁ ପଡିପାରେ। ନତୁବା ଘରୋଇ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହୋଇ ବ୍ୟତିବ୍ୟସ୍ତ ହୋଇପାରନ୍ତି। ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ ପ୍ରତ୍ୟେକ କାମରେ କିଛିଟା ସଫଳତା ମଧ୍ୟ ପାଇବେ।

**ମିଥୁନ** କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକିଥିବା କାରଣରୁ ସେହିକଥା ଭାବି ଅନ୍ୟମନସ୍କ ରହିପାରନ୍ତି। ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତର ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାନବାହନ, ଜମିଜମା, ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। କଳା, ସାହିତ୍ୟ, ସଂସ୍କୃତି ପ୍ରତି ଅନୁରାଗୀ ହୋଇପାରନ୍ତି।

**କର୍କଟ** ପାରିବାରିକ ଶୃଙ୍ଖଳା ରକ୍ଷା ଦିଗରେ ଅଭିଜ୍ଞତା ଓ ଦୂରଦର୍ଶିତା ସାହାଯ୍ୟ କରିବ। ସଭାସମିତି, ଆନୁଷ୍ଠାନିକ କାମ ଓ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। କର୍ମକ୍ଷେତ୍ରରେ ସାମୟିକ ପ୍ରତିବନ୍ଧକ କାରଣରୁ ଆଜିର କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। କର୍ମଜଞ୍ଜାଳ ବୃଦ୍ଧି ପାଉଥିବାରୁ ସାମୟିକ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ଭଲ କଥା କହିଲେ ମଧ୍ୟ ଭୁଲ୍ ବୁଝାମଣା କାରଣରୁ ପରିବାରରେ ସମ୍ପର୍କ ହାନି ଘଟିବାର ଆଶଙ୍କା ରହିଛି। ବନ୍ଧୁମେଳରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ସନ୍ତୋଷଜନକ ରହିବ।

**କନ୍ୟା** ଅତୀତର କେତେକ ଘଟଣା ମନରେ ଆଲୋଡନ ସୃଷ୍ଟିକରିବା ଫଳରେ ସ୍ଥିର ଭାବରେ ରହିପାରିବେ ନାହିଁ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ଶତ୍ରୁତା ଆଚରଣ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ପ୍ରତ୍ୟେକ କ୍ଷେତ୍ରରେ ବିଜାତୀୟ ବନ୍ଧୁମାନେ ଆବଶ୍ୟକ ସହଯୋଗ କରିବେ।

**ତୁଳା** ବିଭିନ୍ନ ପ୍ରତିବନ୍ଧକଜନିତ କାର୍ଯ୍ୟରେ ସଫଳତା ହାସଲ କରିବା ସହଜସାଧ୍ୟ ହୋଇ ନ ପାରେ। କିନ୍ତୁ କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା ପ୍ରଭୃତି କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ଉଚ୍ଚପଦାଧିକାରୀଙ୍କ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କଥାବାର୍ତ୍ତା ନ କଲେ ଅସୁବିଧାରେ ପଡିପାରନ୍ତି। ଆପଣଙ୍କର ସାହାଯ୍ୟକାରୀ ମନୋବୃତ୍ତି ହେତୁ ସହକର୍ମୀଙ୍କ ସହ ସଦ୍‌ଭାବ ବୃଦ୍ଧି ପାଇପାରେ। ଆଜି ଘରକୁ ଫେରିବା ସମୟରେ କିଛି ମୂଲ୍ୟବାନ ଜିନିଷ ଆଣି ପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବା ଯୋଗୁ ସାମୟିକ ଭାବରେ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** ଶାରୀରିକ ସୁସ୍ଥତା ସାଙ୍ଗକୁ ମାନସିକ ଶାନ୍ତି ପାରିବାରିକ ଜୀବନକୁ ରଦ୍ଧିମନ୍ତ କରିବ। ନିଜ ଘର ଅପେକ୍ଷା ବାହାର ଲୋକମାନେ ଆପଣଙ୍କ ପକ୍ଷ ସମର୍ଥନ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ କୌଣସି ବ୍ୟକ୍ତିଠାରୁ କିଛି କଥା ଶୁଣି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ମକର** ଅନୁକୂଳ ସମୟ ହେତୁ ଯେଉଁ କାମରେ ହାତ ଦେବେ ସଫଳତା ନିଶ୍ଚିତ। ସମ୍ପର୍କୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବହୁତ ଦିନରୁ ବାକି ପଡିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇଲେ ମଧ୍ୟ ସାମୟିକ ଅସ୍ଥିରତା ଦେଖାଦେବାର ସମ୍ଭାବନା ରହିଛି।

**କୁମ୍ଭ** ଆପଣଙ୍କ ସୁଚିନ୍ତିତ ବିଚାରଧାରା ଫଳରେ ପ୍ରତ୍ୟେକ ଦିଗରୁ ଲାଭବାନ୍ ହେବେ, ପ୍ରତ୍ୟେକ କାର୍ଯ୍ୟ ପୂର୍ବରୁ ରହିଥିବା ବ୍ୟତିକ୍ରମ ସାଙ୍ଗକୁ ବାଣିଜ୍ୟ, ବ୍ୟବସାୟରେ ମଧ୍ୟ ସମସ୍ୟାକୁ ସୁଧାରି ନେବେ। ପରିବହନ କ୍ଷେତ୍ରରେ ଅଯଥା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିବାରରେ ପିଲାଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ** ବନ୍ଧୁପରିଜନଙ୍କ ସହିତ ହସଖୁସିରେ ଆଜିର ଯାତ୍ରା, କର୍ମାରମ୍ଭ ଓ ଭ୍ରମଣ ଆନନ୍ଦଦାୟକ ରହିବ। ସାମାଜିକ ସ୍ତରରେ ଈର୍ଷାପରାୟଣ ନୀଚବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବହୁତ ଖର୍ଚ୍ଚଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ଦିଗରୁ ବହୁତ ଶୁଭଫଳ ପାଇବେ।

ଆଜି ଜୁନ୍ ୧୯ ତାରିଖ, ଆଷାଢ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ଗୁରୁବାର। ରାଶିନକ୍ଷତ୍ର–ଉତ୍ତରଭାଦ୍ର/ମୀନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୨ ଗତେ, ଘ.୦୬।୦୪ ମଧ୍ୟେ, ଘ.୦୯।୩୬ ଗତେ, ଘ.୧୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୧।୨୭ ଗତେ, ଘ.୦୩।୦୬ ମଧ୍ୟେ ରାହୁକାଳ।

# ବୟୋ ବନ୍ଦନା ହିତାଧିକାରୀଙ୍କୁ କାର୍ଡ ବାଣ୍ଟିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୧୮।୬(ସୁନିତ୍ ମିଶ୍ର):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଗରିବ, ଯୁବକ, କୃଷକ ଓ ମହିଳା କେନ୍ଦ୍ରିକ ଯୋଜନା ଆଧାରିତ ବିଭିନ୍ନ ଯୋଜନାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି। ଦେଶର ଅର୍ଥନୀତି ବର୍ତ୍ତମାନ ବିଶ୍ୱର ୪ର୍ଥ ସ୍ଥାନକୁ ଉନ୍ନିତ ହୋଇଛି। ଦେଶ ବିଦେଶରେ ଭାରତବର୍ଷର ମାନ ଓ ସମ୍ମାନ ବୃଦ୍ଧି ପାଇଛି। ଭାଜପା ନେତୃତ୍ୱାଧୀନ ସରକାର ଓଡ଼ିଶାରେ ୧ ବର୍ଷ ପୂରଣ କରିଥିବାବେଳେ ମାର୍ଗଦର୍ଶନ ଦେବାକୁ ପ୍ରଧାନମନ୍ତ୍ରୀ ୨୦ରେ ଓଡ଼ିଶା ଆସୁଛନ୍ତି। ଗତ ବର୍ଷେ ମଧ୍ୟରେ ପ୍ରଧାନମନ୍ତ୍ରୀ ୬ଷ୍ଠ ଥର ପାଇଁ ଓଡ଼ିଶା ଆସୁଛନ୍ତି। ପ୍ରଧାନମନ୍ତ୍ରୀ ୩ଟା ୪୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଓଡ଼ିଶାର ବିକାଶ ପାଇଁ ୨୦୩୬ର ରୋଡ୍‌ମ୍ୟାପ୍ ଘୋଷଣା ହେବ। ଏହାସହ ବୟୋ ବନ୍ଦନା ଯୋଜନାରେ ରାଜ୍ୟରେ ୭୦ ବର୍ଷରୁ ଅଧିକ ସମସ୍ତଙ୍କୁ ସ୍ୱାସ୍ଥ୍ୟକାର୍ଡ ଦିଆଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ। ପ୍ରଧାନମନ୍ତ୍ରୀ ଏଥିପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଓଡ଼ିଶାର ସାମଗ୍ରିକ ବିକାଶରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ନେତୃତ୍ୱରେ ଜାତୀୟସ୍ତରର ଅନେକ କାର୍ଯ୍ୟକ୍ରମ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ବର୍ଷକ ମଧ୍ୟରେ ଓଡ଼ିଶାରେ ଅନୁଷ୍ଠିତ ହୋଇଛି। ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀଠାରୁ ଆରମ୍ଭକରି ନୌସେନା ଦିବସ, ପ୍ରବାସୀ ଭାରତୀୟ ଦିବସ, ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ବିମାନବନ୍ଦରରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକ ଛକଠାରୁ ଏକ ବିରାଟ ରୋଡ୍ ଶୋ ମାଧ୍ୟମରେ ଏଜି, ରାଜଭବନ, କଳିଙ୍ଗ ଷ୍ଟାଡିୟମ, ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଞ୍ଚିବେ। ଏହି ଅବସରରେ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହେବ ଏବଂ ପାଖାପାଖି ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ତାଙ୍କୁ ସ୍ୱାଗତ କରାଯିବ। ଏହି ଅବସରରେ ସେ ଓଡ଼ିଶା ଭିଜନ–୨୦୩୬ ଓ ୨୦୪୭ ପୁସ୍ତକ ଉନ୍ମୋଚନ କରିବେ। ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡିକୁ ଭିସି ଜରିଆରେ ଲୋକାର୍ପଣ କରିବେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନାଳେ ନାଳେ ଗଲି, ତରାଟ ଖୋସିଲି**
**ତରାଟରେ ମନ ରହିଲା**
**ନିକୁଞ୍ଜ ବନରେ ଦିହ ଛୁଇଁ ଛୁଇଁ**
**ଆଉ ଦିନେ ଭେଟ ନୋହିଲା।**

ଗୋପନରେ ଦେଖାସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ। ଦେଖା ସାକ୍ଷାତରୁ ପ୍ରେମ ବଢ଼ିଲା ପରେ ଆଉ ଦେଖାଦର୍ଶନ ନାହିଁ। ଠକିଦେଇ ଦାଣ୍ଡରେ ବସେଇ ଚାଲିଗଲା। ଏପରିସ୍ଥଳେ ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନେଉଳ ଭାଇ**
**ଯେଣେ ଇଚ୍ଛା ତେଣେ ଯାଇ।**

ନକୁଳ ସର୍ବକାର୍ଯ୍ୟାଣି, ଅହିଃ ସର୍ବତ୍ର ବାଧତେ। ନେଉଳ ଦର୍ଶନ କରି ଯେଣିକି ଇଚ୍ଛା ତେଣିକି ଯାତ୍ରା କଲେ ଯାତ୍ରାରେ କୌଣସି ବିଘ୍ନ ସୃଷ୍ଟି ହୋଇ ନ ଥାଏ ଓ ବହୁ ଶୁଭ ଫଳ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ–ଫ୍ରେଣ୍ଡସ ପବ୍ଲିଶର୍ସ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସବୁ ବିଭାଗକୁ ଅର୍ଥ ବିଭାଗର ତାଗିଦା

## କେନ୍ଦ୍ରୀୟ ଯୋଜନା ଅର୍ଥ 'ସ୍ୱର୍ଣ୍ଣ' ମଡେଲରେ ଖର୍ଚ୍ଚ ହେବ

**ଭୁବନେଶ୍ୱର,୧୮।୬ (ରବିନାରାୟଣ ଜେନା)**

ସମସ୍ତ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା(ସିଏସ୍‌ଏସ୍) ଅର୍ଥ ଏଣିକି ସିଙ୍ଗଲ ନୋଡାଲ ଏଜେନ୍ସି(ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ) ମାଧ୍ୟମରେ ଖର୍ଚ୍ଚ ହେବ। ପୂର୍ବରୁ ବିଭିନ୍ନ ବିଭାଗର ୨୯ଧରଣର କେନ୍ଦ୍ରୀୟ ପ୍ରବର୍ତ୍ତିତ ଅର୍ଥ ରାଜ୍ୟକୁ ଆସୁଥିବାବେଳେ ଏବେ ଆଉ ଅତିରିକ୍ତ ୩୭ ଧରଣର ସିଏସ୍‌ଏସ୍ ପାଣ୍ଠି ଯୋଗାଇ ଦିଆଯାଇଛି। ଏହି ସମସ୍ତ ପ୍ରକାର କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠିକୁ ଜୁଲାଇ ପହିଲାରୁ ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ ପଦ୍ଧତିରେ ଖର୍ଚ୍ଚ କରିବାକୁ ପଡ଼ିବ। ଏହାକୁ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଯାଇଛି।

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଚଳିତମାସ ୧୦ରେ ରାଜ୍ୟ ସରକାରଙ୍କୁ ଆସିଥିବା ନିର୍ଦ୍ଦେଶନାମାକୁ ନେଇ ଗତ ୧୬ ତାରିଖରେ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସବୁ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି, ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶକ ପ୍ରତୀକ କୁମାର ସିଂହ ଚଳିତମାସ ୧୦ରେ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମନ୍ତ୍ରାଳୟର ୨୦୨୩ ଜୁଲାଇ ନିର୍ଦ୍ଦେଶନାମାରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି 'ଜଷ୍ଟ ଇନ୍ ଟାଇମ୍'ରେ କିଭଳି ଖର୍ଚ୍ଚ ହେବ ତା'ର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରାଯାଇଛି।

ଏହି ପଦ୍ଧତି ଅନୁଯାୟୀ, କେନ୍ଦ୍ରୀୟ ପ୍ରବର୍ତ୍ତିତ ପାଣ୍ଠି ଏସ୍‌ଏନ୍‌ଏ ଖାତାରେ ପ୍ରବେଶ କରିବା ମାତ୍ରେ ଉକ୍ତ ଅର୍ଥକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଠିକଣା ବାଟରେ ଖର୍ଚ୍ଚ କରିବାକୁ ହେବ। ଉକ୍ତ ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇପାରିବ ନାହିଁ, ଯେଉଁଥିରେ ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ରହିବା ସହିତ ଅବାଟରେ ଖର୍ଚ୍ଚ ହେବନାହିଁ। ପୂର୍ବରୁ ରାଜ୍ୟ ସରକାର କେବଳ 'ସିଏସ୍‌ଏସ୍'ରେ ଏକକ କ୍ଷେତ୍ରୀୟ ସଂସ୍ଥାର ଖାତା ଖୋଲୁଥିଲେ। ଏବେ କିନ୍ତୁ ଆଉ ଗୋଟିଏ ଖାତା ରିଜର୍ଭ ବ୍ୟାଙ୍କରେ ଖୋଲିବାକୁ ପଡ଼ିବ। ଏହାଦ୍ୱାରା ଯୋଜନାରେ ସଂପୃକ୍ତ ତୃଣମୂଳସ୍ତରର କେଉଁ ଅଧିକାରୀ କେତେବେଳେ ଏହି ଖାତାରୁ ଟଙ୍କା ଉଠାଇବେ ତାହା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିପାରିବେନାହିଁ। ତେବେ ପୂର୍ବରୁ ମନ୍ତ୍ରଣାଳୟ ପକ୍ଷରୁ ୨୯ଟି କ୍ଷେତ୍ର ଲାଗି ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଥିବାବେଳେ ଏବେ ଅତିରିକ୍ତ ୩୭ ସିଏସ୍‌ଏସ୍ ପାଣ୍ଠି ପ୍ରଦାନ କରାଯାଉଛି। ଏହାକୁ ଜୁଲାଇ ପହିଲାରୁ 'ଏସ୍‌ଏନ୍‌ଏ– ସ୍ୱର୍ଣ୍ଣ' ପଦ୍ଧତିରେ ଖର୍ଚ୍ଚ କରିବାକୁ ହେବ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏସ୍‌ଏନ୍‌ଏ–ସ୍ୱର୍ଣ୍ଣ ପଦ୍ଧତିକୁ ସାରାଦେଶରେ ଲାଗୁ କରାଯିବ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ନୀତି ଆପଣାଇବେ। ଏହାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧିକାରୀମାନେ ସଂପୃକ୍ତ ମନ୍ତ୍ରଣାଳୟ ସହ ଯୋଗାଯୋଗ କରି ରାଜକୋଷକୁ କିଭଳି ସିଏସ୍‌ଏସ୍ ପାଣ୍ଠି ଆସିବ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଖର୍ଚ୍ଚ ହେବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ତ୍ରିପାଠୀ ପତ୍ରରେ ଉଲ୍ଲେଖ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମଧ୍ୟସ୍ଥତାକୁ ଗ୍ରହଣ...

ବିକ୍ରମ ମିସ୍ରି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମିସ୍ରି କହିଛନ୍ତି, ଭାରତ ଆତଙ୍କବାଦକୁ ଆଉ ଛାୟାଯୁଦ୍ଧ ରୂପେ ଦେଖୁନାହିଁ। ଏହାକୁ ଯୁଦ୍ଧ ବୋଲି ମନେକରୁଛି। ଭାରତର 'ଅପରେଶନ୍ ସିନ୍ଦୂର' ବର୍ତ୍ତମାନ ମଧ୍ୟ ଜାରି ରହିଥିବା ବିଷୟ ଟ୍ରମ୍ପଙ୍କୁ ମୋଦି କହିଛନ୍ତି।

ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣ ପରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ 'ଅପରେଶନ୍ ସିନ୍ଦୂର' କରାଯାଇ ପାକିସ୍ତାନ ଓ ପାକ୍–ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ବଡ଼ଧରଣର କ୍ଷତି ପହଞ୍ଚାଯାଇଥିଲା। ଏହାକୁ ନେଇ ଉଭୟ ପକ୍ଷ ମୁହାଁମୁହିଁ ହୋଇ ପରସ୍ପର ଉପରେ ଆକ୍ରମଣ କରିଥିଲେ। ତେବେ ମେ' ୧୦ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦୁଇଦେଶ ମଧ୍ୟରେ ମଧ୍ୟସ୍ଥତା କରି ସଂଘର୍ଷ ବନ୍ଦ କରାଇଦେଇଥିବା ପ୍ରଥମେ ଦାବି କରିଥିଲେ। ଭାରତ ଓ ପାକିସ୍ତାନ ଯୁଦ୍ଧ ବନ୍ଦ ପାଇଁ ସିଜ୍‌ଫାୟାର ଡିଲ୍‌ରେ ସହମତି ପ୍ରକାଶ ନ କଲେ ଆମେରିକା ଉଭୟ ଦେଶ ସହ ବାଣିଜ୍ୟ ବନ୍ଦ କରିଦେବ ବୋଲି ଟ୍ରମ୍ପ ଚେତାବନୀ ଦେଇଥିବା କହିଥିଲେ।

ସଦ୍ୟ ଆଲୋଚନା ବେଳେ ରାଷ୍ଟ୍ରପତି ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କାନାଡାରୁ ଫେରିବାବେଳେ ଆମେରିକା ଗସ୍ତ କରିବାକୁ ଅନୁରୋଧ କରିଥିଲେ। ମୋଦି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଯୋଗୁ ଯାଇପାରିବେ ନାହିଁ ବୋଲି ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିବା ମିସ୍ରି କହିଛନ୍ତି। ଟ୍ରମ୍ପ ଜି୭ରୁ ଆଗୁଆ ଆମେରିକାକୁ ଫେରିଯାଇଥିବାରୁ ମୋଦିଙ୍କ ସହ ସାକ୍ଷାତ ହୋଇପାରି ନ ଥିଲା। ତେବେ ଦୁଇନେତାଙ୍କ ଆଲୋଚନାରେ ମେ' ୭–୧୦ ଭାରତ–ପାକିସ୍ତାନ ସାମରିକ ସଂଘର୍ଷ ପ୍ରସଙ୍ଗ ପ୍ରମୁଖତାର ସହ ସ୍ଥାନ ପାଇଛି। ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଜଣାଇଛନ୍ତି ଯେ, ଭାରତ–ପାକିସ୍ତାନ ସିଜ୍‌ଫାୟାର ପାଇଁ ଭାରତ–ଆମେରିକା ଟ୍ରେଡ୍ ଡିଲ୍ ବା ମଧ୍ୟସ୍ଥତା ପ୍ରସ୍ତାବ କାମ କରିନାହିଁ। ଦୁଇଦେଶର ସଶସ୍ତ୍ର ବଳ ଭିତରେ ରହିଥିବା କମ୍ୟୁନିକେଶନ୍ ଚ୍ୟାନେଲ ଜରିଆରେ ହିଁ ସଂଘର୍ଷ ବିରାମ ନିଷ୍ପତ୍ତି ହୋଇଥିଲା। ଭାରତ କେବେହେଲେ ମଧ୍ୟସ୍ଥତାକୁ ଗ୍ରହଣ କରିବ ନାହିଁ। ଏହି ବିଷୟକୁ ନେଇ ଦେଶରେ ସମ୍ପୂର୍ଣ୍ଣ ରାଜନୈତିକ ସହମତି ରହିଥିବା ମୋଦି ଦୃଢ଼ ଭାବେ ଟ୍ରମ୍ପଙ୍କୁ ଜଣାଇଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଆତଙ୍କବାଦ ବିରୋଧରେ ପଦକ୍ଷେପ ସମ୍ପର୍କିତ ନିଜ ପ୍ରତିଶ୍ରୁତିବଦ୍ଧତା ସାରା ବିଶ୍ୱକୁ ଜଣାଇଦେଇଛି। ପାକିସ୍ତାନ ପଟୁ କୌଣସି ଅତିକ୍ରମଣ ହେଲେ ଏହାଠୁ ବଳି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ଭାରତ ସ୍ପଷ୍ଟ କରିଥିବା ନେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ସେହିପରି ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯୁଦ୍ଧ ସମ୍ପର୍କରେ ଦୁଇନେତା ଆଲୋଚନା କରିଛନ୍ତି। ରୁଷିଆ–ୟୁକ୍ରେନ୍ ଯୁଦ୍ଧର ସମାଧାନ ପାଇଁ ଉଭୟ ପକ୍ଷର ଆଲୋଚନା ଜରୁରୀ ବୋଲି ମୋଦି ଓ ଟ୍ରମ୍ପ ସହମତ। ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ପରବର୍ତ୍ତୀ କ୍ୱାଡ୍ ସମିଟ୍‌କୁ ନିମନ୍ତ୍ରଣ କରିଛନ୍ତି। ଟ୍ରମ୍ପ ଏହାକୁ ଗ୍ରହଣ କରି ଭାରତ ଆସିବାକୁ ଆଗ୍ରହୀ ଥିବା କହିଛନ୍ତି ବୋଲି ମିସ୍ରି ଏକ ଭିଡିଓ ମେସେଜ୍‌ରେ ଜଣାଇଛନ୍ତି।

### ଆଦିବାସୀଙ୍କ ଉନ୍ନତି ବିନା ...

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଜନଜାତିଙ୍କ ସାମାଜିକବ୍ୟବସ୍ଥା, ସାଂସ୍କୃତିକବୈଭବ ଓ ମୌଳିକତା ବଜାୟ ରଖିବାକୁ ପଡ଼ିବ ବୋଲି କହିଛନ୍ତି। ଏହି ଅବସରରେ ଆଦିବାସୀ ଲୋକକଳା, ସଂସ୍କୃତି ଓ ପରମ୍ପରା ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଉଦଳା ବିଧାୟକ ଭାସ୍କର ମଢ଼େଇ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ପ୍ରମୁଖ ମଞ୍ଚାସୀନ ଥିଲେ। ବଡ଼ସାହି ବିଧାୟକ ସନାତନ ବିଜୁଳି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁସୂଚିତ ଜାତି ଏବଂ ଜନଜାତି ବିଭାଗ ନିର୍ଦ୍ଦେଶିକା ଡ. ପୋମା ଟୁଡୁ ଧନ୍ୟବାଦ ଦେଇଥିଲେ। ଜିଲାପାଳ ହେମକାନ୍ତ ସୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଜିଲା, ଉପଖଣ୍ଡ ଏବଂ ବ୍ଲକ୍‌ସ୍ତରୀୟ ବିଭାଗୀୟ ବରିଷ୍ଠ ଅଧିକାରୀ, ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ୧୫ ଦିନରେ ମିଳିବ ...

ଡାକ ଯୋଗେ କାର୍ଡ ପ୍ରଦାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଟ୍ରାକିଂ କରାଯାଇପାରିବ। ଏପରି କି ଭୋଟରମାନେ ପ୍ରତି ସ୍ତରରେ ନିଜ ଇପିଆଇସି ସମ୍ପର୍କରେ ମୋବାଇଲରେ ଏସ୍‌ଏମ୍‌ଏସ୍ ପାଇବେ। ଏଥି ସକାଶେ ନିର୍ବାଚନ ଆୟୋଗ ନୂଆକରି ଆରମ୍ଭ ହୋଇଥିବା ଇସିଆଇନେଟ୍ ପ୍ଲାଟ୍‌ଫର୍ମରେ ଏକ ଆଇଟି ମୋଡ୍ୟୁଲ ଆଣିଛନ୍ତି। ଭୋଟରଙ୍କୁ ଏହା ସୁବିଧାରେ ଯୋଗାଇଦେବା ଲାଗି ଡାକ ବିଭାଗର ଆପ୍ଲିକେଶନ୍ ପ୍ରୋଗ୍ରାମ ଇଣ୍ଟରଫେସ୍ (ଏପିଆଇ)କୁ ଇସିଆଇନେଟ୍ ସହ ସମନ୍ୱିତ କରାଯିବ। ଭୋଟରମାନଙ୍କ ସୁବିଧା ପାଇଁ ଗତ ୪ ମାସରେ ଇସି ଅନେକ ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି।

### ଅଗଷ୍ଟ ୧୫ରୁ ...

ଏହି ପାସ୍ କେବଳ ଅଣବ୍ୟବସାୟିକ ଘରୋଇ ଯାନବାହନ (କାର୍, ଭ୍ୟାନ୍, ଜିପ୍) ପାଇଁ ପ୍ରଯୁଜ୍ୟ ରହିବ। ବ୍ୟବସାୟିକ ଯାନବାହନ ଏଥିରେ ସାମିଲ ହେବ ନାହିଁ। ଏହି ପାସକୁ ଆକ୍ଟିଭ୍ କିମ୍ବା ରିନ୍ୟୁ କରିବା ପାଇଁ ଖୁବ୍‌ଶୀଘ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଏବଂ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଅଫିସିଆଲ ୱେବ୍‌ସାଇଟ୍‌ରେ ଏକ ପୃଥକ୍ ଲିଙ୍କ୍ ଉପଲବ୍ଧ ହେବ। ଏହି ବର୍ଷିକିଆ ଫାସ୍‌ଟାଗ୍ ପାସ୍ ଦ୍ୱାରା ଟୋଲ୍‌ପ୍ଲାଜାଗୁଡ଼ିକରେ ଦେଖାଦେଉଥିବା ଭିଡ଼ କମିବ ବୋଲି ସେ କହିଛନ୍ତି।




# ରାଜକିଶୋର ପାଢ଼ୀଙ୍କୁ ବାଲ୍ ସାହିତ୍ୟ, ସୁବ୍ରତ ସେନାପତିଙ୍କୁ ଯୁବ ପୁରସ୍କାର

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା

**ଭୁବନେଶ୍ୱର, ୧୮।୬ (ସୌମ୍ୟରଞ୍ଜନ ରାଉତ/ ବନ୍ଦନା ସେଠୀ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଚଳିତବର୍ଷ ପାଇଁ ବାଲ୍ ସାହିତ୍ୟ ଓ ଯୁବ ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ଭାଷାରେ ବାଲ୍ ସାହିତ୍ୟ ପୁରସ୍କାର ପାଇବା ପାଇଁ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ମନୋନୀତ ହୋଇଛନ୍ତି। ଶିଶୁ ପୁସ୍ତକ 'କେତେ ଫୁଲ ଫୁଟିଛି' ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ସାହିତ୍ୟିକ ସୁବ୍ରତ କୁମାର ସେନାପତି ଯୁବ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଗଳ୍ପ ପୁସ୍ତକ 'କଦମ୍ବବନ' ପାଇଁ ସେ ଏହି ପୁରସ୍କାର ପାଇବେ। ଉଭୟ ପୁରସ୍କାର ବାବଦକୁ ତାମ୍ର ଫଳକ ସହ ୫୦ହଜାର ଟଙ୍କାର ଅର୍ଥରାଶି ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଦାନ କରାଯିବ। ଏନେଇ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଘୋଷଣା କରାଯାଇଛି। ସେହିପରି ବୈଠକରେ ଯୁବ ପୁରସ୍କାର ବାବଦରେ ୨୩ଜଣ ଯୁବ ଲେଖକ ଓ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ୨୪ଜଣ ଶିଶୁ ସାହିତ୍ୟିକଙ୍କ ନାଁ ପୁରସ୍କାର ପାଇଁ ଅନୁମୋଦନ କରାଯାଇଛି। ତେବେ ଡୋଗ୍ରୀ ଭାଷାର ଯୁବ ପୁରସ୍କାର ପରବର୍ତ୍ତୀ ସମୟରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି।

ପୁରସ୍କାର ସମ୍ପର୍କରେ ରାଜକିଶୋର କହିଛନ୍ତି, ପୁରସ୍କାର ପାଇବି ଜାଣିବା ପରେ ଅତ୍ୟନ୍ତ ଖୁସି ଲାଗୁଛି। ତେବେ ପୁରସ୍କାର ସହିତ ଦାୟିତ୍ୱ ମଧ ବଢି ଚାଲିଛି। 'କେତେ ଫୁଲ ଫୁଟିଛି' ପୁସ୍ତକରେ ବିଭିନ୍ନ ସମୟରେ ଲେଖାଯାଇଥିବା ୧୦୧ କବିତାର ସମାବେଶ ରହିଛି। ଏହି ପୁସ୍ତକରେ ଶିଶୁଠାରୁ କିଶୋର ବୟସର ପିଲାମାନଙ୍କ ପାଇଁ ବଛା ବଛା କବିତା ରହିଛି ବୋଲି ସେ କହିଛନ୍ତି। ସେହିପରି ପୁରସ୍କାର ପାଇବା ନେଇ ସୁବ୍ରତ ନିଜ ପ୍ରତିକ୍ରିୟାରେ କହିଛନ୍ତି, ପୁରସ୍କାର ପାଇବା ଜାଣି ବହୁତ ଖୁସି ହେଲି। କାରଣ ପୁରସ୍କାର ଆମକୁ ପ୍ରେରଣା ଦେବା ସହ ଦାୟିତ୍ୱ ସମ୍ପନ୍ନ କରାଏ। ଏହି ପୁସ୍ତକରେ ମଣିଷ ମନର ବ୍ୟଥା ଓ ସମୟର ଅକୁହା କଥାକୁ ପରିପ୍ରକାଶ କରିବା ପାଇଁ ଚେଷ୍ଟା କରିଛି। ମୋର ସର୍ବଦା ପ୍ରୟାସ ରହିଛି ଯେ, ଯେଉଁ କଥା ଓଡ଼ିଆ ଭାଷାରେ କମ୍ କୁହାଯାଏ, ତାହାକୁ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରେ। ତୃତୀୟ ଲିଙ୍ଗୀ, ସମଲିଙ୍ଗୀଙ୍କ ମନର କଥାକୁ ମୁଁ ଗପ, ଉପନ୍ୟାସ ମାଧ୍ୟମରେ ଲେଖିଥାଏ। 'କଦମ୍ବବନ'ରେ ସେହିପରି କିଛି ଅକୁହା କଥାକୁ ଉଲ୍ଲେଖ କରିଛି। ଆଗକୁ ଆହୁରି ଗପ ବହି ଲେଖୁଛି ତାହା ଶୀଘ୍ର ପ୍ରକାଶିତ ହେବ ବୋଲି ସୁବ୍ରତ କହିଛନ୍ତି।


ଡ. ରାଜକିଶୋର ପାଢ଼ୀ


ସୁବ୍ରତ କୁମାର ସେନାପତି

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ ଗିରଫ

## ଗଣବଳାତ୍କାରକୁ ନେଇ ବର୍ଷିଲା କଂଗ୍ରେସ

**ଭୁବନେଶ୍ୱର, ୧୮।୬(ରବିନାରାୟଣ ଜେନା)**

ଗଞ୍ଜାମର ଗୋପାଳପୁର, କେନ୍ଦୁଝରର ହରିଚନ୍ଦନପୁର, କଟକର ବାରଙ୍ଗ ଓ ଅନୁଗୋଳର କଣିହାଁଠରେ ହୋଇଥିବା ଗଣବଳାତ୍କାର ଘଟଣାରେ କଂଗ୍ରେସ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛି। ଏହାର ପ୍ରତିବାଦରେ ବୁଧବାର ରାଜ୍ୟ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ବେଳେ ବାରିକେଡ୍ ଭାଙ୍ଗି ଶତାଧିକ କଂଗ୍ରେସ କର୍ମୀ ଗିରଫ ହୋଇଛନ୍ତି।

ଏହି ଅବସରରେ ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି, ରାଜ୍ୟରେ ପ୍ରତିଦିନ ୧୫ରୁ ଅଧିକ ମହିଳା ଓ ନାବାଳିକା ଗଣବଳାତ୍କାର ଏବଂ ପାଶବିକ ଅତ୍ୟାଚାରର ଶିକାର ହେଉଛନ୍ତି। ମାତ୍ର ଡବଲ ଇଞ୍ଜିନ ଭାଜପା ସରକାର ଲୋକଙ୍କ ଅର୍ଥରେ ଏକବର୍ଷ ପୂର୍ତ୍ତି ଉତ୍ସବ ପାଳନ କରୁଛନ୍ତି। ସାରା ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ସମସ୍ତ ଜାତୀୟ ରେକର୍ଡକୁ ଭାଙ୍ଗିସାରିଲାଣି। ଓଡ଼ିଶାରେ ଏବେ ନାରୀମାନେ ସମ୍ପୂର୍ଣ୍ଣ ଭାବେ ଅସୁରକ୍ଷିତ ହୋଇପଡ଼ିଥିବାବେଳେ ଆଇନଶୃଙ୍ଖଳା ମଧ ବିପର୍ଯ୍ୟସ୍ତ ହୋଇଗଲାଣି। ଏହି ଅବସରରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଓ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ରାଜ୍ୟରେ ବଢ଼ିଚାଲିଥିବା ମହିଳା ନିର୍ଯାତନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ବିଧାୟକ ତାରା କହିଥିଲେ, ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ବିରୋଧରେ କଂଗ୍ରେସ ଅନବରତ ଲଢ଼େଇ କରିଆସୁଛି। ଏବର ଘଟଣାକୁ ନେଇ ଆଗାମୀ ଦିନରେ ବିଧାନସଭା ଭିତରେ ପୁନର୍ବାର ଲଢ଼େଇ କରାଯିବ।

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ରାଜ୍ୟ କଂଗ୍ରେସ ପକ୍ଷରୁ ଶତାଧିକ କର୍ମୀ ଓ ନେତା ସରକାର ବିରୋଧୀ ସ୍ଲୋଗାନ୍ ଦେଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଧସେଇ ପଶିଥିଲେ। ଏହି ସମୟରେ ବାରିକେଡ୍ ଭାଙ୍ଗି ଆଗକୁ ବଢୁଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ଏହାକୁ ନେଇ ପୋଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରାଜ୍ୟ ପ୍ରଭାରୀ ଲଲ୍ଲୁ ଓ ଅନ୍ୟ ନେତୃବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକରି ଧାରଣାରେ ବସିଥିଲେ। ପୋଲିସ ଆଇନଶୃଙ୍ଖଳା ରକ୍ଷାକରିବାକୁ ଯାଇ ଲଲ୍ଲୁଙ୍କ ସମେତ ଶତାଧିକ ନେତା ଓ କର୍ମୀଙ୍କୁ ଗିରଫକରି ପରେ ଛାଡ଼ିଦେଇଥିଲା।

ଏହି ଘେରାଉ କାର୍ଯ୍ୟକ୍ରମରେ ବିଧାୟକ ଅଶୋକ ଦାସ, ସୋଫିଆ ଫିର୍ଦ୍ଦୋସଙ୍କ ସହିତ ମୀନାକ୍ଷୀ ବାହିନୀପତି, ରଣଜିତ ପାତ୍ର, ୟାସିର ନୱାଜ୍, ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ସାମିଲ ଥିଲେ।



କଂଗ୍ରେସ ନେତା ଓ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ପାଇଁ ଶୋଭାଯାତ୍ରାରେ ଯାଉଛନ୍ତି।

# ଗୋପାଳପୁର ବଳାତ୍କାର ଘଟଣାକୁ ପ୍ରିୟଙ୍କାଙ୍କ ନିନ୍ଦା

**ଭୁବନେଶ୍ୱର, ୧୮।୬(ରବିନାରାୟଣ ଜେନା)**

ଗୋପାଳପୁର ଗଣବଳାତ୍କାର ଘଟଣାକୁ ନେଇ ଏଆଇସିସି ସମ୍ପାଦକ ତଥା ଏମ୍ପି ପ୍ରିୟଙ୍କା ଗାନ୍ଧୀ ସାମାଜିକ ଗଣମାଧ୍ୟମରେ ଟୁଇଟ୍ କରି ନିନ୍ଦା କରିଛନ୍ତି। ସେ କହିଛନ୍ତି, ଓଡ଼ିଶାର ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ୧୦ ଜଣ ଯେଉଁଭଳି ଭାବେ ବଳାତ୍କାର କଲେ ତାହାକୁ ଯେତେ କଡ଼ାଶବ୍ଦରେ ନିନ୍ଦାକଲେ ମଧ ତାହା ଯଥେଷ୍ଟ ହେବନାହିଁ। ଓଡ଼ିଶାରେ ଦିନକୁ ଦିନ ମହିଳାବିରୋଧୀ ହିଂସା ବୃଦ୍ଧି ପାଉଛି। ମୁଖ୍ୟମନ୍ତ୍ରୀ ନିଜେ ସ୍ୱୀକାର କରୁଛନ୍ତି ଯେ, ଗତ ପାଞ୍ଚବର୍ଷ ମଧ୍ୟରେ ପ୍ରାୟ ୪୪,୦୦୦ ମହିଳା ଏବଂ ଶିଶୁ ନିଖୋଜ ହୋଇଛନ୍ତି। ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ନ ଦେବା ମହିଳାଙ୍କ ବିରୋଧରେ ଏକ ଅତ୍ୟାଚାର ବୋଲି ପ୍ରିୟଙ୍କା କହିଛନ୍ତି।

# ଜୁନ୍ ୨୮ରେ ଏସ୍ଆଇଟି ବୈଠକ

**କଟକ, ୧୮।୬(କାର୍ତ୍ତିକ ସାହୁ)**

ଦେଶରେ କଳାଧନ କାରବାର ରୋକିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ (ଏସ୍ଆଇଟି)ର ପରବର୍ତ୍ତୀ ବୈଠକ ଆସନ୍ତା ଜୁନ୍ ୨୮ରେ ହେବ। ଏହି ବୈଠକରେ ରାଜ୍ୟ ତଥା ଦେଶର କଳାଧନ ରୋକିବାକୁ କାର୍ଯ୍ୟ କରୁଥିବା ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଏସ୍ଆଇଟି ଅଧ୍ୟକ୍ଷ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଅରିଜିତ ପଶାୟତଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଉକ୍ତ ଦିନ ପୂର୍ବାହ୍ନ ୧୧ଟା ସମୟରେ ବୈଠକ ଅନୁଷ୍ଠିତ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

# ୨୦ରେ ଭୁବନେଶ୍ୱର, କଟକରେ ସ୍କୁଲ ଛୁଟି

**ଭୁବନେଶ୍ୱର, ୧୮।୬(ସୁଚିସ୍ମିତା ସାହୁ)**

ଆସନ୍ତା ୨୦ ତାରିଖ ଶୁକ୍ରବାର ଦିନ ଭୁବନେଶ୍ୱର ଓ କଟକର ସମସ୍ତ ସ୍କୁଲ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଜନତା ମଇଦାନରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯାଉଛି। ଏହି ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ବିପୁଳ ଜନସମାଗମ ହେବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଉପୁଜିବା ଆଶଙ୍କା ରହିଛି। ତେଣୁ ଉକ୍ତଦିନ ଦୁଇ ସହରର ସମସ୍ତ ସ୍କୁଲ ଛୁଟି କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ବୁଧବାର ଖୋର୍ଦ୍ଧା ଓ କଟକ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରିଛନ୍ତି। ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟଗୁଡିକୁ ଛୁଟି ଘୋଷଣା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଏବେ ଗ୍ରୀଷ୍ମଛୁଟି ପାଇଁ ସ୍କୁଲ ବନ୍ଦ ରହିଛି। ଆସନ୍ତା ୨୦ ତାରିଖରୁ ସ୍କୁଲ ଖୋଲିବ ବୋଲି ବିଭାଗ ପକ୍ଷରୁ ପୂର୍ବରୁ ଚିଠି କରାଯାଇଥିଲା।

# ନିଅଣ୍ଟିଆ ବର୍ଷା ଭରଣା କରୁଛି ମୌସୁମୀ

## ୨ ଜିଲାକୁ ରେଡ୍ ୱାର୍ନିଂ

**ଭୁବନେଶ୍ୱର, ୧୮।୬ (ଅନୁରାଧା ମହାରଣା)**

ରାଜ୍ୟରେ ମୌସୁମୀ ସକ୍ରିୟ ହୋଇଥିବାବେଳେ ସାରା ଓଡ଼ିଶାରେ ବର୍ଷା ଜାରି ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୫ଦିନ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଜାରି ରହିବ। ତେବେ ୨ ଦିନ ଧରି କେତେକ ଜିଲାରେ ଅତିରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ବର୍ଷା ରାଜ୍ୟର ନିଅଣ୍ଟିଆ ବର୍ଷାକୁ ଭରଣା କରିବାରେ ସହାୟକ ହେଉଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶଙ୍କ ସୂଚନାନୁସାରେ, ରାଜ୍ୟରେ ମୌସୁମୀ ଋତୁରେ ହାରାହାରି ବର୍ଷା ସ୍ୱାଭାବିକ ସ୍ଥିତିକୁ ଫେରିଛି। ଗତ ୧୫ ତାରିଖ ସୁଦ୍ଧା ହାରାହାରି ୪୨.୯ ମିମି ବର୍ଷା ହୋଇଥିବାବେଳେ ୪୨% ନିଅଣ୍ଟିଆ ରହିଥିଲା। ମାତ୍ର ୩ ଦିନରେ ଘୂର୍ଣ୍ଣିବଳୟ, ସକ୍ରିୟ ମୌସୁମୀ ଏବଂ ଲଘୁଚାପ ପ୍ରଭାବରେ ୨୯% ନିଅଣ୍ଟିଆ ଭରଣା ହୋଇଛି। ବର୍ତ୍ତମାନ ରାଜ୍ୟରେ ହାରାହାରି ବର୍ଷାର ମାତ୍ରା ୮୬.୬ମିମିକୁ ପହଞ୍ଚିବା ସହ ସ୍ୱାଭାବିକ ତୁଳନାରେ ମାତ୍ର ୧୩% କମ୍ ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷାର ପରିସରଭୁକ୍ତ ବୋଲି ଉମାଶଙ୍କର କହିଛନ୍ତି।

ଅନ୍ୟପକ୍ଷରେ ପାଣିପାଗ କେନ୍ଦ୍ର ସୂଚନାନୁସାରେ, ବୁଧବାର ରାଉରକେଲାରେ ୨୭.୮ ମିମି, ହୀରାକୁଦରେ ୨୫.୯ ମିମି, ଢ଼େଙ୍କାନାଳରେ ୧୫.୨ ମିମି, ତାଳଚେରରେ ୧୨.୬ ମିମି, ସମ୍ବଲପୁରରେ ୧୨.୩ ମିମି, ବାଲେଶ୍ୱରରେ ୧୧.୬ ମିମି, ଝାରସୁଗୁଡ଼ାରେ ୧୦.୮ ମିମି ଓ ଅନୁଗୋଳରେ ୧୦.୦ମିମି ବର୍ଷା ହେବ। ଏଥିସହ ଅନ୍ୟ କିଛି ଜିଲାରେ ମଧ ହାଲୁକାରୁ ମଧ୍ୟମଧରଣର ବର୍ଷା ରେକର୍ଡ କରାଯାଉଛି। ଗୁରୁବାର ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଜିଲାରେ ଅତିରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉଭୟ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ଆଶଙ୍କା ରହିଛି। ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୁଳ ଓ ବାଲେଶ୍ୱର ଆଦି ଜିଲାରେ ବଜ୍ରପାତ ସହ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, ଢ଼େଙ୍କାନାଳ, ଯାଜପୁର ଏବଂ ଭଦ୍ରକ ଆଦି ଜିଲାରେ ପ୍ରବଳ ବର୍ଷା ଆଶଙ୍କାରେ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ନେତା ଉଦୟଙ୍କ ସମେତ ୩ ମୃତ

**ମାଲକାନଗିରି, ୧୮।୬ (ଦୁର୍ଯ୍ୟୋଧନ ପାତ୍ର)**

ଓଡ଼ିଶା ଓ ଆନ୍ଧ୍ର ପୋଲିସର ନିଦ ହଜାଇ ଦେଇଥିବା ମୋଷ୍ଟ ୱାଣ୍ଟେଡ୍ ନେତା ଉଦୟଙ୍କ ସହ ୩ ମାଓବାଦୀଙ୍କର ଏନ୍‌କାଉଣ୍ଟରରେ ବୁଧବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗର୍ଜଲା ରବି ଓରଫ ଉଦୟ, ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁ।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ସୀତାରାମାରାଜୁ ଜିଲା ମାରେଡିମେଲ୍ଲି ଜଙ୍ଗଲରେ କେନ୍ଦ୍ରୀୟ କମିଟି ସଦସ୍ୟ ଗର୍ଜଲା ରବି ଓରଫ ଉଦୟ, ପୂର୍ବତନ ମାଓବାଦୀ ନେତା ଚଲପତିଙ୍କ ସ୍ତ୍ରୀ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟା ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କ ସହ ଅନ୍ୟ କେତେଜଣ ଟପ୍ କ୍ୟାଡର ମାଓବାଦୀ ଥିବା ବିଶେଷ ସୂତ୍ରରୁ ଖବର ପାଇ ଗ୍ରେହାଉଣ୍ଡ ବାହିନୀ କୋମ୍ବିଂରେ ବାହାରିଥିଲେ। ଅପରେଶନ ସମୟରେ ଯବାନ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ୨୫ ଲକ୍ଷ ପୁରସ୍କାର ଘୋଷିତ ଗର୍ଜଲା ରବି ଓରଫ ଉଦୟ, ଚଲପତିଙ୍କ ସ୍ତ୍ରୀ ୨୦ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଅରୁଣା ଓ ଉଦୟଙ୍କ ଅଙ୍ଗରକ୍ଷୀ ଅଞ୍ଜୁଙ୍କର ମୃତ୍ୟୁ ହୋଇଛି। ପରେ ଏମାନଙ୍କ ମୃତଦେହ ଜବତ କରାଯାଇଛି। ଏଥିସହ ଘଟଣାସ୍ଥଳରୁ ୩ଟି ଏକେ ୪୭ ରାଇଫଲ ମଧ ଉଦ୍ଧାର ହୋଇଛି।

ଉକ୍ତ ଅଞ୍ଚଳରେ କୋମ୍ବିଂ ଜାରି ରହିଛି। ମୃତ ଉଦୟ ଓ ଅରୁଣା ଆନ୍ଧ୍ର-ଓଡ଼ିଶାର ବଡ଼ ଧରଣର ହିଂସା ଘଟଣାର ମାଷ୍ଟରମାଇଣ୍ଡ ଥିଲେ। ୨୦୧୮ରେ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଆରୁକୁ ଡୁମ୍ବୁରିଗୁଡା ନିକଟରେ ସେହି ଅଞ୍ଚଳର ବିଧାୟକ କିଡାରି ସର୍ବେଶ୍ୱର ରାଓ ଓ ପୂର୍ବତନ ବିଧାୟକ ସିବେରୀ ସୋମାଙ୍କ ହତ୍ୟାରେ ଅରୁଣାଙ୍କ ସମ୍ପୃକ୍ତି ଥିଲା। ସେହିପରି ଚିତ୍ରକୋଣ୍ଡା ଜଳଭଣ୍ଡାରର ଆଲମପେଟା ନିକଟ ଲଞ୍ଚ ଉପରେ ଆକ୍ରମଣକରି ୩୬ ସୁରକ୍ଷା କର୍ମୀ ଶହୀଦ ଘଟଣାରେ ଉଦୟଙ୍କ ହାତ ରହିଥିବା ଜଣାପଡ଼ିଛି।


ଉଦୟ


ଅରୁଣା

# ଚିକିତ୍ସା ପାଇଁ ୨୦ରେ ମୁମ୍ବାଇ ଯିବେ ନବୀନ

## ନବୀନଙ୍କ ଆଶୁ ଆରୋଗ୍ୟ କାମନାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮।୬(ସୁନିତ୍ ମିଶ୍ର)**

ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆସନ୍ତା ୨୦ ତାରିଖରେ ଚିକିତ୍ସା ପାଇଁ ମୁମ୍ବାଇ ଯିବେ। ୨୨ ତାରିଖରେ କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ଚିକିତ୍ସା କରାଯିବ। ନବୀନଙ୍କ ବ୍ୟକ୍ତିଗତ ଚିକିତ୍ସକ ଡାକ୍ତର ରମାକାନ୍ତ ପଣ୍ଡା ମୁମ୍ବାଇଠାରେ ତାଙ୍କର ଚିକିତ୍ସା ବ୍ୟବସ୍ଥାର ସମସ୍ତ କାର୍ଯ୍ୟ ତଦାରଖ କରିବେ। ନବୀନ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏହା ପୋଷ୍ଟକରି ସୂଚନା ଦେଇଛନ୍ତି। ସେ ସେଥିରେ ଆହୁରି ଉଲ୍ଲେଖ କରିଛନ୍ତି, ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ସର୍ଭିକାଲ ଅର୍ଥ୍ରୋସିସ୍ ଚିକିତ୍ସା ଲାଗି ସେ କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ଯିବେ। ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଓଡ଼ିଶାର ଭଉଣୀଭାଇଙ୍କ ସଦିଚ୍ଛା ତାଙ୍କ ସାଙ୍ଗରେ ରହିଛି। ତୁରନ୍ତ ଭଲ ହୋଇ ସମସ୍ତଙ୍କ ପାଇଁ ସେ ତାଙ୍କ ସେବା କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବୀନଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତାବ୍ୟକ୍ତ କରିଛନ୍ତି। ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଏବଂ ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭକରନ୍ତୁ ବୋଲି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ବୋଲି ସେ ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତି।

ଚିକିତ୍ସା ସମୟରେ ତାଙ୍କ ଅନୁପସ୍ଥିତିରେ ଦଳର ଦୈନନ୍ଦିନ କାର୍ଯ୍ୟକ୍ରମ ରାଜନୈତିକ ପରିଚାଳନା କମିଟି(ପିଏସି) ଦ୍ୱାରା ପରିଚାଳିତ ହେବ। ବରିଷ୍ଠ ଉପସଭାପତି(ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ର ଦଳର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଂଯୋଜନା ରଖିବେ।

DSPL - 129
ଓଡ଼ିଶା ଶାସନ
ଡାଇରିଆ ନିରାକରଣ ପାଇଁ କେତୋଟି ସାଧାରଣ ସତର୍କତା
୧. **ଅଧ ଘଣ୍ଟାଏ ଫୁଟାଯାଇ ଥଣ୍ଡା କରାଯାଇଥିବା ପାଣି** କିମ୍ବା ୧ ଲିଟର ପାଣିରେ ଗୋଟିଏ ହାଲୋଜେନ୍ ବଟିକା ପକାଇ ଅଧ ଘଣ୍ଟା ପରେ ପିଇବା ପାଇଁ ବ୍ୟବହାର କରନ୍ତୁ।
୨. ଖାଦ୍ୟ ପ୍ରସ୍ତୁତି ପୂର୍ବରୁ, ଖାଇବା ପୂର୍ବରୁ ଓ ଶୌଚ ହେବା ପରେ ସାବୁନ୍‌ରେ ଭଲଭାବେ ହାତ ଧୁଅନ୍ତୁ।
୩. କାହାର ଝାଡ଼ା / ବାନ୍ତି ଲକ୍ଷଣ ଦେଖାଦେଲେ ତୁରନ୍ତ ଓ.ଆର୍.ଏସ୍. ଦ୍ରବଣ ପିଆନ୍ତୁ ଓ ଡ଼ାକ୍ତରଖାନା ନିଅନ୍ତୁ। ବିଳମ୍ବ କଲେ ବିପଦ ଅଛି।
OIPR-10003/13/0207/2526
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। **–ଶ୍ରୀଅରବିନ୍ଦ**



# ବୃକ୍ଷର ସାଂସ୍କୃତିକ ମହତ୍ତ୍ୱ




ଦେବଦତ୍ତ ପଟ୍ଟନାୟକ

ଭାରତର ପ୍ରତ୍ୟେକ ରାଜ୍ୟର ଏକ ରାଜ୍ୟ ବୃକ୍ଷ ଅଛି। କିନ୍ତୁ ଦୁର୍ଭାଗ୍ୟ ଯେ, ଯେତେବେଳେ କୌଣସି ରାଜ୍ୟର ରାଜଧାନୀର ବିଭିନ୍ନ ରେଳ ଷ୍ଟେଶନ ଓ ବିମାନବନ୍ଦରକୁ ଯିବେ ସେତେବେଳେ ସେହି ରାଜ୍ୟର ରାଜ୍ୟବୃକ୍ଷ ଦେଖିବାକୁ ପାଇବେ ନାହିଁ। ଏହା ପରିବର୍ତ୍ତେ ସେଠାରେ ଆପଣ ବିଭିନ୍ନ ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ଦେଖିବେ । ଏହି କାରଣରୁ ସମୟକ୍ରମେ ଆମ ରାଜ୍ୟ ବୃକ୍ଷକୁ ଭୁଲିଯାଉଛେ। ଏହା ସହ ଆମେ କେବେ ବି ରାଜ୍ୟବୃକ୍ଷର ସାଂସ୍କୃତିକ ମହତ୍ତ୍ୱ ବିଷୟରେ ଚିନ୍ତା କରୁନାହୁଁ। ବର୍ତ୍ତମାନ ଯଦି ମୁଁ ପଚାରିବି ଆମ ଦେଶର ଜାତୀୟ ବୃକ୍ଷ ବା ଗଛ କିଏ। ସରଳରେ ଏହାର ଉତ୍ତର ମିଳିଯିବ ଏବଂ ସମସ୍ତେ କହିବେ ବରଗଛ। ହିନ୍ଦୁ ଓ ବୌଦ୍ଧଧର୍ମରେ(ଏହାର ସମ୍ପର୍କ ୨୨ତମ ତୀର୍ଥଙ୍କର କଶ୍ୟପ ବୁଦ୍ଧ ସହ ରହିଛି) ଏହାକୁ ଏକ ପବିତ୍ର ବୃକ୍ଷ ବୋଲି ବିବେଚନା କରାଯାଏ। ଏହି ଜାତୀୟ ବୃକ୍ଷ ମଧ୍ୟ ଗୁଜରାଟ ଓ ମଧ୍ୟପ୍ରଦେଶର ରାଜ୍ୟ ବୃକ୍ଷ। କିନ୍ତୁ ହରିୟାଣା, ବିହାର ଏବଂ ଓଡ଼ିଶାର ରାଜ୍ୟ ବୃକ୍ଷ ହେଉଛି ଅଶ୍ୱତ୍ଥ। ଏହି ଗଛ ତଳେ ଗୌତମ ବୁଦ୍ଧ ଜ୍ଞାନ ତଥା ନିର୍ବାଣ ପ୍ରାପ୍ତି ହୋଇଥିଲେ। ସେହିପରି ୨୩ତମ ତୀର୍ଥଙ୍କର ପାର୍ଶ୍ୱନାଥ ମଧ୍ୟ ଏହି ଗଛମୂଳରେ ଜ୍ଞାନ ଲାଭ କରିଥିଲେ, ଯିଏ ମହାବୀରଙ୍କ ପୂର୍ବରୁ ରହିଥିଲେ।

ଛତିଶଗଡ଼ ଓ ଝାଡ଼ଖଣ୍ଡର ରାଜ୍ୟ ବୃକ୍ଷ ଶାଳ। ରାମାୟଣର କିଷ୍କିନ୍ଧା କାଣ୍ଡରେ ରାମ ୭ଟି ଶାଳଗଛରେ ତୀର ବିଦ୍ଧକରିଥିଲେ। ଶାଳଗଛର ମଧ୍ୟ ବୌଦ୍ଧଧର୍ମ ସହ ସମ୍ପର୍କ ଅଛି। ବୁଦ୍ଧ ଯେତେବେଳେ ଜନ୍ମହୋଇଥିଲେ ସେତେବେଳେ ତାଙ୍କ ମା' ଶାଳଗଛ ଶାଖାକୁ ଧରିଥିଲେ। ଏହାସହ ଦୁଇଟି ଶାଳଗଛ ମଧ୍ୟରେ ବୁଦ୍ଧଙ୍କର ମୃତ୍ୟୁ ଘଟିଥିଲା। ୨୦ତମ ତୀର୍ଥଙ୍କର ମୁନିସୁବ୍ରତ, ଯିଏ କି ରାମଙ୍କ ସମୟରେ ଥିଲେ, ତାଙ୍କର ଶାଳଗଛ ସହ ସମ୍ପର୍କ ରହିଥିଲା।

ଅଶୋକ ଗଛ ଉତ୍ତରପ୍ରଦେଶର ରାଜ୍ୟବୃକ୍ଷ ହୋଇଥିବାବେଳେ ଏହାର ଫୁଲ ଓଡ଼ିଶାର ରାଜ୍ୟ ଫୁଲ। କମଳାରଙ୍ଗର ଫୁଲରେ ସୁଶୋଭିତ ଅଶୋକ ଗଛ ସମ୍ପର୍କରେ ରାମାୟଣରେ ବର୍ଣ୍ଣନା ରହିଛି । କାରଣ ରାବଣ ଲଙ୍କାର



ଅଶୋକ ବାଟିକା ବା ଅଶୋକ ଉଦ୍ୟାନରେ ସୀତାଙ୍କୁ ରଖିଥିଲେ। ଖେଜ୍ରି ବା ଶମି ବୃକ୍ଷ ତେଲଙ୍ଗାନା ଓ ରାଜସ୍ଥାନର ରାଜ୍ୟ ବୃକ୍ଷ ଭାବେ ସ୍ୱୀକୃତ। ଏହା କମ୍ ବର୍ଷା ହେଉଥିବା ଶୁଷ୍କ ଅଞ୍ଚଳରେ ବଢ଼ିଥାଏ। ଏହି ଗଛ ଯୋଦ୍ଧା ସମ୍ପ୍ରଦାୟ ସହ ଜଡ଼ିତ। ଖେଜ୍ରିଗଛ ମଧ୍ୟ ହରପ୍ପା ସଭ୍ୟତାର ସିଲ୍ ବା ମୋହରରେ ଦେଖିବାକୁ ମିଳେ। ସାମାନ୍ୟ କଣ୍ଟକିତ ଏହି ବୃକ୍ଷକୁ ଦଶହରା ପର୍ବ ସମୟରେ ରାଜ ପରିବାରଗୁଡ଼ିକ ଶ୍ରଦ୍ଧାର ସହ ପୂଜା କରିଥାନ୍ତି। ମହାଭାରତରେ ବର୍ଣ୍ଣନା ରହିଛି ଯେ, ଅଜ୍ଞାତବାସ ସମୟରେ ପାଣ୍ଡବମାନେ ସେମାନଙ୍କ ଅସ୍ତ୍ରଶସ୍ତ୍ର ଶମି ଗଛରେ ଲୁଚାଇ ରଖିଥିଲେ।

କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ଓ ମହାରାଷ୍ଟ୍ରର ରାଜ୍ୟ ବୃକ୍ଷ ଭାବେ ଆମ୍ବଗଛ ମାନ୍ୟତା ପାଇଛି। ଧର୍ମୀୟ ପର୍ବପର୍ବାଣିରେ ଆମ୍ବପତ୍ର ବ୍ୟବହାର କରାଯାଏ ଏବଂ ଘରର ପ୍ରବେଶପଥକୁ ଏହି ପତ୍ରରେ ସଜାଯାଇଥାଏ। କୌତୂହଳର ବିଷୟ ହେଉଛି, ୨୦୦ରୁ କମ୍ ବର୍ଷ ମଧ୍ୟରେ ଭାରତକୁ ପ୍ରଥମେ କୃଷ୍ଣଚୂଡ଼ା ଗଛ ଆସିଥିଲେ ମଧ୍ୟ ଏହାକୁ ଭାରତର ରାଜଧାନୀ ତଥା କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀର ରାଜ୍ୟବୃକ୍ଷ ଭାବେ ଗ୍ରହଣ କରାଯାଏ। କେରଳରେ ରହୁଥିବା ଖ୍ରୀଷ୍ଟିଆନଙ୍କ ଅନୁଯାୟୀ କୃଷ୍ଣଚୂଡ଼ା ଫୁଲ ହେଉଛି ଯିଶୁଙ୍କ ରକ୍ତ, ଯାହା କ୍ରୁଶବିଦ୍ଧ ସମୟରେ ଗଛ ଉପରେ ପଡ଼ିଥିଲା। ସେମାନେ ଏହି ଗଛକୁ କାଲଭରିପ୍ଲୋ ( କାଲଭାରି ଫୁଲ) ବୋଲି କହନ୍ତି।

ଦକ୍ଷିଣ ଆଡ଼କୁ ଗଲେ ଆମେ ଅଧିକ ନିମ୍ବଗଛ ଦେଖିବାକୁ ପାଇଥାଉ। ଏହା ଆନ୍ଧ୍ରପ୍ରଦେଶ ରାଜ୍ୟବୃକ୍ଷ। ଏହା ଦେବୀଙ୍କର ପବିତ୍ର ବୃକ୍ଷ। ବେଲଗଛ ଶିବଙ୍କର ଅତି ପ୍ରିୟ ଏବଂ ପୁଡୁଚେରୀର ଏହା ରାଜ୍ୟବୃକ୍ଷ। ତାଳଗଛ ବଳରାମଙ୍କ ପାଇଁ ପବିତ୍ର ଗଛ ଏବଂ ତାମିଲନାଡୁର ରାଜ୍ୟବୃକ୍ଷ। ହିନ୍ଦୁ ପର୍ବପର୍ବାଣିରେ ନଡ଼ିଆ ଗଛର ମହତ୍ତ୍ୱ ରହିଛି। ନଡ଼ିଆ ଓ ଏହାର ପତ୍ରକୁ ବ୍ୟବହାର କରାଯାଇଥାଏ। ଏହା କେରଳ ଓ ଗୋଆର ରାଜ୍ୟବୃକ୍ଷ। ଚନ୍ଦନଗଛ କର୍ଣ୍ଣାଟକର ରାଜ୍ୟବୃକ୍ଷ। ଘୋରା ଚନ୍ଦନ ବିଷ୍ଣୁ ମନ୍ଦିରରେ ବ୍ୟବହାର କରାଯାଏ। ଏହା ଅତ୍ୟନ୍ତ ପବିତ୍ର ଓ ବିଷ୍ଣୁଙ୍କର ପ୍ରିୟ ମଧ୍ୟ। ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର ଏବଂ ଲଦାଖର ରାଜ୍ୟବୃକ୍ଷ କୋନ୍‌ଫିର ଟ୍ରି (ସବୁବେଳେ ପତ୍ର ଭରି ରହିଥିବା ଗୋଟିଏ ଗ୍ରୁପ୍‌ର ଗଛ ଯାହା କୋନ୍ ଭଳି ଦେଖାଯାଏ)। ଦେବଦାରୁ ଶିବଙ୍କର ପ୍ରିୟ ଓ ଏହା ହିମାଚଳ ପ୍ରଦେଶର ରାଜ୍ୟବୃକ୍ଷ। ଚିନାରା ସୁଫିମାନଙ୍କ ପାଇଁ ପବିତ୍ର ଗଛ ଏବଂ ଏହା ଜମ୍ମୁ-କଶ୍ମୀରର ରାଜ୍ୟବୃକ୍ଷ। ଲଦାଖର ରାଜ୍ୟବୃକ୍ଷ ଜୁନିପର୍। ତିବ୍ବତୀୟ ବୌଦ୍ଧଧର୍ମାବଲମ୍ବୀଙ୍କ ପାଇଁ ଏହାର ମହତ୍ତ୍ୱ ରହିଛି। ସିକିମ୍ ଓ ଉତ୍ତରାଖଣ୍ଡର ରାଜ୍ୟବୃକ୍ଷ ହେଉଛି ରୋଡୋଡେଣ୍ଡ୍ରୋନ୍ ଟ୍ରି । ଏହାର ଗାଢ଼ ଲାଲ ରଙ୍ଗ ଫୁଲ ନନ୍ଦାଦେବୀଙ୍କୁ ଅର୍ପଣ କରାଯାଏ।

ଆମେ ଯଦି ଉତ୍ତର ପୂର୍ବ ଆଡ଼କୁ ଯିବା ତେବେ ଅନେକ ରାଜ୍ୟରେ ଅଧିକ କାଠଗଛ ଦେଖିବାକୁ ପାଇବା। ସ୍ଥାନୀୟ ଆଦିବାସୀମାନେ ଏହିସବୁ ଗଛରୁ ଅନେକକୁ ପୂଜା କରନ୍ତି। ବିଶେଷକରି ଆସାମ ଓ ଅରୁଣାଚଳ ପ୍ରଦେଶରେ ହୋଲୋଙ୍ଗ, ମେଘାଳୟରେ ଆଲ୍‌ଡେର, ମଣିପୁରରେ ଉଡ୍‌କିଙ୍ଗ୍, ମେଘାଳୟରେ ହ୍ୱାଇଟ୍ ଟିକ୍ ଏବଂ ଆଣ୍ଡାମାନରେ ରେଡ୍‌ଉଡ୍‌କୁ ସେମାନେ ପୂଜା କରିଥାନ୍ତି। ମିଜୋରାମର ଆଇରନ୍ ଟ୍ରି ବୌଦ୍ଧଧର୍ମରେ ପବିତ୍ରତା ବହନକରେ ଏବଂ ଅନେକ ବୌଦ୍ଧ ବିଚାରଧାରା ସହ ଏହାର ସମ୍ପର୍କ ରହିଛି। ଏହା ମଧ୍ୟ ଶ୍ରୀଲଙ୍କାର ଜାତୀୟ ବୃକ୍ଷ। ତ୍ରିପୁରାର ରାଜ୍ୟବୃକ୍ଷ ହେଉଛି ଅଗର। ଏହା ଏକ ସୁବାସିତ ଗଛ, ଯେଉଁଥିରୁ ଅତର ତିଆରି କରାଯାଏ। ପଶ୍ଚିମବଙ୍ଗର ରାଜ୍ୟବୃକ୍ଷ ସପ୍ତପର୍ଣ୍ଣୀ। ଏହାର ଗଣ୍ଡିରୁ ସ୍କୁଲ ବ୍ଲାକ୍‌ବୋର୍ଡ ତିଆରି ହୁଏ। ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍‌ମାନେ ସେମାନଙ୍କ ଗ୍ରାଜୁଏଶନ ସମାରୋହକୁ ଏହି ଗଛର ଏକ ଛୋଟ ଡାଳନେଇଥାନ୍ତି। ଲାକ୍ଷାଦ୍ୱୀପର ବ୍ରେଡ୍‌ଫ୍ରୁଟ୍ ଗଛ ସମୁଦ୍ରପଥର ଯାତ୍ରାକୁ ସ୍ମରଣ କରାଇଦିଏ। ଅନେକ ହଜାର ବର୍ଷ ପୂର୍ବେ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରୁ ପୋଲିନେସିଆର ନାବିକମାନେ ଏହି ଗଛକୁ ପ୍ରଥମେ ଆଣିଥିଲେ। ଏହିପରି ଭାବେ ଭାରତର ରାଜ୍ୟଗୁଡ଼ିକର ରାଜ୍ୟବୃକ୍ଷସବୁ ଭାରତୀୟ ସଂସ୍କୃତି ସମ୍ପର୍କରେ ଅନେକ କାହାଣୀ କହିଥାନ୍ତି।

–devduttofficial@gmail.com

## ଏଇ ଭାରତରେ

ଏକାକୀ ବାଇକ୍‌ରେ ୧୨ଟି ଦେଶ ବୁଲିସାରିଲେଣି ଆନ୍ଧ୍ରପ୍ରଦେଶର ଯୋଶୁଭ ଡାନିଏଲ ପୁଟି। ଏହି ଯାତ୍ରା ସମୟରେ ସେ ବିଭିନ୍ନ ସମ୍ପ୍ରଦାୟ ସହ ମିଶି ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେଉଛନ୍ତି। ସେ ମଧ୍ୟ ବାଟରେ ଅସହାୟମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି। ଉଗାଣ୍ଡାରେ ଥିବା ସମୟରେ ସେଠାରେ ଅପପୁଷ୍ଟିର ଶିକାର ପିଲାଙ୍କୁ ଦେଖି ସେମାନଙ୍କୁ ଖାଦ୍ୟ ଦେବାଲାଗି ନିଷ୍ପତ୍ତି ନେଇଥିଲେ ଏବଂ ସେହିଠାରୁ ହିଁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେ ଆବଶ୍ୟକ କାଗଜପତ୍ର ଯୋଗେ ବିଭିନ୍ନ ଦେଶର ସୀମା ପାର୍ ହୋଇ ଚାଲିଛନ୍ତି। ୩୭ ବର୍ଷୀୟ ପୁଟି ୧୬୦ ଦେଶ ବାଇକ୍‌ରେ ଭ୍ରମଣ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ସିଙ୍ଗାପୁରରେ ସେଠାକାର ଅଧିକାରୀଙ୍କ ସହଯୋଗରେ କ୍ୟାନ୍‌ସର ପୀଡ଼ିତ ପିଲାଙ୍କ ସର୍ଜରି ପାଇଁ ପାଣ୍ଠି ମଧ୍ୟ ସଂଗ୍ରହ କରିଥିଲେ। ଭାରତର ବିଭିନ୍ନ ସ୍ଥାନକୁ ଯିବା ସମୟରେ ସେ ମହିଳାମାନଙ୍କୁ ସଶକ୍ତ ହେବାଲାଗି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଅବଗତ କରୁଛନ୍ତି। 'ରାଇଡର ଯୋଶ୍ ଫାଉଣ୍ଡେଶନ' ଗଠନକରି ତା' ମାଧ୍ୟମରେ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। କେବଳ ଏତିକି ନୁହେଁ, ସେ ହାଇଦ୍ରାବାଦରେ ୫୦୦ରୁ ଅଧିକ ଗଛଚାରା ଲଗାଇ ସାରିଲେଣି। ଏହାବ୍ୟତୀତ ଡାନିଏଲ ପୁଟି କରୋନା ସମୟରେ ମଧ୍ୟ ୧୫୦୦ ଲୋକଙ୍କୁ ପ୍ରତିଦିନ ଖାଇବାକୁ ଦେଉଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଜୁନ୍ ୧୯୭୬

- ରାଉରକେଲାଠାରେ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ସ୍ପାଇରାଲ ୱେଲ୍ଡ ପାଇପ ପ୍ଲାଣ୍ଟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ।
- ଭୀଷଣ ବର୍ଷା ଓ ଝଡ଼ତୋଫାନ ଫଳରେ କଲିକତା ଅନ୍ତର୍ଗତ ରଘୁନାଥଗଞ୍ଜ ନିକଟସ୍ଥ ଭାଗୀରଥି ନଦୀରେ ନୌକା ବୁଡ଼ିଯିବା ଫଳରେ ୨୫ ଜଣଙ୍କ ମୃତ୍ୟୁ।
- କୃଷି ତଥା ଶିଳ୍ପ ଉତ୍ପାଦନ ବୃଦ୍ଧିକୁ ଉତ୍ସାହିତ କରିବା ଲାଗି ୪୩ଟି ସାମଗ୍ରୀ ଉପରୁ ଅବକାରୀ ଶୁଳ୍କ ରିହାତି ପାଇଁ କେନ୍ଦ୍ର ସରକାରଙ୍କ ଘୋଷଣା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | 1 | |
| 5 | | | 3 | 6 | | | | 7 |
| | | | | | | | | 5 |
| 9 | | 5 | | | | | 7 | 1 |
| | | 3 | 5 | | | 8 | | |
| 6 | | | | 7 | | | | 2 |
| 2 | | | | | 1 | 5 | | |
| | | | 6 | 9 | | | 3 | |
| | | 9 | | | 7 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 6 | 5 | 4 | 7 | 9 | 1 |
| 1 | 7 | 6 | 2 | 8 | 9 | 3 | 4 | 5 |
| 5 | 9 | 4 | 1 | 3 | 7 | 6 | 2 | 8 |
| 6 | 3 | 1 | 5 | 9 | 2 | 4 | 8 | 7 |
| 9 | 4 | 8 | 7 | 1 | 6 | 2 | 5 | 3 |
| 7 | 2 | 5 | 8 | 4 | 3 | 9 | 1 | 6 |
| 2 | 5 | 9 | 3 | 6 | 8 | 1 | 7 | 4 |
| 4 | 1 | 3 | 9 | 7 | 5 | 8 | 6 | 2 |
| 8 | 6 | 7 | 4 | 2 | 1 | 5 | 3 | 9 |

ଗତକାଲିର ଉତ୍ତର

# ସର୍ବବ୍ୟାପୀ ସରକାର



ଡ. ସୁବାସ ଚନ୍ଦ୍ର ପାତ୍ର

ଏବେ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କର ସରକାର ଯେପରି ଅତିଦୃଶ୍ୟମାନ ହେବା ପ୍ରୟାସରେ ବ୍ୟକ୍ତିର ଅନ୍ତର୍ନିହିତ ବିକାଶରେ ବାଧକ ସାଜୁଛନ୍ତି, ଜଣାପଡୁଛି ଆଉ ଅଳ୍ପ କେତେ ବର୍ଷ ଭିତରେ ଅଧିକାଂଶ ଲୋକ 'ଗଣତନ୍ତ୍ର-ପ୍ରସୂତ ଦିବ୍ୟାଙ୍ଗ'ରେ ପରିଣତ ହେବେ!

ଆଗରୁ ରାଜ୍ୟ ବା ରାଷ୍ଟ୍ରରେ ସମ୍ବଳ ନ ଥିଲା। ତେଣୁ ସରକାର ସବୁକଥାରେ ନାଗରିକମାନଙ୍କ ପାଖରେ ଠିଆ ହୋଇ ପାରୁ ନ ଥିଲେ। କିନ୍ତୁ ଏହାର ସକାରାତ୍ମକ ଦିଗଟି ଥିଲା। ମଣିଷ ତା'ର ଅନ୍ତର୍ନିହିତ ସୃଜନଶକ୍ତି ଓ ଆତ୍ମଲବ୍ଧ ଦକ୍ଷତା ପ୍ରୟୋଗ କରି ଅନେକ ଛୋଟ ଛୋଟ ସମସ୍ୟାର ସମାଧାନ କରି ଦେଉଥିଲା। ଆଉ ତା' ସାଙ୍ଗକୁ ଥିଲେ 'ଛୋଟ ସରକାର' ମାନେ। ସ୍ୱାଧୀନତା ସଂଗ୍ରାମ କାଳରେ ଯେପରି ଗାଁ ଗହଳରେ 'ଛୋଟ ଗାନ୍ଧୀ'ମାନଙ୍କ ଆବିର୍ଭାବ ଘଟିଥିଲା, ୮୦ ଦଶକ ପର୍ଯ୍ୟନ୍ତ ଗାଁର ଉନ୍ନତି ପାଇଁ ଉତ୍ସର୍ଗୀକୃତ କିଛି ଗାଁ ମୁଖିଆ ସରକାରଙ୍କ ପରିପୂରକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶିକ୍ଷା, ସାମାଜିକ ସଦ୍‌ଭାବ, ସାଂସ୍କୃତିକ ବିକାଶ, ଛୋଟ ଛୋଟ ସାମୂହିକ କାର୍ଯ୍ୟ ମାଧ୍ୟମରେ ଆତ୍ମ-ଗୁରୁତ୍ୱ ଓ ଗ୍ରାମ୍ୟପ୍ରୀତି ଜାଗ୍ରତ କରେଇ ଗାଁକୁ ଏକ ସୁସଂହତ ଏକକ ହିସାବରେ ଧରି ରଖି ପାରୁଥିଲେ।

ଧୀରେ ଧୀରେ ଭୋଟ୍ ରାଜନୀତି ପଶିଲା। ଦକ୍ଷତା, ସୃଜନଶକ୍ତି, ସାମୂହିକ ଉନ୍ନତି ପ୍ରବଣତାରେ ଭରପୂର ନାଗରିକମାନଙ୍କୁ ଭୋଟଦାତାରେ ରୂପାନ୍ତରିତ କରାଗଲା। ଉଦାରୀକରଣ ପ୍ରଭାବରେ ରାଜକୋଷ ମଧ୍ୟ ସମୃଦ୍ଧ ହେବାକୁ ଲାଗିଲା। ଆସ୍ତେ ଆସ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ସରକାର ସହାୟତାର ହାତ ବଢ଼େଇଲେ। ତେବେ କାଳକ୍ରମେ ଏହା ସହାୟତା ବଦଳରେ ନଗଦ ରାଶି ପ୍ରଦାନ ମାଧ୍ୟମରେ ଭୋଟଭିକ୍ଷାର ଏକ ସୁନ୍ଦର ମାଧ୍ୟମ ପାଲଟିଲା। ଅର୍ଥାତ୍ ସରକାର ଜନସାଧାରଣଙ୍କୁ ମାଛ ଧରିବାକୁ ଜାଲ ନ ଦେଇ, ଘରେ ମାଛ ପହଞ୍ଚେଇ ଦେବାର ବ୍ୟବସ୍ଥା କଲେ। ତେଣୁ ଆକ୍ଷରିକ ଅର୍ଥରେ ଏବଂ ଭାବାର୍ଥରେ ଆଜିକାଲି କେହି ଜାଲ ବୁଣୁ ନାହାନ୍ତି, ଜାଲ ଫିଙ୍ଗି ବା ବସେଇ 'ମାଛ' ଧରୁନାହାନ୍ତି। ନିର୍ଦ୍ଦିଷ୍ଟ ଭାବରେ କିଛି ନ କରି ଯେବେଠୁ ନଗଦ ଅର୍ଥ ମିଳିବାର ବ୍ୟବସ୍ଥା କରାଗଲା, ସେବେଠୁ ଗାଁ ଓ ସହରର ଅଭାବୀ ଓ ମଧ୍ୟବିତ୍ତ ଲୋକମାନେ ସେମାନଙ୍କ ମଣିଷସୁଲଭ, ଭଗବତଦତ୍ତ ଦକ୍ଷତା, ପ୍ରତିଭା ହରାଇ ଜଣେ ଜଣେ ନିକମା ମାଂସ ପିଣ୍ଡୁଳା ପାଲଟି ଯାଇଛନ୍ତି।

କିଛି କାମ ନ କରି ନଗଦ ଅର୍ଥରାଶି ଲାଭ କରି ଓଡ଼ିଶାର ଲୋକ କିପରି ନିକମା ପାଲଟି ଯାଇଛନ୍ତି ଏବଂ ରାଜ୍ୟ ଓ ରାଜକୋଷ ପାଇଁ ବୋଝ ପାଲଟି ଯାଇଛନ୍ତି, ତାହା ଜଣାପଡ଼େ ଯେତେବେଳେ ପାର୍ଶ୍ୱବର୍ତ୍ତୀ ରାଜ୍ୟ ବା ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ଚାଷୀ, ମୂଲିଆଙ୍କ କର୍ମକୁଶଳତା ଆମେ ସାମାଜିକ ଗଣ ମାଧ୍ୟମରେ ଦେଖୁ। ବାଂଲାଦେଶ ଭାରତ ପରି ଆର୍ଥିକ ଦୃଷ୍ଟିରୁ ଉନ୍ନତ ହୋଇ ନ ଥିବାରୁ ସେଠିକାର ଚାଷୀମାନେ ସରକାରୀ ଅନୁଦାନର ଅନୁପସ୍ଥିତିରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଓ ଅନ୍ୟାନ୍ୟ ଶିଳ୍ପକଳାରେ ଏତେ କୁଶଳୀ, ଦକ୍ଷ ଓ ପାରଙ୍ଗମ ଯେ ସେମାନେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା



ସହ ରାଷ୍ଟ୍ର ପାଇଁ ଯଥେଷ୍ଟ ବୈଦେଶିକ ମୁଦ୍ରା ଅର୍ଜନ କରି ପାରୁଛନ୍ତି, ଯାହା ଓଡ଼ିଶା କ୍ଷେତ୍ରରେ ପ୍ରାୟ ଶୂନ୍।

ବିଶିଷ୍ଟ ଚିନ୍ତାନାୟକ ନୋଆମ୍ ଚମ୍‌ସ୍କି ବିଶ୍ୱର ରାଜନେତାଙ୍କର ନାଗରିକ ମାନଙ୍କୁ ସରକାର-ନିର୍ଭରଶୀଳ ଅବା ନେତା-ନିର୍ଭରଶୀଳ କରେଇବା ନିଜ ପଦ ସୁରକ୍ଷିତ ରଖିବାର ଏକ ଚତୁର ଚାଲ୍ ବୋଲି ଅଭିହିତ କରନ୍ତି। ନେତାମାନେ ସର୍ବଦୃଶ୍ୟମାନ ହେବା କ୍ରମରେ ଧୀର ଧୀରେ ବହୁତ 'ଡେଙ୍ଗା' ହେବାକୁ ଲାଗନ୍ତି ଏବଂ ସମ ଅନୁପାତରେ ନାଗରିକମାନେ 'ଛୋଟ' ଦେଖାଯାନ୍ତି ବା 'ଛୋଟ' ହେବାକୁ ଲାଗନ୍ତି। ଏହି ଧାରାର ଏକ ପର୍ଯ୍ୟାୟରେ ରାଜନେତାମାନେ ସର୍ବଶକ୍ତିମାନ ଧାର୍ମିକ ବା ଆଧ୍ୟାତ୍ମିକ ରକ୍ଷାକର୍ତ୍ତା ହିସାବରେ ଉଭା ହୁଅନ୍ତି। ପ୍ରଖ୍ୟାତ ଇଂଲିଶ କବି ଅଲିଭର ଗୋଲ୍ଡ ସ୍ମିଥଙ୍କ 'ଭିଲେଜ ସ୍କୁଲ ମାଷ୍ଟର' କବିତାରେ ବର୍ଣ୍ଣିତ ଗ୍ରାମବାସୀମାନଙ୍କ ମାଷ୍ଟରଙ୍କ 'ଛୋଟ ମୁଣ୍ଡରେ' ଏତେ ଜ୍ଞାନ କେମିତି ରହୁଛି ଭାବିବା ଭଳି ଆଜିର 'ଦୁଗ୍ଧପୋଷ୍ୟ' ମତଦାତାମାନେ ସେମାନଙ୍କ ନେତାଙ୍କୁ ଜଣେ ଜଣେ ଭଗବାନ ବୋଲି ମଣନ୍ତି ଏବଂ ରବର୍ଟ ବ୍ରାଉନ୍‌ଙ୍କ କବିତା 'ପିପା ପାସେସ' ରେ ବ୍ରାଉନ୍‌ଙ୍କ ଉକ୍ତି-ଭଗବାନ ସ୍ୱର୍ଗରେ ଅଛନ୍ତି, ପୃଥିବୀରେ ସବୁ ଠିକ୍ ଠାକ୍ ଚାଲିଛି-ସହ ତାଳ ଦେଇ ରାଜନେତାରୁ 'ଅନ୍ନଦାତା' ଓ 'ଅର୍ଥଦାତା' ପାଲଟିଥିବା 'ଡେଙ୍ଗା' ମଣିଷମାନଙ୍କ ଗୁଣକୀର୍ତ୍ତନ କରି ସେମାନଙ୍କ ସମର୍ଥକମାନେ ଗାଆନ୍ତି– 'ରାଜଧାନୀରେ ଆମ ନେତା ଅଛନ୍ତି, ସବୁଆଡ଼େ ଠିକ୍ ଠାକ୍ ଚାଲିଛି।'

ଦୁଃଖର କଥା ନେତାମାନଙ୍କୁ ଛୋଟନେତାମାନେ ହିମାଳୟ ଭାବିଲେ ବି, ଭୋଟ ପ୍ରେକ୍ଷାପଟରେ ସେମାନେ ନିଜକୁ ଅସୁରକ୍ଷିତ ମଣନ୍ତି। ତେଣୁ ନାଗରିକମାନଙ୍କୁ ବିଭିନ୍ନ ଭାବରେ ନିର୍ଭରଶୀଳ କରେଇ, ସେମାନଙ୍କ ପ୍ରତିଭା ହରଣ କରି ସେମାନଙ୍କୁ ତଳିତଳାନ୍ତ କରି ନିଜକୁ ଅନତିକ୍ରମଣୀୟ ରୂପରେ ଉପସ୍ଥାପନ କରୁ କରୁ, ସମାନ୍ତରାଳ ଭାବରେ ଏକ କରୁଣ ଅବରୋହଣ ପ୍ରକ୍ରିୟା ଆରମ୍ଭ ହୁଏ, ଯେତେବେଳେ ନେତାମାନେ ନିଯୁକ୍ତି ପତ୍ର ବାଣ୍ଟିବାକୁ ବାହାରି ପଡ଼ନ୍ତି ଯେଉଁଗୁଡ଼ିକ ଏକ ସମୟରେ ରେଜିଷ୍ଟର୍ଡ ଡାକରେ ଡାକଘର କର୍ମଚାରୀମାନେ ବାଣ୍ଟୁଥିଲେ। ଭାରି ଦୁଃଖଲାଗେ ଭୋଟ କେଉଁ ସ୍ତରକୁ ନେତାମାନଙ୍କୁ ନେଇଯାଏ। ଖାଲି ସେତିକି ନୁହେଁ, ସେମାନଙ୍କ ସହ ତାଳ ଦେଇ ଅତିମାତ୍ରାରେ ରୁଟିନ୍ କାର୍ଯ୍ୟକ୍ରମ-ପରୀକ୍ଷା ଫଳ ପ୍ରକାଶନରେ ମନ୍ତ୍ରୀମାନଙ୍କ ପରୀକ୍ଷା ଫଳ-ପୁସ୍ତିକା ଧରି ଠିଆ ହେବାର ଫଟୋ ମଧ୍ୟ ଦେଖାଯାଏ। କି ବିଚିତ୍ର ଏ ବିପରୀତ ରାଜନୈତିକ ବିବର୍ତ୍ତନ!

ଦୁର୍ନୀତିମୁକ୍ତ ଗୁଣାତ୍ମକତାର ଅନ୍ୟ ନାମ ସରକାର ନୁହନ୍ତି ନା ନେତା ନୁହନ୍ତି, ବରଂ ଦୁର୍ନୀତିଯୁକ୍ତ ମୋଟାମୋଟି କାମ ଚଳେଇ ନେବା ହେଉଛି ସରକାରଙ୍କ ଅନ୍ୟ ନାମ। ସରକାରଙ୍କ 'ପାଣି-ପବନ' ରେ ବଢ଼ି ବଢ଼ି ଭୋଟଦାତାମାନେ ଆଉ ନାଗରିକ ପର୍ଯ୍ୟାୟକୁ ଯାଇପାରନ୍ତି ନାହିଁ। ଆବିଷ୍କାରୀ, ଉଦ୍‌ଭାବନୀ ଏବଂ ସୃଜନଶୀଳ ମନଗୁଡ଼ିକ ଆସ୍ତେ ଆସ୍ତେ ଜୀବାଶ୍ମରେ ପରିଣତ ହୁଏ, ଯାହାର କରୁଣ ପରିଣତି କରୋନା ପରି ଭୟାବହ ମହାମାରୀ ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଦେଖାଯାଏ, ଯେତେବେଳେ ସରକାରଙ୍କ 'ହାତଟେକା'ରେ ପ୍ରତିପାଳିତ ମଣିଷମାନେ ସଂକଟବେଳେ ଆବଶ୍ୟକ ଶାରୀରିକ ସକ୍ରିୟତା, ଦକ୍ଷତା, ବୁଦ୍ଧିମତ୍ତା ଓ ଜୀବନରକ୍ଷା କୌଶଳ ପ୍ରଦର୍ଶନ କରି ନ ପାରି ଅକାଳରେ ମୃତ୍ୟୁବରଣ କରନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦେଶର ନାଗରିକମାନଙ୍କ ଅନ୍ତର୍ନିହିତ ଗୁଣ, ଦକ୍ଷତା, ପ୍ରତିଭାର ବିକାଶ କରେଇବାର ସର୍ବଶ୍ରେଷ୍ଠ ବ୍ୟବସ୍ଥା। ଆଜି କିନ୍ତୁ ଭୋଟ ସଂଗ୍ରହ ପାଇଁ ନାଗରିକମାନଙ୍କୁ ଭୋଟଦାତାରେ ପରିଣତ କରି ଅମୂଲ୍ୟ ମାନବସମ୍ବଳକୁ ନର୍ଦ୍ଦମାର ପାଣିଭଳି ବୋହି ଦିଆଯାଉଛି।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ : ୯୪୩୭୩ ୭୬୨୧୯**

# ସଉଦା ବ୍ୟାଗ୍



ସତ୍ୟନାରାୟଣ ଦେହୁରୀ

ଆମ ନିତିଦିନିଆ ଜୀବନରେ ସମସ୍ତେ କିଛିନା କିଛି ସଉଦା ଆଣନ୍ତି । ଏହି ସଉଦା କେତେବେଳେ ପରିବା ହୋଇପାରେ ତ କେତେବେଳେ ତେଜରାତି ଜିନିଷ କିମ୍ବା ଅନ୍ୟ କିଛି ହୋଇପାରେ। ଧନୀ ହେଉ କିମ୍ବା ଗରିବ ସମସ୍ତଙ୍କର କିଛିନା କିଛି ଆବଶ୍ୟକତା ରହିଥାଏ। ତେବେ ସଉଦାର ଆକାର ବା ପରିମାଣ ଅନୁସାରେ ବ୍ୟାଗ୍‌ର ଆବଶ୍ୟକତା ହୁଏ। ଏହି ବ୍ୟାଗ ଆଜିକାଲି ଆଉ ନିଜ ଘରୁ ନେବାକୁ ପଡୁନାହିଁ। ଦୋକାନୀ ନିଜେ ଯେତେବଡ଼ ଜିନିଷ ହେଲେ ମଧ୍ୟ ତାକୁ ପ୍ୟାକ୍ କରି ଦେଇଦେଉଛି। ବହୁତ ସୁବିଧାରେ ଆମ ଜିନିଷ ଘରେ ପହଞ୍ଚି ଯାଉଛି। କିନ୍ତୁ ଆଗରୁ ଏହି ବ୍ୟବସ୍ଥା ନ ଥିଲା। ନିଜ ଜିନିଷ ପାଇଁ ନିଜେ ବ୍ୟାଗର ବ୍ୟବସ୍ଥା କରିବାକୁ ପଡୁଥିଲା। ଘରୁ ବ୍ୟାଗ ଧରି ଜିନିଷ ଆଣିବା ପାଇଁ ସମସ୍ତେ ଯାଉଥିଲେ। ସୁରକ୍ଷିତ ଭାବରେ ନିଜ ଜନିଷ ଘରକୁ ଆଣୁଥିଲେ।

ବ୍ୟାଗର ବ୍ୟବହାର ଏବେ କମିଗଲାଣି। କେହି ବ୍ୟାଗ ନେଇ ବଜାରକୁ ଯାଉନାହାନ୍ତି। ଯଦି ବି କିଏ ବ୍ୟାଗ ବ୍ୟବହାର କରୁଛି ତାହା ନିଶ୍ଚିତ ଭାବରେ ଜରି କିମ୍ବା ପଲିଥିନରେ ତିଆରି ବ୍ୟାଗ ହୋଇଥିବ। କନାରେ ତିଆରି ବ୍ୟାଗ ବହୁତ କମ ଲୋକଙ୍କ ହାତରେ ଦେଖାଯାଏ। ଆଗରୁ ବ୍ୟାଗ ସବୁ କନାରେ ସିଲାଇ ହେଉଥିଲା। କନା ତିଆରି ବ୍ୟାଗ ବହୁତ ମଜଭୁତ ଓ ଅଧିକ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରୁଥିଲା। କନା ବ୍ୟାଗରେ ଜିନିଷ ଆଣିଲେ ବାହାରକୁ ଦେଖାଯାଏ ନାହିଁ। ବହୁତ ସୁରକ୍ଷିତ ଭାବରେ ଜିନିଷ ଘରକୁ ଆସେ। କିନ୍ତୁ ଆଜିକାଲି ରେଡିମେଡ୍ ଯୁଗରେ ସବୁ ପଲିଥିନ ବ୍ୟାଗର ବ୍ୟବହାର ହେଲା। ଖାଲି ହାତରେ ଘରୁ ବଜାରକୁ ଯାଇ ବଡ଼ ବଡ଼ ପଲିଥିନରେ ସଉଦା ଅଣାଯାଉଛି। ବାଟରେ ଲୋକେ ସବୁ ଜିନିଷ ଦେଖିପାରୁଛନ୍ତି। ହୋଟେଲରୁ ଜଳଖିଆ ନେଲେ ପଲିଥିନରେ ନେଉଛନ୍ତି। ବାଟରେ ସମସ୍ତଙ୍କ ନଜର ତାହା ଉପରେ ପଡୁଛି। ଗୋଟିଏ ବିଶ୍ୱାସ ଥିଲା,ଖାଦ୍ୟ ପଦାର୍ଥରେ କାହାର ନଜର ପଡ଼ିଲେ ତାକୁ ଖାଆନ୍ତି ନାହିଁ। ଯଦି ବି ତାକୁ ଖାଇବେ, ଯାହାର ନଜର ପଡ଼ିଥିବ ତାକୁ ଦେଇକି ଖାଇବେ। ନଚେତ ପେଟ କାଟିବ। ଅନ୍ୟର ନଜରକୁ ଏଡ଼ାଇବା ପାଇଁ ଖାଦ୍ୟ ପଦାର୍ଥକୁ ଘୋଡ଼ାଇ ରଖାଯାଉଥିଲା। କାଳେ କାହାର ନଜର ପଡ଼ିଯିବ ବୋଲି ସମସ୍ତେ ଚିନ୍ତା କରୁଥିଲେ। ଏବେ କିନ୍ତୁ ସବୁ ଖୋଲା ମେଲାରେ ଚାଲିଛି। ଦିନକୁ ଦିନ ଲୋକମାନଙ୍କର ଚଳଣିରେ ପରିବର୍ତ୍ତନ ହୋଇଯାଉଛି। ସମସ୍ତଙ୍କ ନଜର ପଡୁଥିବା ଖାଦ୍ୟ ଖାଇବାକୁ କୌଣସି ଦ୍ୱିଧା ବୋଧ ହେଉନାହିଁ। ସର୍ବସାଧାରଣ ସ୍ଥାନମାନଙ୍କରେ ଗହଳି ସ୍ଥାନରେ ଖାଦ୍ୟ ଖାଇବାକୁ ଲୋକମାନେ ବହୁତ ପସନ୍ଦ କରୁଛନ୍ତି।

ପଲିଥିନର ବ୍ୟବହାର ବଢ଼ି ଯାଇଛି। ବ୍ୟାଗର ବିକଳ୍ପ ଭାବରେ ପଲିଥିନ ବ୍ୟବହାର କରାଯାଉଥିବାରୁ କେହି ବ୍ୟାଗ ବ୍ୟବହାର କରୁନାହାନ୍ତି। ସବୁ ଜାଗାରେ ପଲିଥିନର ବ୍ୟବହାର ଚାଲିଛି। ଏପରି କି ମନ୍ଦିର ଗଲେ ମଧ୍ୟ ଆଉ ପୂର୍ବଭଳି ପୂଜା ଝୁଡ଼ି ବ୍ୟବହାର ହେଉନାହିଁ। ପଲିଥିନରେ ଭୋଗନେଇ ପୂଜକକୁ ଧରାଇଦେଲେ କାମ ଶେଷ। ଠାକୁରଙ୍କ ଭୋଗ ମଧ୍ୟ ସେହି ପଲିଥିନରେ ଆସିଯାଉଛି। ମହାଦେବଙ୍କ ପାଦୁକା ମଧ୍ୟ ପଲିଥିନରେ ଆସିଯାଉଛି। ଏହି ପଲିଥିନ ବର୍ତ୍ତମାନ ମଣିଷ ସମାଜକୁ ଗ୍ରାସ କରିସାରିଲାଣି। ଏହାର କ୍ଷତିକାରକ ଦିଗ ପ୍ରତି କେହି ଧ୍ୟାନ ଦେଉନାହାନ୍ତି। ସକାଳ ପାହିଲେ ଆମ ଚାରିପାଖରେ ଦେଖିବାକୁ ମିଳୁଛି କୁଢ଼ କୁଢ଼ ପଲିଥିନ ଆବର୍ଜନା। ଜଳ ଭାଗରେ ମଧ୍ୟ ଏହା ଜଳଚର ଜୀବମାନଙ୍କୁ ପ୍ରଭାବିତ କଲାଣି। ଅନେକ ସମୟରେ ଗୋରୁ ଏହାକୁ ଖାଇ ବହୁତ ଅସୁବିଧାରେ ପଡ଼ିଯାଉଛନ୍ତି। ପଲିଥିନ ବନ୍ଦ କରିବା ପାଇଁ ସରକାରଙ୍କ ତରଫରୁ ବାରମ୍ବାର ଉଦ୍ୟମ କରାଯାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଗୋଟିଏ ନିୟମ ହେଲେ କିଛି ଦିନ କଟକଣା ରହୁଛି, ତା'ପରେ ପୁଣି ଲୋକମାନେ ତାକୁ ଭୁଲିଯାଉଛନ୍ତି। ଜନ ସଚେତନତାର ଅଭାବରୁ ଏହି ନିୟମଗୁଡ଼ିକର ସୁଫଳ ମିଳୁ ନାହିଁ।

ପ୍ଲାଷ୍ଟିକ, ପଲିଥିନର ବ୍ୟବହାରକୁ ବନ୍ଦ କରିବା ପାଇଁ କଡ଼ାକଡ଼ି ନିୟମ କରିବା ଓ ତାକୁ ପାଳନ କରିବା ଆବଶ୍ୟକ। ସମସ୍ତେ କନା ବ୍ୟାଗ ନେଇ ବଜାରକୁ ଯିବା ଅଭ୍ୟାସ କରିବା ଜରୁରୀ। ଦୋକନୀମାନଙ୍କୁ ମଧ୍ୟ ତାଗିଦ୍ କରିବା ଦରକାର ଯେ, ସେମାନେ ଗ୍ରାହକମାନଙ୍କୁ ବ୍ୟାଗ ଆଣିବା ପାଇଁ କୁହନ୍ତୁ, ନଚେତ୍ ଜିନିଷ ଦିଅନ୍ତୁ ନାହିଁ। କରୋନା କାଳରେ ଯେମିତି ସବୁ ଦୋକାନରେ ଲେବୁଲ ମରାଯାଇଥିଲା, ମାସ୍କ ନାହିଁ ତ ଜିନିଷ ନାହିଁ। ଠିକ୍ ସେହିପରି, ବ୍ୟାଗ ନାହିଁ ତ ଜିନିଷ ନାହିଁ ଲେବୁଲ ସବୁ ଦୋକାନୀ ମାରନ୍ତୁ। ଧୀରେ ଧୀରେ ଲୋକମାନଙ୍କ ଅଭ୍ୟାସ ବଦଳାଇବାକୁ ପଡ଼ିବ, ନଚେତ ନେଡ଼ି ଗୁଡ କହୁଣିକୁ ବୋହିଯିବ।

**ରାଧାନଗର, ବୌଦ୍ଧ**
**ମୋ:୯୯୩୮୭୫୮୩୫୩**

## ପାଠକ ଶ୍ରେଷ୍ଠ ବିଚାରକ

### ନିରପେକ୍ଷ ସାମ୍ବାଦିକତା ସମାଜର କାମ୍ୟ

ମହାଶୟ,

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଶକ୍ତୀକରଣ ନିମନ୍ତେ କାର୍ଯ୍ୟପାଳିକା, ବ୍ୟବସ୍ଥାପିକା ଓ ନ୍ୟାୟପାଳିକାର ବିଶେଷ ଆବଶ୍ୟକ ରହିଥିବା ବେଳେ ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ସହ ଜନସାଧାରଣଙ୍କୁ ବାସ୍ତବ ତଥ୍ୟ ପ୍ରଦାନ କରିବା ନିମନ୍ତେ ଗଣମାଧ୍ୟମର ମଧ୍ୟ ଭୂମିକା ରହିଛି । ସ୍ୱାଧୀନ ଭାରତରେ ଗଣତନ୍ତ୍ରକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରାଯାଇଛି । ସମ୍ବିଧାନର ମୁଖବନ୍ଧରେ ଭାରତକୁ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରୂପେ ଗଢ଼ିତୋଳିବା ପାଇଁ ସଂକଳ୍ପ ନିଆଯାଇଛି। ଗଣମାଧ୍ୟମକୁ ଭାରତୀୟ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଓ ଜାଗ୍ରତପ୍ରହରି ଭାବେ ବର୍ଣ୍ଣନା କରାଯାଇଛି। ସମାଜରେ ରାଜନୀତିର ପ୍ରଭାବ ପରିଲକ୍ଷିତ ହୋଇଥିବା ବେଳେ ଗଣମାଧ୍ୟମ ସେଥିରୁ ଦୂରେଇ ରହିବା ସମ୍ଭବ ନୁହେଁ। କିନ୍ତୁ ଅଧିକାଂଶ ଗଣମାଧ୍ୟମ ବିଭିନ୍ନ କାରଣ ଯୋଗୁ ରାଜନୀତିକୁ ଅତ୍ୟଧିକ ପ୍ରାଧାନ୍ୟ ଦେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗଣମାଧ୍ୟମର ଶୈଳୀରେ ଏମିତି କିଛି ଘଟିଚାଲିଛି, ଯାହାକୁ ନେଇ ଲୋକଙ୍କର ଏହା ଉପରୁ ବିଶ୍ୱାସ କମିଯାଉଛି। ଏହା ନିୟମିତ ପାଠକ ବା ଗ୍ରାହକମାନଙ୍କ ପାଇଁ ଅସନ୍ତୋଷର କାରଣ ହୋଇଛି। ତେଣୁ ନିରପେକ୍ଷ ସାମ୍ବାଦିକତା ହିଁ ସମାଜର କାମ୍ୟ।

**–ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଢ଼ିଛି ଯା' ତନୁ ତବ ଅନ୍ତରର
ଜାଗ୍ରତ ସଂସ୍କାର
ଜଣାଏ ନବୀନ ତା'ରି ଉଦ୍ଦେଶ୍ୟରେ
ଶ୍ରଦ୍ଧା ନମସ୍କାର।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଏଚ୍‌୨ଏସ୍ ଟେଷ୍ଟ କିଟ୍‌ରେ ପାନୀୟ ଜଳ ପରୀକ୍ଷା

**ଯାଜପୁର,୧୮।୬(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡାଇରିଆ ରୋକିବା ପାଇଁ ସରକାରୀ ବେସରକାରୀ ନଳକୂପ, କୂପ, ପାଇପ ଜଳଯୋଗାଣ ପ୍ରକଳ୍ପଗୁଡ଼ିକୁ ବିଶୋଧନ କରାଯାଉଛି। ଏଚ୍‌୨ଏସ୍(ହାଇଡ୍ରୋଜେନ ସଲଫାଇଡ) ଟେଷ୍ଟ କିଟ୍ ମାଧ୍ୟମରେ ପାନୀୟ ଜଳକୁ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ହଟ୍‌ସ୍ପଟ୍ ଅଞ୍ଚଳ ଓ ଯେଉଁଠାରେ ଏବେ ଡାଇରିଆ ରୋଗୀ ବାହାରିବାର ତଥ୍ୟ ଆସୁଛି ସେଠାରେ ଏହି ପଦକ୍ଷେପ ଗ୍ରହଣ ହେଉଛି। ପାଇପ ଜଳଯୋଗାଣ ପ୍ରକଳ୍ପ ଉପଭୋକ୍ତା ପ୍ରାନ୍ତ ଏବଂ ବ୍ୟାସନଗର ପୌରାଞ୍ଚଳ ଓ ଯାଜପୁର ଟାଉନ ପୌରାଞ୍ଚଳରେ ପାନୀୟ ଜଳ ପରୀକ୍ଷା କରାଯାଉଛି।

ସୂଚନା ଅନୁସାରେ ନଦୀ କୂଳରୁ ୧୦୦ ମିଟର ଦୂରତା ମଧ୍ୟରେ ଥିବା ନଳକୂପ, କୂପ ଓ ପାଇପ ଜଳଯୋଗାଣ ପ୍ରକଳ୍ପଗୁଡିକର ଟାଙ୍କିଗୁଡ଼ିକର ପାଣି ଏଚ୍‌୨ଏସ୍ ଟେଷ୍ଟ କିଟ୍ ମାଧ୍ୟମରେ ପରୀକ୍ଷା କରାଯାଉଛି। କ୍ଲୋରିନେଶନ ପରେ ଯେଉଁଠି ପଜିଟିଭ ବାହାରୁଛି ତାହାକୁ ଚିହ୍ନଟ କରାଯାଇ ସେଠାରେ ଟାଙ୍କି ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏହା ସହିତ ଆଶା, ଅଙ୍ଗନୱାଡ଼ି କର୍ମୀ, ଏଏନଏମ୍, ଏନଜିଓ କର୍ତ୍ତୃପକ୍ଷଙ୍କ ଦ୍ୱାରା ଓଆର୍‌ଏସ୍, ହାଲୋଜିନ ବଟିକା ଇତ୍ୟାଦି ଘରେ ଘରେ ବଣ୍ଟନ କରାଯାଉଛି। ଝାଡ଼ାବାନ୍ତି ତଥା ଡାଇରିଆ ପ୍ରତି ସତର୍କ ଓ ସଚେତନ ରହିବାକୁ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ମାଇକ୍ ଓ ସାମାଜିକ ଗଣମାଧ୍ୟମ ଦ୍ୱାରା ବାରମ୍ବାର ସଚେତନ କରାଯାଉଛି। ପାଣିକୁ ଫୁଟାଇ ଛାଣି ପିଇବା, ଘରେ ପ୍ରସ୍ତୁତ ଗରମ ରନ୍ଧାଖାଦ୍ୟ ଖାଇବା, ଖାଇବା ପୂର୍ବରୁ ସାବୁନରେ ଭଲ ଭାବେ ହାତ ଧୋଇବା, ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ଦୋକାନ, ଷ୍ଟ୍ରିଟ୍‌ଫୁଡ, ଫାଷ୍ଟଫୁଡ ନ ଖାଇବାକୁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଫୁଟା ଯାଇଥିବା ୧ ଲିଟର ପାଣିରେ ଗୋଟିଏ (୪ ମିମି) ହାଲୋଜିନ ବଟିକା ମିଶାଇ ପିଇବାକୁ ପରାମର୍ଶ ଦିଆଯାଉଛି। ଖୋଲା ସ୍ଥାନରେ ମଳତ୍ୟାଗ ନ କରି ଶୌଚାଳୟ ବ୍ୟବହାର କରିବା, ସାବୁନରେ ହାତ ଧୋଇବା ଏବଂ ନଦୀ, ନାଳ, ପୋଖରୀ ପାଣିକୁ ବ୍ୟବହାର ନ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଜିଲାପାଳ ରେଡ୍ଡୀ ସମସ୍ତ ଅଞ୍ଚଳ ବୁଲି ତଦାରଖ କରୁଛନ୍ତି। ଜିଲାର ବରିଷ୍ଠ ଅଧିକାରୀ ଅତିରିକ୍ତ ଜିଲାପାଳ, ଉପ ଜିଲାପାଳ, ବିଭିନ୍ନ ବ୍ଲକରେ ଜଳ ବିଶୋଧନ ପ୍ରକ୍ରିୟା, ଜଳ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, କର୍ମଚାରୀ ବିଡିଓ, ତହସିଲଦାର, ଆରଆଇ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ, ଆଶା, ଅଙ୍ଗନୱାଡ଼ି କର୍ମୀ, ଜନପ୍ରତିନିଧିମାନେ ଡାଇରିଆ ନିୟନ୍ତ୍ରଣ କାର୍ଯ୍ୟରେ ଲାଗିଛନ୍ତି। ଏହାସହ ଆଭାସୀ ମାଧ୍ୟମରେ ପ୍ରତିଦିନ ସନ୍ଧ୍ୟା ୬ଟା ସମୟରେ ସମୀକ୍ଷା କରାଯାଉଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ନଳକୂପର ପାଣି ପରୀକ୍ଷା କରାଯାଉଛି।

## ବାହ୍ୟ ଔଷଧ ଲେଖି ଡାକ୍ତର ନିଲମ୍ବିତ

**କାଏମା,୧୮।୬(ଶିବପ୍ରସାଦ ମହାନ୍ତି):**



ଯାଜପୁର ଜିଲା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ହେମନ୍ତ କୁମାର ମହାରଣାଙ୍କୁ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ଗତ ୧୬ ତାରିଖରେ ସମ୍ପୃକ୍ତ ଡାକ୍ତର ଜଣେ ରୋଗୀଙ୍କୁ ବାହାରୁ ଔଷଧ କିଣିବା ପାଇଁ ନିଦାନ ଚିଠାରେ ଲେଖିଥିବାରୁ ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟ ସଚିବ ଆଶ୍ୱଥି ଏସ୍ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇଥିବାବେଳେ ଜଣେ ବୃଦ୍ଧ ବାହାରୁ ଔଷଧ ନେଇ ଯାଉଥିବା ସେ ଦେଖିବାକୁ ପାଇଥିଲେ। ସଚିବ ସମ୍ପୃକ୍ତ ବୃଦ୍ଧଙ୍କୁ ପଚାରି ଘଟଣା ସମ୍ପର୍କରେ ବୁଝିବା ସହିତ ବାହାର ଔଷଧ ଫେରାଇ ଡାକ୍ତରଖାନାରୁ ଔଷଧ ନେବାକୁ କହିଥିଲେ। ପରେ ଡାକ୍ତର ମହାରଣାଙ୍କୁ ତାଗିଦ କରିଥିଲେ। ଡାକ୍ତର ମହାରଣା କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ହୋଇଛନ୍ତି। ସେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଦୁଇ ମାସ ହେବ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେପୁଟେଶନରେ ଆସି ରୋଗୀ ସେବା କରୁଥିବା ଜଣାପଡ଼ିଛି।

## ବିଦ୍ୟୁତ୍ ଆଘାତରେ ପମ୍ପ ଅପରେଟର ମୃତ

**ଡେରାବିଶ,୧୮।୬(ବେର୍ବାଓ୍ୱା ଅଜୟ ଦାସ):**

### ମୃତଦେହ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ହରିହର ମଲିକ

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚକ୍ରୋଡା ଗ୍ରାମ ପଞ୍ଚାୟତ ନରିଲୋ ପମ୍ପ ହାଉସରେ ଅପରେଟର ଭାବେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କ ବୁଧବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ହରିହର ମଲିକ (୩୩)। ହରିହର ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର ଜଣେ କର୍ମଚାରୀ। ସେ ଉକ୍ତ ଗ୍ରାମରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଛାତ ଉପରେ ଥିବା ପାଣି ଟାଙ୍କି ବୁଧବାର ସକାଳେ ସଫା କରିବାକୁ ଯାଇଥିଲେ। ମାତ୍ର ନିର୍ମାଣଧୀନ ଆରୋଗ୍ୟ କେନ୍ଦ୍ରକୁ ଜଣେ ଠିକାଦାର ବେଆଇନ ଭାବେ ବିଦ୍ୟୁତ ସଂଯୋଗ ନେଇଥିଲେ। ଏ ନେଇ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିଲା। ହରିହର ପାଣି ଟାଙ୍କି ସଫା କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯିବାରୁ ସେ ଗୁରୁତର ହୋଇ ଛାତ ଉପରେ ଜମିଥିବା ବର୍ଷା ପାଣିରେ ପଡିଯାଇଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ । ହେଲେ ସେମାନେ ମଧ୍ୟ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ପରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇ ହରିହରଙ୍କୁ ସେଠାରୁ ଉଦ୍ଧାର କରାଯାଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ମୃତଦେହକୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ତାଙ୍କ ସ୍ତ୍ରୀଙ୍କୁ ଚାକିରୀ ଦାବିରେ ଗ୍ରାମବାସୀ ଜିଲାପାଳଙ୍କ ପାଖରେ ଦାବି କରିଥିଲେ। ଜିଲା ରେଡ଼କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ଓ ସ୍ତ୍ରୀଙ୍କୁ ଚାକିରୀ ମିଳିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାକୁ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ହରିହରଙ୍କ ଏକ ୬ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛନ୍ତି ।

## ଗାଁ ବୁଲି ଲୋକଙ୍କୁ ସଚେତନ କଲେ ଜିଲାପାଳ



ମିର୍ଜାପୁର ଗ୍ରାମ ପରିଦର୍ଶନ କରୁଛନ୍ତି ଜିଲାପାଳ ।

**କାଏମା,୧୮।୬(ଶିବପ୍ରସାଦ ମହାନ୍ତି):**

ଯାଜପୁର ଜିଲାରେ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ଏଥିରେ ରୋକ ଲଗାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଧର୍ମଶାଳା ବ୍ଲକ୍ ଅଧୀନ ମିର୍ଜାପୁର, କାଏମା ଓ ନେଉଳପୁର ଅଞ୍ଚଳକୁ ଯାଇ ସ୍ଥିତି ପରଖିବା ସହ ଲୋକଙ୍କୁ ସଚେତନ କରିଛନ୍ତି। ଏହି ଗ୍ରାମଗୁଡ଼ିକରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ଥିବାରୁ ଜିଲାପାଳ ବିଡିଓ ଜ୍ୟୋତିର୍ମୟୀ କରଙ୍କ ସହ ପହଞ୍ଚି ସ୍ଥାନୀୟ ସରପଞ୍ଚ ଓ ଆଶା କର୍ମୀଙ୍କ ସହଯୋଗରେ ଆକ୍ରାନ୍ତଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି। ଲୋକେ ନଳକୂପ ପାଣି ବ୍ୟବହାର କରୁଥିବା ଦେଖିବା ପରେ ସେମାନଙ୍କୁ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସକାଳୁ ୩୯ ଜଣ ରୋଗୀ ଭର୍ତ୍ତି ହୋଇଥିବାବେଳେ ସନ୍ଧ୍ୟା ସୁଦ୍ଧା ଏହା ୪୧ ହୋଇଛି। ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ୨୧ ରହିଛି ବୋଲି ସୂଚନା ମିଳିଛି।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ, ୧ ଗୁରୁତର

**ରଘୁନାଥପୁର, ୧୮।୬ (ରାଜେନ୍ଦ୍ର ନାରାୟଣ ସିଂହ)**

ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ମହାନଦୀ ବ୍ରିଜ୍ ନାରାୟଣୀ ଛକ ନିକଟରେ କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ସାଙ୍ଗରେ ଥିବା ଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତ ଯୁବକ ଜଣଙ୍କ ହେଲେ କିଶନନଗର ଥାନା ମଣିଜଙ୍ଗ ପଞ୍ଚାୟତର କୈଳାସ ନାୟକଙ୍କ ପୁଅ କବୀର ନାୟକ (୩୬) ଓ ଗୁରୁତର ଜଣଙ୍କ ହେଲେ ସେହି ଗ୍ରାମର ବ୍ରଜକିଶୋର ସାହୁଙ୍କ ପୁଅ ନିରଞ୍ଜନ ସାହୁ (୩୪)। ଏ ସମ୍ପର୍କରେ ଥାନାରେ ନଂ. ୧୨୪/୨୫ରେ ମାମଲା ରୁଜୁହୋଇଛି। ଉଭୟ କବୀର ଓ ନିରଞ୍ଜନ ବାଇକ୍‌ରେ ନାରାୟଣୀ ମନ୍ଦିର ପଟୁ ନଦୀବନ୍ଧ ରାସ୍ତାରେ ଆସୁଥିବାବେଳେ ତାରପୁର ବାଇପାସ୍ ପଟୁ ଆସୁଥିବା କାର୍ ବାଇକ୍‌କୁ ଧକ୍କାଦେଇଥିଲା। ଉଭୟ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ହୋଇପଡିଥିଲେ। ସେମାନଙ୍କ ମୁଣ୍ଡ ଓ ଗୋଡହାତରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ କବୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ନିରଞ୍ଜନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା କାରଟି ଫେରାର ହୋଇଯାଇଥିବା ବେଳେ ପୋଲିସ ବାଇକ୍ ଜବତ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଜୟ



@ ଅଜିତ୍



@ ମମତା



@ ନରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସାପ କାମୁଡ଼ାରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ଏରସମା, ୧୮।୬ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଭିରଙ୍ଗ ଗ୍ରାମର ସାପ କାମୁଡ଼ାରେ ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କ ବୁଧବାର ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ସେ ହେଲେ ପ୍ରଭାକର ଜେନା (୫୩ )। ପ୍ରଭାକର ଭିରଙ୍ଗ ଛକରେ କ୍ୟାବିନ ପକାଇ ଦୋକାନ କରିଥିଲେ। ମଙ୍ଗଳବାର ରାତିରେ ସେ କ୍ୟାବିନରେ ଶୋଇଥିଲେ। ସେଠାରେ ତାଙ୍କୁ ଏକ ସାପ କାମୁଡ଼ିଦେଇଥିଲା। ସେ ଘରେ ଏ କଥା ଜଣାଇବା ପରେ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ପ୍ରଥମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଜବତ କରିଛି। ଏନେଇ ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଆଇଆଇସି ପ୍ରେମଜିତ ଦାସଙ୍କଠାରୁ ଜଣାପଡିଛି।

# ୪ ବିଧାୟକ ନ ଜିତାଇଲେ ରାଜନୀତି ଛାଡ଼ିଦେବି: ରଞ୍ଜୀବ

- ଜଗତ୍‌ସିଂହପୁର ଜିଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ
- ନିଜ ଭିତରେ ମନାନ୍ତର, ମତାନ୍ତର ଭୁଲି କାମ କରିବାକୁ ଆହ୍ୱାନ
- ରାଜ୍ୟରେ ନାରୀ ନିର୍ଯାତନା ଚିନ୍ତାଜନକ




ଜଗତ୍‌ସିଂହପୁର ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ କଂଗ୍ରେସ ସମ୍ବିଧାନ ବଞ୍ଚାଅ ସମାବେଶରେ ଉପସ୍ଥିତ ନେତାମାନେ ।

**ଜଗତ୍‌ସିଂହପୁର, ୧୮।୬ (ପ୍ରମୋଦ କୁମାର ନାୟକ)**

ଆପଣମାନେ ମୋ ପରିବାର, ମୁଁ ଆପଣମାନଙ୍କ ପରିବାରର ଜଣେ। ଆମେ ପ୍ରତ୍ୟେକ କଂଗ୍ରେସ ପରିବାରର ସଦସ୍ୟ। କଂଗ୍ରେସ ଜଗତ୍‌ସିଂହପୁରରେ କେବେ ଦୁର୍ବଳ ନାହିଁ। କିନ୍ତୁ ସମୟଚକ୍ରରେ ଦଳ ବିଧାୟକଟିଏ ପାଇପାରିନାହିଁ। ଜିଲାର ବର୍ତ୍ତମାନର ୪ ବିଧାୟକ ଭାବୁଛନ୍ତି କଂଗ୍ରେସ ଶୋଇ ରହିଛି। ସେମାନଙ୍କ ଏକଥା ଆମେ ଜାଣିପାରୁନାହୁଁ ବୋଲି ଭାବୁଛନ୍ତି। ବାସ୍ତବ କଥା ସେ ଜାଣିନାହାନ୍ତି। ଏହି ଜିଲାର ତୁମେ ଯଦି ଆମ ସହ ଭଲରେ ରହିବାକୁ ଚାହିଁବ ଭଲ ନ ହେଲେ ରାଜରାସ୍ତାରେ ଚଲାଇ ଦେବୁନାହିଁ। ବୁଧବାର ଜଗତ୍‌ସିଂହପୁର ଜିଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସମ୍ବିଧାନ ବଞ୍ଚାଅ ସମାବେଶରେ ଯୋଗଦେଇ ପୂର୍ବତନ ଏମ୍‌ପି ତଥା କଂଗ୍ରେସର ବରିଷ୍ଠ ନେତା ରଞ୍ଜୀବ ବିଶ୍ୱାଳ ବିରୋଧୀଙ୍କୁ ଏଭଳି ଚେତାବନୀ ଦେଇଛନ୍ତି। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ସମାବେଶରେ ସେ କହିଥିଲେ, ଭାଜପା ନେତାମାନେ କହୁଥିଲେ ବବିତାଙ୍କ ଭଳି ନାରୀଙ୍କ ଯୋଗୁ ବିଜେଡି ଧ୍ୱଂସ ହୋଇଯିବ। ଯଦି ଏଥିଯୋଗୁ ବିଜେଡି ସରକାର ଗଲା ତେବେ ଏବେ ଯେଉଁଭଳି ନାରୀ ନିର୍ଯାତନା ଘଟୁଛି ତା'ର ମଧ୍ୟ ପ୍ରଭାବ ପଡିବ। ଭାଜପା ମଧ୍ୟ ଧ୍ୱଂସ ହୋଇଯିବ। କଂଗ୍ରେସ ସରକାରରୁ ଗଲାବେଳେ ରାଜ୍ୟର ଋଣ ଭାର ୧୭ ହଜାର କୋଟି ଟଙ୍କା ଥିଲା। ବିଜେଡି ସରକାର ବେଳେ ଏହା ବୃଦ୍ଧି ପାଇବା ସହ ୨୦୨୪ରେ ଋଣ ଭାର ୧,୨୮,୦୦୦ କୋଟିରେ ପହଞ୍ଚିଥିଲା। ଭାଜପାର ବର୍ଷେ ଭିତରେ ଆଉ ୨୧ ହଜାର କୋଟି ଟଙ୍କା ଋଣ ବୋଝ ବଢ଼ି ଗଲାଣି। ବିକାଶ କେବଳ ଫଳକରେ ସୀମିତ ଅଛି। ୨୦୧୭ରେ କନ୍ଦରପୁର-ଜଗତ୍‌ସିଂହପୁର ଦେଇ ରାଜପଥ ଘୋଷଣା ହୋଇଥିଲା। ଏହାର ଅଗ୍ରଗତି ନୈରାଶ୍ୟଜନକ। ଜଗତ୍‌ସିଂହପୁର ଜିଲାରେ ମେଡିକାଲ କଲେଜ ହେବ ବୋଲି ଘୋଷଣା ହେଲା। ଏ ପର୍ଯ୍ୟନ୍ତ ଜାଗା ଚିହ୍ନଟ ହୋଇପାରିଲା ନାହିଁ। ଭାଜପା ସରକାର ଆଗେଇଛନ୍ତି ବୋଲି ଚିତ୍କାର କରୁଛି। ମାତ୍ର ବର୍ତ୍ତମାନ କଲେରା ବ୍ୟାପିବା ଯୋଗୁ ଲୋକଙ୍କ ମୃତ୍ୟୁ ଘଟିବା ଦୁର୍ଭାଗ୍ୟଜନକ। ୨୦୦୦ରୁ ସ୍ଲୋଗାନ ହେଉଛି ତିର୍ତ୍ତୋଲର ସାରଳା ସୂତାକଳ କାର୍ଯ୍ୟକ୍ଷମ ହେବ। କିନ୍ତୁ ଏହା ପ୍ରତିଶ୍ରୁତିରେ ସୀମିତ ରହିଯାଇଛି। ପାରାଦୀପ ତୈଳ ବିଶୋଧନାଗାରରେ ଓଡ଼ିଆ ଯୁବକଙ୍କ ପାଇଁ ଚାକିରି ନାହିଁ। ବିଜେଡି ସରକାର ବେଳେ ଆଗ କାମ ପରେ ପିସି ନେଉଥିଲେ। କିନ୍ତୁ ଏବେ ଆଗ ପିସି ପରେ କାମ ଦେଉଛି। ବିଜେଡି-ଭାଜପା ସଲାସୁତୁରାରେ କାମ କରୁଛନ୍ତି। ତେଣୁ ଏ ପରିସ୍ଥିତିରେ ନିଜ ଭିତରେ ମନାନ୍ତର, ମତାନ୍ତର ଭୁଲି କାମ କରିବାକୁ ହେବ। ଆଗାମୀ ଯୁଦ୍ଧରେ ସେ ଆଗରେ ରହିବେ। ଆସନ୍ତା ନିର୍ବାଚନରେ ଜିଲାର ୪ଜଣ ଯାକ ବିଧାୟକ କଂଗ୍ରେସର ରହିବେ। ଯଦି ସେ ନ ଜିତାଇ ପାରିବେ ତେବେ ରାଜନୀତିରୁ ସନ୍ନ୍ୟାସ ନେଇଯିବେ ବୋଲି ରଞ୍ଜୀବ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ ନେତା ଓ କର୍ମୀଙ୍କ ମହଲରେ ଉତ୍ସାହ ଶତଗୁଣିତ ହୋଇଥିଲା। ଉପସ୍ଥିତ କର୍ମୀଙ୍କୁ ରଞ୍ଜୀବ କହିଥିଲେ, ସାଧାରଣ ନିର୍ବାଚନ ୪ ବର୍ଷ ରହିଲାଣି। ଆଗକୁ ପଞ୍ଚାୟତ ନିର୍ବାଚନ, ତେଣୁ ଏହି ସମୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ମିଛ ପ୍ରତିଶ୍ରୁତି ଲୋକଙ୍କ ପାଖରେ ପହଞ୍ଚାଅ। ଭାଜପା ଦେଶକୁ ଭାଗ ଭାଗ କରିବାକୁ ଚାହୁଁଛି। ଆଗାମୀ ଦିନରେ ସେ ପଞ୍ଚାୟତ, ବ୍ଲକ ସବୁଠିକୁ ଯିବେ ବୋଲି ସେ କହିଥିଲେ।

ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, କଂଗ୍ରେସ ଦୁର୍ବଳ ନାହିଁ କି ଦୁର୍ବଳ ହେବାର ପ୍ରଶ୍ନ ଉଠୁନାହିଁ। ବିଜେଡି, ଭାଜପା ଦୀର୍ଘ ୯ ବର୍ଷ ମିଶିକି ରହି ଓଡ଼ିଶାର ବିକାଶ ବଦଳରେ ବିନାଶ କଲେ। ଖଣି, ଖାଦନ ସବୁ ବିକ୍ରି କରିଦେଲେ। ବର୍ତ୍ତମାନ ଭାଜପା ବର୍ଷେ ହେଲା ଶାସନ କରୁଛି। ନରେନ୍ଦ୍ର ମୋଦି ସରକାର ଆଜି ସମ୍ବିଧାନ ବଦଳାଇବାକୁ ପ୍ରୟାସ ଜାରି ରଖିଛନ୍ତି। ତାକୁ ପ୍ରତିରୋଧ କରାଯାଉଛି। ଗାନ୍ଧୀ ପରିବାରକୁ ବାରମ୍ବାର ପଦାଘାତ କରାଯାଉଛି। ପାକିସ୍ତାନ ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ କଂଗ୍ରେସ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ଣ୍ଣ ସମର୍ଥନ ଦେଲା। କିନ୍ତୁ ଅସ୍ତ୍ର ବିରତି ଘୋଷଣା ହୋଇଗଲା। ହେଲେ ଯେଉଁ ୪ଜଣ ଆତଙ୍କବାଦୀ ପହଲଗାମ୍‌ରେ ନରସଂହାର କରିଥିଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲାନାହିଁ। ରାଜ୍ୟରେ ମହିଳା ନିର୍ଯାତନା ଚିନ୍ତାଜନକ। ସରକାର ମାଗଣାରେ ୩୦୦ ୟୁନିଟ୍ ବିଜୁଳି, ଚାଷୀଙ୍କ ଧାନରେ କଟ୍‌ନି ଛଟ୍‌ନି ବନ୍ଦ ଓ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ପାଣିର ଗାର ହୋଇଛି। ପାରାଦୀପ ବନ୍ଦର ଦେଇ ବହୁ କୋଟି ଟଙ୍କାର ଖଣିଜ ସାମଗ୍ରୀ ହରିଲୁଟ୍ ହେଉଛି ବୋଲି ବାହିନୀପତି କହିଥିଲେ। ଦଳ ଜିଲା ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ କୁମାର ସାହୁ, ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ୟାସିର୍ ନୱାଜ, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ପ୍ରତିମା ମଲ୍ଲିକ, ତିର୍ତ୍ତୋଲ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକ, ପାରାଦୀପ ନେତା ନିରଞ୍ଜନ ନାୟକ, ବାଲିକୁଦା-ଏରସମା ନେତା ନଳିନୀ କୁମାର ସ୍ୱାଇଁ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନାଉଗାଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ଆଇନଜୀବୀ ସୁଶାନ୍ତ କୁମାର କାନୁନ୍‌ଗୋ, ପୂର୍ବତନ ପିସିସି ସମ୍ପାଦକ ଅଜୟ ସାହୁ, ମହମ୍ମଦ ଇମଦାଦ, ପୂର୍ବତନ ପିସିସି ମୁଖପାତ୍ର ବୀରେନ ଦଳେଇ ଓ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ ପ୍ରମୁଖ ଜିଲାର ବିଭିନ୍ନ ପଦପଦବୀରେ ଥିବା ନେତାମାନେ ଉପସ୍ଥିତ ଥିଲେ। ସମାବେଶ ପୂର୍ବରୁ ଜଗତ୍‌ସିଂହପୁର ସହରରେ ଏକ ଶୋଭାଯାତ୍ରାର ଆୟୋଜନ ହୋଇଥିଲା।

# ମାଗଣା ପାର୍କିଂ ବ୍ୟବସ୍ଥା ପରେ ବି ରାସ୍ତାରେ ୪ ଚକିଆ ଗାଡ଼ି

ନୟାଗଡ଼,୧୮।୬(ଲୋକନାଥ ମିଶ୍ର)

ନୟାଗଡ଼ ସହରର ପୁରୁଣା ଜେଲ ଜମିରେ ୪ ଚକିଆ ଯାନ ପାଇଁ ମାଗଣା ପାର୍କିଂ ବ୍ୟବସ୍ଥା କରାଯାଇଛି । ତେବେ ୪ ଚକିଆ ଯାନର ମାଲିକମାନେ ମାଗଣାରେ ପାର୍କିଂ ନ କରି ରାସ୍ତା ଉପରେ ମନଇଛା ଗାଡ଼ି ରଖୁଛନ୍ତି। ଏଥିପାଇଁ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ କରାଯାଇଥିବା ମାଗଣା ପାର୍କିଂ ବ୍ୟବସ୍ଥାର ସୁଫଳ ମିଳୁନି । ରାସ୍ତା ଉପରେ ୪ ଚକିଆ ଯାନ ରଖିଲେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ନୟାଗଡ଼ ସହରରେ ଆଗଭଳି ଟ୍ରାଫିକ ଜାମ ସମସ୍ୟା ଲାଗି ରହିଛି । ବିଭିନ୍ନ ବିଭାଗ ମଧ୍ୟ ସମନ୍ୱୟ ଅଭାବରୁ ପାର୍କିଂ ସମସ୍ୟା ସମାଧାନ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି ।

ନୟାଗଡ଼ ସହର ମଧ୍ୟଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଓ ଶରଣକୁଳ-ଭଞ୍ଜନଗର ୨୧ନଂ. ରାଜ୍ୟ ରାଜପଥ ଯାଇଛି । ସେହିପରି ଜିଲା ସଡ଼କ ବି ରହିଛି । ତେବେ ମ୍ୟୁନିସିପାଲିଟି ପକ୍ଷରୁ ଯାନବାହାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇ ନ ଥିବାରୁ ସହରରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହେଉଥିଲା । ଏବେ ଗତ ୧୧ ତାରିଖରୁ



ରାସ୍ତା ଉପରେ କାର୍‌ଗୁଡ଼ିକୁ ପାର୍କିଂ କରାଯାଇଛି।

ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ପୁରୁଣା ଜେଲ ଜମିରେ ମାଗଣା ପାର୍କିଂ ବ୍ୟବସ୍ଥା କରାଯାଇଛି । ତେବେ ମ୍ୟୁନିସିପାଲିଟି ପକ୍ଷରୁ କେବଳ ପାର୍କିଂ କରାଗଲା ବୋଲି ବ୍ୟାନର ମରାଯାଇ କାମ ଶେଷ କରି ଦିଆଯାଇଛି । ଅନ୍ୟପକ୍ଷେ ୨ ଜଣ ସଫେଇ କର୍ମଚାରୀଙ୍କୁ ପାର୍କିଂ ସ୍ଥାନରେ ୪ ଚକିଆ ଯାନ ଗୁଡିକ ସଜାଇ ରଖିବାର ଦାୟିତ୍ୱ ଦିଆଯାଇଛି । ତେବେ ୪ ଚକିଆ ଯାନଗୁଡିକ କିପରି ପାର୍କିଂ ସ୍ଥାନରେ ରଖିବେ ସେନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ପୁଣି ମ୍ୟୁନିସିପାଲିଟି ପକ୍ଷରୁ ପୋଲିସ ସହ ଯୋଗାଯୋଗ

- ପୁରୁଣା ଜେଲ ଜମିରେ ପାର୍କିଂ ସୁବିଧା କରି ପୌରସଂସ୍ଥା ଚୁପ୍
- ରାସ୍ତା ଉପରେ ଗାଡି ରହୁଥିଲେ ମଧ ନାହିଁ କାର୍ଯ୍ୟାନୁଷ୍ଠାନ
- ସମନ୍ୱୟ ଅଭାବରୁ ସୁଧୁରୁନି ବିପର୍ଯ୍ୟସ୍ତ ଟ୍ରାଫିକ୍ ସମସ୍ୟା

କରାଯାଇ ନ ଥିବା ଜଣାପଡିଛି । ଏଣୁ ନୟାଗଡ଼-ଦଶପଲ୍ଲା, ନୟାଗଡ଼-ଖଣ୍ଡପଡା, ନୟାଗଡ଼-ଖୋର୍ଦ୍ଧା, ନୟାଗଡ଼- ଶରଣକୁଳ ରାସ୍ତାରେ ଯିଏ ଯେଉଁଠି ପାଇଲା ୪ ଚକିଆ ଯାନ ରାସ୍ତା ଉପରେ ପାର୍କିଂ କରୁଛନ୍ତି ।

ଏନେଇ ନୟାଗଡ଼ ମ୍ୟୁନିସିପାଲିଟିର ଭାଇସ ଚେୟାରମ୍ୟାନ ଗୁରୁ ପ୍ରସାଦ ଜେନା କୁହନ୍ତି, ମ୍ୟୁନିସିପାଲିଟି ପକ୍ଷରୁ ମାଗଣରେ ପାର୍କିଂ ବ୍ୟବସ୍ଥା କରାଯାଇଛି । ରଜ ଥିବାରୁ ଏ ଦିଗରେ ପଦକ୍ଷେପ ନିଆଯାଇ ପାରି ନ ଥିଲା । ଏବେ ପୋଲିସ ସହ ଆଲୋଚନା କରି ମାଗଣା ପାର୍କିଂର ସୁଫଳ ଉଠାଇବାକୁ ବ୍ୟବସ୍ଥା କରାଯିବ । ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ର କୁହନ୍ତି, ପୁରୁଣା ଜେଲ ଜମିରେ ପାର୍କିଂ କରାଯିବା ପରେ ଆମକୁ ମ୍ୟୁନିସିପାଲିଟି ପକ୍ଷରୁ ସୂଚନା ମିଳିନି । ତେବେ ସହରରୁ ଟ୍ରାଫିକ ସମସ୍ୟା ହଟାଇବା ପାଇଁ ୪ ଚକିଆ ଯାନ ପାର୍କିଂରେ କିପରି ମାଲିକ ଓ ଚାଳକମାନେ ନିଜ ଗାଡ଼ି ରଖିବେ ସେନେଇ ପଦକ୍ଷେପ ନିଆଯିବ । ପୂର୍ବତନ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ପାର୍କିଂ ବ୍ୟବସ୍ଥା କରାଯିବା ଦ୍ୱାରା ସହରରେ ଟ୍ରାଫିକ ସମସ୍ୟାରେ ସୁଧାର ଆସିବ । ତେବେ ପୁରୁଣା ଜେଲ ଜମିରେ କିପରି ସବୁ ୪ ଚକିଆ ଯାନ ପାର୍କିଂ କରିବେ ସେନେଇ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବା ଦରକାର ।

**ରାସ୍ତାରେ ବସ୍ ପାର୍କିଂ:** ପୁରୁଣା ଜେଲ ସମ୍ମୁଖରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥରେ ବସ୍ ପାର୍କିଂ କରୁଛି । ପ୍ରାୟ ୧୫ ମିନିଟରୁ ଅଧ ଘଣ୍ଟାଏ ଧରି ବସଗୁଡିକ ରାଜପଥରେ ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରୁଥିଲେ ମଧ୍ୟ ଏଥିପ୍ରତି ପ୍ରତିକାର ନାହିଁ । ଅନ୍ୟପକ୍ଷେ ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପରେ ବି ବସଗୁଡିକ ନୂଆ ବସଷ୍ଟାଣ୍ଡକୁ ନ ଯାଇ ପୁରୁଣା ଜେଲ ଜମିରେ ଅଟକି ରହିବା କେତେଦୂର ଠିକ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଜୟ


@ ଅଜିତ୍


@ ମମତା


@ ନରେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ୨ବର୍ଷ ୯ମାସର ଶିଶୁ

ଖଣ୍ଡପଡ଼ା,୧୮।୬(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ବନମାଳୀପୁର ଗ୍ରାମର ବିଜୟ କୁମାର ସାହୁଙ୍କ ୨ବର୍ଷ ୯ମାସର ଝିଅ ଦିବ୍ୟାଶୀଂ ସାହୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି । ଏତେ ଛୋଟ ବୟସରେ ସେ ବିନା ତାଲିମରେ ଇଂଲିଶ ବର୍ଣ୍ଣମାଳାର ୨୬ଟି ଅକ୍ଷର ଚିହ୍ନିବା ସହ ୮ଟି ଗ୍ରହର ନାମ କହି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ତାଙ୍କର ଏହି କାର୍ଯ୍ୟ ପରିବାର ତଥା ଖଡ଼ପଡ଼ା ପାଇଁ ଗୌରବ ଆଣିଛି ।

ଦିବ୍ୟାଶୀଂ ଅଗଷ୍ଟ ୨୦୨୨ରେ ଜନ୍ମ ଗ୍ରହଣ କରିଥିଲେ । ସେ ଅଧିକାଂଶ ସମୟରେ ଚମତ୍କାର କାର୍ଯ୍ୟକଳାପ ଦେଖାଉଥିଲେ । ଏହାକୁ ଦୃଷ୍ଟିରେ ରଖି ପରିବାର ଲୋକେ ପ୍ରତିବର୍ଷ ହେଉଥିବା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପ୍ରତିଯୋଗୀତାକୁ ଦିବ୍ୟାଶୀଂଙ୍କ ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶନ କରୁଥିବା କାର୍ଯ୍ୟକଳାପର ଭିଡିଓ ପଠାଯାଇଥିଲା। ଏହାକୁ ଯାଞ୍ଚ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ (ଆଇଆର୍) ଦିବ୍ୟାଶୀଂଙ୍କୁ 'ଆଇବିଆର ଆଚିବର' ଭାବେ ଚୟନ କରି ସାର୍ଟିଫିକେଟ ପ୍ରଦାନ କରିଛି । ମାତ୍ର ୨ ବର୍ଷ ୯ ମାସ ବୟସରେ ଦିବ୍ୟାଶୀଂ ଇଂଲିଶ ବର୍ଣ୍ଣମାଳାର ୨୬ଟି ଅକ୍ଷରକୁ ବିନା ତାଲିମରେ କହି ପାରିବା ସହିତ, ୧୨ ପ୍ରକାରର ଆକୃତି, ୧୨ ମାସର ନାମ, ୭ ଦିନର ନାମ, ୮ଟି ଗ୍ରହର ନାମ, ୬ଟି ଋତୁର ନାମ, ଶରୀରର ୨୪ ଟି ଅଙ୍ଗର ନାମ କହିପାରୁଛନ୍ତି । ଏହିପରି ୧୬ଟି ବିଭିନ୍ନ ବିଷୟରେ ଦିବ୍ୟାଶୀଂ କହିପାରିବା ଏବଂ ଚିହ୍ନି ପାରୁଥିବାରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପ୍ରଦାନ କରିଥିବା ସାର୍ଟିଫିକେଟରେ ଦର୍ଶାଯାଇଛି ।


ଦିବ୍ୟାଂଶୀଙ୍କୁ ପ୍ରଦାନ କରାଯାଇଥିବା ପ୍ରମାଣପତ୍ରକୁ ପରିବାର ଲୋକେ ପ୍ରଦର୍ଶନ କରୁଛନ୍ତି।

# ମା'ଉମାଦେବୀ ରଜ ମହୋତ୍ସବ-୨୦୨୫ ଉଦ୍‌ଯାପିତ



ରଜ କୁଇନ୍ ଶୁଭଲକ୍ଷ୍ମୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଖଣ୍ଡପଡ଼ା,୧୮।୬(ଅଜୟ କୁମାର ମହାରଣା)

## ଶୁଭଲକ୍ଷ୍ମୀ ହେଲେ ରଜ କୁଇନ

ପ୍ରତିବର୍ଷ ପରି ଚଳିତ ବର୍ଷ ଗତ ୧୩ ତାରିଖଠାରୁ ଖୁବ ଧୁମଧାମର ସହ ପାଳିତ ହୋଇ ଆସୁଥିବା ଓଡିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ଗଣପର୍ବ ରଜ ମହୋତ୍ସବ-୨୦୨୫ ମଙ୍ଗଳବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି । ମା'ଉମାଦେବୀ ସେବକ ସଂଘ ପକ୍ଷରୁ ଗତ ୫ଦିନ ବ୍ୟାପୀ ଅନୁଷ୍ଠିତ ହୋଇ ଆସିଥିବା ଏହି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ଗିରିଜା ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ସାମାଜିକ କର୍ମୀ ବିଧାନ ଚନ୍ଦ୍ର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ବିଶିଷ୍ଟ ସାହିତ୍ୟିକ ଭାରତୀ ଭୂଷଣ ମିଶ୍ର, ସାମାଜିକ କର୍ମୀ ଅଖିଳ କୁମାର ମହାରଣା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ରଜ ଓଡିଆ ଘରର ଏକ ପାରମ୍ପରିକ ପର୍ବ। ସଂସ୍କୃତି ଓ ପରମ୍ପରା ତିଷ୍ଠି ରହିଲେ ସମାଜରେ ସୁଧାର ଆସିଥାଏ ଏହାଛଡାରଜ ମହୋତ୍ସବ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିବାର ଏକ ପ୍ରମୁଖ ମାଧ୍ୟମ ଏବଂ ଆଗାମୀ ବର୍ଷରେ ମହୋତ୍ସବକୁ ସରସ ସୁନ୍ଦର କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରତିବର୍ଷ ଏହି ଗଣପର୍ବକୁ କିଭଳି ଅଧିକରୁ ଅଧିକ ଆକର୍ଷଣୀୟ କରାଯିବ ସେଥି ପାଇଁ ବିଧାୟକ ସ୍ୱାଇଁ ସମସ୍ତ ସହଯୋଗ କରିବେ ବୋଲି ମତବ୍ୟକ୍ତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରଦୀପ କିଶୋର ମିଶ୍ରଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ରଜ କୁଇନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଥିଲା । ରଜ କୁଇନ ଭାବେ ଶୁଭଲକ୍ଷ୍ମୀ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଙ୍କିତା ପଣ୍ଡା, ତୃତୀୟ ସ୍ଥାନରେ ସାଇ ଶ୍ରଦ୍ଧା ବେହେରା ଏବଂ ୪ର୍ଥ ସ୍ଥାନରେ ଯାଜ୍ଞସେନୀ ସେନାପତିଙ୍କୁ ଚୟନ କରାଯାଇ ଅତିଥିମାନଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ଓ ଏହାର ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲେ । ସେହିପରି ଉମାଦେବୀ ପୀଠ ପରିସରରେ ଖୋଲିଥିବା ବିଭିନ୍ନ ଷ୍ଟଲ, ଘରୋଇ ଉପକରଣ ସାମଗ୍ରୀ ଦୋକାନରେ ଗହଳି ଲାଗି ରହିଥିଲା । ଯୁବତୀ ଯୁବକମାନେ ରଜପାନ ସାଙ୍ଗକୁ ରଜଦୋଳି ଖେଳର ମଜା ଉଠାଇଥିଲେ ।

# ଜଗନ୍ନାଥ ମନ୍ଦିର ପ୍ରାର୍ଥନା ଗୃହ ନିର୍ମାଣରେ ବିଳମ୍ବ

ଖଣ୍ଡପଡ଼ା,୧୮।୬(ଅଜୟ କୁମାର ମହାରଣା)

ଆବଶ୍ୟକ ହେଉଥିବା ଅନୁଦାନର ଅଭାବ ଯୋଗୁ ଖଣ୍ଡପଡା ବ୍ଲକ୍ ଅଧୀନ କୁମ୍ଭାରପଡା ଗ୍ରାମର ଶ୍ରୀ ଲଡୁକେଶ୍ୱର ଜୀଉଙ୍କ ମନ୍ଦିର ପରିସରରେ ନିର୍ମାଣାଧୀନ ପ୍ରାର୍ଥନା ଗୃହ କାମ ମନ୍ଥର ଗତିରେ ଚାଲୁଛି । ବିଗତ ସରକାରଙ୍କ ସମୟରେ ୨୦୨୪-୨୫ ବର୍ଷରେ ନବୀନ ଓଡିଶା, ମୋ ଓଡ଼ିଶା ଯୋଜନାରେ ଉକ୍ତ ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ ଅନୁଦାନ ଅର୍ଥରେ ପ୍ରାର୍ଥନା ଗୃହର କାନ୍ଥ, ଛାତ ଓ ଚଟାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ପଞ୍ଚାୟତ ପାଣ୍ଠିରୁ ୪ ଲକ୍ଷ ୫୯ ହଜାର ଟଙ୍କା ମଞ୍ଜୁର ହୋଇଛି। ଖଣ୍ଡପଡା ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଚାଲୁରହିଛି । ତେବେ ଦୀର୍ଘ ୧୮ ମାସ ପରେ ମଧ କାର୍ଯ୍ୟଟି ସମ୍ପନ୍ନ ହୋଇପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଚିନ୍ମୟ କୁମାର ପଣ୍ଡାଙ୍କ ସହ ଏ ସମ୍ପର୍କରେ ଯୋଗାଯୋଗ କରିବାରେ ଉକ୍ତ କାର୍ଯ୍ୟଟି ଚାଲୁ ରହିଥିବା ବେଳେ ଉକ୍ତ କାର୍ଯ୍ୟର ବିଲ ପ୍ରସ୍ତୁତ ହୋଇନାହିଁ। ତେବେ କାର୍ଯ୍ୟଟି ସମ୍ପନ୍ନ ହେବା ନିମନ୍ତେ ଆଉ ଅଧିକ ଅନୁଦାନ ଅର୍ଥ ୨ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ଫଳରେ କାର୍ଯ୍ୟଟି ଶେଷ ହେବାରେ ବାଧକ ସାଜିଛି । ଯଦି ବିଧାୟକଙ୍କ ହାତପାଣ୍ଠି କିମ୍ୱା ବ୍ଲକ ପ୍ରଶାସନ ପକ୍ଷରୁ ଆବଶ୍ୟକ ଥିବା ଅର୍ଥ ମଞ୍ଜୁର ହୋଇପାରିବ ତେବେ କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇପାରିବ ବୋଲି ସରପଞ୍ଚ ପଣ୍ଡା ପ୍ରକାଶ କରିଛନ୍ତି ।


ଅର୍ଦ୍ଧ ନିର୍ମିତ ପ୍ରାର୍ଥନା ଗୃହ।

## ବାରଣ୍ଡାରେ ଝାଡ଼ାବାନ୍ତି ରୋଗୀ



ନୟାଗଡ଼,୧୮।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । ଝାଡ଼ାବାନ୍ତି ୱାର୍ଡରେ ୮ଟି ବେଡ୍ ଥିବାବେଳେ ୧୮ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଛନ୍ତି । ୮ଟି ଶଯ୍ୟା ଥିବାରୁ ଅବଶିଷ୍ଟ ରୋଗୀମାନେ ବାରଣ୍ଡାରେ ଓ ବେଡ୍ ପାର୍ଶ୍ୱବର୍ତ୍ତୀ ଘରେ ଚିକିତ୍ସିତ ହେଉଛନ୍ତି ।

## ସହାୟତା କେନ୍ଦ୍ର ଖାଲି

ନୟାଗଡ଼,୧୮।୬(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ୧୦୦ ବେଡ୍ ବିଶିଷ୍ଟ ଚିକିତ୍ସାଳୟ ଓ ମାତୃ ଶିଶୁ ଚିକିତ୍ସାଳୟରେ ସହାୟତା କେନ୍ଦ୍ର(ହେଲପ୍ ଡେକ୍ସ) ଖାଲି ପଡିଛି । ଏଠାରେ ନିୟୋଜିତ ଥିବା ଅସ୍ଥାୟୀ କର୍ମଚାରୀ ୩ମାସ ହେଲା ଦରମା ପାଇ ନ ଥିବାରୁ ଡ୍ୟୁଟିକୁ ଆସୁ ନାହାନ୍ତି । ସେପଟେ ସହାୟତା କେନ୍ଦ୍ର ଖାଲି ଯୋଗୁ ଚିକିତ୍ସାଳୟକୁ ଆସୁଥିବା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ହଇରାଣ ହେଉଥିବା ଅଭିଯୋଗ ହେଉଛି । ସହାୟତା କେନ୍ଦ୍ରରେ ଅନ୍ୟ କମଚାରୀଙ୍କୁ ନିୟୋଜିତ କରିବାକୁ ଦାବି ହେଉଛି ।

# ୩ ରଥର ଆବୃତ୍ତ ରଙ୍ଗକନାକୁ ବଦଳାଇବା ଦାବି ତେଜିଲା

ନୟାଗଡ଼,୧୮।୬(ଲୋକନାଥ ମିଶ୍ର)

## ରଙ୍ଗ ବଦଳାଇ ଗତାନୁଗତିକ କରିବା ପାଇଁ ଏଡିଏମଙ୍କୁ ଫେରାଦ୍

ନୟାଗଡ଼ର ତିନି ରଥର ଆବୃତ୍ତ ରଙ୍ଗକନାକୁ ବଦଳାଇବା ଦାବି ତେଜିଲା। ରଥ କପଡାର ରଙ୍ଗ ବଦଳାଇ ଗତାନୁଗତିକ କରିବା ପାଇଁ ନୟାଗଡ଼ ଜୟ ଫାଉଣ୍ଡେଶନ ପକ୍ଷରୁ ବୁଧବାର ଅତିରିକ୍ତ ଜିଲାପାଳ (ଏଡିଏମ)ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜୟ ଫାଉଣ୍ଡେଶନ ପ୍ରତିଷ୍ଠାତା ଶେଖ୍ ଅବଦୁଲ୍ ଆହାଦ୍‌ଙ୍କ ନେତୃତ୍ୱରେ ଏକ ୭ଜଣିଆ ଦଳ ଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ। ତେବେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ରଥ କପଡାର ରଙ୍ଗ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷେ ତିନି ରଥର ଆବୃତ୍ତ ରଙ୍ଗକନାର ରଙ୍ଗକୁ ବଦଳାଇ ଗତାନୁଗତିକ କରିବା ପାଇଁ ନୟାଗଡ଼ ଜିଲାପାଳ, ଉପଜିଲାପାଳ ଓ ପୁରୀ ଏମ୍‌ପିଙ୍କୁ ଭାଜପା ପକ୍ଷରୁ ଗତ ୬ ତାରିଖରେ ସ୍ମାରକପତ୍ର ପ୍ରଦାନ କରାଯାଇ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଥିଲା। ରଥଯାତ୍ରା ପାଖେଇ ଆସୁଥିବାବେଳେ ପ୍ରଶାସନ ପକ୍ଷରୁ ଏଯାବତ କିଛି ପଦକ୍ଷେପ ନିଆ ଯାଇ ନାହିଁ । ରଥଯାତ୍ରା ନୟାଗଡ ଜିଲାର ଖଣ୍ଡପଡ଼ା, ଦଶପଲ୍ଲା, ରଣପୁର ଓ ନୟାଗଡ଼ ଗଡଜାତରେ ହୋଇ ଆସୁଛି । ଇତିହାସ ପୃଷ୍ଠାରୁ ଜଣାପଡେ ତତ୍କାଳୀନ ନୟାଗଡ଼ ରାଜା ବିନାୟକ ସିଂ ମାନ୍ଧାତାଙ୍କ ରାଜତ୍ୱ କାଳରେ (୧୭୮୮ ରୁ ୧୮୦୮ ଖ୍ରୀଷ୍ଟାବ୍ଦ ସମୟରେ) ନୟାଗଡ ରଥଯାତ୍ରା ଆରମ୍ଭ ହୋଇଥିଲା । ପ୍ରତି ଗଡଜାତରେ ଶ୍ରୀଜୀଉଙ୍କର ରଥଯାତ୍ରାର ନୀତି ଭିନ୍ନ ଭିନ୍ନ । ସେହିଭଳି ନୟାଗଡ଼ ଗଡଜାତରେ ଶ୍ରୀଜୀଉଙ୍କର ଯାନିଯାତ୍ରା, ପରମ୍ପରା, ରୀତିନୀତି ସ୍ୱତନ୍ତ୍ର । ସେହିପରି ପରମ୍ପରା ଅନୁସାରେ ତିନି ରଥର ନିର୍ମାଣ ଶୈଳି ଓ ରଥ କପଡାର ରଙ୍ଗ ବି ସ୍ୱତନ୍ତ୍ର ରହି ଆସିଛି ।ତେବେ ୨୦୨୩ରେ ପ୍ରାୟ ୨୫୦ ବର୍ଷର ପରମ୍ପରାକୁ ଭଙ୍ଗ କରାଯାଇ ନୟାଗଡ଼ ରଥ କପଡାର ରଙ୍ଗ ପୁରୀ ରଥର କପଡା ପରି କରାଯାଇ ପରିବର୍ତ୍ତନ କରାଯାଇଥିଲା। ରଥ କପଡାର ରଙ୍ଗ ପରିବର୍ତ୍ତନ ପରେ ରଥ କପଡାର ରଙ୍ଗ ପରିବର୍ତ୍ତନ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସାଧାରଣ ଲୋକଙ୍କ ଦାବିକୁ ଅଣଦେଖା କରାଯାଉଛି। ରଥ କପଡା ପରିବର୍ତ୍ତନ ପାଇଁ ପ୍ରଶାସନର ପଦକ୍ଷେପକୁ ଅନୁଧ୍ୟାନ କଲେ ଚଳିତ ବର୍ଷ ରଥର କପଡା ପରିବର୍ତ୍ତନ ନହୋଇପାରେ ବୋଲି ଜଣାପଡୁଛି ।


ରଥ କପଡ଼ା ବଦଳାଇବା ପାଇଁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଦୂଷିତ ଜଳ, ବାସିଖାଦ୍ୟକୁ ନେଇ ଚିନ୍ତା

■ ଜଳଯୋଗାଣ ପାଇପ୍‌ରେ ଫାଟ୍

■ ନିୟମିତ ହେଉନାହିଁ ଖାଦ୍ୟ ଯାଞ୍ଚ

ଯାଜପୁର,୧୮।୬(ହର୍ଷବର୍ଦ୍ଧନବେହେରା):

ଯାଜପୁର ଜିଲାରେ ହଇଜା(କଲେରା) ବ୍ୟାପିବାରେ ଲାଗିଛି। ଯାଜପୁର ଜିଲା ବ୍ୟାସନଗର ପୌରାଞ୍ଚଳରେ ଗତ ୧୦ ତାରିଖରେ ପ୍ରଥମେ ଡାଇରିଆ ରୋଗୀ ଚିହ୍ନଟ ହୋଇଥିଲେ। ଗୋଟିଏ ଦିନରେ ୧୦୦ରୁ ଊର୍ଦ୍ଧ୍ୱ ରୋଗୀ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। କେତେଜଣ ରୋଗୀ କଟକ ବଡ଼ ମେଡିକାଲ କିମ୍ବା ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ସମୟକ୍ରମେ ଜିଲା ସାରା ଡାଇରିଆ ବ୍ୟାପିବାର ଦେଖାଯାଇଥିଲା ଏବଂ ରୋଗୀ ସଂଖ୍ୟା ପ୍ରାୟ ୨ ହଜାର ପର୍ଯ୍ୟନ୍ତ ପହଞ୍ଚିଥିଲା। ଏହି ଖବର ସାରା ରାଜ୍ୟରେ ଚହଳ ପକାଇଥିଲା। ଏବେ କେନ୍ଦ୍ରୀୟ ତଦନ୍ତକାରୀ ଦଳ ଡାଇରିଆ ବ୍ୟାପିଥିବାର ସ୍ପଷ୍ଟ କାରଣ ଦର୍ଶାଇ ନ ଥିଲେ ହେଁ ଦୂଷିତ ଜଳ ଯୋଗୁ ଏହି ରୋଗ ବ୍ୟାପୁଥିବା ପରୋକ୍ଷରେ କହିଛନ୍ତି। ତେବେ ବ୍ୟାସନଗର ସହରକୁ ୱାଟ୍‌କୋ


କୂଅ ପାଣିକୁ ବିଶୋଧନ କରାଯାଉଛି।

ପ୍ରାୟ ଗତ ୩ ବର୍ଷ ହେଲା ପାନୀୟ ଜଳ ଯୋଗାଣ କରି ଆସୁଛି। ଏହା ପୂର୍ବରୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳଯୋଗାଣ କରାଯାଉଥିଲା। ମରାମତିଠାରୁ ଆରମ୍ଭ କରି ବିଭିନ୍ନ ଆଳରେ ବର୍ଷକୁ ୱାଟ୍‌କୋ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛି। ୨୦୧୮ରୁ ସହରବାସୀଙ୍କୁ ଖରସ୍ରୋତା ନଦୀରୁ ପାଣି ଉଠାଇ ଟ୍ରିଟ୍‌ମେଣ୍ଟ କରି ଜଳଯୋଗାଣ କରାଯାଉଛି। ସେହି ସମୟରେ ପ୍ରାୟ ୪୦ ବର୍ଷର ପୁରୁଣା ପାଇପ୍ ବଦଳାଇ ନୂଆ ପାଇପ୍ ବିଛା ହୋଇଛି। କେତେକାଂଶରେ ପାଇପ୍‌ଗୁଡିକ ନିମ୍ନମାନର ହୋଇଥିବାରୁ ଏବେ ସ୍ଥାନେ ସ୍ଥାନେ ଫାଟି ଯାଉଥିବା ଦେଖିବାକୁ ମିଳିଛି। ଏହାବାଦ ବିଭିନ୍ନ ସମୟରେ କେତେକ କମ୍ପାନୀ ରାସ୍ତା ତାଡି ତାର ଓ ପାଇପ୍ ବିଛାଉଛନ୍ତି। ସେହି ସମୟରେ ପାଇପ୍ ଫାଟୁଥିବାର ଲକ୍ଷ୍ୟ କରାଯାଇଛି। ଫଳରେ ସେହି ପାଇପ୍‌ରେ ଗୋଳିଆ ପାଣି ପଶି ଲୋକଙ୍କ ପାଖକୁ ଯାଉଛି, ଯାହାକି ଏହି ପାଣି ପିଇ ଲୋକେ ସଂକ୍ରମଣର ଶିକାର ହୋଇଛନ୍ତି। ଏହାବାଦ୍ ବ୍ରାହ୍ମଣୀର ଶାଖା ଖରସ୍ରୋତା ନଦୀ ସୁକିନ୍ଦା ଖଣି ଓ କଳିଙ୍ଗନଗର ଶିଳ୍ପାଞ୍ଚଳର ବର୍ଜ୍ୟବସ୍ତୁ ଯୋଗୁ ଦୂଷିତ ହେଉଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ରିପୋର୍ଟରେ ପୂର୍ବରୁ ଏହା ସ୍ପଷ୍ଟ ହୋଇଛି। ଏହି ଦୂଷିତ ପାଣିକୁ ଉପଯୁକ୍ତ ଭାବେ ଉପଚାର ନ କରି ଲୋକଙ୍କୁ ଜଳଯୋଗାଣ ହେଉଥିବାରୁ ହଇଜା ସଂକ୍ରମଣର ପ୍ରମୁଖ କାରଣ ବୋଲି କୁହାଯାଉଛି।

ଅନ୍ୟପକ୍ଷେ ବାସିଖାଦ୍ୟ ଅନ୍ୟ ଏକ କାରଣ ହୋଇପାରେ ବୋଲି ସନ୍ଦେହ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମିତ ଖାଦ୍ୟ ନମୁନା ସଂଗ୍ରହ କରି ପରୀକ୍ଷା ହେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଡାଇରିଆ ବ୍ୟାପିବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଟେଲ, ଢାବା, ଫାଷ୍ଟଫୁଡ୍ ଇତ୍ୟାଦିଗୁଡିକ ଉପରେ ଚଢାଉ କରିବାରୁ କୁଇଣ୍ଟାଲ ପରିମାଣର ବାସି ଓ ଦୂଷିତ ଖାଦ୍ୟ ବାହାରିବା ଏହାକୁ ପ୍ରମାଣିତ କରୁଛି। ତେବେ ବର୍ତ୍ତମାନ ଜିଲା ପ୍ରଶାସନ ପକ୍ଷରୁ ଏନେଇ ସଚେତନ କରାଯାଉଥିଲେ ହେଁ ପୂର୍ବରୁ ଉପରୋକ୍ତ ଦିଗଗୁଡିକ ଉପରେ ଧ୍ୟାନ ଦିଆଯାଇଥିଲେ ଡାଇରିଆ ଓ ହଇଜା ସଂକ୍ରମଣ ହୋଇ ନ ଥାନ୍ତା ବୋଲି ମତପ୍ରକାଶ ପାଇଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାରେ ଡାଇରିଆ ନିୟନ୍ତ୍ରଣ ଉପରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସୂଚନା ଦିଆଯାଇଛି।

## ଡାଇରିଆ ରୋଗୀଙ୍କୁ କଞ୍ଚା କଦଳୀ ଯୋଗାଣ


ଅଧିକାରୀମାନେ ରୋଗୀଙ୍କୁ କଞ୍ଚା କଦଳୀ ଓ ଚୁଡ଼ା ଦେଉଛନ୍ତି।

ଯାଜପୁର,୧୮।୬
(ହର୍ଷବର୍ଦ୍ଧନ ବେହେରା) :

ଯାଜପୁର ଜିଲାରେ ଡାଇରିଆ ଓ ହଇଜା ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚ୍‌ସି)ରେ ଚିକିତ୍ସାଧୀନ ରୋଗୀଙ୍କୁ ଚୂଡ଼ା ସହ କଞ୍ଚା କଦଳି ଖାଇବାକୁ ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ରୋଗୀଙ୍କୁ ସୁସ୍ଥ କରି ଡିସ୍‌ଚାର୍ଜ କରିବାକୁ ଜିଲା ପ୍ରଶାସନକୁ ନାକେଦମ ହେବାକୁ ପଡୁଥିବାବେଳେ ଡାଏଟ କଣ୍ଟ୍ରାକ୍ଟରଙ୍କ ଦ୍ୱାରା ବିନା ଚିନିରେ ଚୂଡ଼ା ସହ କଞ୍ଚା କଦଳି ଯୋଗାଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏପରିକି ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀମାନେ ଏନେଇ ବିରକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଡାଏଟ କଣ୍ଟ୍ରାକ୍ଟର ପାଚିଲା କଦଳି ନ ମିଳବାରୁ କଞ୍ଚା କଦଳି ଦେଲୁ ବୋଲି ସଫେଇ ଦେଉଛନ୍ତି। ଯାହାକି ସମ୍ପୂର୍ଣ୍ଣ ମିଥ୍ୟା, ଅଧିକ ଲାଭ ଆଶାରେ ଏଭଳି ପଦକ୍ଷେପ ନେଇଥିବା ଅଭିଯୋଗ ହୋଇଛି। ତେଣୁ ଡାଏଟ କଣ୍ଟ୍ରାକ୍ଟରଙ୍କ ଚୁକ୍ତି ବାତିଲ କରି ତୁରନ୍ତ ନୂତନ କଣ୍ଟ୍ରାକ୍ଟର ନିଯୁକ୍ତି ଦେବାକୁ ଦାବି ହୋଇଛି।

## କାଳିଆପାଣି ପୋଲିସ ପକ୍ଷରୁ ଯାଞ୍ଚ

କାଳିଆପାଣି,୧୮।୬(ଅସିତ ମହାନ୍ତ):

ଯାଜପୁର ଜିଲାରେ ହଇଜା ରୋଗ ବ୍ୟାପିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ପଞ୍ଚାୟତ ସମିତି ପକ୍ଷରୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଆଶା, ଅଙ୍ଗନୱାଡି କର୍ମୀ ଓ ସିଆର୍‌ପିମାନେ ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଏପରିସ୍ଥଳେ ବୁଧବାର ସକାଳେ କାଳିଆପାଣି ପୋଲିସ ପକ୍ଷରୁ ଥାନା ଅଞ୍ଚଳର ଟାଟା ବଜାର, କାଳିଆପାଣି ହନୁମାନ ବଜାର, କୋଳିପଶି ବଜାର ଓ ଟାଉନସିପ ବଜାରରେ ଥିବା ସମସ୍ତ ଜଳଖିଆ ଦୋକାନ, ଫାଷ୍ଟଫୁଡ୍ ଓ ହୋଟେଲରେ ଚଢ଼ାଉ କରାଯାଇ ଯାଞ୍ଚ କରାଯାଇଛି। ବାସି ଖାଦ୍ୟ ବିକ୍ରି ବନ୍ଦ କରିବା ସହ ଦୋକାନଗୁଡ଼ିକୁ ସଫା ରଖିବା ପାଇଁ ସଚେତନ କରାଯାଇଛି। ଏଥିରେ ବ୍ୟତିକ୍ରମ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। କାଳିଆପାଣି ଥାନା ଏସଆଇ ଶ୍ରୀଚନ୍ଦନ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ହୋଟେଲ, ଜଳଖିଆ ଦୋକାନରେ ଚଢ଼ାଉ


ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ଏକ ମାଛ ଦୋକାନରେ ଚଢ଼ାଉ କରୁଛନ୍ତି।

ଚଣ୍ଡିଖୋଲ,୧୮।୬(ପ୍ରଦୀପ୍ତ କୁମାର ପୃଷ୍ଟି):

ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ ବୁଧବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ଛତିଆ, ଚାରିନଙ୍ଗଳ ଆଦି ବିଭିନ୍ନ ବଜାରରେ ଥିବା ଜଳଖିଆ ଦୋକାନ, ହୋଟେଲ, ଫାଷ୍ଟ ଫୁଡ, ମାଛ ଓ ମାଂସ ଦୋକାନରେ ଚଢ଼ାଉ କରିଛନ୍ତି। ଚଢ଼ାଉବେଳେ ଅପରିଷ୍କାର ହୋଇଥିବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଯାଜପୁର ଜିଲାରେ ହଇଜା ବ୍ୟାପିବା ପରେ ପ୍ରଶାସନ ପକ୍ଷରୁ ବାରମ୍ବାର ସଚେତନ ରହିବା ପାଇଁ ଅନୁରୋଧ କରଯାଉଛି। ତଥାପି ଲୋକେ ସଚେତନ ନ ହେବା ଯୋଗୁ ଚଢ଼ାଉ କରାଯାଉଛି। ତହସିଲଦାରଙ୍କ କହିବା ଅନୁସାରେ, କାହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କୁହାଯାଉନି। ଯେଉଁମାନେ ଦୋକାନ ଖୋଲିବେ ସେମାନେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବେ। ବାସିଖାଦ୍ୟ ରଖିବେ ନାହିଁ। ବ୍ଲିଚିଂ ପାଉଡର ପକାଇବେ, ଫିନାଇଲ ପକାଇବେ, ଗରମ ପାଣି ଗ୍ରାହକମାନଙ୍କୁ ଦେବେ। ସେହିପରି ମାଛ ଓ ମାଂସ ବ୍ୟବସାୟୀ ବାସି ମାଛ ବିକ୍ରି କରିବେ ନାହିଁ। ଯେଉଁ ସ୍ଥାନରେ ବିକ୍ରିକରିବେ ସେଠାରେ ସ୍ୱଚ୍ଛତା ରକ୍ଷା କରିବା ଜରୁରୀ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ଚଢ଼ାଉବେଳେ ଅନେକ ଦୋକାନ ବନ୍ଦ କରାଯାଇଥିବା ସୂଚନା ମିଳିଛି।

## ସଫଳତା ସାଉଣ୍ଟିଲେ ରୁଦ୍ରାଂଶ

ଛତିଆ,୧୮।୬(ସୌମ୍ୟ ରଞ୍ଜନ ସାହୁ):

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅଧୀନ ସୋଲର ଗ୍ରାମର ସଞ୍ଜୟ ବେହେରା ଓ ଝିମି ପାତ୍ରଙ୍କ ୩ ବର୍ଷ ୫ ମାସର ପୁଅ ରୁଦ୍ରାଂଶ ବେହେରା ଇଣ୍ଟରନ୍ୟାଶନାଲ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ ପୂର୍ବରୁ ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ସ୍ଥାନ ପାଇଥିବାବେଳେ ଏବେ ମାତ୍ର ୬ ମିନିଟ ୫୧ ସେକେଣ୍ଡରେ ହିନ୍ଦୀ ଆଲ୍‌ଫାବେଟସ ଲେଖି ଏହି ୱର୍ଲାଡ୍ ରେକର୍ଡ କରିଛନ୍ତି। ରୁଦ୍ରାନସ ଦେଶ ବିଦେଶର ଅନେକ କଥା ମନେ ରଖିପାରନ୍ତି। ବିଶେଷ କରି ଆଧ୍ୟାତ୍ମିକ ଦିଗରେ ତାଙ୍କର ରହିଛି ଅନେକ ଜ୍ଞାନ। ବିଭିନ୍ନ ଶ୍ଲୋକ ମଧ ସେ କହି ପାରୁଛନ୍ତି। ରୁଦ୍ରାନସଙ୍କ ସଫଳତା ପଛରେ ରହିଛି ମା' ଝିମିଙ୍କ ହାତ। ପୁଅର ସଫଳତା ପାଇଁ ପରିବାର ଲୋକେ ବେସ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟପିଲାଙ୍କ ପାଇଁ ମଧ ରୁଦ୍ରାନସ ଉଦାହରଣ ପାଲଟିଛନ୍ତି। ରୁଦ୍ରାନସଙ୍କ ସଫଳତା ପରେ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସାର ସୁଅ ଛୁଟିଛି।


ରୁଦ୍ରାଂଶ ବେହେରା

## ଏନ୍‌ଇଇଟି ପରୀକ୍ଷାରେ ସୌରଭ କୃତକାର୍ଯ୍ୟ

ରସୁଲପୁର,୧୮।୬(ରଞ୍ଜିତ ରାଉତ):


ସୌରଭ ରଞ୍ଜନ ସାହୁ

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ସଦାନନ୍ଦପୁର ଗ୍ରାମର ସ୍ୱର୍ଣ୍ଣପ୍ରଭା ସାହୁ ଓ ବିଷ୍ଣୁ ଚରଣ ସାହୁଙ୍କ ପୁଅ ସୌରଭ ରଞ୍ଜନ ସାହୁ ଏନ୍‌ଇଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ସର୍ବଭାରତୀୟସ୍ତରରେ ୨୨୪୦ ର୍‍ୟାଙ୍କରେ ନିଜକୁ ସ୍ଥାନିତ କରିଛନ୍ତି। ସୌରଭ ଆଗକୁ ଜଣେ ଡାକ୍ତର ହୋଇ ସାଧାରଣ ଲୋକଙ୍କ ସେବା କରିବେ ବୋଲି ପ୍ରକାଶ କରିଛନ୍ତି। ମାତାପିତାଙ୍କ ଆଶ୍ରୀର୍ବାଦ, ଗୁରୁମାଗୁରୁଜୀଙ୍କ ମାର୍ଗଦର୍ଶନକୁ ଅନୁପାଳନ କରି କଠିନ ପରିଶ୍ରମ କଲେ ଜଣେ ଛାତ୍ର ନିଶ୍ଚିତ ଭାବରେ ସଫଳ ହୋଇପାରିବ ବୋଲି ସେ ଆଶାୟୀଙ୍କ ପାଇଁ ବାର୍ତ୍ତା ଦେଇଛନ୍ତି। ଅନ୍ୟପକ୍ଷରେ ସୌରଭଙ୍କ ସଫଳତାରେ ତାଙ୍କ ଅଜା ତଥା ଅବସରପ୍ରାପ୍ତ ଡାକ କର୍ମଚାରୀ କୀର୍ତ୍ତନ ବିହାରୀ ସାହୁ ଖୁସିବ୍ୟକ୍ତ କରିଛନ୍ତି। ସୌରଭ ନିଶ୍ଚିତ ଲକ୍ଷ୍ୟ ସାଧନରେ ସଫଳ ହେବେ ବୋଲି କୀର୍ତ୍ତନ ଆଶାବାଦୀ ଥିବା ଧରିତ୍ରୀକୁ କହିଛନ୍ତି। ସୌରଭ ଜଣେ ମେଧାବୀ ଛାତ୍ର। ସେ ସରସ୍ୱତୀ ବିଦ୍ୟାମନ୍ଦିରରୁ ଶିକ୍ଷା ଆରମ୍ଭ କରିଥିଲେ। ପରେ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଏ-ୱାନରେ ଦଶମ ପାସ କରିଥିଲେ। ଏହାପରେ ଘରୋଇ କଲେଜରେ ପାଠ ପଢ଼ିବା ସହ ଏନ୍‌ଇଇଟି ପରୀକ୍ଷା ପାଇଁ କୋଚିଂ ନେଇଥିଲେ। ସେ କୃତକାର୍ଯ୍ୟ ହୋଇଥିବା ଖବର ପ୍ରସାରିତ ହେବା କ୍ଷଣି ତାଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମକୁ ପ୍ରକୃତି ମିତ୍ର ପୁରସ୍କାର

ବରୀ,୧୮।୬(ମହେନ୍ଦ୍ର ସ୍ୱାଇଁ):


ଶିକ୍ଷାଶ୍ରମର ସଭାପତି ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ସଭା ଗୃହରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ଯାଜପୁର ଜିଲାର ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷାଶ୍ରମର ସଭାପତି ତଥା ମୁଖ୍ୟ ସେବକ ନୃସିଂହ ଚରଣ ବେହେରା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରମାଣ ପତ୍ର ସହ ଅର୍ଥରାଶି ଗ୍ରହଣ କରିଥିଲେ। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଉପସ୍ଥିତ ଥିଲେ।

## ସିଂହପୁର ବଜାରରେ ଦୋକାନ ସିଲ୍

ସିଂହପୁର,୧୮।୬
(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରରେ ବୁଧବାର ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ଦୋକାନ ସିଲ କରାଯାଇଛି। ତହସିଲଦାର ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଏଥିରେ ଆର୍‌ଆଇ, ପୋଲିସ ଓ ତହସିଲ କର୍ମଚାରୀ ସାମିଲ ହୋଇଥିଲେ। ଯାଜପୁର ଜିଲାରେ ଝାଡ଼ାବାନ୍ତି ଅଣାୟତ୍ତ ହୋଇଛି। ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ କରାଯାଇଛି। ମାତ୍ର ଏହାକୁ ଅମାନ୍ୟ କରି କେତେଜଣ ଦୋକାନ ଖୋଲୁ ଥିବାରୁ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ଏନେଇ ତହସିଲଦାର ସାହୁ କହିଛନ୍ତି, ଯଦି କୌଣସି ଦୋକାନୀ ନିୟମ ଉଲ୍ଲଂଘନ କରନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରତନପୁର ରଜ ମହୋତ୍ସବ ପାଳିତ

ଧର୍ମଶାଳା,୧୮।୬(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ଅନ୍ତର୍ଗତ ରତନପୁର ଗ୍ରାମରେ ରଜ ମହୋତ୍ସବ ତିନି ଧରି ପାଳିତ ହୋଇଯାଇଛି। ଏହାକୁ ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରିଥିଲେ। ୨୦୧୮ରେ ଆରମ୍ଭ ହେଇଥିବା ଏହି ମହୋତ୍ସବ ୮ ବର୍ଷରେ ପହଞ୍ଚିଛି। ଅସନ୍ତା ବର୍ଷ ଏହି ମହୋତ୍ସୋବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଧାୟକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

କାଠ, ବାଉଂଶରେ ଦୋଳି, ଚରକି ଦୋଳି, ପଟ୍ଟାଦୋଳି, ଛୋଟ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ସହ ବାଳିକାଙ୍କ ପାଇଁ ଡ୍ୟାନସ ଡ୍ୟାନସ, ପୁଚି, ସିନିୟର ଓ ଜୁନିୟର ମ୍ୟୁଜିକ୍ ଚ୍ୟାୟର ହୋଇଥିବାବେଳେ ବାଳକମାନଙ୍କ ପାଇଁ ଅଖା ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ପ୍ରଥମ ଅଂଶୁମାନ ରାଉତ, ଦ୍ୱିତୀୟ ଶିବ ପ୍ରସାଦ ରାଉତ ଓ ସରୋଜ ରାଉତ ତୃତୀୟ ହୋଇଥିଲେ। ଜୁନିୟର ମ୍ୟୁଜିକ୍ ଚେୟାରରେ ପ୍ରଥମ ବର୍ଷା ପ୍ରିୟଦର୍ଶିନୀ ଓଝା, ଦ୍ୱିତୀୟ ସନ୍ଧ୍ୟାରାଣୀ ସାମଲ,


ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ପାୟଲ ପ୍ରିୟଦର୍ଶିନୀ ରାଉତ ତୃତୀୟ ହୋଇଥିଲେ। ସିନିୟରରେ ସୁନିତା ବେହେରା, ଯାଜ୍ଞ୍ୟମୟୀ ପାତ୍ରୀ, ଗାୟତ୍ରୀ ରାଉତ, ପୁଚିରେ ପ୍ରଥମ ରୁପଶ୍ରୀ ରୁପରତ୍ନା ରାଉତ, ଦ୍ୱିତୀୟ ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ, ଶୁଭଲକ୍ଷ୍ମୀ ସାହୁ ତୃତୀୟ ହୋଇଥିଲେ।

ଉତ୍ସବରେ ମନୋଜ ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ପଦ୍ମିନୀ ବେହେରା, ମୁଖ୍ୟବକ୍ତାଭାବେ ଧର୍ମଶାଳା ପ୍ରେସ୍ କ୍ଲବ୍ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଯୋଗଦେଇ ଗ୍ରାମର ବରିଷ୍ଠ ନାଗରିକ ସୂର୍ଯ୍ୟମଣି ଶତପଥୀ, ନଟବର ରାଉତ, ଅଲେଖ ପ୍ରଧାନ, ବାଇଧର ରାଉତ, ଭୀମସେନ ସାହୁ ଓ ମାଧବ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖେଳ କୁଦରେ ବିଜୟ ହାସଲ କରିଥିବା ୧୬ ଜଣ ବାଳିକାବାଳକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜୟ ରାଉତ, ଭଜମନ ରାଉତ, ନାରାୟଣ ବେହେରା, ସନ୍ତୋଷ ବେହେରା, ଅଜୟ ସାହୁ ଏହାକୁ ପରିଚାଳନା କରିଥିଲେ। ଅଂଶୁମାନ ଶତପଥୀ, ସନ୍ତୋଷ ରାଉତ, ସନ୍ତୋଷ ଦାସ, ଦେବାଶିଷ ଶତପଥୀ, ଶିବପ୍ରସାଦ ଦାଶ, ପ୍ରସନ୍ନ ଶତପଥୀ, ପଙ୍କୋଜ ରାଉତ, ଚନ୍ଦନ ରାଉତ, ପ୍ରକାଶ ମଲ୍ଲିକ, ମହେଶ୍ୱର ମଲ୍ଲିକ, ଭାଗ୍ୟଧର ମଲ୍ଲିକ, ଜୀତନ ରାଉତ, ସଞ୍ଜିବ ରାଉତ, ସୁଶାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଜୀତେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ।

## ଯାମୁପଶି କିଙ୍ଗ୍‌ସ ୱାରିୟର ଚାମ୍ପିୟନ

ସୁକିନ୍ଦା,୧୮।୬(ସତ୍ୟଜିତ ଦାଶ):

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଆମ୍ପୋଲବା ପଞ୍ଚାୟତର ଯାମୁପଶିଠାରେ ଯାମୁପଶି ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଖେଳରେ ଯାମୁପଶି କିଙ୍ଗ୍‌ସ ୱାରିୟର ଚାମ୍ପିୟନ ହୋଇଛି। ଏଥିରେ ୩ ଦଳ ଭାଗ ପ୍ରଥମେ ଲିଗ ମ୍ୟାଚ୍ ଖେଳିଥିଲେ।। ସେଥି ମଧ୍ୟରୁ ଯାମୁପଶି କିଙ୍ଗ୍‌ସ୍ ୱାରିୟର ଏବଂ ଯାମୁପଶି ହଂଟର ଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ଯାମୁପଶି ହଂଟର ଟସ୍ ଜିଣି ବୋଲିଂ ନିଷ୍ପତ୍ତି ନେଇଥିଲା। ଯାମୁପଶି କିଙ୍ଗ୍‌ସ ଦଳ ସୀମିତ ୧୦ ଓଭରରେ ୧୧୯ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଦଳର ଖେଳାଳି ସୁବ୍ରତ ମୁଦୁଲି ୧୩ ବଲରେ ସର୍ବାଧିକ ୩୧ ରନ କରିଥିଲେ। ଯାମୁପଶି ହଂଟର ନିର୍ଦ୍ଧାରିତ ୧୦ ଓଭରରେ ୧୧୨ ରନ କରି ପରାଜୟ ଲାଭ କରିଥିଲା। ଦଳପକ୍ଷରୁ ସୌମ୍ୟରଞ୍ଜନ ଦାସ ୨୩ ବଲରେ ୪୦


ଅତିଥିଙ୍କ ଗହଣରେ ଖେଳାଳିମାନେ।

ରନ କରିଥିଲେ। ସୁବ୍ରତଙ୍କୁ ମ୍ୟାନ୍-ଅଫ୍-ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହି ମ୍ୟାଚ୍ ସମ୍ପୂର୍ଣ୍ଣ ଭାଇଚାରାର ଖେଳ ଥିଲା ବୋଲି ଏହାର ମୁଖ୍ୟ ପରିଚାଳକ ସନ୍ତୋଷ ପୁହାଣ କହିଥିଲେ। ଯାମୁପଶି ଗ୍ରାମର ବରିଷ୍ଠ ନାଗରିକ ଶ୍ରୀଧର ପୁହାଣ, କୈଳାସ ମୁଦୁଲି, ବ୍ରଜସୁନ୍ଦର ପୁହାଣ, ସୋମନାଥ ପୁହାଣ, ଅର୍ଜୁନ ପୁହାଣ, କୃଷ୍ଣଚନ୍ଦ୍ର ଦାସ, କେଶବ ଚନ୍ଦ୍ର ଦାସ, କୃତିବାସ ପାତ୍ର, ସନ୍ତୋଷ ମୁଦୁଲି, ହିମାଂଶୁ ପୁହାଣ ଏବଂ ଦିଲୀପ ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କିଙ୍ଗ୍‌ସ୍ ୱାରିୟରର ଅଧିନାୟକ ସୁଜିତ ମୁଦୁଲି ଅତିଥିଙ୍କଠାରୁ ବିଜେତା କପ ଗ୍ରହଣ କରିଥିଲେ। ଅମ୍ପାୟାର ଭାବେ ରତିକାନ୍ତ ପୁହାଣ, ବିପିନ ଜେନା ଏବଂ ଉମେଶ ଜେନା ଦାୟିତ୍ୱ ତୁଲାଇଥିଲେ। କଳ୍ପତରୁ ଦାସ, ଦେବାଶିଷ ପୁହାଣ, ଚିତ୍ରଭାନୁ ପୁହାଣ ଏବଂ ଫାଲଗୁନୀ ପୁହାଣ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ଡେରାବିଶରେ ଥମୁନି ଡାଇରିଆ ସଂକ୍ରମଣ

- ସ୍ୱାସ୍ଥ୍ୟ ବିଭାଗ ଜାରି ରଖିଛି ସଚେତନତା
- ପାନୀୟ ଜଳ ଯୋଗାଣ ବିଭାଗର ତତ୍ପରତା
- ମୃତକଙ୍କ ପରିବାରକୁ ସାମାଜିକ କର୍ମୀଙ୍କ ସହାୟତା

ଡେରାବିଶ,୧୮।୬ (ବେବର୍ତ୍ତା ଅଜୟ ଦାସ)



ସାମାଜିକ କର୍ମୀ ଗାଁରେ ପହଞ୍ଚି ଝାଡ଼ାବାନ୍ତି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଞ୍ଚଳରେ ଗତ ୫ଦିନ ହେଲା ଡାଇରିଆ ଆତଙ୍କ ଲାଗି ରହିଛି। ବ୍ଲକ ଅଧୀନ ଶ୍ୟାମସୁନ୍ଦର ଗ୍ରାମ ଓ ଏହାର ପଡୋଶୀ ଗ୍ରାମରେ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ବେଳେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ଏଥିପାଇଁ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ସ୍ୱାସ୍ଥ୍ୟ ଟିମ୍ ସଂପୃକ୍ତ ଗ୍ରାମରେ ଗତ ୫ଦିନ ହେବ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଛନ୍ତି। ଡାକ୍ତର ସ୍ମିତା ପ୍ରିୟଦର୍ଶିନୀ, ସ୍ୱାସ୍ଥ୍ୟ କର୍ମଚାରୀ ସୁରେଶ ଚନ୍ଦ୍ର ଦାସ, ଏଏନଏମ୍ ଶୁଭଶ୍ରୀ ପ୍ରିୟଦର୍ଶିନୀ ଲେଙ୍କା, ସ୍ୱାସ୍ଥ୍ୟ ସେବିକା ହେମାଙ୍ଗିନୀ ବେହେରା ଘର ଘର ବୁଲି ଲୋକଙ୍କୁ ସଚେତନ କରିବା ସହ ହାଲୋଜେନ ବଟିକା, ବ୍ଲିଚିଂ ପାଉଡର ଯୋଗାଉଛନ୍ତି । ଗ୍ରାମ୍ୟ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଗ୍ରାମର ଯୁବକମାନଙ୍କୁ ଏକାଠି କରି ଏନେଇ ସଚେତନ କରାଯାଉଛି। ଗ୍ରାମବାସୀଙ୍କ ମଧ୍ୟରେ ଏବେ ବି ଭୟର ବାତାବରଣ ଲାଗି ରହିଛି । ସ୍ୱାସ୍ଥ୍ୟ କର୍ମଚାରୀମାନେ ଦିନରାତି ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି । ଏହି କାର୍ଯ୍ୟରେ ଅଙ୍ଗନୱାଡି କର୍ମୀ ମାନସୀ ମଲିକ, ଆଶା ଦିଦି ପୁଷ୍ପଲତା ଦଣ୍ଡପାଟ ମଧ ସାମିଲ ହୋଇଛନ୍ତି। ବୁଧବାର ଗ୍ରାମର ନୀଳାମ୍ବର ମଲିକଙ୍କୁ ଝାଡ଼ାବାନ୍ତି ହେବାରୁ ଉପସ୍ଥିତ ସ୍ୱାସ୍ଥ୍ୟ କର୍ମୀମାନେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ଏହି ଗ୍ରାମରେ ସାମାଜିକ କର୍ମୀ ପ୍ରଧାପକ ଅଜୟ କୁମାର ରାଉତ ପହଞ୍ଚି ଡାଇରିଆରେ ମରିଥିବା ସଜନୀ ମଲିକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ନାୟକ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ରୁଦ୍ର ପ୍ରକାଶ ସେଠୀ ସଂପୃକ୍ତ ଗ୍ରାମରେ ରହି ଜଳ ବିଶୋଧନ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଯୋଗାଣର ବ୍ୟବସ୍ଥା କରିଛନ୍ତି ।

# ଭାଜପା ପକ୍ଷରୁ ବିକଶିତ ଭାରତ ସଂକଳ୍ପ ସଭା




ବିକଶିତ ଭାରତ ସଂକଳ୍ପ ସଭାରେ ମଞ୍ଚାସୀନ ଭାଜପା ନେତୃବୃନ୍ଦ।

ଆଳି,୧୮।୬ (ବନମାଳୀ ସେନାପତି)

ଆଳି ବ୍ଲକ ସିଙ୍ଗିରିସ୍ଥିତ ଶୁଭମ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଭାଜପା ପକ୍ଷରୁ ବିକଶିତ ଭାରତ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ପତ୍ରପୁର ମଣ୍ଡଳ ସଭାପତି ରମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ୭ ପଞ୍ଚାୟତରୁ ୫ଶହରୁ ଅଧିକ ଦଳୀୟ କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ସଂକଳ୍ପ ନେବା ସହିତ କେନ୍ଦ୍ରରେ ୧୧ ବର୍ଷ ଓ ରାଜ୍ୟରେ ୧ ବର୍ଷ ମଧ୍ୟରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଆଳି ନିର୍ବାଚନ ମଣ୍ଡଳୀ ନେତା କୃଷ୍ଣଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ା ଜିଲା ସଂଯୋଜକ ଭାରତ ଭୂଷଣ ଦାସ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସୁନାକର ବେହେରା, ବରିଷ୍ଠ ନେତା ଅନନ୍ତ ଚରଣ ରଥ ଓ ସିଙ୍ଗିରି ପଞ୍ଚାୟତ ସରପଞ୍ଚ ଅକ୍ଷୟ କୁମାର ଦାସ ଯୋଗଦେଇ ଭାଜପା ଶାସନ ସମୟରେ ବିକଶିତ ଭାରତର ଅମୃତକାଳ, ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ସମ୍ବନ୍ଧରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଦଳ ପକ୍ଷରୁ ଯୁବନେତା ଦେବଜ୍ୟୋତି ଜେନା ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରଞ୍ଜନ ସିଂ, ବରିଷ୍ଠ ନେତା ସୂର୍ଯ୍ୟମଣି ପାତ୍ର, ନରେନ୍ଦ୍ର ମଲିକ, କିଶୋର ସେଠୀ, ରମାକାନ୍ତ ଲେଙ୍କା, ହେମନ୍ତ କୁମାର ବରାଳ, କୁମାର ପ୍ରିୟଦର୍ଶୀ, ଶ୍ରୀଧର ଦାସ, ସୁଶାନ୍ତ କୁମାର ଦାସ, ବିନୋଦ ପ୍ରଧାନ, ତ୍ରୈଲୋକ୍ୟ ବେହେରା, ନିରଞ୍ଜନ କବି, ଜିତେନ୍ଦ୍ର ସେଠୀ, ପ୍ରହଲ୍ଲାଦ ଷଣ୍ଢ, ଅଭୟ ତରାଇ, ପ୍ରମୋଦ ଦାସ, ଅଲେଖ ପ୍ରସାଦ ସାହୁ, ଅମର କୁମାର ରାଉତ, ଅଶୋକ କୁମାର ନାୟକ, ରତ୍ନାକର ମଲିକ, ନିରଞ୍ଜନ ସୱାଇଁ, ସୁନାକର ମଲିକ, ଅନନ୍ତ କିଶୋର ପରିଡ଼ା, ଅଶୋକ କୁମାର ମଲିକ, ଲଳିତ ମୋହନ ନାୟକ, ଶ୍ରୀକାନ୍ତ କୁମାର ଦାସ ଓ ଅଧିକାରୀ ମଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡାଇରିଆ ନିରାକରଣ ପାଇଁ ଆଗୁଆ ପଦକ୍ଷେପ

ରାଜକନିକା,୧୮।୬ (ସଞ୍ଜୟ କୁମାର ଦାଶ)

ଯାଜପୁର ଜିଲାରେ ଡାଇରିଆ ବ୍ୟାପିବା ପରେ ରାଜ୍ୟରେ ଆତଙ୍କ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲାରେ ଡାଇରିଆ ନ ହେବା କିମ୍ବା ନ ବ୍ୟାପିବା ଉଦ୍ଦେଶ୍ୟରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାବ୍ୟାପୀ ସମସ୍ତ ସାସ୍ଥ୍ୟକେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ରରେ ଆଗୁଆ ଡାଇରିଆ ନିରାକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜଙ୍କ ନିର୍ଦ୍ଦେଶରେ ରାଜକନିକାର ବିଭିନ୍ନ ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ରରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏ ନେଇ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବାଦଲ କୁମାର ମହାନ୍ତି କହିଛନ୍ତି, ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀମାନଙ୍କୁ ନେଇ ବ୍ଲକର ବିଭିନ୍ନ ପଞ୍ଚାୟତ ପାଇଁ ଏକାଧିକ ଟିମ୍ ଗଠନ କରାଯାଇ ଡାଇରିଆ କେମିତି ନ ହେବ ବା ନ ବ୍ୟାପିବ ସମସ୍ତ ଦିଗଗୁଡ଼ିକକୁ ଅନୁଧ୍ୟାନ କରାଯାଉଛି । ପ୍ରତି ଘରେ ଓଆରଏସ୍ ଓ ଜିଙ୍କ୍ ବଟିକା ବାଣ୍ଟିବା, ଅଳିଆ ଆବର୍ଜନା ସ୍ଥାନରେ ବ୍ଲିଚିଂ ସାହାଯ୍ୟରେ କ୍ଲୋରିନେଶନ କରାଯିବା, ଖାଇବା ପୂର୍ବ ଓ ପରେ ହାଣ୍ଡୱାସ୍ ସାହାଯ୍ୟର ଭଲଭାବେ ହାତ ସଫା ରଖିବା ଆଦି କରିବା ପାଇଁ ପ୍ରତି ଘରେ ବୁଲିବୁଲି ସଚେତନତା ସୃଷ୍ଟି କରାଯାଉଛି। ଏହାବାଦ୍ ମହିଳା ସ୍ୱାସ୍ଥ୍ୟକର୍ମୀ କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀମାନେ ଡାଇରିଆ ନିୟନ୍ତ୍ରଣ ପାଇଁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାନୀୟ ଜଳ ପାଇଁ ନଦୀ ଓ ପୋଖରୀ ଜଳକୁ ବ୍ୟବହୃତ ନ କରି ନଳକୂପ ପାଣି ପିଇବାକୁ ପରାମର୍ଶ ଦିଆଯାଉଛି। ବିଭିନ୍ନ ସ୍ଥାନରେ ବ୍ଲିଚିଂ ପକାଯିବା ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ବାସି ଖାଦ୍ୟ ବଦଳରେ ଗରମ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଉଛି। ଖାଇବା ପୂର୍ବରୁ ଭଲଭାବେ ହାତ ଧୋଇବାକୁ ବାଧ୍ୟତାମୂଳକ କରାଯାଉଥିବା ବେଳେ, କେମିତି ହ୍ୟାଣ୍ଡୱାସ୍ ସାହାଯ୍ୟରେ କେତେ ସମୟ ହାତ ଧୋଇବେ ସେଥିନେଇ ଲୋକମାନଙ୍କୁ ଡେମୋ ଦେଖାଯାଉଛି । ଖୁବଶୀଘ୍ର ଜିଲା ଫୁଡସେଫ୍ଟି ଅଧିକାରୀ, ବ୍ଲକ ପ୍ରଶାସନ ଓ ପୋଲିସ ପ୍ରଶାସନଙ୍କ ସହଯୋଗରେ ମେଡିକାଲ ଟିମ୍ ବ୍ଲକର ବିଭିନ୍ନ ବଜାରରେ ଥିବା ହୋଟେଲ, ଢ଼ାବା, ଜଳଖିଆ ଦୋକାନ, ଫାଷ୍ଟଫୁଡ ଷ୍ଟଲ ସମେତ ଲସି ଓ ଚା ଦୋକାନରେ ଖାଦ୍ୟ ଓ ପାନୀୟଜଳର ନମୁନା ସଂଗ୍ରହ କରାଯିବା ସହ ଦୋକାନ ଭିତରର ପରିଷ୍କାର ପରିଚ୍ଛନ୍ନତା ଯାଞ୍ଚ କରାଯିବ ବୋଲି ଡାକ୍ତର ମହାନ୍ତି କହିଛନ୍ତି।

# ମକ୍ ଡ୍ରିଲ ବର୍ଜନ ପାଇଁ ଜଣାଇଲା ସରପଞ୍ଚ ସଂଘ



ଆୟୋଜିତ ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ।

ରାଜନଗର,୧୮।୬ (ଭାସ୍କର ରାଉତରାୟ)

ଗୁରୁବାର ଅର୍ଥାତ୍ ଜୁନ୍ ୧୯ରେ ସାରା ରାଜ୍ୟରେ ବାତ୍ୟା ଆସିଲେ ଆମେ କେତେ ପ୍ରସ୍ତୁତ ତାହା ପରଖିବା ପାଇଁ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ମକ୍‌ଡ୍ରିଲ କରାଯିବ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ସରପଞ୍ଚମାନେ ରହିଛନ୍ତି। ହେଲେ ଏହି ମକ୍‌ଡ୍ରିଲକୁ ସରପଞ୍ଚ ସଂଘ ପକ୍ଷରୁ ବର୍ଜନ କରାଯିବ ବୋଲି ବୁଧବାର ଲିଖିତ ଭାବେ ପ୍ରଶାସନକୁ ଜଣାଇ ଦିଆଯାଇଛି। ରାଜନଗର ବ୍ଲକରେ ଥିବା ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକର ମରମତି କାର୍ଯ୍ୟ ସରପଞ୍ଚଙ୍କ ଅଗୋଚରରେ ଯନ୍ତ୍ରୀମାନେ କରୁଥିବାରୁ ଓ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀରେ ଉତ୍ତେଜନାମୂଳକ ସ୍ଥିତି ଥିବାରୁ ସରପଞ୍ଚ ସଂଘ ପକ୍ଷରୁ ଏହି ନିଷ୍ପତି ନିଆଯାଇଥିବା ରାଜନଗର ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି କହିଛନ୍ତି। ଗୁରୁବାର ବାତ୍ୟା ଆଶ୍ରୟସ୍ଥଳରେ ହେବାକୁ ଥିବା ବାତ୍ୟା ପ୍ରସ୍ତୁତି ମକ୍‌ଡ୍ରିଲକୁ ସଫଳ କରିବା ପାଇଁ ବୁଧବାର ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ପ୍ରସ୍ତୁତି ବୈଠକ ଡକାଯାଇଥିଲା। ବୈଠକରେ ଜିପିଓ ଧର୍ମେନ୍ଦ୍ର କୁମାର ଦାଶ, ଅତିରିକ୍ତ ତହସିଲଦାର ସନ୍ଦୀପ ଖାଡଗାଁ, ପୋଲିସ ଏସଆଇ ଓ ୧୦ରୁ୧୨ ଜଣ ସରପଞ୍ଚ ଉପସ୍ଥିତ ଥିଲେ। ହେଲେ ବିଡିଓ, ତହସିଲଦାର ଅନୁପସ୍ଥିତ ଥିଲେ। ବୈଠକ ଆରମ୍ଭରେ ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି ସରପଞ୍ଚମାନେ ବାତ୍ୟା ଆଶ୍ରୟସ୍ଥଳର ସଭାପତି ଅଛନ୍ତି। ବାତ୍ୟା ସମୟରେ ସରପଞ୍ଚ କମିଟି ସଦସ୍ୟମାନଙ୍କ ସହ ମିଶି ବାତ୍ୟା ମୁକାବିଲା ଓ ଉଦ୍ଧାର କାର୍ଯ୍ୟ କରିଥାନ୍ତି। ମାତ୍ର ରାଜନଗର ବ୍ଲକର ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକ ମରାମତି ପାଇଁ ଅର୍ଥ ଆସିଛି ଅତିରିକ୍ତ ଜିଲାପାଳ ରାଜନଗରରେ ପହଞ୍ଚି କମିଟି ଆଶ୍ରୟସ୍ଥଳଗୁଡ଼ିକ ମରାମତି କରିବ ବୋଲି କହିଥିଲେ । ମାତ୍ର ବ୍ଲକର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ମନଇଚ୍ଛା ଠିକାଦାର ନିଯୁକ୍ତି କରି କାମ କରିବା ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ସମାଧାନ ନ ହେବା ଯାଏ ଆସନ୍ତାକାଲି ହେବାକୁ ଥିବା ବାତ୍ୟା ମୁକାବିଲା ମକ୍‌ଡ୍ରିଲକୁ ସରପଞ୍ଚ ସଂଘ ବର୍ଜନ କରୁଛି ବୋଲି କହିବା ସହ ଲିଖିତ ଭାବେ ଜଣାଇ ଦେଇଛନ୍ତି । ଏଥିସହ ଆଗକୁ ଯଦି ପ୍ରଶାସନ ଏପରି କାର୍ଯ୍ୟ ଜାରି ରଖେ ତେବେ ବିଭିନ୍ନ ବୈଠକ ବର୍ଜନ କରିବା ସହ ଅନଶନ କରିବାକୁ ବାଧ ହେବେ ବୋଲି ଲିଖିତ ଭାବେ ବିଡିଓଙ୍କୁ ଜଣାଇଛନ୍ତି। ଏହି ବୈଠକରେ ମହିଂଶାସୁର ସରପଞ୍ଚଙ୍କ ସମେତ ଡେରା, ଭିତରଗଡ, କାଣ୍ଡୀରା, କୁରୁଣ୍ଟି, ଚାନ୍ଦିବାଉଁଶମୂଳ, ଈଶ୍ୱରପୁର, ବ୍ରାହ୍ମଣସାହି, ହାତିନା ସରପଞ୍ଚ ଲିଖିତ ଭାବେ ମକ୍‌ଡ୍ରିଲ ବର୍ଜନ କରିବେ ବୋଲି ଜଣାଇଛନ୍ତି।

# କୁଟୀର ଶିଳ୍ପ ପ୍ରଦର୍ଶନୀ ମେଳା

## ମହିଳା ଓ ଯୁବକଙ୍କୁ ସଶକ୍ତ କରିବା ପାଇଁ ଉଦ୍ୟମ

ପଟ୍ଟାମୁଣ୍ଡାଇ,୧୮।୬ (କଳ୍ପତରୁ ନାୟକ)

ରାଜ୍ୟ ସରକାର ମହିଳା ଯୁବକମାନଙ୍କୁ ସଶକ୍ତ କରିବା ପାଇଁ କୁଟୀର ଶିଳ୍ପ ଓ ମଧ୍ୟମ ଶିଳ୍ପ ମାଧ୍ୟମରେ ରୋଜଗାରକ୍ଷମ କରିବା ଉପରେ ଗୁରୁତ୍ୱ ଦେବା ସହିତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିଛନ୍ତି । ତଦନୁଯାୟୀ ଆକ୍ସନ ଏଡ଼, ମୁକୁଳ ମହାଦେବ ଫାଉଣ୍ଡେଶନ ଓ ଫିନୋଲେକ୍ସ ଇଣ୍ଡଷ୍ଟ୍ରି ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଡାମରପୁରଠାରେ ମହିଳା ଓ ଯୁବକମାନଙ୍କ ସଶକ୍ତ ହେବାର ସ୍ୱପ୍ନକୁ ସାକାର କରିବା ଓ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ଏକ କୁଟୀର ଶିଳ୍ପ ମେଳା ଆୟୋଜନ କରାଯାଇଥିଲା । ଏହି ପ୍ରଦର୍ଶନୀ ଓ ମେଳାକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଉଦଘାଟନ କରି ମହିଳା ଓ ଯୁବକମାନେ ବିଭିନ୍ନ କ୍ଷେତ୍ରରେ ସଶକ୍ତ ହୋଇ ଉପାର୍ଜନକ୍ଷମ ହୋଇପାରିଲେ ଏକ ବିକଶିତ ସମାଜ, ସମୃଦ୍ଧ ରାଜ୍ୟ ଓ ଦେଶ ଗଠନ ହୋଇପାରିବ ବୋଲି କହିଥିଲେ । ଏ ଦିଗରେ ମହିଳା ଓ ଯୁବକମାନେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ଏଥିରେ ଡାମରପୁର ସରପଞ୍ଚଙ୍କ ପ୍ରତିନିଧି ବସନ୍ତ ନାଥ, ସମିତି ସଭ୍ୟା ନିରୁପମା ସାହୁ, ପୂର୍ବତନ ସରପଞ୍ଚ ନୃସିଂହ ସାହୁ, ଆକ୍ସନ ଏଡ଼ ସହକାରୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ ପ୍ରୋଗ୍ରାମ ଲିଡର ଶୁଭେନ୍ଦୁ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କୁଟୀର ଓ ମଧ୍ୟମ ଶିଳ୍ପ ପ୍ରଦର୍ଶନୀ ଓ ମେଳାରେ ବିଭିନ୍ନ ସଂସ୍ଥାର ଷ୍ଟଲ ସହିତ ସ୍ଥାନୀୟ ଉତ୍ପାଦକ ଗୋଷ୍ଠୀର ବିଭିନ୍ନ ସାମଗ୍ରୀର ଷ୍ଟଲ ସ୍ଥାନ ପାଇଥିଲା ।

# ଭାଜପା ପୂର୍ବତନ ବ୍ଲକ ସଭାପତିଙ୍କ ପରଲୋକ

ଆଳି,୧୮।୬ (ବନମାଳୀ ସେନାପତି)



କରୁଣାକର ତ୍ରିପାଠୀ

ଆଳି ନାଗରିକ ମଞ୍ଚର ଉପଦେଷ୍ଟା, ଆଳି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଉପସଭାପତି ତଥା ଭାଜପାର ପୂର୍ବତନ ବ୍ଲକ ସଭାପତି କରୁଣାକର ତ୍ରିପାଠୀଙ୍କ (୭୯) ବୁଧବାର ପରଲୋକ ଘଟିଛି । ଗତ କିଛିଦିନ ହେବ ସେ ଅସୁସ୍ଥ ହୋଇ ଚଣ୍ଡିଗଡ଼ରେ ଚିକିତ୍ସାଧୀନ ଥିଲେ । ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ । ତାଙ୍କ ପରଲୋକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କଂଗ୍ରେସ ନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା, ବ୍ରଜ ସୁନ୍ଦର ଭୂୟାଁ, ପୂର୍ବତନ ବିଧାୟକ ଦୋଳ ଗୋବିନ୍ଦ ନାୟକ, ବୈକୁଣ୍ଠ ପରିଡା, ରଶ୍ମି ରଞ୍ଜନ ବେହୁରା, ଆଶାଲତା ପଟ୍ଟନାୟକ, ମହୁ ସରପଞ୍ଚ ମହେଶ୍ୱର ତ୍ରିପାଠୀ, ପୂର୍ବତନ ସରପଞ୍ଚ ରତ୍ନାକର ପାତ୍ର, ଆଳି ନାଗରିକ ମଞ୍ଚ ପକ୍ଷରୁ ଧନେଶ୍ୱର ରାଉତ, ସହଦେବ ସିଂ, ଗୋବିନ୍ଦ ନନ୍ଦ, ଅକ୍ଷୟ ମଲିକ, ରାଧାକାନ୍ତ ବିଶ୍ୱାଳଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତ ତ୍ରିପାଠୀଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି ।

# ବଉଳଯୋଡ଼ିରେ ଗୋଷ୍ଠୀ ସଂଘର୍ଷ

## ସ୍ଥିତି ପରଖିଲେ ଜିଲା ଆରକ୍ଷୀ ଅଧୀକ୍ଷକ

ଆଳି,୧୮।୬ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ବଉଳଯୋଡିଠାରେ ଗତ ମଙ୍ଗଳବାର ସନ୍ଧ୍ୟାରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ନେଇ ଆଳି ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି। ଘଟଣାର ସ୍ଥିତିକୁ ଲକ୍ଷ୍ୟ କରି କେନ୍ଦ୍ରାପଡ଼ା ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ବୁଧବାର ଅପରାହ୍ନରେ ଆଳି ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ବଉଳଯୋଡି ଗ୍ରାମକୁ ଯାଇ ଗୋଷ୍ଠୀ ସଂଘର୍ଷ ଘଟିଥିବା ସ୍ଥାନରେ ପହଞ୍ଚି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି । ଏ ନେଇ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଛନ୍ତି ଯେ ଏହି ଗୋଷ୍ଠୀ ସଂଘର୍ଷ କେଉଁ କାରଣରୁ ଘଟିଛି ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଘଟଣାର ତଦନ୍ତ ଚାଲିଛି । ଆଳି ଥାନାରେ ୨ଟି ମାମଲା (ନଂ .୨୦୯ ଓ ନଂ. ୨୧୦) ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

# ପୁରାତନ ଛାତ୍ର ସଂସଦର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର

କେନ୍ଦ୍ରାପଡ଼ା,୧୮।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ମଣ୍ଡଳୀ ଜିଲା ପ୍ରଦକ୍ଷଣ ଭବନରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ବୁଧବାର ଭେଟି କଲେଜ ଜମିର ସୁରକ୍ଷା ଓ କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ସୂର୍ଯ୍ୟବଂଶୀ ରାଜ୍ୟ ସରକାର ପ୍ରଥମେ ଏହି କଲେଜକୁ ସରକାରୀ ଶିକ୍ଷାନୁଷ୍ଠାନରେ ପରିଣତ କରିବେ ବୋଲି ଆଲୋଚନା ସମୟରେ ପ୍ରକାଶ କରିଥିଲେ। ଛାତ୍ର ସଂସଦର ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ାଙ୍କ ପରାମର୍ଶ କ୍ରମେ ସମ୍ପାଦକ ଡ. ପ୍ରମୋଦ କୁମାର ଦାସ ଓ କାର୍ଯ୍ୟକାରିଣୀ ସଭ୍ୟ ଚିତ୍ତରଞ୍ଜନ ଦାସ ଏହି ପ୍ରତିନିଧି ମଣ୍ଡଳୀରେ ଯାଇ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଭେଟିଥିଲେ।

# ଭାଜପାର ଏକ ବର୍ଷରେ ପ୍ରତାରଣା ଅନେକ

## ମୁହଁ ଖୋଲିଲେ ଜିଲା କଂଗ୍ରେସ ନେତା

କେନ୍ଦ୍ରାପଡ଼ା, ୧୮।୬ (ଜଗନ୍ନାଥ ଧଳ)

ଭାଜପା ପ୍ରଚାର ସର୍ବସ୍ୱ ହୋଇପଡିଛି। କେନ୍ଦ୍ର ସରକାର ଗଣମାଧ୍ୟମରେ ଅସତ୍ୟ ବିଜ୍ଞାପନ ପ୍ରକାଶ କରି ଚାଲିଥିବା ବେଳେ ରାଜ୍ୟରେ ମୋହନ ସରକାରଙ୍କ ପ୍ରତିଶ୍ରୁତିଗୁଡ଼ିକ ଗତ ବର୍ଷକ ମଧ୍ୟରେ ପ୍ରତାରଣା ଦେଇ ଚାଲିଛି। ଏନେଇ ଉଦାହରଣ ଦେଇ କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ପକ୍ଷରୁ ସହରର କଜଳାସ୍ଥିତ କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତାମାନେ ଶାସକ ଦଳକୁ ସମାଲୋଚନା କରିଥିଲେ। ଜିଲା ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବରିଷ୍ଠ ନେତା ଅନନ୍ତ ନାରାୟଣ ସେଠୀ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟିକା ସିପ୍ରା ମଲିକ, କର୍ମକର୍ତ୍ତା ଦେବସ୍ମିତା ଶର୍ମା, ସଞ୍ଜୟ ରାଉତ, ଫକୀର ମୋହନ ଖଟୁଆ, ବିଧୁଭୂଷଣ ମହାପାତ୍ର ଯୋଗ ଦେଇଥିଲେ । ସେମାନେ କହିଥିଲେ ଭାଜପା ସରକାର ସର୍ବଦା ମିଛ କହି ସାଧାରଣ ଜନତାଙ୍କୁ ଭ୍ରମିତ କରି ଆସିଛନ୍ତି। ଦୁର୍ନୀତିର ଶେଷ ସୀମା ଲଂଘିଛି। ଏପରିକି ଏହି ସରକାରରେ ଇଡି ଅଫିସର ଦୁର୍ନୀତିରେ ବନ୍ଧା ହୋଇଛନ୍ତି। ନାରୀ ସୁରକ୍ଷା ଏବେ ଏକ ସ୍ଲୋଗାନ ପାଲଟିଛି। ନିକଟରେ ଗୋପାଳପୁରଠାରେ ମହିଳାଙ୍କ ବଳାତ୍କାର ଘଟଣା ଜନମାନସରେ ନାରୀ ସୁରକ୍ଷା ସ୍ଲୋଗାନର ବିପରୀତ ପ୍ରତିକ୍ରୀୟା ଦେଖିଛନ୍ତି। କୃଷକଙ୍କ ଫସଲର ମୂଲ୍ୟ ଦେବାକୁ କହି କୁଇଣ୍ଟାଲ ପିଛା ପ୍ରାୟ ୮ରୁ ୧୦ କେଜି କଟନୀଛଟନୀ କରିଛନ୍ତି। ସେହିପରି ଜମାକାରୀଙ୍କ ଟଙ୍କା ଫେରାଇବା, ରତ୍ନଭଣ୍ଡାର ଖୋଲି ଗଣତି ମଣତି କରିବା, ମେଡିକାଲ, ଇଞ୍ଜିନିୟରିଂ କଲେଜ ଖୋଲିବା ଆଦି କେବଳ ପ୍ରତିଶ୍ରୁତି ପାଲଟିଛି। ଦେଶ ସୁରକ୍ଷା ହେଉ ଅଥବା ଭତ୍ତା ପ୍ରଦାନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରର ବିଫଳତା ସ୍ପଷ୍ଟ ହୋଇଛି। ୩୦୦ ୟୁନିଟ ବିଦ୍ୟୁତ ମାଗଣାରେ ପ୍ରଦାନ ଏକ ପ୍ରତାରଣା ବୋଲି କହି କଂଗ୍ରେସ ନେତାମାନେ ସମାଲୋଚନା କରିଥିଲେ।




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

# ଲୋକଙ୍କ ଦୁଆରରେ ପହଞ୍ଚୁଛି ପ୍ରଶାସନ

## ଜିଲାସ୍ତରୀୟ ବିକାଶ ମେଳା

କେନ୍ଦ୍ରାପଡ଼ା,୧୮।୬ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଇଚ୍ଛାପୁର ମାଉସୀମା ମନ୍ଦିର ନିକଟରେ ରାଜ୍ୟ ସରକାରଙ୍କ ୧ ବର୍ଷ ପାଳନ ଅବସରରେ ଗତ ୧୨ ତାରିଖରୁ ବିକାଶ ମେଳା ଆୟୋଜିତ ହୋଇଆସୁଛି। ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ବକାଶ ମେଳା ସହ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ବିକଶିତ ଓଡ଼ିଶା ଓ ବିକଶିତ କେନ୍ଦ୍ରାପଡ଼ା ଜିଲା ଗଠନରେ ସରକାରର ଆଭିମୁଖ୍ୟ ଓ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସେ କହିଲେ, ମୋହନ ସରକାରଙ୍କ ଦ୍ୱାରା ବିକାଶର ଧାରା ଆରମ୍ଭ ହୋଇସାରିଛି। କୌଣସି ପରିସ୍ଥିତିରେ କେହି ଏହାକୁ ରୋକିପାରିବେ ନାହିଁ। ଲୋକଙ୍କ ଦ୍ୱାରରେ ପ୍ରଶାସନିକ ସେବା ପହଞ୍ଚୁଛି। ଲୋକ ପ୍ରତିନିଧି ଏବେ ତୃଣମୂଳସ୍ତରରେ ପହଞ୍ଚି ସମସ୍ୟାର ସମାଧାନ କରୁଛନ୍ତି। ଗୋଟିଏ ବର୍ଷ ମଧ୍ୟରେ ସାଧାରଣ ଜନତାଙ୍କ ନିକଟରେ ଉପଲବ୍ଧି ଅନେକ ହୋଇଛି। ମହିଳା ଶକ୍ତିକୁ ଗୁରୁତ୍ୱ ଦିଆଯାଇ ପ୍ରତିଶ୍ରୁତି ମୁତାବକ ସୁଭଦ୍ରା ଯୋଜନା ଆରମ୍ଭ ହୋଇଛି। କୃଷକଙ୍କ ଫସଲର ଉପଯୁକ୍ତ ମୂଲ୍ୟାୟନ ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଧାନର ଏମ୍ଏସ୍‌ପି ମୂଲ୍ୟ ସହ ୮୦୦ ଟଙ୍କା ପ୍ରୋତ୍ସାହନ ଅର୍ଥ ରାଶି ପ୍ରଦାନ କରାଯାଇ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପାଉଛନ୍ତି। ଲକ୍ଷପତି ଦିଦି ସୃଷ୍ଟିରେ କେନ୍ଦ୍ରାପଡ଼ା ଜିଲା ଦ୍ୱିତୀୟ ସ୍ଥାନରେ ଅଛି। ପୂର୍ବ ସରକାରରେ ଯୋଗ୍ୟ ହିତାଧିକାରୀଙ୍କ ଆବାସ ଗୃହ ପ୍ରଦାନରେ ଚଞ୍ଚକତା କରାଯାଇଥିଲା। ଏପରିକି ହିତାଧିକାରୀଙ୍କ ଆବାସ ଗୃହର ଅର୍ଥ ହଡପ ହୋଇଥିଲା। ଏବେ ସେମାନଙ୍କ ଅନ୍ତ୍ୟୋଦୟ ଆବାସ ଯୋଜନାରେ ସାମିଲ କରାଯାଇ ରହିବା ପାଇଁ ଗୃହ ଯୋଗାଇ ଦିଆଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାର ବିକଶିତ ଦେଶ ଓ ରାଜ୍ୟର ସ୍ୱପ୍ନ ଦେଖିଛନ୍ତି। ଏହାର ଅନୁରୂପ ଯୋଜନା ପ୍ରଣୟନ କରି କାର୍ଯ୍ୟକାରିତାକୁ ତୃଣମୂଳସ୍ତରରେ ପହଞ୍ଚାଇଛନ୍ତି। ବିକଶିତ ରାଜ୍ୟ ଓ ଦେଶର ସ୍ୱପ୍ନ ବିକଶିତ ଜିଲା ହିଁ ପୂରଣ କରିପାରିବ। କେନ୍ଦ୍ରାପଡ଼ା ଜିଲାରେ ବିକାଶ କାର୍ଯ୍ୟ ଧୀମା ଅଛି। ଦ୍ୱିତୀୟ ବର୍ଷର ପ୍ରଥମ ଭାଗରେ ଜିଲାବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖାଯାଇ ବିକାଶର ରୂପରେଖ ପ୍ରସ୍ତୁତ ହେବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଥିଲେ।



ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଜଣେ ଭିନ୍ନକ୍ଷମ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଯୋଗ ଦେଇ ଗୋଟିଏ ବର୍ଷ ମଧ୍ୟରେ ଉନ୍ନୟନ କାର୍ଯ୍ୟ ଉପଲବ୍ଧି ସମ୍ପର୍କରେ ମତ ରଖିଥିବା ବେଳେ ନିର୍ବାଚନ ମଣ୍ଡଳୀ ଉନ୍ନୟନ କାର୍ଯ୍ୟର ଶ୍ୱେତପତ୍ର ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ର ପାଇଁ ଚୟନ କରା ଯାଇଥିବା ବ୍ୟକ୍ତିଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରାଯାଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଏଡିଏମ୍ ରବିନ୍ଦ୍ର ମଲିକ, ଉପଜିଲାପାଳ ଅରୁଣ କୁମାର ନାୟକ, ଏମ୍‌ପିଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଡେରାବିଶ ବ୍ଲକ ଉଦୟନଗରସ୍ଥ ସଂସ୍କୃତି ଭବନ ଠାରେ ଜିଲା ପ୍ରଶାସନ ପକ୍ଷରୁ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲା ସମ୍ପର୍କରେ କର୍ମଶାଳା ଆୟୋଜନ ହୋଇଥିଲା। ଏଥିରେ ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ସହ ପ୍ରଶାସନିକ ଅଧିକାରୀମାନେ ଆଲୋଚକ ଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ପାତ୍ରପୁର, ୧୮।୬ (ଉମା ଚରଣ ନେପାକ)

ପାତ୍ରପୁର ଗ୍ରାମ ସାଗର ବ୍ରାହ୍ମଣ ସାହିର ଅଲେଖ ନାୟକ (୬୮) ନାମକ ଜଣେ ବୃଦ୍ଧ ପାତ୍ରପୁର ଗୋପାଳ ବନ୍ଧରେ ବୁଡ଼ି ବୁଧବାର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଅଲେଖ ସବୁଦିନ ପରି ସକାଳେ ଗୋପାଳ ବନ୍ଧରେ ଗାଧୋଇବା ପାଇଁ ଯାଇଥିଲି। ସେଠାରେ ତାଙ୍କର ହଠାତ୍ ଗୋଡ଼ ଖସିଯିବାରୁ ପାଣି ଭିତରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ବନ୍ଧରେ ମୃତଦେହ ଭାଶୁଥିବା ଦେଖି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବୃଦ୍ଧଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବର ପାଇ ପାତ୍ରପୁର ମେଡ଼ିକାଲରେ ଜରଡା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଛି।

### ବିପର୍ଯ୍ୟୟ ପରିଚାଳନା ମକ୍ଡ୍ରିଲ

ଦାରିଙ୍ଗବାଡି, ୧୮।୬ (ଅରୁଣ ସାହୁ)

ଦାରିଙ୍ଗବାଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରେ ବୁଧବାର ପ୍ରଶାସନ ପକ୍ଷରୁ ମକ୍ଡ୍ରିଲ୍ କରାଯାଇଛି। ବିପତ୍ତି ସମୟରେ କିଭଳି ଭାବରେ ଧନ ଜୀବନ ଉଦ୍ଧାର କରାଯିବ ସେନେଇ ଅଗ୍ନିଶମ ଅଧିକାରୀ ମାନେ ଶିଖାଇଥିଲେ। ସେହିପରି ରନ୍ଧନ ଗ୍ୟାସରେ ଅଚାନକ ନିଆଁ ଲାଗିଲେ ମହିଳା ମାନେ ଭୟଭୀତ ନ ହୋଇ ତାକୁ ଲିଭାଇ ପାରିବେ ସେ କୌଶଳକୁ ଅଭ୍ୟାସ କରାଇଥିଲେ। ବିପତ୍ତି ଘଟିଲେ ଅଗ୍ନିଶମ ବିଭାଗକୁ କିପରି ସୂଚନା ଦେବେ ସେ ନେଇ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିବା ବେଳେ ତହସିଲଦାର ଧୀରୋଜ ପାତ୍ର, ଏପିଓ କେଦାର ଚନ୍ଦ୍ର ପଣ୍ଡା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁରେଶ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ଧବଳେଶ୍ୱର ପ୍ରଧାନ ଓ ତାଙ୍କ ଦଳ ଏହି ମକ୍ଡ୍ରିଲ କରାଇଥିଲେ।

### ଚୁଲିରେ ପଡ଼ି ମହିଳା ଗୁରୁତର

ମୋହନା, ୧୮।୬ (ମନ୍ମଥ ମିଶ୍ର)

ଅଡବା ଥାନା ଡେଙ୍ଗାସଖାଲ ଗାଁରେ ଘରେ ରୋଷେଇ କରୁଥିବା ବେଳେ ଚୁଲିରେ ପଡି ଜଣେ ମହିଳା ଗୁରୁତର ହୋଇଛନ୍ତି । ସେ ହେଲେ ମଞ୍ଜୁଳା ମଲିକ । ପରିବାରଲୋକ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ପ୍ରକାରେ ବୁଧବାର ସକାଳେ ଘରେ କେହି ନ ଥିବା ବେଳେ ଡେଙ୍ଗାସଖାଲ ଗ୍ରାମର ମଞ୍ଜୁଳା ମଲିକ ଘରେ ରୋଷେଇ କରୁଥିଲେ । ଏହି ସମୟରେ ମୁଣ୍ଡ ବୁଲାଇବା ଯୋଗୁ ସେ ଅଚାନକ ନିଆଁରେ ମୁହଁ ମାଡି ପଡିଯାଇଥିଲେ । ଚିତ୍କାର ଶୁଣି ପରିବାର ଲୋକେ ଆସି ତାଙ୍କୁ ଉଦ୍ଧାର କରିଥିଲେ ।

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ୩ କୋର୍ଟଚାଲାଣ

ବେଲଗୁଣ୍ଠା, ୧୮।୬ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଅତର୍କିତ ଭାବେ ସଂଘବଦ୍ଧ ଆକ୍ରମଣ କରିବା ମାମଲାରେ ବୁଧବାର ୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଗାଙ୍ଗପୁର ଥାନାଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ, ରବିବାର ସକାଳେ ଗାଙ୍ଗପୁର ଥାନା ଅନ୍ତର୍ଗତ କ୍ଷତ୍ରିୟବରପୁର ଗ୍ରାମର ଶିବ ଶଙ୍କର ସେଠୀ, ସତ୍ୟଜିତ୍ ପାଣିଗ୍ରାହୀ, ସନ୍ତୋଷ ସାହୁ, ଦୀପକ ସାହୁ ଏବଂ ଲୁଣିପଡ଼ା ଗ୍ରାମର ଜିଲୁ ଗୌଡ଼ ବିଞ୍ଚଣା ଗଡ଼ାଣି ନିକଟସ୍ଥ କାଜୁ ତୋଟାରେ ମଦ୍ୟପାନ କରୁଥିଲେ। ମଦ୍ୟପାନ ପରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାସହ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସତ୍ୟଜିତ୍, ସନ୍ତୋଷ, ଦୀପକ ଏବଂ ଜିଲୁ ସଂଘବଦ୍ଧ ଭାବେ ଏକ କାତିରେ ଶିବ ଶଙ୍କରକୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏଥିରେ ଶିବ ଶଙ୍କରର ଡ଼ାହାଣ ହାତରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହେବା ପରେ ସେ ନିଜ ଜୀବନ ବଞ୍ଚାଇବା ପାଇଁ ମୁଖ୍ୟ ସଡ଼କ ପାର୍ଶ୍ୱକୁ ଦୌଡ଼ି ଆସିଥିଲା। ସ୍ଥାନୀୟ ଲୋକ ଏବଂ ପୋଲିସ୍‌ର ସହାୟତାରେ ଶିବ ଶଙ୍କରକୁ ପ୍ରଥମେ ଭଞ୍ଜନଗର ମେଡିକାଲ୍ ଏବଂ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌କୁ ପଠାଇ ଦିଆଯାଇଥିଲା। ଏନେଇ ଗାଙ୍ଗପୁର ଥାନା ଏସ୍‌ଆଇ ଆର୍ତ୍ତତ୍ରାଣ ଦାନୀଙ୍କ ରିପୋର୍ଟ ପ୍ରକାରେ ଥାନାରେ ୪୧୮/୨୫ ରେ ଏକ ମାମଲା ରୁଜୁ କରାଯିବା ସହିତ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅଜୟ ମଲ୍ଲିକ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ।

# ଶାଗମାଛ ଦରରେ ବିକ୍ରି ହେଉଛି ଗଜପତି ସପୁରି

ପାରଳାଖେମୁଣ୍ଡି, ୧୮।୬ (ଗିରିଧାରୀ ପରିଚ୍ଛା)

**କୃଷକ ବଜାର ମାଧ୍ୟମରେ ଉପଯୁକ୍ତ ମୂଲ୍ୟ ବ୍ୟବସ୍ଥା ପାଇଁ ଦାବି**



ଗଜପତି ଜିଲାର ବିଭିନ୍ନ ବ୍ଲକ୍‌ରେ ଉତ୍ପାଦିତ ଫଳ ଉପରେ ରାଜ୍ୟ ଓ ରାଜ୍ୟ ବାହାର ବ୍ୟବସାୟୀଙ୍କ ଆଦର ରହିଛି। ବିଶେଷକରି ଆମ୍ବ, ପଣସ, ସପୁରି, କମଳା, ତେନ୍ତୁଳି ଓ କାଜୁ ସଂଗ୍ରହ ଋତୁ ଆସିଲେ ପାରଳା ସମେତ ଆଖପାଖ ଗ୍ରାମାଞ୍ଚଳରେ ବ୍ୟବସାୟୀଙ୍କ ଭିଡ଼ ଜମେ। ତେବେ ଶୀତଳ ଭଣ୍ଡାରର ଅଭାବ ଯୋଗୁ ଉତ୍ପାଦିତ ଫଳ ଗୁଡ଼ିକୁ କମ ଦରରେ ବାହାର ବ୍ୟବସାୟୀଙ୍କ ହାତରେ ଚାଷୀମାନେ ଟେକି ଦେଉଛନ୍ତି। ବର୍ତ୍ତମାନ ଗଜପତି ଜିଲାରେ ସପୁରୀ ଉତ୍ପାଦନ ବହୁଳ ମାତ୍ରାରେ ହେଉଛି। ଜିରାଙ୍ଗ, ମଣ୍ଡଳସାହି, ରାମଗିରି, ଲିଙ୍ଗା, ବଡ଼କଲାକୋଟ, ତରଙ୍ଗଡ଼ା, ଆଶ୍ରୟଗଡ଼ ସେରଙ୍ଗ ଅଞ୍ଚଳରେ ଅଧିକାଂଶ ପରିମାଣରେ ସପୁରି ଉତ୍ପାଦିତ ହେଉଥିଲେ ହେଁ ସେଗୁଡ଼ିକର ବିକ୍ରୟ ପାଇଁ ସଠିକ ବଜାର ନାହିଁ। କଇଁପୁର ଅଞ୍ଚଳରେ ଗୋଟିଏ ସପୁରି ପ୍ରୋସେସିଂ ୟୁନିଟ ସରକାରଙ୍କ ଦ୍ୱାରା ଖୋଲାଯାଇଛି। ହେଲେ, ଗୁମ୍ମା କିମ୍ବା ଅନ୍ୟାନ୍ୟ ଅଞ୍ଚଳରେ ସେଭଳି କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନାହିଁ। ଜିଲାରେ ଗୋଟିଏ ସପୁରୀକୁ ୮ ରୁ ୧୦ ଟଙ୍କା ମଧ୍ୟରେ ବିକ୍ରି କରୁଛି। ଯେଉଁ ବ୍ୟବସାୟୀମାନେ ଏହାକୁ ନେଉଛନ୍ତି ସେମାନେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା ସାହୁକାର ମାନଙ୍କୁ ୨୦ ଟଙ୍କାରେ ଦେଉଛନ୍ତି। ସେହିଭଳି, ଗଜପତି ଜିଲାରେ ଉତ୍ପାଦିତ ସପୁରି ରାଜ୍ୟର ବଲାଙ୍ଗୀର, ସମ୍ବଲପୁର, ଭବାନୀପାଟଣା, ବ୍ରହ୍ମପୁର, କଟକ, ବାଲେଶ୍ୱର ଓ ଭଦ୍ରକ ଅଞ୍ଚଳକୁ ଯାଉଥିବା ବେଳେ କୋଲକାତା, ରାଇପୁର, ଝାଡ଼ଖଣ୍ଡ ଏବଂ ଉତ୍ତର ଭାରତକୁ ମଧ୍ୟ ପଠାଯାଉଛି। ଏନେଇ ଚାଷୀଙ୍କ ସହ ଆଲୋଚନା ବେଳେ ସେମାନେ କହିଥିଲେ ଯେ ସପୁରି ସହ ଅନ୍ୟ ଫଳ ଗୁଡ଼ିକର ଉପଯୁକ୍ତ ଦର ପାଇବାକୁ ହେଲେ ପାରଳାରେ ଏକ କୃଷକ ବଜାର ସ୍ଥାପନ କରିବାକୁ ହେବ। ଯାହାଦ୍ୱାରା ଚାଷୀମାନେ ସିଧାସଳଖ ନିଜର ଉତ୍ପାଦିତ ଫଳ ବିକ୍ରି କରି ଉପଯୁକ୍ତ ପାଉଣା ପାଆନ୍ତେ। ପୂର୍ବ ସରକାର ଅମଳରେ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ସେଭଳି କୌଣସି ବ୍ୟବସ୍ଥା କରାଯାଇ ନ ଥିବା ବେଳେ ଉଦ୍ୟାନ ବିଭାଗ ମଧ୍ୟ ଏଠାକାର ଉତ୍ପାଦିତ ଫଳରୁ କିପରି ଚାଷୀ ଲାଭ ପାଇବେ ତାର ମାର୍ଗ ଦେଖାଇବା ପାଇଁ ପ୍ରୟାସ କରି ନାହାନ୍ତି। ବର୍ତ୍ତମାନ ରାଜ୍ୟରେ ନୂତନ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏଠାରେ ଯଥାଶୀଘ୍ର ଏକ ଶୀତଳ ଭଣ୍ଡାର ଏବଂ କୃଷକ ବଜାର ସ୍ଥାପନ ନିମନ୍ତେ ଦୃଷ୍ଟି ଦିଅନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

# ୧୮ ଉନ୍ନୟନ କାର୍ଯ୍ୟର ଶିଳାନ୍ୟାସ କଲେ ମନ୍ତ୍ରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟ ଅତିଥି ।

ବୁଗୁଡ଼ା, ୧୮।୬ (କାଳିଚରଣ ଦାଶ)

ଭାଜପା ସରକାରର ଏକ ବର୍ଷ ପୂର୍ତ୍ତି ଅବସରରେ ବୁଗୁଡ଼ା ବଡ଼ଦାଣ୍ଡ ବିରଞ୍ଚିନାରାୟଣ କଲ୍ୟାଣ ମଣ୍ଡପଠାରେ ବିକାଶମେଳା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳା ନନ୍ଦ ମଲିକ ଯୋଗଦେଇ ରାଜ୍ୟକୁ ପ୍ରଗତିର ନୂତନ ଶିଖରରେ ପହଞ୍ଚାଇବା ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୧ ବର୍ଷର ସେବା, ସମର୍ପଣ ଏବଂ ଗରିବ କଲ୍ୟାଣ ଯୋଜନା ଲାଗୁ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଥିଲେ। ମହିଳା ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନା, ଆତ୍ମନିର୍ଭର କୃଷକ ପାଇଁ ଧାନର ସହାୟକ ମୂଲ୍ୟରେ ବୃଦ୍ଧି, ଓଡ଼ିଆ ଐତିହ୍ୟ ଓ ସଂସ୍କୃତି ପାଇଁ ଶ୍ରୀଜଗନ୍ନାଥ ମନ୍ଦିରର ଚାରି ଦ୍ୱାର ଖୋଲିବା ଏବଂ ଶ୍ରୀମନ୍ଦିର ଓ ଓଡ଼ିଆ ଅସ୍ମିତା ପାଇଁ କର୍ପସ୍ ଫଣ୍ଡ ଭଳି କାର୍ଯ୍ୟ ପ୍ରଥମ ଦିନରୁ ଆଜିର ସରକାର

**■ବିକାଶ ମେଳା ଉଦ୍‌ଘାଟିତ**

କରିଛି। ଏହା ପରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ଆୟୁଷ୍ମାନ ଯୋଜନା, ମାଧୋ ସିଂ ହାତ ଖର୍ଚ୍ଚ ଭଳି ଅନେକ ଯୋଜନାକୁ ଓଡ଼ିଶା ସରକାର ପ୍ରଣୟନ କରିଥିବା ଅନ୍ତ୍ୟୋଦୟ ଯୋଜନା ଅସହାୟଙ୍କ ସାହାରା ସାଜିଥିବା ଏବଂ ଗୋପାଳନ ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ବିଶେଷ ସୁବିଧା ରହିଥିବା କହିଥିଲେ। ଏହି ଅବସରରେ ମନ୍ତ୍ରୀ ବିକାଶ ବାହନ ରଥର ଉଦ୍‌ଘାଟନ କରିବା ସହ ବୁଗୁଡ଼ାର ବିଭିନ୍ନ ୱାର୍ଡରେ ରାସ୍ତା, ଡ୍ରେନ, ଗୃହ ଆଦି ୧୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଓଏସଡି ପ୍ରତାପ ଚନ୍ଦ୍ର ପ୍ରଧାନ, ଏନଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ସିଡିପିଓ ବବିତା ପଣ୍ଡା ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ବହୁ କାଉନସିଲର, ଦଳୀୟ ନେତା, କାର୍ଯ୍ୟକର୍ତ୍ତା, କର୍ମୀ, ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ।

# ବିଭିନ୍ନ ସମସ୍ୟାକୁ ନେଇ ରାସ୍ତା ଅବରୋଧ

ଦାରିଙ୍ଗବାଡ଼ି, ୧୮।୬ (ଅରୁଣ ସାହୁ)

**ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ଲୋକେ**



ଦାରିଙ୍ଗବାଡି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ଗଦାପୁର ପଞ୍ଚାୟତରେ ମଙ୍ଗଳବାର ନାଳରେ ବୁଡ଼ି ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ବୁଧବାର ଗଦାପୁରରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଉକ୍ତ ଅଞ୍ଚଳର ବୃଦ୍ଧା ଶାନ୍ତି ବଳିୟାର ସିଂ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିଲେ। ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି ପରେ ସ୍ଥାନୀୟ ନାଳରୁ ଉଦ୍ଧାର କରି ଗଦାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଫର୍ମାସିଷ୍ଟ କିମ୍ବା ଡାକ୍ତର କେହି ନ ଥିବା ବେଳେ ତାଲା ଝୁଲୁଥିଲା। ଫଳରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାସହ ମୃତଦେହ ବ୍ୟବଚ୍ଛେଦ ମଧ୍ୟ ହୋଇପାରି ନ ଥିଲା। ମୃତଦେହକୁ ଗଦାପୁରରୁ ବ୍ରାହ୍ମଣୀଗାଁ ଓ ସେଠାରୁ ପୁଣି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇ ବୁଧବାର ବ୍ୟବଚ୍ଛେଦ କରାଯାଇଥିଲା। ଏହାକୁ ନେଇ ଗଦାପୁର ଅଞ୍ଚଳରେ ଉତ୍ତେଜନା ଦେଖାଯିବ ସହ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ସହ ଡାକ୍ତର ନିୟମିତ ଡ୍ୟୁଟି କରୁ ନ ଥିବା ସହ ଗଦାପୁର ଅଞ୍ଚଳରେ ପାଣିର ସମସ୍ୟା ମଧ୍ୟ ଲାଗିରହିଛି। ଯଦିପାଣି ଥାଆନ୍ତା ତେବେ ବୃଦ୍ଧା ଜଣକ କାହିଁକି ନାଳକୁ ଗାଧୋଇବାକୁ ଯାଇ ମୃତ୍ୟୁ ହୋଇ ଥାଆନ୍ତା ବୋଲି ଅଭିଯୋଗ ହୋଇଛି। ଏହାକୁ ନେଇ ବୁଧବାର ଶତାଧିକ ଲୋକ ଗଦାପୁର ବଜାର ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗାଡିମୋଟରକୁ ଅଟକ ରଖିଥିଲେ। ପରେ ଘଟଣା ସ୍ଥଳରେ ଦାରିଙ୍ଗବାଡିବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କ ପ୍ରତିନିଧି ଅଭିଷେକ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ, ବ୍ରାହ୍ମଣୀଗାଁ ଆଇଆଇସି ବିଜୟ ହାଇବ୍ରୁ, ସବଇନ୍ସପେକ୍ଟର ଅମରେନ୍ଦ୍ର ସୁବୁଦ୍ଧି ସଦଳବଳ ଗଦାପୁରରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଆନ୍ଦୋଳନରୁ ଓହରିଥିଲେ।

## ତ୍ରୟୋଦଶ ଦିବସରେ ଠାକୁରାଣୀ ଯାତ୍ରା

ଗଞ୍ଜାମ, ୧୮।୬ (ବିଦ୍ୟାଧର ସାହୁ)

ଗଞ୍ଜାମ ସହର ନିକଟସ୍ଥ ଅଗସ୍ତି ନୂଆଗାଁ ଠାକୁରାଣୀ ଯାତ୍ରା ତ୍ରୟୋଦଶ ଦିବସରେ ପହଞ୍ଚିଛି। ଏହି ଉପଲକ୍ଷେ ଗ୍ରାମର ମା' ବୁଢ଼ୀ ଠାକୁରାଣୀ ଯୁବ ନାଟ୍ୟ ସାଂସଦ ପକ୍ଷରୁ ମଙ୍ଗଳବାର ସାମାଜିକ ନାଟକ ସ୍ୱାମୀମାନେ ସାବଧାନ ମଞ୍ଚସ୍ଥ ହୋଇଥିଲା। ସ୍ୱାମୀ ସ୍ତ୍ରୀର ପବିତ୍ର ସମ୍ପର୍କରେ କିଭଳି ତୃତୀୟ ବ୍ୟକ୍ତି ମିଶି ଫାଟ ସୃଷ୍ଟି କରୁଛି ତାହା ନାଟକ ମାଧ୍ୟମରେ ସଚେତନତା କରିଥିଲେ ଗ୍ରାମର ଉତ୍ସାହି କଳାକାର। ନାଟ୍ୟ ନିର୍ଦ୍ଦେଶକ ଡ଼ ଗୌରି ଶଙ୍କର ଶତପଥୀ ନିର୍ଦ୍ଦେଶନା ଦେଇଥିଲେ। ଗ୍ରାମର ଉତ୍ସାହି ଯୁବକ ଅକ୍ଷୟ ସ୍ୱାଇଁ, ନିବାସୀ ଗୌଡ଼, ଗୁରେନ୍ଦ୍ର ନାହାକ, ଆନନ୍ଦ ପଣ୍ଡା, ପ୍ରଫୁଲ୍ଲ ନାହାକ, ପିଙ୍କୁ ଷଢଙ୍ଗୀ, ମନୋରଞ୍ଜନ ଜେନା, ବଳିଆ ଗୌଡ଼ଙ୍କ ସମେତ ନାରୀ ଅଭିନେତ୍ରୀ ରୀନା, ତନୁ, ଉଷା, କୁନି ଓ ଲକି ଅତି ଚମତ୍କାର ଅଭିନୟ କରିଥିଲେ।

# ଖଣ୍ଡିଏ ପଲିଥିନ ପାଇଁ ଯିବାକୁ ପଡୁଛି ୪୦ କି.ମି.

ଚକାପାଦ, ୧୮।୬
(ପ୍ରତାପ କିଶୋର ବେହେରା)

ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଆନୁସାଙ୍ଗିକ ଜିନିଷ ଯୋଗାଇ ଦେବା ପାଇଁ ଜନ ପ୍ରତିନିଧିଙ୍କ ସହ ବୈଠକ କରାଯାଇ ମକଡ୍ରିଲ କରାଯାଇଥାଏ। କିନ୍ତୁ ଖଣ୍ଡିଏ ପଲିଥିନ ପାଇଁ ଚକାପାଦ ବ୍ଲକ୍‌ର ତହସିଲ କାର୍ଯ୍ୟାଳୟ ୪୦ କିଲୋମିଟର ଯିବାକୁ ପଡୁଛି। ଏପରି ଘଟଣା ଦେଖିବାକୁ ମିଳୁଛି ଲୟନପଡା ରାଜସ୍ୱ କାର୍ଯ୍ୟାଳୟରେ। ଏହି କାର୍ଯ୍ୟାଳୟ ଉପରେ ୨ ପଞ୍ଚାୟତ କୁସୁମେଣ୍ଡି ଓ ବପଲମେଣ୍ଡିର ଲୋକମାନେ ନିର୍ଭର କରନ୍ତି। ଏହି ୨ ପଞ୍ଚାୟତ ପାଇଁ ଗୋଟିଏ ରାଜସ୍ୱ କାର୍ଯ୍ୟାଳୟ ଯାହାକି ୧୫ ଦିନ ତାଲା ଝୁଲେ। କାରଣ ଜଣେ ଆରଆଇ ଚପରାସି ଠାରୁ ପିଅନ କାର୍ଯ୍ୟ କରିଥାନ୍ତି। ବର୍ତ୍ତମାନ ସରକାରଙ୍କ ବିଭିନ୍ନ କାମ ଯୋଗୁ ଲୋକମାନେ ଜାତିଗତ, ବାସସ୍ଥାନ କିମ୍ବା ଆୟପ୍ରମାଣ ପତ୍ର ପାଇଁ ଘଣ୍ଟା ଘଣ୍ଟା ଧରି ଅଫିସ ଆଗରେ ବସି ରହୁଛନ୍ତି। ବର୍ତ୍ତମାନ ନାମ ଲେଖା ଋତୁ ଆରମ୍ଭ ହୋଇଥିବା ବେଳେ ଛାତ୍ରୀଛାତ୍ର ମାନେ ହଇରାଣ ହେଉଛନ୍ତି। ବର୍ଷା ଋତୁ ହେତୁ ଲାଇନପଡ଼ା ରାଜସ୍ୱ କାର୍ଯ୍ୟାଳୟରେ ଆବଶ୍ୟକ ପଲିଥିନ ରଖି ଜନସାଧାରଣଙ୍କୁ ସୁବିଧାରେ ଦେବା ପାଇଁ ସରପଞ୍ଚ ସୁମତି କହଁର, ରଞ୍ଜନ ମଲ୍ଲିକ ଓ ଜନସାଧାରଣ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି।

# କାଦୁଅରେ ଫସିଲା ଟ୍ରକ୍, ଅଟକିଲା ଶତାଧିକ ଗାଡ଼ି

ଦାରିଙ୍ଗବାଡ଼ି, ୧୮।୬ (ଅରୁଣ ସାହୁ)

**ସିମନବାଡ଼ି-ରାଇକିଆ ଗାଡ଼ି ଚଳାଚଳ ବନ୍ଦ**



ଦାରିଙ୍ଗବାଡ଼ି ବ୍ଲକ୍ ବାଡ଼ାବାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ନିର୍ମାଣଧିନ ପୋଲ ନିକଟ ଡାଇଭର୍ଶନ ରାସ୍ତା କର୍ଦ୍ଦମାକ୍ତ ଯୋଗୁ ଗୋଟିଏ ଟ୍ରକ୍ ଫସିଯିବା ପରେ ଶତାଧିକ ଗାଡ଼ି ଅଟକି ରହିଥିଲା। ନିମ୍ନମାନର ରାସ୍ତା କାର୍ଯ୍ୟ ଯୋଗୁ ଯାତ୍ରୀ ହଟହଟା ହେଉଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ସିମନବାଡ଼ି ଠାରୁ ରାଇକିଆକୁ ସଂଯୋଗ କରୁଥିବା ରାସ୍ତା ସିମନବାଡ଼ି ଠାରୁ ସିକାକେଟା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୧୫ କିମି ଦୂରତା ୩ ବର୍ଷରୁ ଉର୍ଦ୍ଧ୍ୱ ହେଲା ନିର୍ମାଣ କାର୍ଯ୍ୟ ଚାଲିଛି। ସେହି ରାସ୍ତା ନିର୍ମାଣ ମଧ୍ୟରେ ୨ଟି ବଡ଼ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଯେଉଁଠି ପୋଲ କାର୍ଯ୍ୟ ଚାଲିଛି ତାହାରି ନିକଟରେ ଗାଡି ମୋଟର ଯାତାୟାତ ପାଇଁ ଡାଇଭର୍ଶନ ରାସ୍ତା ରହିଛି। ଉକ୍ତ ରାସ୍ତାର ୨ ପାର୍ଶ୍ୱ ଉଠାଣି ଓ ଗଡ଼ାଣିଆ ରାସ୍ତା ରହିଛି। ତାକୁ ମେଟେଲ ଓ ପିଚୁ ପକା ଯାଇନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତାଟି କାଦୁଅ ପରିପୂର୍ଣ୍ଣ ହେଉଛି। ଗାଡ଼ି ମୋଟର ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିବା ବେଳେ ବୁଧବାର ସକାଳେ ଏକ ଟ୍ରକ୍ ଫସି ଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରାସ୍ତା ଜାମ ହୋଇଥିଲା। ପୂର୍ତ୍ତ ବିଭାଗ ଅଧୀନରେ ଉକ୍ତ ରାସ୍ତାରେ କୋଟି କୋଟି ଟଙ୍କା ବିନିମୟରେ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ବିଭାଗ ଓ ଠିକା ସଂସ୍ଥାର ଅବହେଳା ଯୋଗୁ ଏହାର କାମ ସରୁନାହିଁ। ଯାହାକୁ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଏନେଇ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ହରିହର ଦାସ କହିଛନ୍ତି ଆମେ ଏବେ ଶୁଣିଲୁ ଟ୍ରାଫିକ ସମସ୍ୟାକୁ ପ୍ରଥମେ ଦୂର କରି ଉକ୍ତ ରାସ୍ତାକୁ ମରାମତି କରିବୁ।

## କଂଗ୍ରେସର ସମ୍ବିଧାନ ବଞ୍ଚାଅ ରାଲି, ସମାବେଶ

ଫୁଲବାଣୀ, ୧୮।୬
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ସମ୍ବିଧାନ ବଞ୍ଚାଅ ରାଲି କରା ଯାଇଛି। ମାଦିକୁନ୍ଦା ଛକରୁ ବହୁ ସଂଖ୍ୟାରେ ଦଳୀୟ ନେତା କର୍ମୀ ରାଲିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ବିଜେପି ହଟଅ ସମ୍ବିଧାନ ବଞ୍ଚାଅ ନାରା ଦେଇଥିଲେ। ଏହା ପରେ ସମସ୍ତେ ଏକ ମଣ୍ଡପରେ ପହଞ୍ଚି ଥିଲେ। ସେଠାରେ ସମ୍ବିଧାନ ବଞ୍ଚାଅ ସମାବେଶ ହୋଇଥିଲା। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତ ରମେଶ ଜେନା, ପିସିସି ସାଧାରଣ ସମ୍ପାଦକ ଆପଲ ସ୍ୱାମୀ କାତ୍ରାକା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ଭାଜପା ସରକାରକୁ ସମାଲୋଚନା କରିଥିଲେ। ଏ ସରକାର ସମ୍ବିଧାନ ବଦଳେଇ ନିଜ ଇଚ୍ଛାରେ ଶାସନ କରିବାକୁ ଚାହୁଁଛି। ଜାତୀୟ କଂଗ୍ରେସ ଘରକୁ ଘର ଯାଇ ଏ ବିଷୟରେ ସଚେତନ କରିବ ବୋଲି କହିଥିଲେ। ଜିଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡ଼ା ସଭା ପରିଚାଳନା କରିଥିଲେ।

# ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଚାରପତିଙ୍କୁ ଓକିଲ ସଂଘର କର୍ମକର୍ତ୍ତାମାନେ ସମ୍ବର୍ଦ୍ଧନା ଦେଉଛନ୍ତି ।

ପୁରୁଷୋତ୍ତମପୁର, ୧୮।୬ (ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ସଭାପତି କୃଷ୍ଣଚନ୍ଦ୍ର ଗୌଡଙ୍କ ପୌରହିତ୍ୟରେ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ଆସିଷ୍ଟାଣ୍ଟ ସେସନ୍ସଜଜ୍ ଶରତ ସାହୁ ଓ ପ୍ରଥମଶ୍ରେଣୀ ବିଚାରପତି ପୂଜା ପ୍ରିୟଦର୍ଶନୀ ପତି ଯୋଗଦେଇଥିଲେ। ବିଚାରପତି ପୂଜାପ୍ରିୟଦର୍ଶନୀଙ୍କ ଭବାନିପାଟଣା କୋର୍ଟକୁ ବଦଳି ହୋଇଥିବାରୁ ଓକିଲ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଓକିଲ ସଂଘ ଉପସଭାପତି ଦୁର୍ଗାଚରଣ ଦାଶ, ସଂପାଦକ ରବିନ୍ଦ୍ର ସାହୁ, ସହ ସମ୍ପାଦକ କେ.ଶଶାଙ୍କଶେଖର ରାଓ, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠି, ବରିଷ୍ଠ ଓକଲ ବାସୁଦେବ ଜେନା, ପ୍ରଦୋଶ ବାହିନିପତି, ସିମାଞ୍ଚଳ ମିଶ୍ର, ଅକ୍ଷୟ ବେହେରା, ପ୍ରଭାତ ପଟ୍ଟନାୟକ, ନିରଞ୍ଜନ ବେହେରା, ଦୟାନିଧି ପଣ୍ଡା, ରମାରଞ୍ଜନ ଦାଶ, ପ୍ରଫୁଲ ପଣ୍ଡା, ପାଣ ବେହେରା, ରବିନ୍ଦ୍ର ବେହେରା, କାମେଶ୍ୱର ଗୌଡ, ନାରାୟଣ ପାଣିଗ୍ରାହୀ, ତୁସାରକାନ୍ତ ରାଉଳଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।

# ଡିଏଫ୍‌ଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭଞ୍ଜନଗର, ୧୮।୬ (ବାବୁଲା ପ୍ରଧାନ)

ଭଞ୍ଜନଗର ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ଏସିଏଫ୍ ପ୍ରଦୀପ ବେହେରା ଅଧ୍ୟକ୍ଷତା କରିଥିଲେ। ଡିଏଫ୍‌ଓ ବିନୋଦ ତାଙ୍କର କର୍ମମୟ ଜୀବନ ସମ୍ପର୍କରେ କହିଥିଲେ। ଶୂଳପାଣି ଶତପଥୀ ସଭାକୁ ସଂଯୋଜନା କରିଥିଲେ। ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ବନ୍ୟପ୍ରାଣୀ ସୁରକ୍ଷା ସଭ୍ୟ ରମେଶ ପାତ୍ର, ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ, ରେଞ୍ଜର ବିଦ୍ୟାଧର ସାହୁ, ପୋଲସରା ରେଞ୍ଜର ଅନିଲ ପଣ୍ଡା, ଆସିକା ରେଞ୍ଜର ପ୍ରମୋଦ ପଣ୍ଡା, ବଡଗଡ଼ ରେଞ୍ଜର ଅଞ୍ଜନ ନାୟକ, ସୋରଡ଼ା ଏସିଏଫ୍ ନିହାର ରଞ୍ଜନ ମଲ୍ଲିକ, ବୁଗୁଡ଼ା ରେଞ୍ଜର ପ୍ରଦୀପ ମିଶ୍ର, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁରେଶ ସାଇଁ, ଅନୁପମ ବାନାର୍ଜୀ, ଖବରଦାତା ଲୋକନାଥ କର, ବିଶ୍ୱମ୍ବର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗ କ୍ୟାଡ଼ର ଆଇଏଫ୍‌ଏସ୍ ଅଧିକାରିଣୀ ଭିପାସା ପାରୁଲ ଓଡ଼ିଶା କ୍ୟାଡ଼ରକୁ ବଦଳୀ ହୋଇ ଆସିବା ପରେ ଭଞ୍ଜନଗର ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀଣୀ ଭାବେ ବଦଳି ହୋଇଛନ୍ତି। ସେ ଗୁରୁବାର ନୂତନ ଦାୟିତ୍ୱରେ ଯୋଗ ଦେବେ। ଅନ୍ୟପଟେ ବର୍ତ୍ତମାନର ଡିଏଫଓଙ୍କ ଅନ୍ୟତ୍ର ବଦଳି ହୋଇ ନ ଥିବା ଯୋଗୁ ସେ ଭୁବନେଶ୍ୱର ପିସିସିଏଫ୍ କାର୍ଯ୍ୟାଳୟରେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କାର୍ଯ୍ୟ କରିବେ। ତେଣୁ ସେ ଏଠାରୁ ରିଲିଭ ହେବାପରେ ପିସିସିଏଫ୍ କାର୍ଯ୍ୟାଳୟରେ ଯାଇ ଯୋଗଦେବେ।

# କୂଳ ଲଂଘୁଛି ସମୁଦ୍ର, ବିପଦରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତ

ଛତ୍ରପୁର, ୧୮।୬ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

**୨୪ରୁ ଗୋପାଳପୁର ପୋର୍ଟ ଫାଟକ ଆଗରେ ଧାରଣା**



ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ନିକଟରେ ସମୁଦ୍ର କୂଳ ଲଂଘୁଛି। ପୂର୍ବରୁ ସମୁଦ୍ରଠାରୁ ୨ କି.ମି. ଦୂରରେ ଗାଁଗୁଡିକ ଥିଲା। ବର୍ତ୍ତମାନ ଗାଁଠାରୁ ମାତ୍ର ୫୦ ମିଟର ଦୂରରେ ସମୁଦ୍ର ରହିଛି। ଏଥିଯୋଗୁ ଗଙ୍ଗାଦେବୀ ଏବଂ ଠାକୁରାଣୀ ମନ୍ଦିର ସମୁଦ୍ରରେ ଲୀନ ହୋଇଥିବା ବେଳେ ମା' ହରଚଣ୍ଡୀ ଠାକୁରାଣୀ ମନ୍ଦିର ସମୁଦ୍ର ଆଁକୁ ଯିବାକୁ ବସିଛି । ବର୍ତ୍ତମାନ ଶୁଖୁଆ ଶୁଖାଯିବା ସ୍ଥାନଠାରୁ ସମୁଦ୍ର ଆଉ ମାତ୍ର ଅଳ୍ପ ଦୂରରେ ରହିଛି । ଗାଁ ଠାରୁ ସମୁଦ୍ର ୫୦ମିଟର ଦୂରରେ ରହିଥିବା ବେଳେ ଏବେ ୨୦ମିଟର କୂଳ ଲଂଘିଛି । ଏଥିରେ ଗ୍ରାମବାସୀ ଭୟଭୀତ ହେବା ସହ ଏଥିପାଇଁ ଗୋପାଳପୁର ପୋର୍ଟକୁ ଦାୟୀ କରିଛନ୍ତି । ଏହାର ପ୍ରତିବାଦରେ ଓ ୫ ଦଫା ଦାବି ନେଇ ଆସନ୍ତା ୨୪ ତାରିଖଠାରୁ ପୋର୍ଟ ମୁଖ୍ୟ ଫାଟକଠାରେ ଧାରଣା ଦେବା ପାଇଁ ଗ୍ରାମବାସୀ ନିଷ୍ପତି ନେଇଛନ୍ତି। ବୁଧବାର ଆର୍ଯ୍ୟପଲ୍ଲୀ ସରପଞ୍ଚଙ୍କ ନେତୃତ୍ୱରେ ଜିଲ୍ଲାପାଳ ଓ ପୋର୍ଟ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଅବଗତ କରାଯାଇଛି। କୁହାଯାଇଛି ଯେ, ପଞ୍ଚାୟତ ନିକଟ ସମୁଦ୍ର ବେଳାଭୂମିର ପରିବେଶ ଓ ଭୌଗଳିକ ସ୍ଥିତି ନଷ୍ଟ ନ ହେବା ସକାଶେ ଦୁଇ ଥର ପ୍ରତିଶ୍ରୁତି ଦେଇ ଓ ୨୦୧୧ ଓ ୨୦୧୭ରେ ତ୍ରିପାକ୍ଷିକ ଚୁକ୍ତିନାମା ପ୍ରକାରେ ପଞ୍ଚାୟତରେ ଥିବା ୧୯୦୦ ମିଟର ଲମ୍ବାର ପଥର ବନ୍ଧ ନିର୍ମାଣ କରିବେ ବୋଲି ପୋର୍ଟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ତେବେ ଏହା କାର୍ଯ୍ୟକାରୀ ନ ହୋଇ କେବଳ କାଗଜ ଓ କଲମରେ ସୀମିତ ରହିଛି। ଦାବିଗୁଡିକ ମଧ୍ୟରେ ବାତ୍ୟା ସମୟରେ ଅଶାନ୍ତ ସମୁଦ୍ରର ଢେଉ କୂଳ ନ ଲଂଘିବା ସକାଶେ ବେଳାଭୂମିରେ ତୁରନ୍ତ ପଥର ପାଚେରୀ ନିର୍ମାଣ, ନଷ୍ଟ ହୋଇ ରହିଥିବା ଗୋପାଳପୁର ପୋର୍ଟର ଫିସେରୀ ଜେଟିର ପୁନରୁଦ୍ଧାର କରିବା, ଡ଼ଙ୍ଗା ଯାତାୟତ କରିବା ସକାଶେ ଡ୍ରେଜିଙ୍ଗ, ମତ୍ସ୍ୟଜବୀମାନଙ୍କୁ ବାତ୍ୟା, ଖରା, ବର୍ଷା ଓ ଶୀତର ପ୍ରକୋପରୁ ସୁରକ୍ଷା ଦେବା ସହିତ ଜାଲ ଓ ଡଙ୍ଗା ରହିବା ସକାଶେ ସମୁଦ୍ର କୂଳ ନିକଟରେ ଆଶ୍ରୟସ୍ଥଳ ସ୍ଥାପନ କରିବା, ସେଥରେ ପାନୀୟ ଜଳ, ଶୌଚାଳୟ ଓ ଫିସେରୀ ଜେଟିଠାରୁ ଆଶ୍ରୟସ୍ଥଳ ଦେଇ ସାନ ଆର୍ଯ୍ୟପଲ୍ଲୀ ଗ୍ରାମ ପର୍ଯ୍ୟନ୍ତ ରାତିରେ ଆଲୋକ ବ୍ୟବସ୍ଥା କରିବା ଆଦି ରହିଛି।

# ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରେ ତ୍ରୁଟି

## ସଂକ୍ରମଣ ପରିସ୍ଥିତିରେ ଫୋନ ଉଠାଉ ନାହାନ୍ତି ଅଧିକାରୀ

**ଯାଜପୁର,୧୮।୬(ହର୍ଷବର୍ଦ୍ଧନ ବେହେରା) :**

ଚିକିତ୍ସା କ୍ଷେତ୍ରରେ ବ୍ୟାପକ କାର୍ଯ୍ୟକ୍ରମ, ଯନ୍ତ୍ରପାତି ଓ ଯୋଜନା ସତ୍ତ୍ୱେ ଯାଜପୁର ଜିଲାରେ ହଇଜା ଓ ଡାଇରିଆ ବ୍ୟାପିବା ଉଦ୍‌ବେଗର କାରଣ ହୋଇଛି। ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଏହି ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ଦିନରାତି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟସ୍ତରରେ ସ୍ୱାସ୍ଥ୍ୟ ବିଭାଗର ଅନେକ ଉଚ୍ଚପଦାଧିକାରୀଙ୍କ ସମେତ କେନ୍ଦ୍ରୀୟ ଦଳ ତଦନ୍ତ କରୁଛନ୍ତି। କିନ୍ତୁ ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ମହାମାରୀଙ୍କୁ ନିୟନ୍ତ୍ରଣ କରିବାକୁ ଆନ୍ତରିକତା ନ ଥିବା ମନେ ହେଉଛି। ଡାଇରିଆ ସଂକ୍ରମଣ ଉପରେ ଯେଉଁ ରିପୋର୍ଟ ଦିଆଯାଉଛି ତାହା ଜିଲାବାସୀଙ୍କୁ ଭ୍ରମିତ କରୁଛି। ଏଠାରେ ୧୭।୬।୨୦୨୫ ରାତି ୧୧ଟାରୁ ୧୮।୬।୨୦୨୫ ରାତି ୧୧ଟା ପର୍ଯ୍ୟନ୍ତ ଯେଉଁ ରିପୋର୍ଟ ଦିଆଯାଇଛି ସେଥିରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି। ଏହି ରିପୋର୍ଟରେ ଦାନଗଦି ସିଏଚସିରେ ୧ ଜଣ ପୁରୁଷ, ମାର୍କଣ୍ଡପୁର ସିଏଚସିରେ ୨ ଜଣ (ପୁରୁଷ ଓ ମହିଳା), ସୁକିନ୍ଦା ସିଏଚସିରେ ୧ ଜଣ ମହିଳା ଏବଂ ଯାଜପୁର ରୋଡ ସିଏଚସିରେ ୧ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ତେବେ ମୃତାହତଙ୍କ ନାମ କିମ୍ବା ନିର୍ଦ୍ଦିଷ୍ଟ ଠିକଣା ଦେଇ ରିପୋର୍ଟ ଦାଖଲ ଦିଆଯାଇ ନାହିଁ। ଏଥିରୁ ଡାଇରିଆ ଓ ହଇଜାରେ ମୃତାହତଙ୍କ ସଂଖ୍ୟା ଓ ଠିକଣା ଗୋପନ ରଖିବାକୁ ଉଦ୍ୟମ କରାଯାଉଛି ବୋଲି ମତପ୍ରକାଶ ପାଇଛି। ଏପରିକି ଯାଜପୁର ସିଡିଏମ୍‌ଓ ବିଜୟ କୁମାର ମିଶ୍ରଙ୍କୁ ଏ ସଂକ୍ରାନ୍ତରେ ପଚାରିବାକୁ ୧୦ରୁ ଊର୍ଦ୍ଧ୍ୱ ଥର ତାଙ୍କ ସରକାରୀ ମୋବାଇଲ ନମ୍ବରକୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ ଗ୍ରହଣ କରୁନାହାନ୍ତି। ଏହାବାଦ ନୋଡାଲ ଅଫିସର ରମେଶ ମଲିକଙ୍କୁ ଯୋଗାଯୋଗ କରିଥିଲେ ବି ସେ ଅଣଦେଖା କରିଛନ୍ତି। ଉପରୋକ୍ତ ସମୟ ମଧ୍ୟରେ ଦାନଗଦି, ସୁକିନ୍ଦା ଓ ମାର୍କଣ୍ଡପୁର ସିଏଚସିରେ କେହି ଡାଇରିଆରେ ମୃତାହତ ହୋଇନାହାନ୍ତି ବୋଲି ସଂପୃକ୍ତ ଡାକ୍ତରମାନଙ୍କଠାରୁ ସୂଚନା ମିଳିଛି। କେବଳ ଯାଜପୁର ରୋଡ଼ ସିଏଚସିରେ ଉପରୋକ୍ତ ସମୟ ମଧ୍ୟରେ ୧ ବର୍ଷର ଶିଶୁ ସୁଜନିକ ମୁର୍ମୁଙ୍କ ସମେତ ୨୫ ବର୍ଷ ବୟସ୍କା ପୂଜା ସାମାଡଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ତେଣୁ ସବିଶେଷ ରିପୋର୍ଟ ସହ ତଥ୍ୟ ଦେବାକୁ ସାଧାରଣରେ ନିବେଦନ କରାଯାଇଛି।

ଅନ୍ୟପକ୍ଷେ ଡାଇରିଆ ଓ ହଇଜା ଦୂଷିତ ପାଣି ଯୋଗୁ ସଂକ୍ରମଣ ହୋଇଥିବା କୁହାଯାଉଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପାନୀୟ ଜଳ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଉଛି। କିନ୍ତୁ ଏ ସଂକ୍ରାନ୍ତରେ ମଧ୍ୟ ସବିଶେଷ ତଥ୍ୟ ଜିଲା ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦେବାକୁ ନାରାଜ। ଏନେଇ ତାଙ୍କ ମୋବାଇଲ୍‌କୁ ଯୋଗାଯୋଗ କରିଥିଲେ ବି ସେ ଫୋନ କଲ ଗ୍ରହଣ କରୁନାହାନ୍ତି।

# ରାସ୍ତାରେ ଜମୁଛି ବର୍ଷାପାଣି, ନିଷ୍କାସନ ବ୍ୟବସ୍ଥା ନାହିଁ



ଗ୍ରାମ ରାସ୍ତାରେ ବର୍ଷା ପାଣି ଜମିରହିଛି।

**ବିଞ୍ଝାରପୁର,୧୮।୬(ରାମକୃଷ୍ଣ ଦାସ):** କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା। ଅସରାଏ ବର୍ଷାରେ ରାସ୍ତାରେ ଜମୁଛି ଆଣ୍ଠୁଏ ଲେଖାଏ ପାଣି। ପାଣିରେ ଜଣା ପଡୁନି ଖାଲଖମା। ଫଳରେ ବଢୁଛି ଦୁର୍ଘଟଣା। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର-କଣ୍ଡିଆ ମୁଖ୍ୟ ରାସ୍ତାର ସିଂହପୁର ପଞ୍ଚାୟତ ଅଧୀନ ୧୧ନମ୍ବର ୱାର୍ଡର ଦଳିତ ସାହି ନିକଟରେ। ଏହି ରାସ୍ତାରେ ଜଳ ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ବର୍ଷାଦିନରେ ଅସରାଏ ବର୍ଷା ହେଲେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ବାରମ୍ବାର ଏନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଜିଲା ପ୍ରଶାସନ ଶୀଘ୍ର ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡାଇରିଆ ନିରାକରଣ ଗୁରୁତ୍ୱାରୋପ





ରସୁଲପୁର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ଅଧିବେଶନରେ ଯୋଗଦେଇଥିବା ଅଧିକାରୀ ଓ ଜନପ୍ରତିନିଧି।

## ରସୁଲପୁର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

**ରସୁଲପୁର,୧୮।୬(ରଞ୍ଜିତ ରାଉତ):** ରସୁଲପୁର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ଅଧିବେଶନ ବୁଧବାର ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଞ୍ଚଳରେ ଡାଇରିଆ ନିରାକରଣ ଓ ଜନସଚେତନା ଉପରେ ଗୁରୁତ୍ୱାରୋପ କରାଯାଇଛି। ଯାଜପୁର ଜିଲାରେ ଡାଇରିଆ ଓ କେଲରା ଆଦି ରୋଗ ବ୍ୟାପିବାରେ ଲାଗିଛି। ରସୁଲପୁର ବ୍ଲକ ଅଞ୍ଚଳରେ ୨୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସ୍ୱାସ୍ଥ୍ୟଅବସ୍ଥା ଗୁରୁତର ରହିଛି। ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରତ୍ୟେକ ପରିବାରର ସଦସ୍ୟଙ୍କୁ ରୋଗର କାରଣ ଓ ନିରାକରଣ ସଂପର୍କରେ ସଚେତନ କରାଯିବାର ଆବଶ୍ୟକତା ରହିଛି। ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରଖାଯାଇ ପାରିଲେ ଡାଇରିଆକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି କୁହାଯାଇଛି। ଏଥିସହିତ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଛି। ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ସ୍ୱଚ୍ଛ ଭାରତ ମିଶନ ଜରିଆରେ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରି ବହୁ ହିତାଧିକାରୀ ପ୍ରାପ୍ୟ ପାଇ ନ ଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ବୈଠକରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ରସୁଲପୁର ତହସୁଲଦାର ସିଦ୍ଧାର୍ଥ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଡିଓ ସତ୍ୟାନନ୍ଦ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ଦାଶ ଧନ୍ୟବାଦ ଦେଇଥିଲେ।

# କଂଗ୍ରେସ ନେତା ବାଇଧର ମହାପାତ୍ରଙ୍କ ପରଲୋକ

**ଯାଜପୁର ଟାଉନ,୧୮।୬(ପ୍ରୟକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ଯାଜପୁର ସହର ଅନ୍ତର୍ଗତ ଗରିଆପୁର ଗ୍ରାମର ବିଶିଷ୍ଟ କଂଗ୍ରେସ ନେତା ତଥା ଯାଜପୁର ଟାଉନ କଂଗ୍ରେସର ପୂର୍ବତନ ସଭାପତି ବାଇଧର ମହାପାତ୍ରଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ଯାଜପୁର ସଦର ମହକୁମା ଓ ଯାଜପୁର ଜିଲା ଗଠନରେ ତାଙ୍କର ଭୂମିକା ଥିଲା। ସେ ଦୈନିକ ଖବରକାଗଜ 'ପର୍ଯ୍ୟବେକ୍ଷକ'ର ଜିଲା ପ୍ରତିନିଧି ଭାବରେ କାର୍ଯ୍ୟ କରିଥିଲେ। ଶୀତଳେଶ୍ୱର ଶିତଳେଇ ଠାକୁରାଣୀଙ୍କର ମାର୍ଫତଦାର ଭାବରେ ମଣ୍ଡପରେ ଅନେକ ଉନ୍ନତି କରିଥିଲେ। ସେ ଅମାୟିକ, ମେଳାପି ମଣିଷ ଥିଲେ। ତାଙ୍କ ବିୟୋଗରେ ପିସିସି ସଭାପତି ଭକ୍ତଚରଣ ଦାସ, ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ ପ୍ରମୁଖ ଶୋକପ୍ରକାଶ କରିଛନ୍ତି। ଜିଲା କଂଗ୍ରେସ ସଭାପତି ମନୋଜ ରାଉତ, ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, କାଉନ୍‌ସିଲର ରୁନା ବେହେରା, ଖବରଦାତା ରାଜୀବ ମହାନ୍ତି, ସମରଜିତ ମହାନ୍ତି, କୈଳାସ ନାୟକ, ମହେଶ୍ୱର ସାହୁ ପ୍ରମୁଖ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବାରୁଣୀ ପଡ଼ିଆ ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଜ୍ୟେଷ୍ଠପୁତ୍ର ରାଜୀବ ମହାପାତ୍ର ମୁଖାଗ୍ନି ଦେଇଥିଲେ।

# ରାଜକିଶୋରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

## କେନ୍ଦ୍ର ବାଲ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ

**ଧର୍ମଶାଳା,୧୮।୬(ବଟକୃଷ୍ଣ ପରିଡ଼ା):**



ଧର୍ମଶାଳା ବ୍ଲକ ଅଧୀନ କୋଟପୁର ଗ୍ରାମର ରାଜକିଶୋର ପାଢ଼ୀଙ୍କୁ କେନ୍ଦ୍ର ବାଲ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ପାଢ଼ୀ କୋଟପୁର ଗ୍ରାମରେ ୧୯୪୨ ମାର୍ଚ୍ଚ ୧୦ରେ ଜନ୍ମଲାଭ କରିଥିଲେ। ଓଡ଼ିଆରେ ଏମ୍‌ଏ ଓ ପିଏଚ୍‌ଡି କରିବା ପରେ ସେବାନିବୃତ୍ତ ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ ଅବସ୍ଥାପିତ ହୋଇ ଦାମୋଦର ବିଦ୍ୟାପୀଠରୁ ମାର୍ଚ୍ଚ ୨୦୦୦ରେ ଅବସର ଗ୍ରହଣ କରିଥିଲେ। ସେ ଅଦ୍ୟାବଧି ୭୨ ଆଧୁନିକ କବିତା, ଗଳ୍ପ, ପ୍ରବନ୍ଧ ଓ ପିଲାଙ୍କ ଲାଗି ଗଳ୍ପ କବିତା ପୁସ୍ତକ ଲେଖିଛନ୍ତି। 'କଥା କଳସ' ଶିଶୁ ଗଳ୍ପ ପୁସ୍ତକ ପାଇଁ ସେ ୨୦୧୧/୧୨ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେ ଧର୍ମଶାଳା ସାହିତ୍ୟ ସମାଜ ୧୯୯୯ରେ ଗଠନ କରି ପ୍ରଥମ ସଭାପତି ହୋଇଥିଲେ। କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଯାଜପୁର ଜିଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଧର୍ମଶାଳା ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା, ଯାଜପୁର ଜିଲା ଲେଖକ ସମ୍ମେଳନର ରୁଦ୍ର ନାରାୟଣ ପୃଷ୍ଟି, ଧର୍ମଶାଳା ସାହିତ୍ୟ ସମାଜ ସଭାପତି କାହ୍ନୁଚରଣ ଦାଶ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ସମ୍ଭବ ସମ୍ପାଦକ ଅଖିଳ ସ୍ୱାଇଁ, ସୂର୍ଯ୍ୟାସ୍ତ ସମ୍ପାଦକ ବିବେକାନନ୍ଦ ରାୟ, ସାହିତ୍ୟ ଦର୍ପଣ ସମ୍ପାଦକ ବିମଳ ଚନ୍ଦ୍ର ପତି, ଆଜିର ଆହ୍ୱାନ ସମ୍ପାଦକ ମାନସ ରଞ୍ଜନ ଜେନା, ଚାହାଣୀ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଧର୍ମଶାଳା ପ୍ରେସ କ୍ଲବ୍ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ସୀତାକାନ୍ତ ସାମଲ, ଗୋଲାମ ଗସ୍, ସମ୍ପାଦକ ଅବିନେଶ୍ୱର ଶତପଥୀ, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ କୁମାର ଗନ୍ତାୟତ, ଶିକ୍ଷାବିତ୍ ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଅର୍ଜୁନ ପୃଷ୍ଟି, ପଦ୍ମଜା ଶରଣ, ସସ୍ମିତା ଦାଶ, ହେମଲତା ମହାରଣା ପ୍ରମୁଖ ପାଢ଼ୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପୁରାତନ ଛାତ୍ର ସଂସଦର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସ୍ମାରକପତ୍ର

**କେନ୍ଦ୍ରାପଡ଼ା,୧୮।୬ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଏକ ପ୍ରତିନିଧି ମଣ୍ଡଳୀ ଜିଲା ପ୍ରଦକ୍ଷଣ ଭବନରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ବୁଧବାର ଭେଟି କଲେଜ ଜମିର ସୁରକ୍ଷା ଓ କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରଛନ୍ତି। ମନ୍ତ୍ରୀ ସୂର୍ଯ୍ୟବଂଶୀ ରାଜ୍ୟ ସରକାର ପ୍ରଥମେ ଏହି କଲେଜକୁ ସରକାରୀ ଶିକ୍ଷାନୁଷ୍ଠାନରେ ପରିଣତ କରିବେ ବୋଲି ଆଲୋଚନା ସମୟରେ ପ୍ରକାଶ କରିଥିଲେ। ଛାତ୍ର ସଂସଦର ସଭାପତି ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ାଙ୍କ ପରାମର୍ଶ କ୍ରମେ ସମ୍ପାଦକ ଡ. ପ୍ରମୋଦ କୁମାର ଦାସ ଓ କାର୍ଯ୍ୟକାରିଣୀ ସଭ୍ୟ ଚିତ୍ତରଞ୍ଜନ ଦାସ ଏହି ପ୍ରତିନିଧି ମଣ୍ଡଳୀରେ ଯାଇ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଭେଟିଥିଲେ।



ରସୁଲପୁର ବ୍ଲକ ଅନ୍ତର୍ଗତ ଖୋସାଲପୁର ଗ୍ରାମରେ ଅନୁଷ୍ଠିତ ରଜ ମହୋତ୍ସବରେ ସାମିଲ ହୋଇଥିବା ଯୁବତୀ ଓ ମହିଳାମାନେ।

# ଖୋସାଲପୁର ଗାଁରେ ରଜ ମହୋତ୍ସବ ପାଳିତ

**ରସୁଲପୁର,୧୮।୬(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଖୋସାଲପୁର ଗ୍ରାମରେ ୧୦ମ ବାର୍ଷିକୀ ରଜମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ଯୁବତୀମାନଙ୍କ ମଧ୍ୟରେ ନାନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୁମାରୀମାନେ ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶନୀ କରିଥିଲେ। ଚୁଲିରେ ପ୍ରସ୍ତୁତି ପୋଡପିଠା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମା'ଙ୍କ ବେଢାରେ ଥିବା ବରଗଛରେ ନାନା ପ୍ରକାର ଦୋଳି ବନ୍ଧା ଯାଇଥିଲା। ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଦୋଳିର ମଜା ନେଇଥିଲେ। ଯୁବତୀମାନଙ୍କ ମଧ୍ୟରେ ଝୋଟି, ମୁରୁଜ, କୁଇଜ୍, ପୁଚି, କୁହୁକ ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗାଁର ମୁରବୀମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରଜ ପରମ୍ପରା ଯେମିତ ଆଧୁନିକ ଚାକଚକ୍ୟରେ ହଜି ନ ଯାଉ ସେଥିପ୍ରତି ଗ୍ରାମବାସୀଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇ ଏଭଳି ମହୋତ୍ସବ ଆୟୋଜନ କରାଯାଉଛି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା।

# ଭୋଟକାରେ ସାମାଜିକ ସମୀକ୍ଷା ଗ୍ରାମସଭା

**ରସୁଲପୁର,୧୮।୬(ରଞ୍ଜିତ ରାଉତ):**



ଗ୍ରାମସଭାରେ ଯୋଗଦେଇଥିବା ମହିଳା ଓ ପୁରୁଷ।

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ସାମାଜିକ ସମୀକ୍ଷା ଗ୍ରାମସଭା ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମୋ ଉପକାରୀ ବିଗିଚା ପ୍ରକଳ୍ପ ଶେଷକରି ୪୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ପ୍ରାପ୍ୟ ପାଇ ନ ଥିବା ସମୀକ୍ଷାବେଳେ ଜଣାପଡ଼ିଛି। ଉକ୍ତ ବକେୟା ଅର୍ଥକୁ ତୁରନ୍ତ ହିତାଧିକାରୀଙ୍କ ଜମାଖାତାରେ ପୈଠ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ସେହିପରି ରାଶନ କାର୍ଡ ହାତେଇ ଥିବା ଅଯୋଗ୍ୟ ହିତାଧିକାରୀଙ୍କ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି।

ଶିକ୍ଷାବିତ୍ ବିନୋଦ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗ୍ରାମସଭାରେ ସମୀକ୍ଷକମାନଙ୍କ ଦ୍ୱାରା ତୃଣମୂଳସ୍ତରରୁ ସଂଗ୍ରହ କରାଯାଇଥିବା ତଥ୍ୟ ଉପସ୍ଥାପନ କରାଯାଇଥିଲା। ୩ରୁ୧୭ଜୁନ ପର୍ଯ୍ୟନ୍ତ ପଞ୍ଚାୟତରେ ଗ୍ରାମ ସମ୍ବଳ ବ୍ୟକ୍ତି(ଭିଆରପି) ରମାମଣୀ ସାହୁ ଓ ମଧୁସ୍ମିତା ସାହୁଙ୍କ ଦ୍ୱାରା ସମୀକ୍ଷା କାର୍ଯ୍ୟ କରାଯାଇଥିଲା। ସମୀକ୍ଷା ସମୟରେ ଭିଆରପିମାନେ ପାକ୍ଷିକ(ଅକ୍ଟୋବର-୨୦୨୪ରୁ ମାର୍ଚ୍ଚ-୨୦୨୫ ପର୍ଯ୍ୟନ୍ତ) ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ଯାଞ୍ଚ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଯୋଜନାରେ କେତେକ ପରିବାରରେ ସରକାରୀ ଚାକିରିଆ ଥାଇ କାର୍ଡ ହାତେଇଥିବା ସମୀକ୍ଷିକାଙ୍କ ନଜରକୁ ଆସିଥିଲା। ସେହିପରି ବହୁ ଅଯୋଗ୍ୟ ବ୍ୟକ୍ତି ଅନ୍ତ୍ୟୋଦୟ ଅନ୍ନ ଯୋଜନା କାର୍ଡ ହାତେଇ ଥିବା ସମ୍ବଳ ବ୍ୟକ୍ତିମାନେ ସୂଚନା ଦେଇଥିଲେ। ବହୁ ରାଶନକାର୍ଡଧାରୀ ସେମାନଙ୍କ କାର୍ଡରେ ପରିବାର ସଦସ୍ୟଙ୍କ ନାମ ଯୋଡିବାକୁ ଆବେଦନକରି ଆସୁଛନ୍ତି। ହେଲେ ତାହା ପାରୁନାହିଁ। ତୁରନ୍ତ ସେମାନଙ୍କ କାର୍ଡରେ ପରିବାର ନୂତନ ସଦସ୍ୟଙ୍କ ନାମକୁ ଯୋଡ଼ାଯାଉ ବୋଲି ଦାବି କରିଥିଲେ। ଅଯୋଗ୍ୟ ରାଶନ କାର୍ଡଧାରୀଙ୍କୁ ଯୋଜନାରୁ ବାଦ୍ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା। ଏଠାରେ ଆୟୋଜିତ ସଭାରେ ପର୍ଯ୍ୟବେକ୍ଷକ ଭାବେ ବରୀ ବ୍ଲକ ସାମାଜିକ ସମୀକ୍ଷକ ସୁକୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରସୁଲପୁର ବ୍ଲକ ସମାଜିକ ସମୀକ୍ଷକ ରିଙ୍କୁନ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ପଞ୍ଚାୟତ କଳାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର ଦାସ, ଏଡିଇଓ ବିଶ୍ୱନାଥ ଜେନା, ଏମବିକେ ସସ୍ମିତା ଆଏଚ, ସିଏଚଓ ରଞ୍ଜିତା ଦାଶ, ଶିକ୍ଷାବିତ୍ ନଗେନ୍ଦ୍ର ପତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକକୁ ୱାର୍ଡସଭ୍ୟାସଭ୍ୟ, ସିଆରପି, ଇସି ସଭ୍ୟମାନେ ପରିଚାଳନ କରିବାରେ ସହଯୋଗ କରିଥିଲେ।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for various repair works at NLUO Cuttack. Last date & time of receipt is **25.06.2025** at **03.00 P.M.** For details please visit website: **https://nluo.ac.in/tenders/**.

Sd/- Registrar

**OFFICE OF THE PRINCIPAL, RAJSUNAKHALA COLLEGE**
RAJSUNAKHALA, DIST.: NAYAGARH - 752065

**TENDER/QUOTATION CALL NOTICE**

No.: 399 Date:18.06.2025

Sealed Tender/Quotations are invited from intending registered suppliers/Firms/Dealers having valid GSTIN registration,Tax Clearance of last three years, PAN Card for supply of the following items of reputed brand i.e. Desktop (6 Nos.), UPS (6 Nos.), MFM Printer (2 Nos.), LED TV – 65 inch (01 No.), Wireless Mice and Camera with MIC for virtual meeting, Internet facilities.
The supplier will submit Quotations on or before 27.06.2025 by 4:00 P.M. Quotations receives incomplete or after scheduled date and time shall be summarily rejected.
The undersigned reserves the right to accept/reject or cancel any or all quotations without assigning any reasons thereof.

PRINCIPAL
RAJSUNAKHALA COLLEGE, NAYAGARH

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION No.-1, AMBIKAPUR**
**e-Procurement Tender Notice**
Main Portal: **http://cgeprocurement.gov.in**
WRD Portal: **http://wrd.cgeprocurement.gov.in**
**(FIRST CALL)**
**CORRIGENDUM**

**No. 01/SAC/2025-26** **Date: 16.06.2025**

The following partial modifications are made. In the tender invited vide N.I.T. No. 01/SAC/2025-26 Dated 06.06.2025 System Tender No. 169598 For DEEPENING AND RENOVATION OF LABJI TANK & CONSTRUCTION OF C.C. CHANNEL. Whose "G" No. 252601454 Date: 09.06.2025.

| S. No. | Amendments |
|---|---|
| 1 | In the G-Schedule Item No.-2 may be read as Qty 18571.00 cum & Rate 224.14 per Cum instead of Qty 34194.87 cum & Rate 121.73 |
| 2 | In the G-Schedule Item No.-3 may be read as Qty 162.00 cum & Rate 4292.14 per Cum instead of Qty 885.39 cum & Rate 785.34. |

**Note:** All other terms and conditions will be remain and unchanged.

Sd./- Executive Engineer
Water Resources Division No. 1
Ambikapur
For, Chief Engineer
Hasdeo Ganga Basin, W.R. Deptt.
Ambikapur (C.G.)

G-252601621/1

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**
गुमशुदा रौशन कुमार



सर्व साधारण को सूचित किया जाता है कि जसीडीह रेल थाना कांड सं0–29/23 दिनांक–04.05. 2023 धारा 363/भा0द0वि0 में गुमशुदा रौशन कुमार दिनांक–04.05. 2023 को समय करीब सुबह 04:00 बजे जसीडीह रेलवे स्टेशन के टिकट काउन्टर के पास परिवार वालो के बिच से गायब होने के संबंध में कांड दर्ज कराया गया। उक्त बच्चे का जसीडीह रेलवे स्टेशन पर काफी खोजबीन किया गया साथ ही सी0सी0टी0वी0 फुटेज भी चेक किया परन्तु गुम हुए बच्चा का कोई पता नही चल पाया है। गुमशुदा रौशन कुमार उम्र–04 वर्ष, रंग–गोरा, पहनावा–गुलाबी रंग का टी–शर्ट पहना हुआ।

गुमशुदा रौशन कुमार के बारे में किसी प्रकार की जानकारी प्राप्त हो, तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करे।
**पुलिस अधीक्षक, रेल धनबाद– 9431706117**
**पुलिस उपाधीक्षक(द्वितीय), रेल धनबाद–7033619661**
**पुलिस निरीक्षक सह थाना प्रभारी, रेल थाना जसीडीह–7903174831**
**प्रभारी डी0सी0बी0 भाखा, रेल धनबाद–8340713828**

ह0/–
पुलिस अधीक्षक, रेल, धनबाद

PR 355401 Police(25-26)#D

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**
लापता व्यक्ति राजीव कुमार सिंह उर्फ गुड्डु सिंह



सर्व साधारण को सूचित किया जाता है कि राजकीय रेल थाना चन्द्रपुरा काण्ड सं0–13/2023, दिनांक–31.10. 2023 धारा–363 भा0द0वि0 में लापता व्यक्ति राजीव कुमार सिंह उर्फ गुड्डु सिंह उम्र–50 वर्श, पिता–स्व0 अर्जुन सिंह, पता–बौधी छपरा, थाना–अवतार नगर, जिला–सारण, बिहार (जो मानसिक रूप से विछिप्त थे) अपने गॉव के ही अखिलेश्वर साह के साथ दिनांक–23.11.2022 को मेन्टल अस्पताल राँची से ईलाज करा मौर्या एक्स0 ट्रेन के जनरल बोगी में सवार होकर राँची से दिघवारा तक यात्रा कर रहे थे। ट्रेन जब चन्द्रपुरा स्टेशन पर रूकी तो अखिलेश्वर साह पानी लेने ट्रेन से नीचे उतरे तथा पानी लेकर ट्रेन में चढ़े तो देखे कि राजीव कुमार सिंह उर्फ गुड्डु सिंह अपने सीट पर नहीं थे। बोगी में काफी खोजबीन किये परन्तु उनका का पता नहीं चला। लापता व्यक्ति का हुलिया–उम्र लगभग 50 वर्श, लंबाई–05 फीट 06 इंच, कद काठी मध्यम, बाल–कुछ काला तथा कुछ सफेद, मुँछ–छोटा, दाढी–सेब, पहनावा–काला रंग का पेन्ट, उजला स्वेटर, भाशा–भोजपुरी एवं हिन्दी। उक्त लापता व्यक्ति का पता नहीं चल पा रहा है।

अतः अनुरोध है कि लापता व्यक्ति के बारे में कोई जानकारी प्राप्त हो तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करेंगें।
पुलिस अधीक्षक, रेल धनबाद– 9431706117
पुलिस उपाधीक्षक(प्रथम), रेल धनबाद–7033619661
थाना प्रभारी, रेल थाना चन्द्रपुरा–8580239270
प्रभारी, डी0सी0बी0 शाखा, रेल धनबाद–8340713828

ह0/–
पुलिस अधीक्षक, रेल
धनबाद

PR 355399 Police (25-26)_D

# ସମସ୍ତଙ୍କ ସହଯୋଗରେ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରାଯିବ

- କୁଜଙ୍ଗ ପଞ୍ଚାୟତ ସମିତିର ୫ମ ସାଧାରଣ ଅଧିବେଶନ
- ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କଲେ ମନ୍ତ୍ରୀ, ଏମ୍‌ପି



କୁଜଙ୍ଗ ପଞ୍ଚାୟତ ସମିତି ବୈଠକରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏମ୍‌ପି ବିଷ୍ଣୁ ପ୍ରସାଦ ତରାଇ ଓ ଅନ୍ୟମାନେ।

କୁଜଙ୍ଗ, ୧୮।୬ (ମନୋଜ ପ୍ରଧାନ)

କୁଜଙ୍ଗ ପଞ୍ଚାୟତ ସମିତିରେ ୫ମ ସାଧାରଣ ଅଧିବେଶନ ୧୭ ମାସ ପରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ସଭାଗୃହରେ ବ୍ଲକ ଅଧ୍ୟକ୍ଷା ନିରାକାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାନୀୟ ଜଳ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ମହିଳା ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

ବୈଠକରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଉପସ୍ଥିତ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଶୁଣିବା ସହ ବିକାଶମୂଳକ ଯୋଜନା ସବୁକୁ କାର୍ଯ୍ୟକାରୀ କରିବାକୁ ସହଯୋଗ କାମନା କରିଥିଲେ। ଅଞ୍ଚଳରେ ପାନୀୟ ଜଳ ପ୍ରମୁଖ ସମସ୍ୟାର ସମାଧାନ ଲାଗି ଗୁରୁତ୍ୱ ଦେଇଥିଲେ। ସେଜଳ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ମାନସୀ ବେହେରାଙ୍କୁ ମାସିକ ସମୀକ୍ଷା ବୈଠକ ଡାକି ଅଗ୍ରଗତି ସମ୍ପର୍କରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷକ ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ତୁରନ୍ତ ଆବଶ୍ୟକ ଶିକ୍ଷକ ପୂରଣ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ନିର୍ମାଣ ଲାଗି ୧୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଯେଉଁ ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ଅଛି ସେସବୁର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଡିଓ ମନୋଜ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୁଜଙ୍ଗରେ ସ୍ୱାସ୍ଥ୍ୟ ସେବା ଭୁଶୁଡ଼ି ପଡ଼ୁଥିବା ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଚେତନା ପୁରୋହିତ ୨୩ ଡାକ୍ତରଙ୍କ ସ୍ଥାନରେ ୬ ଜଣ ଥିବା ଦର୍ଶାଇଥିଲେ। ଖୁବଶୀଘ୍ର କୁଜଙ୍ଗ ଡାକ୍ତରଖାନାରେ ମଲ୍ଟିସ୍ପେସିଆଲିଟି ହସ୍ପିଟାଲଗୁଡ଼ିକ ଡାକ୍ତର ନିଯୁକ୍ତି ସାଙ୍ଗକୁ ଏକ ଡାଇଗ୍ନୋଷ୍ଟିକ ସେଣ୍ଟର ଖୋଲାଯିବ। କୁଜଙ୍ଗ ବକାର ଅଞ୍ଚଳରେ ତାଳଦଣ୍ଡା କେନାଲ ଆବର୍ଜନା କୁଣ୍ଡ ପାଲଟି ପ୍ରଦୂଷିତ ହୋଇପଡ଼ିଛି। ଜଳ ସମ୍ପଦ ବିଭାଗ କୌଣସି ଅଧିକାରୀ ଉପସ୍ଥିତ ନଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିବାରେ ୨ଦିନ ମଧ୍ୟରେ ତାଳଦଣ୍ଡା କେନାଲ ସଫା କରିବାକୁ ବିଭାଗକୁ ମନ୍ତ୍ରୀ କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟକୁ ଆଧାର କରି ମନ୍ତ୍ରୀ ଓ ଏମ୍‌ପି ବିଷ୍ଣୁ ପ୍ରସାଦ ତରାଇ ଅସନ୍ତୋଷ ପ୍ରକାଶ କରିଥିଲେ। କଟକ-ପାରାଦୀପ ରାଜ୍ୟ ରାଜପଥ ଆଲୋକୀକରଣ କରାଯିବ ବୋଲି ମନ୍ତ୍ରୀ ସ୍ୱାଇଁ ଘୋଷଣା କରିଥିଲେ। ଏହି ଅବସରରେ ଉପସ୍ଥିତ ଜଗତସିଂହପୁର ଏମ୍‌ପି ତରାଇ ବିକଶିତ ଓଡ଼ିଶା ଯୋଜନାର ଆଭିମୁଖ୍ୟ ସଂକ୍ରାନ୍ତରେ କହିଥିଲେ। ଗାଁର ବିକାଶ ହେଲେ ରାଜ୍ୟର ବିକାଶ ହେବ। ତେଣୁ ସରକାର ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରଥମେ ୫ ହଜାର କୋଟି ଟଙ୍କା ମଞ୍ଜୁର କରିଥିଲେ। ପୁଣି ୫ ହଜାର କୋଟି ଟଙ୍କା ମଞ୍ଜୁର କରି ୧୦ ହଜାର କୋଟିରେ ପହଞ୍ଚାଇଛନ୍ତି। ମହିଳା ସଶକ୍ତୀକରଣ ଉପରେ ଏମ୍‌ପି ତରାଇ ଗୁରୁତ୍ୱ ପ୍ରଦାନ କରିଥିଲେ। ମନ୍ତ୍ରୀ ସ୍ୱାଇଁ ଓ ଏମ୍‌ପି ତରାଇ ଅଞ୍ଚଳର ବିକାଶ ପାଇଁ ସେମାନେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ବୈଠକକୁ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ସଞ୍ଚାଳନ କରିଥିବାବେଳେ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ସମସ୍ତ ଭୂମିହୀନଙ୍କୁ ଚିହ୍ନଟ କରାଯାଇ ଜାଗା ଯୋଗାଇଦେବାକୁ ବ୍ୟବସ୍ଥା କରାଯାଉଥିବା କହିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ରବି ନାରାୟଣ ସାହୁ, ପ୍ରମୋଦ ସ୍ୱାଇଁ, କନକପ୍ରଭା ବେହେରା, ଏବିଡିଓ ପ୍ରଶାନ୍ତ କୁମାର ଜେନା ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦଙ୍କ ବ୍ଲକ ପ୍ରତିନିଧି ସ୍ମୃତିରଞ୍ଜନ ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଦିଲୀପ ବେହେରା, ସାଇଲୋ ସରପଞ୍ଚ ସରୋଜ ସେଠୀ, କୁଜଙ୍ଗ ସରପଞ୍ଚ କବିତା ଦାସ, ଗୋପିନାଥପୁର ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଅଗରପାଳ ସରପଞ୍ଚ ବିପିନ ବିଶ୍ୱାଳ, ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ ଭାଗ ନେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଝଙ୍କାଜିତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ପ୍ରତିଭା ବିକଶିତ ହେଲେ ସଂସ୍କୃତି ବଞ୍ଚି ରହିବ



ମହୋତ୍ସବରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କରାଯାଉଛି।

ରଘୁନାଥପୁର, ୧୮।୬ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତ ଗୋପାଳପୁର କୋଠଘରରେ ରଜ ଉପଲକ୍ଷେ ଦୀର୍ଘବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ୫ ଦିବସୀୟ ରଜ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସାମାଜିକ କର୍ମୀ ଅଶୋକ କୁମାର ପୁହୁଳିଙ୍କ ଉଦ୍ଘାଟନ ତଥା ଅଞ୍ଚଳବାସୀଙ୍କ ସହଯୋଗରେ ପଞ୍ଚିଲି ରଜଠାରୁ ଗ୍ରାମର କିଶୋରୀକିଶୋରଙ୍କୁ ନେଇ ନୃତ୍ୟଗୀତ, କବାଡି, ଖୋଟି, ମୁରୁଜ, ଦଉଡି ଡିଆଁ, ସ୍କିପିଙ୍ଗ, ହାଣ୍ଡିବାଡ଼ିଆ, ବେଲୁନ ଫୁଙ୍କା ଭଳି ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦୈନନ୍ଦିନ ଆଖପାଖ ଅଞ୍ଚଳରୁ ବହୁ ପ୍ରତିଯୋଗୀ ଏଥିରେ ଭାଗ ନେଇ ନିଜର ପ୍ରତିଭାକୁ ପ୍ରତିପାଦିତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ସଭାରେ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଥିରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ପ୍ରତିଭାକୁ ପ୍ରଶଂସା କରିଥିଲେ। ଏହାଛଡା ଯୁବପିଢିଙ୍କ ମଧ୍ୟରେ ଥିବା ପ୍ରତିଭା ବିକଶିତ ହେଲେ ଅବକ୍ଷୟମୁଖୀ ପ୍ରାଚୀନ ସଂସ୍କୃତି ଓ ପରମ୍ପରା ବଞ୍ଚି ରହିବ ବୋଲି ସେ କହିଥିଲେ। ସେହିପରି ସାମାଜିକ କର୍ମୀ ଅଶୋକ କୁମାର ପୁହୁଳି ବାଲ୍ୟକୁ ପରିଚାଳନା କରି ସଂସ୍କୃତିକୁ ବଞ୍ଚାଇ ରଖିବାରେ ରଜ ମଜଲ ଏକ ମାଧ୍ୟମ ଏବଂ ଏହାକୁ ଉଜ୍ଜୀବିତ କରି ରଖିବାରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ତୁଷାରକାନ୍ତ ବେହେରା, ସରସ୍ୱତୀ ଭୋଇ, ମନୋଜ ସାହୁ ଓ ରାଜେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ଟ୍ରଫି ସହ ରଜ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦିନ ପ୍ରତିଯୋଗିତାରେ ଭାଗ ନେଉଥିବା ପ୍ରତିଯୋଗୀଙ୍କୁ ଓଡ଼ିଆ ଘରର ରୋଷେଇ ସମ୍ପର୍କରେ ଶିକ୍ଷା ଦିଆଯିବା ସହ ହାଣ୍ଡିଶାଳର ହାତ ତିଆରି ଖାଦ୍ୟ ସେମାନଙ୍କୁ ପରଷା ଯାଉଥିଲା। କର୍ମକର୍ତ୍ତା ସୁମନ୍ତ କୁମାର ବାରିକ, ଚନ୍ଦନ ଦାସ, ପ୍ରଫୁଲ୍ଲ ସାହୁ, ସଙ୍ଗୀତା ସାହୁ, ନିରଞ୍ଜନ ଭୋଇ, ବିଳାସ ଦାସ, ଶିବୁ ସାହୁ, ନିରଞ୍ଜନ ଦାସ, ବାବୁନା ଦାସ, ଦାଶରଥି ଦାସ ଓ ମନୋଜ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜଗତ୍‌ସିଂହପୁର ପୌରାଞ୍ଚଳରେ ବିକାଶ ବାହନର ଶୁଭାରମ୍ଭ



ପୌର ପ୍ରଶାସନ ପକ୍ଷରୁ ବିକାଶ ବାହନକୁ ସ୍ୱାଗତ କରାଯାଉଛି।

ଜଗତ୍‌ସିଂହପୁର, ୧୮।୬ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ପୌର ପରିଷଦ ପରିସରରେ ବୁଧବାର ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ବିକାଶ ସମ୍ବଳିତ ବାର୍ତ୍ତା ସହ ଆରମ୍ଭ ହୋଇଛି ବିକାଶ ବାହନ ଯାତ୍ରା। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବିକାଶ ବାହନକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ସମସ୍ତ ପାରିଷଦ ବର୍ଗ, ସ୍ୱଚ୍ଛ ସାଥୀ, ସୁପରଭାଇଜର, ପୌର ପରିଷଦ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ବିକାଶ ବାହନ ସମସ୍ତ ୱାର୍ଡ଼ ପରିକ୍ରମା କରି ସହରବାସୀଙ୍କୁ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇବ। ପ୍ରତ୍ୟେକ ଷ୍ଟପ୍ ପଏଣ୍ଟରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା, ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯିବ।

## ବିକାଶ ବାହନ ପରିକ୍ରମାକୁ ନେଇ ବିବାଦ

### କାଉନସିଲରଙ୍କ ନାମରେ ଥାନାରେ ଅଭିଯୋଗ କଲେ ପୌର ନିର୍ବାହୀ ଅଧିକାରୀ

ପାରାଦୀପ, ୧୮।୬ (ଶରତ ରାଉତ)



୧୬ ନଂ. ୱାର୍ଡରେ ବିକାଶ ବାହନକୁ ସ୍ୱାଗତ କରାଯାଉଛି।

ପାରାଦୀପ ପୌରାଞ୍ଚଳରେ ରାଜ୍ୟ ସରକାରଙ୍କ ବିକାଶ ବାହନ ପରିକ୍ରମାକୁ ନେଇ ବିବାଦ ସୃଷ୍ଟି ହୋଇଛି। ବାହନ ପରିକ୍ରମା ସମୟରେ ୧୬ ନଂ. ୱାର୍ଡ ବିଜେଡି କାଉନସିଲର ମନୋଜ କୁମାର ନାୟକ ସରକାରୀ କର୍ମଚାରୀଙ୍କୁ ଗାଳିକରିବା ଏବଂ ବାହନକୁ ଅବରୋଧ କରିବା ଘଟଣାରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପାରାଦୀପ ଆଦର୍ଶ ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ବୁଧବାର ନଂ. ୧୫୬/୨୫ରେ ମାମଲା ରୁଜୁ କରିବା ସହ କାଉନସିଲର ନାୟକଙ୍କୁ ଥାନାକୁ ଡାକି ପଚରାଉଚରା କରି ଛାଡି ଦେଇଛନ୍ତି।

ରାଜ୍ୟ ସରକାର ବର୍ଷ ପୂର୍ତ୍ତି ଉପଲକ୍ଷେ ସଫଳତା ଉତ୍ସବ ପାଳନ କରୁଛନ୍ତି। ଏହା ୧୨ ତାରିଖରୁ ଚାଲୁଛି। ଏହିକ୍ରମରେ ପାରାଦୀପ ପୌରାଞ୍ଚଳରେ ବିକାଶ ବାହନ ୧୯ଟି ୱାର୍ଡରେ ପରିକ୍ରମା କରୁଛି। ବିବାଦ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଥାନାରେ ଦେଇଥିବା ଅଭିଯୋଗ (ଚିଠି ନଂ. ୨୪୯୦/୧୭।୬।୨୫) ଓ ସୂଚନା ମୁତାବକ ଉକ୍ତ ବାହନ ପରିକ୍ରମା ସମ୍ପର୍କରେ କାର୍ଯ୍ୟାଳୟର ସିଟି ମିଶନ ମ୍ୟାନେଜର ସୌଲକ୍ୟ ମିଶ୍ର ଚିଠି ଯୋଗେ ୧୬ନଂ. ୱାର୍ଡ କାଉନସିଲର ନାୟକଙ୍କୁ ଜଣାଇଥିଲେ। ମଙ୍ଗଳବାର ବାହନ ଉକ୍ତ ୱାର୍ଡର ମୁକ୍ତେଶ୍ୱର ମନ୍ଦିର ଛକରେ ଯିବା ବେଳେ ନାୟକ ମିଶ୍ରଙ୍କୁ ଗାଳି କରିଥିଲେ। ବାହନକୁ ପରିକ୍ରମା ପାଇଁ ଅବରୋଧ କରିଥିଲେ। ଏହାସହ ସିଟି ମିଶନ ମ୍ୟାନେଜର ମିଶ୍ରଙ୍କୁ ମଧ୍ୟ ଫୋନ ଯୋଗେ ଗାଳି କରିଥିଲେ। ସରକାରୀ କାମରେ ବାଧା ସୃଷ୍ଟି କରିବା ଯୋଗୁ ଥାନାରେ ଅଭିଯୋଗ କରାଯାଇଛି। ଉକ୍ତ ପ୍ରସଙ୍ଗରେ କାଉନସିଲର ନାୟକଙ୍କୁ ପଚାରିବାରେ ପ୍ରଥମେ ଚିଠି କରାଯାଇ ବିକାଶ ବାହନ ୧୬ ତାରିଖରେ ପହଞ୍ଚିବ। ପୁଣି ସେହି କାର୍ଯ୍ୟକ୍ରମ ସମୟ ୨ଥର ପରିବର୍ତ୍ତନ କରିଥିଲେ। ଯେଉଁ ସମୟରେ ପଥପ୍ରାନ୍ତ ବୈଠକ ହେବ ବୋଲି ସୂଚନା ଦିଆଯାଇଥିଲା ସେଠାରେ ପ୍ରାୟ ୩ ଶହ ଲୋକ ଏକାଠି ହେବାକୁ କହିବାରୁ ସିଟି ମିଶନ ମ୍ୟାନେଜର ମିଶ୍ର ମନା କରିଥିଲେ। ମଙ୍ଗଳବାର ବ୍ୟକ୍ତିଗତ କାରଣ ଯୋଗୁ ବାହାରେ ଥିଲି। ସେହି ସମୟରେ ଫୋନ ଯୋଗେ ସୂଚନା ଦିଆଗଲା ଏବେ ବାହନ ଆସିଛି ତୁମେ ଆସ। ଫୋନରେ ଏଭଳି ବାରମ୍ବାର ସମୟ ପରିବର୍ତ୍ତନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲି। କାହାକୁ ଗାଳି କରିନାହିଁ। ମୋ ନାମରେ ମିଥ୍ୟା ଅଭିଯୋଗ କରାଯାଇଛି। ଆଇଆଇସି କାବୁଲି ବାରିକଙ୍କୁ ପଚାରିବାରେ ଅଭିଯୋଗ ପରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଛି। କାଉନସିଲର ନାୟକଙ୍କୁ ଥାନାକୁ ଡାକି ପଚରାଉଚରା କରିବା ପରେ ଛାଡ଼ି ଦିଆଯାଇଛି ବୋଲି ସେ କହିଛନ୍ତି।

## ନିସ୍ ଶିକ୍ଷାନୁଷ୍ଠାନର ପରିବେଶ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୮।୬ (ଅନୁରାଧା ମହାରଣା)

ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ସୋସିଆଲ ୱାର୍କସ୍ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ପରିବେଶ ସୁରକ୍ଷା ଓ ଜୀବନରକ୍ଷା' ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଜଗତ୍‌ସିଂହପୁର ଜିଲାର ନାଉଗାଁଠାରେ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ବୃକ୍ଷର ଉପାଦେୟତା ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ବହୁ ଔଷଧୀୟ ଓ ଫଳ ଚାରା ରୋପଣ କରିଥିଲେ। ଏଥିରେ ନିସ୍ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ସାମାଜିକ କର୍ମୀ ସୁକାନ୍ତ ଲେଙ୍କା, ଦେବେନ୍ଦ୍ର ମଲ୍ଲିକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ପରିବେଶ ସଚେତନା ଉପରେ ଆଲୋକପାତ କରିବା ସହ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ସ୍ୱାସ୍ଥ୍ୟ, ବିଦ୍ୟୁତ, ଶିକ୍ଷକ ସମସ୍ୟାକୁ ଗୁରୁତ୍ୱ



ରଘୁନାଥପୁର ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅଧିକାରୀ ଓ ଅନ୍ୟମାନେ।

ରଘୁନାଥପୁର, ୧୮।୬ (ରାଜେନ୍ଦ୍ର ନାରାୟଣ ସିଂହ)

- ରଘୁନାଥପୁର ପଞ୍ଚାୟତ ସମିତି ୫ମ ଅଧିବେଶନ
- ସୀମିତ ପ୍ରକଳ୍ପ ଅନୁମୋଦନକୁ ନେଇ କ୍ଷୋଭ ପ୍ରକାଶ

ରଘୁନାଥପୁର ପଞ୍ଚାୟତ ସମିତିର ୫ମ ଅଧିବେଶନ ବୁଧବାର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଏମ୍‌ପି ପ୍ରତିନିଧି ଆଇନଜୀବୀ ଗଗନ ଦାଶ, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରୀନାରାଣୀ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଡିଓ ବିରଞ୍ଚି ନାରାୟଣ ବେହେରା ସଭା ପରିଚାଳନା କରିଥିବାବେଳେ ଏବିଡିଓ ଦାୟିତ୍ୱରେ ଥିବା ଜିପିଓ ସ୍ମାରକ ମହାନ୍ତି ପୂର୍ବ ଅଧିବେଶନର ବିବରଣୀ ପଠନ କରିଥିଲେ। ବୈଠକ ଆରମ୍ଭ ମାତ୍ରେ ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଓ ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ ସରକାରୀ ଅନୁଦାନ ଅନୁଯାୟୀ ପ୍ରକଳ୍ପ ତାଲିକା ମଗାଯାଉ ବୋଲି ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଗ୍ରାମସଭାରେ ପାସ୍ ହୋଇଯାଇଥିବା ପ୍ରକଳ୍ପଗୁଡିକ ଜିଲାପାଳଙ୍କ ପାଖରୁ ଆପ୍ରୁଭ ହୋଇ ଆସିଥିଲେ ସୁଦ୍ଧା ସେଥିମଧ୍ୟରୁ ହାତଗଣତି ଗୋଟିଏ କି ଦୁଇଟି ପ୍ରକଳ୍ପ ପାଇଁ ଅନୁଦାନ ଯୋଗାଇଦେବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହାକୁ ରିଜୋଲ୍ୟୁଶନ କରାଯାଇ ସରକାରଙ୍କୁ ଅବଗତ କରାଯାଉ ବୋଲି ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ଦାବି କରିଥିଲେ। ତାରପୁର ସରପଞ୍ଚ ସୁଷମା ମଲ୍ଲିକ ସୌଭାଗ୍ୟ ଯୋଜନାରେ ଜଣେ ଭିନ୍ନକ୍ଷମ କାଳନ୍ଦୀ ବାରିକଙ୍କ ଉପରେ ଏକକାଳୀନ ୫ ବର୍ଷର ବିଦ୍ୟୁତ୍ ବିଲ ପୈଠ କରିବାକୁ ବିଭାଗ ପକ୍ଷରୁ ଆସିଥିବା ନୋଟିସ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିରେ କାହାର ଭୁଲ୍ ତଦନ୍ତ କରିବା ସହ ଭିନ୍ନକ୍ଷମଙ୍କ ପ୍ରତି ଅବିଚାର କରାଯାଇଛି ବୋଲି ଦୁଃଖ ପ୍ରକାଶ କରିଥିଲେ। ସେହିପରି ଏଲ୍ ଆଣ୍ଡ ଟି କମ୍ପାନୀ ପକ୍ଷରୁ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ବିଭିନ୍ନ ଗ୍ରାମର ରାସ୍ତା ପାର୍ଶ୍ୱରେ ଖୋଳାଯିବା ଓ ସେଗୁଡିକ ମରାମତି କରା ନ ଯିବାରୁ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ସମ୍ପର୍କରେ ସରପଞ୍ଚ ମଲ୍ଲିକ ଅଭିଯୋଗ କରିଥିଲେ। ଗୁଆଳିପୁର ସରପଞ୍ଚ ମନଜିନି ସାହୁ ଓ ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ଶିକ୍ଷକ ନ ଥିବା ଏବଂ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ନେଇ ଦାବି କରିଥିଲେ। ଏହାଛଡ଼ା ରାଜ୍ୟର ବିଭିନ୍ନ ଜିଲାରେ ଝାଡ଼ାବାନ୍ତି ବ୍ୟାପୁଥିବାରୁ ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ ସଚେତନତା ଜରୁରୀ ହୋଇପଡିଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ସୁକାନ୍ତ କୁମାର ଦଳାଇ ବୈଠକରେ ସୂଚାଇ ଦେଇଥିଲେ। ସମସ୍ତ ଜନପ୍ରତିନିଧି ଏଥିପ୍ରତି ଯତ୍ନବାନ ହେବାକୁ ଅନୁରୋଧ କରିଥିଲେ। ଏଥିସହ ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ବ୍ଲକ ବିଏସ୍‌ଏସ୍‌ଓଙ୍କ ସାଧାରଣଙ୍କ ପ୍ରତି ଅସହଯୋଗ, ଭତ୍ତା, ରାଶନ କାର୍ଡ, କୃଷି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପୂର୍ବତନ ସରପଞ୍ଚ ବାସନ୍ତୀ ସାହୁଙ୍କ ପରଲୋକ ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଜିପିଓ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ଶେଷ କରିଥିଲେ। ଅପରାହ୍ନ ୪ଟାରେ ବୈଠକ ଶେଷ ହୋଇଥିଲାବେଳେ କ୍ୟାଶିୟର ଭାବେଶ କୁମାର ବେହେରାଙ୍କ ସହ ସମସ୍ତ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।


**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for various repair works at NLUO Cuttack. Last date & time of receipt is **25.06.2025** at **03.00 P.M.** For details please visit website: **https://nluo.ac.in/tenders/**.

Sd/- Registrar

**OFFICE OF THE PRINCIPAL, RAJSUNAKHALA COLLEGE**
RAJSUNAKHALA, DIST.: NAYAGARH - 752065

**TENDER/QUOTATION CALL NOTICE**

No.: 399 Date:18.06.2025

Sealed Tender/Quotations are invited from intending registered suppliers/Firms/Dealers having valid GSTIN registration, Tax Clearance of last three years, PAN Card for supply of the following items of reputed brand i.e. Desktop (6 Nos.), UPS (6 Nos.), MFM Printer (2 Nos.), LED TV – 65 inch (01 No.), Wireless Mice and Camera with MIC for virtual meeting, Internet facilities.

The supplier will submit Quotations on or before 27.06.2025 by 4:00 P.M. Quotations receives incomplete or after scheduled date and time shall be summarily rejected.

The undersigned reserves the right to accept/reject or cancel any or all quotations without assigning any reasons thereof.

PRINCIPAL
RAJSUNAKHALA COLLEGE, NAYAGARH

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION No.-1, AMBIKAPUR**
**e-Procurement Tender Notice**
Main Portal: http://cgeprocurement.gov.in
WRD Portal: http://wrd.cgeprocurement.gov.in
**(FIRST CALL)**
**CORRIGENDUM**

No. 01/SAC/2025-26 Date: 16.06.2025

The following partial modifications are made. In the tender invited vide N.I.T. No. 01/SAC/2025-26 Dated 06.06.2025 System Tender No. 169598 For DEEPENING AND RENOVATION OF LABJI TANK & CONSTRUCTION OF C.C. CHANNEL. Whose "G" No. 252601454 Date: 09.06.2025.

| S. No. | Amendments |
| --- | --- |
| 1 | In the G-Schedule Item No.-2 may be read as Qty 18571.00 cum & Rate 224.14 per Cum instead of Qty 34194.87 cum & Rate 121.73 |
| 2 | In the G-Schedule Item No.-3 may be read as Qty 162.00 cum & Rate 4292.14 per Cum instead of Qty 885.39 cum & Rate 785.34. |

Note: All other terms and conditions will be remain and unchanged.

Sd./- Executive Engineer
Water Resources Division No. 1
Ambikapur
For, Chief Engineer
Hasdeo Ganga Basin, W.R. Deptt.
Ambikapur (C.G.)

G-252601621/1

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**

गुमशुदा रौशन कुमार



सर्व साधारण को सूचित किया जाता है कि जसीडीह रेल थाना कांड सं0–29/23 दिनांक–04.05.2023 धारा 363/भा0द0वि0 में गुमशुदा रौशन कुमार दिनांक–04.05.2023 को समय करीब सुबह 04:00 बजे जसीडीह रेलवे स्टेशन के टिकट काउन्टर के पास परिवार वालो के बिच से गायब होने के संबंध में कांड दर्ज कराया गया। उक्त बच्चे का जसीडीह रेलवे स्टेशन पर काफी खोजबीन किया गया साथ ही सी0सी0टी0वी0 फुटेज भी चेक किया परन्तु गुम हुए बच्चा का कोई पता नही चल पाया है। गुमशुदा रौशन कुमार उम्र–04 वर्ष, रंग–गोरा, पहनावा–गुलाबी रंग का टी–शर्ट पहना हुआ।

गुमशुदा रौशन कुमार के बारे में किसी प्रकार की जानकारी प्राप्त हो, तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करे।
**पुलिस अधीक्षक, रेल धनबाद– 9431706117**
**पुलिस उपाधीक्षक(द्वितीय), रेल धनबाद–7033619661**
**पुलिस निरीक्षक सह थाना प्रभारी, रेल थाना जसीडीह–7903174831**
**प्रभारी डी0सी0बी0 भाखा, रेल धनबाद–8340713828**

ह0/–
पुलिस अधीक्षक, रेल, धनबाद

PR 355401 Police(25-26)#D

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**

लापता व्यक्ति राजीव कुमार सिंह उर्फ गुड्डु सिंह



सर्व साधारण को सूचित किया जाता है कि राजकीय रेल थाना चन्द्रपुरा काण्ड सं0–13/2023, दिनांक–31.10.2023 धारा–363 भा0द0वि0 में लापता व्यक्ति राजीव कुमार सिंह उर्फ गुड्डु सिंह उम्र–50 वर्श, पिता–स्व0 अर्जुन सिंह, पता–बौधी छपरा, थाना–अवतार नगर, जिला–सारण, बिहार (जो मानसिक रूप से विछिप्त थे) अपने गॉव के ही अखिलेश्वर साह के साथ दिनांक–23.11.2022 को मेन्टल अस्पताल राँची से ईलाज करा मौर्या एक्स0 ट्रेन के जनरल बोगी में सवार होकर राँची से दिघवारा तक यात्रा कर रहे थे। ट्रेन जब चन्द्रपुरा स्टेशन पर रूकी तो अखिलेश्वर साह पानी लेने ट्रेन से नीचे उतरे तथा पानी लेकर ट्रेन में चढ़े तो देखे कि राजीव कुमार सिंह उर्फ गुड्डु सिंह अपने सीट पर नहीं थे। बोगी में काफी खोजबीन किये परन्तु उनका का पता नहीं चला। लापता व्यक्ति का हुलिया–उम्र लगभग 50 वर्श, लंबाई–05 फीट 06 इंच, कद काठी मध्यम, बाल–कुछ काला तथा कुछ सफेद, मुँछ–छोटा, दाढी–सेब, पहनावा–काला रंग का पेन्ट, उजला स्वेटर, भाशा–भोजपुरी एवं हिन्दी। उक्त लापता व्यक्ति का पता नहीं चल पा रहा है।

अतः अनुरोध है कि लापता व्यक्ति के बारे में कोई जानकारी प्राप्त हो तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करेंगें।
पुलिस अधीक्षक, रेल धनबाद– 9431706117
पुलिस उपाधीक्षक(प्रथम), रेल धनबाद–7033619661
थाना प्रभारी, रेल थाना चन्द्रपुरा–8580239270
प्रभारी, डी0सी0बी0 शाखा, रेल धनबाद–8340713828

ह0/–
पुलिस अधीक्षक, रेल धनबाद

PR 355399 Police (25-26)_D

# କାୟାକଳ୍ପ ପୁରସ୍କାର ପରେ ବିଗୁଡ଼ିଛି ସ୍ୱାସ୍ଥ୍ୟସେବା

ଖଣ୍ଡପଡ଼ା,୧୮।୬(ଅଜୟ କୁମାର ମହାରଣା)

ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିବା ବେଳେ ସେଠାରେ ସ୍ୱାସ୍ଥ୍ୟସେବା ବିଗୁଡ଼ିଥିବା ଅଭିଯୋଗ ହେଉଛି । ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଡ଼ାକ୍ତର ଓ କର୍ମଚାରୀଙ୍କ ଅଭାବ ଯୋଗୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ସମସ୍ୟା ସୃଷ୍ଟି ହେଉଛି । ଏ ସମ୍ପର୍କରେ ବାରମ୍ବାର ପ୍ରଶାସନ, ସ୍ଥାନୀୟ ଲୋକପ୍ରତିନିଧି ଓ ସ୍ୱାସ୍ଥ୍ୟ ବିଭାଗ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ଖଣ୍ଡପଡା ବ୍ଲକ ଅନ୍ତର୍ଗତ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିବା ବେଳେ ସଂପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖାପାଖର ୧୦ ଖଣ୍ଡ ପଞ୍ଚାୟତର ଜନସାଧାରଣ ନିର୍ଭର କରୁଛନ୍ତି । ଅପରପକ୍ଷରେ ଗତ ୪ ବର୍ଷ ପୂର୍ବେ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଧ୍ୟ କାୟାକଳ୍ପ ପୁରସ୍କାର ମିଳିଛି । ମାତ୍ର ଆବଶ୍ୟକୀୟ ଡ଼ାକ୍ତର ଓ କର୍ମଚାରୀ ଅଭାବ ଯୋଗୁ ରୋଗୀସେବାରେ ଅନ୍ତରାୟ ସୃଷ୍ଟି ହେଉଛି । ସାଧାରଣ ରୋଗୀଟିଏ ଜରୁରୀକାଳୀନ ପରିସ୍ଥିତିରେ ଖଣ୍ଡପଡା, ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା କଣ୍ଟିଲୋକୁ ଗଲେ କର୍ତ୍ତୃପକ୍ଷ ନୟାଗଡ ଜିଲାମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଥିବା ଜଣାପଡିଛି । ବିଶେଷକରି କଣ୍ଟିଲୋ ନୀଳମାଧବ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରତ୍ୟେହ ଶହ ଶହ ପର୍ଯ୍ୟଟକ ଶ୍ରୀଜୀଉଙ୍କ ଦର୍ଶନରେ ଆସୁଥିବା ବେଳେ ଆଖପାଖ ବାଣପୁର, ବେଣାଗାଡିଆ, ପଥରଚକଡା, ଧାନଚେଙ୍ଗଡା, ସିଧାମୂଳା ଆଦି ପଞ୍ଚାୟତର ୪୦ରୁ ୫୦ ହଜାର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାଆନ୍ତି । ଗତ ୫ ବର୍ଷ ତଳେ କାୟାକଳ୍ପ ଟିମ ଖଣ୍ଡପଡା ଓ ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସିଥିବା ବେଳେ ରିପୋର୍ଟ ଆଧାରରେ ସଂପୃକ୍ତ ୨ଗୋଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଛି । ସଂପୃକ୍ତ ୩ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଜରୁରୀକାଳୀନ ତଥା ବିଭିନ୍ନ ସମୟରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ବେଳେ କାୟାକଳ୍ପ ଟିମ କେଉଁ ଆଧାରରେ ପୁରସ୍କାର ପ୍ରଦାନ କଲେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଶେଷ କରି କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଟି ଦୀର୍ଘ ବର୍ଷରୁ ଆବଶ୍ୟକୀୟ ଡ଼ାକ୍ତରର ଅଭାବ ଯୋଗୁ ଏକ ମାତ୍ର ଫାର୍ମାସିଷ୍ଟ ରୋଗୀମାନଙ୍କର ସାହା ଭରସା ବୋଲି ଜଣାପଡିଛି । ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ବାହାର ପରିବେଶର ସୌନ୍ଦର୍ଯ୍ୟକରଣ କରାଯାଇଥିବା ବେଳେ ଭିତର ପରିବେଶ ପ୍ରତି ଜିଲା ପ୍ରଶାସନ ନତୁବା ସ୍ୱାସ୍ଥ୍ୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଖଣ୍ଡପଡା ଅଞ୍ଚଳବାସୀ ଦାବି କରିଛନ୍ତି ।



ମେଧା ଶିକ୍ଷା ସମ୍ମାନ ପ୍ରଦାନ ଉତ୍ସବରେ ଜଣେ ଛାତ୍ରଙ୍କୁ ସମ୍ମାନିତ କରାଯାଉଛି ।

# ପୂଜ୍ୟପୂଜା,ମେଧା ଶିକ୍ଷା ସମ୍ମାନ ପ୍ରଦାନ ଉତ୍ସବ

ଗଣିଆ,୧୮।୬(ସନ୍ତୋଷ କୁମାର ପ୍ରଧାନ)

ବୁଧବାର ଗଣିଆ ବ୍ଲକ ବିନ୍ଧ୍ୟଗିରି ଭବନରେ ବାସୁଦେବ ଫାଉଣ୍ଡେଶନ ତରଫରୁ ପୂଜ୍ୟପୂଜା ଓ ମେଧା ଶିକ୍ଷା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାସୁଦେବ ଫାଉଣ୍ଡେଶନ ସ୍ରଷ୍ଟା ତଥା ଗଣିଆ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ କୁଳମଣି ବାରିକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନୀନୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଏସ୍‌ଏସ୍ ପିଡି ବିଭାଗର ଉପସଚିବ ସନ୍ୟାସୀ ବେହେରା , ବିଡ଼ିଓ ସାଗର ନନ୍ଦ, ରଘୁନାଥ ଜୀଉ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡା, ରଘୁନାଥ ଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସଲୀଳା ସେଠୀ, ବନମାଳୀ ବାରିକ ଉଚ୍ଚ ମାଧ୍ୟମିକ ବିଦ୍ୟଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା, ଜିଲା ପରିଷଦ ସଭ୍ୟ ନରେଶ କୁମାର ବେହେରା ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାଶିବ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ମାଟ୍ରିକ ଓ ଯୁକ୍ତ ଦୁଇ କଳା. ବାଣିଜ୍ୟ ରେ ୯୦% ମାର୍କ ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଉତ୍ତରୀୟ, ଫୁଲତୋଡ଼ା ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଶେଷ କରି ଗଣିଆ ବ୍ଲକର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରଜ ଧମାକା କ୍ରିକେଟ ଟୁର୍ନାମେଣ୍ଟ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

ଦଶପଲ୍ଲା,୧୮।୬( ପ୍ରକାଶ କୁମାର ପାଣି)

ମା'ବାଗଦେବୀ କ୍ରିକେଟ୍ ଗ୍ରାଉଣ୍ଡରେ ଆନନ୍ଦେଶର କ୍ରିକେଟ କ୍ଲବ ଘୁଗୁଡ଼ିପଡା ଓ ଗୁରିଆବରୀ ମିଳିତ ଆନୁକୂଲ୍ୟରେ ଚାଲୁଥିବା ୧୧ତମ ରଜ ଧମାକା କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଫାଇନାଲ ମ୍ୟାଚରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା , ସାମାଜିକ କର୍ମୀ ସଞ୍ଜୟ ରାଉତ ଓ ଚନ୍ଦନ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ୧୬ ଦଳଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏହି ଟୁର୍ନାମେଣ୍ଟରେ ମା'ପିତାବଳି କ୍ରିକେଟ କ୍ଲବ୍ ଓଡ଼ିଆ ଓ ବିଶାଳ ଇଲେଭେନ ଦଶପଲ୍ଲା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ଏହି ମ୍ୟାଚରେ ବିଶାଳ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୭୬ ରନ କରିଥିଲା ମାତ୍ର ମା'ପିତାବଳି କ୍ରିକେଟ କ୍ଲବ ସମସ୍ତ ଉଇକେଟ ହରାଇ ମ୍ୟାଚକୁ ଡ୍ର କରିଥିଲା। ପରେ ସୁପର ଓଭରରେ ଓଡ଼ିଆ କ୍ଲବ୍ ୧୨ ରନ କରିଥିଲା । ମାତ୍ର ବିଶାଳ ଇଲେଭେନ ୧୩ ରନ କରି ମ୍ୟାଚ ବିଜୟୀ ହୋଇଥିଲେ। ଏହି ଖେଳକୁ ଆମ୍ପାୟାର ପ୍ରମୋଦ କୁମାର ପରିଚାଳନା କରିଥିଲେ। ଶେଷରେ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ।

# ଗଞ୍ଜାମର ୫ଗାଁ ସୁନାମି ରେଡି, ଆଉ ୧୦ ପାଇଁ ଯୋଜନା

# ଗଞ୍ଜାମର ୧୧୦ ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ ଆଜି

ଛତ୍ରପୁର,୧୮।୬(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲାସ୍ତରୀୟ ଟେବୁଲ ଟପ୍ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ବୈଠକ ବୁଧବାର ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଜଉଗଡ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଅଭିଷେକ ସାହୁ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ ଯେ, ଗଞ୍ଜାମ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଜିଲା । ତେଣୁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିବାକୁ ପଡିବ । ପ୍ରାକୃତିକ ବିପର୍ଯ୍ୟୟ ଆସିବାର ଆଗୁଆ ସୂଚନା ବର୍ତ୍ତମାନ ସମୟରେ ଆମେ ପାଇପାରୁଛେ । ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ହେଲେ ପ୍ରାକ ସତର୍କତା ଓ ସଚେତନତା ଜରୁରୀ। ସେହିପରି ଠିକ ସମୟରେ ପଦକ୍ଷେପ ନେଲେ ବିପର୍ଯ୍ୟୟର ମୁକାବିଲା କରିପାରିବା ବୋଲି ଅତିରିକ୍ତ ଜିଲାପାଳ ପଣ୍ଡା କହିଥିଲେ। ବିପର୍ଯ୍ୟୟ ସମୟରେ ଜନ ସାଧାରଣ କିପରି ନିଜକୁ ତଥା ଗୃହପାଳିତ ପଶୁପକ୍ଷୀଙ୍କୁ ରକ୍ଷା କରିପାରିବେ ସେଥିପ୍ରତି ପ୍ରଚାର ପ୍ରସାର ମାଧ୍ୟମରେ ସଚେତନତା ସୃଷ୍ଟି କରିବାକୁ ପଡିବ। ଓସଡମାର ସାଧାରଣ ପରିଚାଳିକା ( ଅବଜରଭର୍) ତପସ୍ୱିନୀ ନାୟକ କହିଥିଲେ ଯେ, ଗଞ୍ଜାମ ଜିଲା ୧୯୯୯ ଓ ୨୦୧୩ରେ ବାତ୍ୟାର ମୁକାବିଲା କରିପାରିଛି । ସମସ୍ତ ବିଭାଗର ସମନ୍ୱୟ ରହିଲେ ବିପର୍ଯ୍ୟୟକୁ ସହଜରେ ମୁକାବିଲା କରିପାରିବା ବୋଲି କହିଥିଲେ। ସମସ୍ତ ବ୍ଲକସ୍ତରରେ ଓ ସହରାଞ୍ଚଳରେ ଅପରାହ୍ନରେ ଟେବୁଲ ଟପ ଅଭ୍ୟାସ ହୋଇଛି। ଗୁରୁବାର ଜିଲାର ସମସ୍ତ ୧୧୦ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯିବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ସତର୍କତା ଅବଲମ୍ବନ କରାଯିବ ତାହା ଜନ ସାଧାରଣଙ୍କୁ ପ୍ରଦର୍ଶିତ କରି ସଚେତନ କରାଯିବ। ଗଞ୍ଜାମ, ଛତ୍ରପୁର, ରଙ୍ଗେଇଲୁଣ୍ଡା, ଓ ଚିକିଟି ବ୍ଲକରେ ସୁନାମୀ ପ୍ରବଣ କାର୍ଯ୍ୟକ୍ରମ ଚାଲୁ ରହିଛି ।

# ଭତ୍ତା ତାଲିକାରେ ବହୁ ଅଯୋଗ୍ୟ ହିତାଧିକାରୀ

ଖଣ୍ଡପଡ଼ା,୧୮।୬(ଅଜୟ କୁମାର ମହାରଣା )

ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଭତ୍ତା ତାଲିକାରେ ଗଢୁଛି । ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ଓ ଅଭିଯୋଗ କରାଗଲେ ମଧ୍ୟ ତାଲିକାରୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯାଉନାହିଁ। ଏ ସଂକ୍ରାନ୍ତରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ତଦନ୍ତ ହେଉନାହିଁ । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରେ ପ୍ରତି ମାସରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ତାଲିକାକୁ ଅନୁଧ୍ୟାନ କଲେ ଭିନ୍ନକ୍ଷମ , କଳାକାର ଭତ୍ତା ହିତାଧିକାରୀ ଚୟନରେ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସୁଛି । କଳାକାର ଓ ଭିନ୍ନକ୍ଷମ ନ ହୋଇ ମଧ୍ୟ ବହୁ ଲୋକ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହେଲେ କିପରି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି କାଗଜପତ୍ରରେ ଚଞ୍ଚକତା କରି ୬୦ ବର୍ଷ ବୟସରୁ କମ ବୟସର ଅନେକ ବ୍ୟକ୍ତି ପ୍ରତି ମାସରେ ଭତ୍ତା ପାଉଥିବା ଅଭିଯୋଗ ହୋଇଛି । ଏସବୁ ଦୁର୍ନୀତି ପଛରେ କେତେଜଣ ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ଲୋକପ୍ରତିନିଧିଙ୍କ ହାତଥିବା ସାଧାରଣରେ ଆଲୋଚନା ହେଉଛି । ପ୍ରତି ମାସରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ତାଲିକା ଯଦି ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଏ ବହୁ ଅଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ ପଡିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

# ବିପର୍ଯ୍ୟୟ ପରିଚାଳନା ପ୍ରାକ୍ ପ୍ରସ୍ତୁତି ବୈଠକ

ଓଡ଼ଗାଁ,୧୮।୬(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସଭାଗୃହଠାରେ ଓଡ଼ଗାଁ ବ୍ଲକ ଏବଂ ଏନଏସିର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳନା ପ୍ରାକ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଏବଂ ଗ୍ରାମପଞ୍ଚାୟତ ଅଧିକାରୀ ବିଶ୍ୱଜିତ୍ ଜେନା ପ୍ରମୁଖଙ୍କ ସହିତ ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ପଞ୍ଚାୟତ ଜନ ପ୍ରତିନିଧି, ଅଗ୍ନିଶମ ସେବା ବାହିନୀ ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ, ବନାଞ୍ଚଳ କର୍ମଚାରୀ, ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ପ୍ରତିନିଧି ମାନଙ୍କ ସହିତ ହିସାବ ରକ୍ଷକ ଏବଂ ତଥ୍ୟ ନିକ୍ଷେପଣ ପରିଚଳକମାନେ ଗୋଟିଏ ଟେବୁଲରେ ବସି ଆଲୋଚନା କରିଥିଲେ। ବିଶେଷ କରି ଓଡ଼ଗାଁ ବ୍ଲକ ଅଞ୍ଚଳରେ କାଳବୈଶାଖୀ, ବର୍ଷା, ବାତ୍ୟା, ବନ୍ୟାର ପ୍ରକୋପ ଦେଖିବାକୁ ମିଳୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ବେଳେ ମନୁଷ୍ୟ ଏବଂ ଗୃହପାଳିତ ପ୍ରାଣୀମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ସହିତ ସେମାନଙ୍କ ପାଇଁ ଖାଦ୍ୟ, ବସ୍ତ୍ରର ବ୍ୟବସ୍ଥା କରିବା ନିମନ୍ତେ ପ୍ରସ୍ତୁତ ରହିବାକୁ ବିଡିଓ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

# କୁକୁର କାମୁଡ଼ାରେ ଛାତ୍ରୀ ଗୁରୁତର

ନୟାଗଡ଼,୧୮।୬(ଲୋକନାଥ ମିଶ୍ର)

- ୫ କୁକୁର ମିଳିତ ଭାବେ କଲେ ଆକ୍ରମଣ
- କୁକୁର ମୁହଁରୁ ଝିଅକୁ ଛଡାଇ ଆଣିଲେ ମା'

ନୟାଗଡ଼ ବ୍ଲକ୍ ନବଘନପୁର ପଞ୍ଚାୟତ ଗୋପାଳପୁର ଗାଁରେ କୁକୁର କାମୁଡ଼ାରେ ଗାୟତ୍ରୀ ମାଝି(୯) ନାମକ ଜଣେ ଛାତ୍ରୀ ଆହତ ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅବସ୍ଥାରେ ଉନ୍ନତି ନ ଆସିବାରୁ ପ୍ରାଥମିକ ଚିକିତ୍ସା କରାଯାଇ ଏମ୍‌ସ୍‌କୁ ସ୍ଥାନାନ୍ତରିତ କରାଯାଇଛି । କୁକୁର କାମୁଡ଼ା ଯୋଗୁ ଗାୟତ୍ରୀଙ୍କ ମୁଣ୍ଡ, ବେକ, ହାତ, ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି । ଗୋପାଳପୁର ଗାଁର ରମେଶ ମାଝିଙ୍କ ଝିଅ ଗାୟତ୍ରୀ ତୃତୀୟ ଶ୍ରେଣୀର ଛାତ୍ରୀ। ବୁଧବାର ଅପରାହ୍ନରେ ଗାୟତ୍ରୀ ବାରିପଟ ପଡ଼ିଆରେ ଖେଳୁଥିଲେ । ଖେଳିବା ସମୟରେ ୫ଟି କୁକୁର ମିଳିତ ଭାବେ ତାଙ୍କୁ ଆକ୍ରମଣ କରିଥିଲେ । ଏପରିକି ୫ କୁକୁର ମିଳିତ ଭାବେ ତାଙ୍କୁ କାମୁଡିବାରୁ ଝିଅର ଚିତ୍କାର ଶୁଣି ମା'ଘଟଣା ସ୍ଥଳରେ ପହଞ୍ଚି କୁକୁର ମେଳିରୁ ଝିଅକୁ ଟାଣି ଆଣିଥିଲେ। ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସୂଚନାଯୋଗ୍ୟ, ନୟାଗଡ଼ ସହର ଓ ଆଖପାଖ ଅଞ୍ଚଳରେ କୁକୁରଙ୍କ ଉତ୍ପାତ ବଢ଼ି ଚାଲିଛି । ନୟାଗଡ଼ ନିକଟସ୍ଥ ଗୋପାଳପୁରରେ ଘଟିଥିବା ଏହି ଘଟଣା ଚିନ୍ତାର କାରଣ ପାଲଟିଛି ।

# ମଲାଡ଼ ପଞ୍ଚାୟତରେ ବିକାଶ ବାହନ ଶୁଭାରମ୍ଭ

ଗଞ୍ଜାମ,୧୮।୬(ବିଦ୍ୟାଧର ସାହୁ): ଗଞ୍ଜାମ ବ୍ଲକ୍ ମଲାଡ଼ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବୁଧବାର ସରକାରଙ୍କ ବିକାଶ ବାହନ ସ୍ଥାନୀୟ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବିଡ଼ିଓ ଅଚ୍ୟୁତାନନ୍ଦ ନନ୍ଦ ଜାନୀ, ସରପଞ୍ଚ ମମତା ବେହେରା, ସହକାରୀ ଯନ୍ତ୍ରୀ ସୁଶୀଲ କୁମାର ପଣ୍ଡା, ପିଇଓ କେ ପୋଚୁଡୁ, ଭାଜପା ମଣ୍ଡଳ ପୂର୍ବତନ ସଭାପତି ସୁଶାନ୍ତ ନାହାକ, ସରପଞ୍ଚ ପ୍ରତିନିଧି ସୁଦାମ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଠାକୁରାଣୀଙ୍କ ଦର୍ଶନ କଲେ ଜିଲା କଂଗ୍ରେସ ପ୍ରଭାରୀ



ଜି ଉଦୟଗିରି, ୧୮।୬ (ଚିନ୍ମୟ କୁମାର ସେଠୀ)

କନ୍ଧମାଳ କଂଗ୍ରେସ ପ୍ରଭାରୀ ତଥା ବିଧାୟକ ରମେଶ ଜେନା ବୁଧବାର ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ପ୍ରଧାନଙ୍କ ସହ ଜି.ଉଦୟଗିରି ଠାରେ ପହଞ୍ଚିଥିଲେ। ସ୍ଥାନୀୟ ବରାଳିନୀ ମନ୍ଦିର ନିକଟରେ ଯାତ୍ରା କମିଟି ସଭାପତି ଚିତ୍ତରଞ୍ଜନ ସାହୁ, କାର୍ଯ୍ୟକାରୀ ସଭାପତି ଅରୁଣ ଷଡ଼ଙ୍ଗୀ, ଉପସଭାପତି ଶଙ୍କର ଡାକୁଆ, ସମ୍ପାଦକ କୋଷାଧ୍ୟକ୍ଷ ଓ ଅନ୍ୟ ସଦସ୍ୟଙ୍କ ସହ ସ୍ଥାନୀୟ କଂଗ୍ରେସ କର୍ମୀ ଗଗନ ପ୍ରଧାନ, ଯାକେଶ ପ୍ରଧାନ, ମଧୁଲିନା ଦିଗାଲ ଓ ଅନ୍ୟ ସମସ୍ତ କର୍ମୀମାନେ ସ୍ୱାଗତ କରିଥିଲେ। ପରେ ସେ ମଣ୍ଡପକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ।


**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for various repair works at NLUO Cuttack. Last date & time of receipt is **25.06.2025** at **03.00 P.M.** For details please visit website: **https://nluo.ac.in/tenders/**.

Sd/- Registrar

**OFFICE OF THE PRINCIPAL, RAJSUNAKHALA COLLEGE**
RAJSUNAKHALA, DIST.: NAYAGARH - 752065

**TENDER/QUOTATION CALL NOTICE**

No.: 399 Date:18.06.2025

Sealed Tender/Quotations are invited from intending registered suppliers/Firms/Dealers having valid GSTIN registration,Tax Clearance of last three years, PAN Card for supply of the following items of reputed brand i.e. Desktop (6 Nos.), UPS (6 Nos.), MFM Printer (2 Nos.), LED TV – 65 inch (01 No.), Wireless Mice and Camera with MIC for virtual meeting, Internet facilities.
The supplier will submit Quotations on or before 27.06.2025 by 4:00 P.M. Quotations receives incomplete or after scheduled date and time shall be summarily rejected.
The undersigned reserves the right to accept/reject or cancel any or all quotations without assigning any reasons thereof.

PRINCIPAL
RAJSUNAKHALA COLLEGE, NAYAGARH

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER,**
**WATER RESOURCES DIVISION No.-1, AMBIKAPUR**
**e-Procurement Tender Notice**
Main Portal: **http://cgeprocurement.gov.in**
WRD Portal: **http://wrd.cgeprocurement.gov.in**
**(FIRST CALL)**
**CORRIGENDUM**

**No. 01/SAC/2025-26** **Date: 16.06.2025**

The following partial modifications are made. In the tender invited vide N.I.T. No. 01/SAC/2025-26 Dated 06.06.2025 System Tender No. 169598 For DEEPENING AND RENOVATION OF LABJI TANK & CONSTRUCTION OF C.C. CHANNEL. Whose "G" No. 252601454 Date: 09.06.2025.

| S. No. | Amendments |
|---|---|
| 1 | In the G-Schedule Item No.-2 may be read as Qty 18571.00 cum & Rate 224.14 per Cum instead of Qty 34194.87 cum & Rate 121.73 |
| 2 | In the G-Schedule Item No.-3 may be read as Qty 162.00 cum & Rate 4292.14 per Cum instead of Qty 885.39 cum & Rate 785.34. |

**Note:** All other terms and conditions will be remain and unchanged.

**Sd./- Executive Engineer**
**Water Resources Division No. 1**
**Ambikapur**
**For, Chief Engineer**
**Hasdeo Ganga Basin, W.R. Deptt.**
**Ambikapur (C.G.)**

G-252601621/1

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**

गुमशुदा रौशन कुमार

सर्व साधारण को सूचित किया जाता है कि जसीडीह रेल थाना कांड सं0–29/23 दिनांक–04.05.2023 धारा 363/भा0द0वि0 में गुमशुदा रौशन कुमार दिनांक–04.05.2023 को समय करीब सुबह 04:00 बजे जसीडीह रेलवे स्टेशन के टिकट काउन्टर के पास परिवार वालो के बिच से गायब होने के संबंध में कांड दर्ज कराया गया। उक्त बच्चे का जसीडीह रेलवे स्टेशन पर काफी खोजबीन किया गया साथ ही सी0सी0टी0वी0 फुटेज भी चेक किया परन्तु गुम हुए बच्चा का कोई पता नही चल पाया है। गुमशुदा रौशन कुमार उम्र–04 वर्ष, रंग–गोरा, पहनावा–गुलाबी रंग का टी–शर्ट पहना हुआ।



गुमशुदा रौशन कुमार के बारे में किसी प्रकार की जानकारी प्राप्त हो, तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करे।
**पुलिस अधीक्षक, रेल धनबाद– 9431706117**
**पुलिस उपाधीक्षक(द्वितीय), रेल धनबाद–7033619661**
**पुलिस निरीक्षक सह थाना प्रभारी, रेल थाना जसीडीह–7903174831**
**प्रभारी डी0सी0बी0 भााखा, रेल धनबाद–8340713828**

ह0/–
**पुलिस अधीक्षक, रेल, धनबाद**

**PR 355401 Police(25-26)#D**

**रेल पुलिस अधीक्षक का कार्यालय धनबाद**

**प्रेस विज्ञप्ति**

लापता व्यक्ति राजीव कुमार सिंह उर्फ गुड्डु सिंह



सर्व साधारण को सूचित किया जाता है कि राजकीय रेल थाना चन्द्रपुरा काण्ड सं0–13/2023, दिनांक–31.10.2023 धारा–363 भा0द0वि0 में लापता व्यक्ति राजीव कुमार सिंह उर्फ गुड्डु सिंह उम्र–50 वर्श, पिता–स्व0 अर्जुन सिंह, पता–बौधी छपरा, थाना–अवतार नगर, जिला–सारण, बिहार (जो मानसिक रूप से विछिप्त थे) अपने गॉव के ही अखिलेश्वर साह के साथ दिनांक–23.11.2022 को मेन्टल अस्पताल राँची से ईलाज करा मौर्या एक्स0 ट्रेन के जनरल बोगी में सवार होकर राँची से दिघवारा तक यात्रा कर रहे थे। ट्रेन जब चन्द्रपुरा स्टेशन पर रूकी तो अखिलेश्वर साह पानी लेने ट्रेन से नीचे उतरे तथा पानी लेकर ट्रेन में चढ़े तो देखे कि राजीव कुमार सिंह उर्फ गुड्डु सिंह अपने सीट पर नहीं थे। बोगी में काफी खोजबीन किये परन्तु उनका का पता नहीं चला। लापता व्यक्ति का हुलिया–उम्र लगभग 50 वर्श, लंबाई–05 फीट 06 इंच, कद काठी मध्यम, बाल–कुछ काला तथा कुछ सफेद, मुँछ–छोटा, दाढी–सेब, पहनावा–काला रंग का पेन्ट, उजला स्वेटर, भाशा–भोजपुरी एवं हिन्दी। उक्त लापता व्यक्ति का पता नहीं चल पा रहा है।

अतः अनुरोध है कि लापता व्यक्ति के बारे में कोई जानकारी प्राप्त हो तो निम्नलिखित पदाधिकारियों के मोबाईल नम्बर पर सूचना देने की कृपा करेंगें।
पुलिस अधीक्षक, रेल धनबाद– 9431706117
पुलिस उपाधीक्षक(प्रथम), रेल धनबाद–7033619661
थाना प्रभारी, रेल थाना चन्द्रपुरा–8580239270
प्रभारी, डी0सी0बी0 शाखा, रेल धनबाद–8340713828

ह0/–
**पुलिस अधीक्षक, रेल धनबाद**

PR 355399 Police (25-26)_D

# ଘଟଣାସ୍ଥଳ ପରିଦର୍ଶନ କଲେ ମନ୍ତ୍ରୀ, କ୍ରାଇମବ୍ରାଞ୍ଚ ଆଇଜି

## ବେଳାଭୂମିରେ ଛାତ୍ରୀଙ୍କୁ ଗଣ ବଳାତ୍କାର ଘଟଣା

### ଜେଲରେ ଅଭିଯୁକ୍ତଙ୍କ ହେବ ଟିଆଇ ପରେଡ଼

ଗୋପାଳପୁର/ବ୍ରହ୍ମପୁର,୧୮।୬ (ନବୀନରାଜ ଆଚାରୀ/ ସୁବାସ ଚନ୍ଦ୍ର ପାଢ଼ୀ)




ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳରେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି(ବାମ)। କ୍ରାଇମବ୍ରାଞ୍ଚ ଆଇଜି ସାଇନି ଏସ୍. ତଦନ୍ତ କରୁଛନ୍ତି।

ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପରେ ୮ ଜଣିଆ ୨ଟି ଟିମ୍ ବ୍ରହ୍ମପୁର ପୋଲିସ ଜିଲାକୁ ଆସି ତଦନ୍ତ କରୁଛନ୍ତି। ବୁଧବାର ସେମାନେ ଘଟଣାସ୍ଥଳକୁ ଯାଇ ପ୍ରାୟ ୨ଘଣ୍ଟା ଧରି ବିଭିନ୍ନ ଦିଗରୁ ତଦନ୍ତ କରିବା ସହ ତଥ୍ୟ ହାସଲ କରିଛନ୍ତି। ସେମାନେ ପୀଡ଼ିତାଙ୍କୁ ମଧ୍ୟ ଭେଟିଥିବା ସୂଚନା ମିଳିଛି। ଜେଲରେ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ ପାଇଁ ସେଠାରେ ଟିଆଇ ପରେଡ଼ କରାଯିବ। ବୁଧବାର ସନ୍ଧ୍ୟାରେ ୩ ଜଣିଆ ଟିମ୍ ବ୍ରହ୍ମପୁର ଜିଲାଜଜ୍ କୋର୍ଟ ପରିସରରେ ଥିବା ସିଏସ୍‌ଆଇ ଅଫିସ ଯାଇଥିଲେ। ସନ୍ଧ୍ୟା ହୋଇ ଯାଇଥିବାରୁ ଟିଆଇ ପରେଡ଼ ପାଇଁ ଗୁରୁବାର ଆବେଦନ କରାଯିବ ବୋଲି ଜଣାପଡ଼ିଛି। ସେହିପରି ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖର ମଧ୍ୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

ସକାଳେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମ., ବ୍ରହ୍ମପୁର ଉପଜିଲାପାଳ ଦିନା ଦସ୍ତାଗିରଙ୍କ ସହ ମନ୍ତ୍ରୀ ଆଲୋଚନା କରିଥିଲେ। ଘଟଣା କିଭଳି ଓ କେଉଁ ପରିସ୍ଥିତିରେ ଘଟିଲା ମନ୍ତ୍ରୀ ଏସ୍‌ପିଙ୍କୁ ପଚାରିଥିଲେ। ଘଟଣାକୁ ସେ ନିନ୍ଦା କରିବା ସହ ଅତି ଅମାନବୀୟ ଓ ଲଜ୍ଜାଜନକ ବୋଲି କହିଥିଲେ । ବେଳାଭୂମି ପରିସରରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ମଧ୍ୟ କହିଥିଲେ। ବେଳାଭୂମି କଡରେ ରହିଥିବା ମଦ ଦୋକାନକୁ ମନ୍ତ୍ରୀ ବିରୋଧ କରିଛନ୍ତି । ବେଳାଭୂମିର ଆଲୋକୀକରଣ ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ଏଭଳି ଘଟଣା ଆଗାମୀ ଦିନରେ ଯେପରି ନ ଘଟିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ବେଳାଭୂମି ଉନ୍ନତୀକରଣ ପାଇଁ ୩୦ କୋଟି ଟଙ୍କା ଅନୁଦାନ ଆସିଛି ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଏଥିସହ ଏହି ମାମଲାକୁ ରେଡ୍ ଫ୍ଲାଗ ଶ୍ରେଣୀଭୁକ୍ତ କରାଯାଇଛି। ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଆଇଜି ସାଇନି ଏସ୍.ଙ୍କ ନେତୃତ୍ୱରେ ତଦନ୍ତ ଟିମ୍ ବୁଧବାର ଗୋପାଳପୁରରେ ପହଞ୍ଚି ଘଟଣାସ୍ଥଳ ପରିଦର୍ଶନ କରିବା ସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ । ଏହି ସମୟରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ ଓ ବ୍ରହ୍ମପୁର ଟାଉନ ଏସ୍‌ଡିପିଓ ଏବଂ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଆଇଜି ଆଲୋଚନା କରିଛନ୍ତି। କିଭଳି ଓ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ସେ ନେଇ ତଦନ୍ତ କରିବା ସହ କେତେଜଣ ଲୋକଙ୍କୁ ପଚରାଉଚରା କରିଥିଲେ। ଗୋପାଳପୁର ଥାନା ପୋଲିସ କ୍ରାଇମବ୍ରାଞ୍ଚକୁ ମାମଲା ହସ୍ତାନ୍ତର କରଛି। ସନ୍ଧ୍ୟାରେ ଅନ୍ୟ ଏକ ଟିମ ଗୋପାଳପୁର ଥାନାରେ ପହଞ୍ଚି କାଗଜପତ୍ର ଯାଞ୍ଚ କରି ପୋଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛି।

ସୂଚନାଯୋଗ୍ୟ, ଗତ ରବିବାର ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିକୁ ଜଣେ କଲେଜ ଛାତ୍ରୀ ତାଙ୍କ ପୁରୁଷ ବନ୍ଧୁଙ୍କ ସହ ବୁଲିବାକୁ ଆସିଥିଲେ। ପାନ୍ଥ ନିବାସ ପଛପଟେ ସେମାନେ ବସିଥିବା ବେଳେ ୧୦ଜଣ ଯୁବକ ସେଠାରେ ପହଞ୍ଚି ଉଭୟଙ୍କୁ ଭୟଭୀତ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏ ନେଇ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୮୬/୨୫ରେ ଘଟଣାର ତଦନ୍ତ କରି ୪ ନାବାଳକଙ୍କ ସମେତ ୧୦ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ପାରିବାରିକ କଳହରୁ ସ୍ୱାମୀଙ୍କୁ ହତ୍ୟା

ଧରାକୋଟ,୧୮।୬(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଗ୍ରାମରେ ମଙ୍ଗଳବାର ରାତିରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। କୌଣସି କଥାକୁ ନେଇ ସ୍ତ୍ରୀ ଶ୍ୱାସରୁଦ୍ଧକରି ସ୍ୱାମୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମୁଣ୍ଡମରାଇର ଅମର ନାଇକ(୪୦)। ଅଭିଯୁକ୍ତା ସ୍ତ୍ରୀ ଅଞ୍ଜନା ନାଇକଙ୍କୁ ଗିରଫ ପରେ ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି।

ଅମର ଓ ତାଙ୍କ ସ୍ତ୍ରୀ ଅଞ୍ଜନାଙ୍କ ମଧ୍ୟରେ ପାରିବାରିକ ସମସ୍ୟାକୁ ନେଇ ସବୁବେଳେ ଝଗଡ଼ା ଲାଗିରହୁଥିଲା। ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଅଞ୍ଜନା ଉତ୍ତ୍ୟକ୍ତ ହୋଇ ସ୍ୱାମୀ ଅମରଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ବୁଧବାର ଅମରଙ୍କ ବଡ଼ଭାଇ ଚୁନା ନାଇକ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ।

# ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ

ବାରିପଦା,୧୮।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାରର କରାଯାଇଛି। ପୀଡ଼ିତାଙ୍କ ସ୍ୱାମୀଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୧୨୬/୨୫) ରୁଜୁକରି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ମହିଳା ଜଣକ ଘରେ ଶୋଇଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଟେକି ନେଇ ଜଣଙ୍କ ଘରେ ଗଣ ବଳାତ୍କାର କରିବା ପରେ ସେଠାରୁ ପଳାଇଥିଲେ। ମହିଳା ଜଣକ କୌଣସି ପ୍ରକାରେ ସେଠାରୁ ଘରକୁ ଆସି ସ୍ୱାମୀଙ୍କୁ ଘଟଣାସମ୍ପର୍କରେ ଜଣାଇଥିଲେ। ପରେ ୧୭ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ଫେରାର ଥିବାବେଳେ ତଦନ୍ତ ଜାରି ରହିଥିବା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ କହିଛନ୍ତି।

# ମାର୍କେଟ୍ କମ୍ପ୍ଲେକ୍ସରେ ଯୁବକଙ୍କୁ ହତ୍ୟା

## ରେଷ୍ଟୁରାଣ୍ଟ ବାହାରୁ ମୃତଦେହ ଜବତ କଲା ପୋଲିସ

କଟକ,୧୮।୬(କାର୍ତ୍ତିକ ସାହୁ)

କଟକ ବକ୍ସିବଜାରସ୍ଥିତ ସିଡିଏ ମାର୍କେଟ କମ୍ପ୍ଲେକ୍ସରେ ଏକ ହତ୍ୟାକାଣ୍ଡ ଘଟିଛି। କ୍ୟାଣ୍ଟନମେଣ୍ଟ ଥାନା ପୋଲିସ ବୁଧବାର ମାର୍କେଟ କମ୍ପ୍ଲେକ୍ସର ଏକ ରେଷ୍ଟୁରାଣ୍ଟ ବାହାରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କଟକ ଶଙ୍କରପୁର ଅଞ୍ଚଳର ଅଶୋକ ବାରିକ (୫୦)। ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଛି। ଅଶୋକଙ୍କୁ ହତ୍ୟା କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ ବ୍ୟବସାୟୀଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଇ ବାବୁନ ଖଟୁଆ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଜଣାଯାଇଛି।

ସୂଚନାନୁସାରେ, ଅଶୋକ ପ୍ରତିଦିନ ପରି ମଙ୍ଗଳବାର ରାତିରେ ମାର୍କେଟ କମ୍ପ୍ଲେକ୍ସରେ ଶୋଇଥିଲେ। କମ୍ପ୍ଲେକ୍ସରେ ବ୍ୟବସାୟ କରୁଥିବା ଲୋକମାନେ ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳୁ ମାର୍କେଟ କମ୍ପ୍ଲେକ୍ସରେ ବ୍ୟବସାୟ କରିବାକୁ ଲୋକମାନେ ଆସିବା ପରେ ଅଶୋକଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଛାନଭିନ୍ କରିଛି। ସ୍ଥାନୀୟ ବ୍ୟବସାୟୀ ଦିଲ୍ଲୀପ କୁମାରଙ୍କ କହିବାନୁସାରେ, ଅଶୋକ ଜଣେ ଭଲ ଲୋକ। ତାଙ୍କୁ କିଏ, କେଉଁ କାରଣରୁ ହତ୍ୟା କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଇଆଇସି ଯତୀନ୍ଦ୍ର ନାଥ ସେଠୀଙ୍କ କହିବାନୁସାରେ, ମୃତକଙ୍କ ସମ୍ପର୍କୀୟ ଭାଇଙ୍କ ଏତଲାକ୍ରମେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ହତ୍ୟାକାଣ୍ଡ କାରଣ ସମ୍ପର୍କରେ ଏଯାଏ କିଛି ସ୍ପଷ୍ଟ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ଡଗ୍ ସ୍କ୍ୱାଡ୍ ତନଖି ଜାରି ରଖିଛି। ସିସିଟିଭି ଯାଞ୍ଚ କରାଯାଇ ଖୁବ୍‌ଶୀଘ୍ର ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

# ୫ ସନ୍ଦିଗ୍ଧଙ୍କ ଫଟୋ ଛାଡ଼ିଲା ପୋଲିସ

## ବ୍ୟାଙ୍କରୁ ଡକାୟତି ଘଟଣା

### ଧରାଇବାରେ ସହଯୋଗକଲେ ୫୦ ହଜାର ଟଙ୍କା ପୁରସ୍କାର

ଯୋଡ଼ା,୧୮।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ମୁଖ୍ୟ ରାସ୍ତାକଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ପୋଲିସ ତନାଘନା ଜାରି ରଖିଛି। କୌଣସି ସୁରାକ ନ ପାଇବା ପରେ ପୋଲିସ ସନ୍ଦିଗ୍ଧ ଅପରାଧୀଙ୍କୁ ଚିହ୍ନଟ ପାଇଁ ସିସିଟିଭି କ୍ୟାମେରାରେ କଏଦ ଫଟୋଚିତ୍ର ସାଧାରଣରେ ପ୍ରକାଶ କରିଛି। ଅଭିଯୁକ୍ତଙ୍କୁ ଧରାଇବାରେ ସହଯୋଗ କଲେ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ସୂଚନା ଦେଇଛି।

ପ୍ରକାଶ ଯେ, ଗତ ୧୨ ତାରିଖରେ ଯୋଡ଼ା ସହରରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ପୂର୍ବାହ୍ନ ୧୦ଟାରେ ୫ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୧୧ ଲକ୍ଷ ଟଙ୍କା ଓ ୨ କେଜି ୭ ଗ୍ରାମ୍ ସୁନା ଲୁଟି ନେଇଯାଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ହେଁ ଲୁଟେରାଙ୍କ କୌଣସି ସୁରାକ ପାଇପାରିନାହିଁ। ଫଳରେ ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏନେଇ ପୋଲିସ ୫ ଅଭିଯୁକ୍ତଙ୍କ ସିସିଟିଭିରୁ ସଂଗୃହୀତ ଫଟୋ ଜାରିକରିଛି। ଗତ କିଛିଦିନ ଭିତରେ ଯୋଡ଼ା ସହରକୁ ବିହାର, ଝାଡ଼ଖଣ୍ଡ



ପୋଲିସ ଦ୍ୱାରା ଜାରି ସନ୍ଦିଗ୍ଧଙ୍କ ଫଟୋ।

ରାଜ୍ୟ ତଥା ଗଞ୍ଜାମ ଜିଲାରୁ ଲୋକ କାହା ଘରେ, ହୋଟେଲ, ଗ୍ୟାରେଜ ଓ ରାଜମିସ୍ତ୍ରି ଭାବେ କାମକରି ପଳାଇଯାଇଛନ୍ତି କି, ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଘଟଣା ଘଟିବାର ୫ରୁ ୬ ଦିନ ମଧ୍ୟରେ ଦେଖିଛନ୍ତି କି, ଏ ନେଇ କୌଣସି ସୂଚନା ଥିଲେ ନାମ ଗୋପନରେ ରଖି ଠିକ୍ ଖବର ପ୍ରଦାନକରି ସହଯୋଗ କରିବାକୁ ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଯୋଡ଼ାରେ ବ୍ୟାଙ୍କ ଡକାୟତି ପରେ ଚମ୍ପୁଆଠାରେ ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ୨ ଲକ୍ଷ ଟଙ୍କା ଲୁଟ୍‌କରି ନେଇଥିଲେ। ପୋଲିସର ଦୁର୍ବଳତାର ସୁଯୋଗ ନେଇ ଯୋଡ଼ା ସହରରେ ଦିନକୁ ଦିନ ଚୋରି, ଡକାୟତି, ଲୁଟ, ରାହାଜାନି, ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଅନ୍ତଃ ରାଜ୍ୟ ଗ୍ୟାଙ୍ଗ୍ ସହର ତଥା ଖଣି ଅଞ୍ଚଳରେ ସକ୍ରିୟ ହୋଇପଡ଼ିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## Business

# ଜିଏସ୍‌ଡିପିରେ ନିର୍ମାଣ କ୍ଷେତ୍ରର ଯୋଗଦାନ ୩୬%

### ଆସୋଚାମ ପକ୍ଷରୁ ଓଏମ୍‌ସିର ୨ୟ ସଂସ୍କରଣ

ଭୁବନେଶ୍ୱର,୧୮।୬: (ଅଭୟ ଦାଶ)



ଆସୋଚାମ୍ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଆୟୋଜିତ ଓଡ଼ିଶା ମାନୁଫ୍ୟାକ୍ଚରିଂ କନ୍‌କ୍ଲେଭ-୨୦୨୫ (ଓଏମ୍‌ସି)ର ୨ୟ ସଂସ୍କରଣ ବୁଧବାର ଭୁବନେଶ୍ୱରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ 'ଏଆଇ-ଡ୍ରିଭେନ ମାନୁଫ୍ୟାକ୍ଚରିଂ: ଇନୋଭେଶନ,ଏଫିସିଏନ୍ସି ଆଣ୍ଡ ସଷ୍ଟେନେବୁଲ ଗ୍ରୋଥ୍'ଶୀର୍ଷକ ବିଷୟବସ୍ତୁ ରହିଛି। ଏହି ସମ୍ମିଳନୀରେ ଏକ ଭବିଷ୍ୟତ ପ୍ରସ୍ତୁତ ଉତ୍ପାଦନ କେନ୍ଦ୍ରରେ ପରିଣତ ହେବା ପାଇଁ ଓଡ଼ିଶାର ରୋଡ୍‌ମ୍ୟାପ୍ ସମ୍ପର୍କରେ ଆଲୋଚନା କରିବା ପାଇଁ ଇଣ୍ଡଷ୍ଟ୍ରି ଲିଡର, ନୀତି ନିର୍ମାତା, ବୈଷୟିକ କ୍ଷେତ୍ରରେ ପ୍ରବର୍ତ୍ତକ ଓ ଶିକ୍ଷାନୁଷ୍ଠାନଗୁଡିକ ଏକତ୍ରିତ ହୋଇଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଉଲ୍ଲେଖ କରିଥିଲେ, ବର୍ତ୍ତମାନ ନିର୍ମାଣ କ୍ଷେତ୍ର ଓଡ଼ିଶାର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ରେ ୩୬% ଯୋଗଦାନ ଦେଉଥିବା ବେଳେ ଶିଳ୍ପ ଓ ନିର୍ମାଣ କ୍ଷେତ୍ରର ମିଳିତ ଯୋଗଦାନ ୫୩% ରହିଛି। ତେବେ ଏହି ମିଳିତ ଅଂଶକୁ ଆହୁରି ବୃଦ୍ଧି କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ପାଇଁ ଏହା ଏକ ଶୀର୍ଷ ପ୍ରାଥମିକତା ଭାବେ ବଜାୟ ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହେମନ୍ତ ଶର୍ମା ପ୍ରିମସ ପାର୍ଟନର୍ସ ସହ ସହଭାଗିତାରେ ଆସୋଚାମ ଷ୍ଟଡି ପେପରର ଉନ୍ମୋଚନ କରିଥିଲେ। ଏହି ଅବସରରେ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଡ. ପ୍ରଶାନ୍ତ କୁମାର ରେଡ୍ଡୀ, ଆସୋଚାମ ଓଡ଼ିଶା ରାଜ୍ୟ ଉତ୍ପାଦନ ପରିଷଦର ଅଧ୍ୟକ୍ଷ ଶଶି ଶେଖର ମହାନ୍ତି, ଖଣି ଓ ଇସ୍ପାତ ପରିଷଦର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି, ସିଏସ୍‌ଆର୍ ଓ ସ୍ଥାୟିତ୍ୱ ପରିଷଦର ଅଧ୍ୟକ୍ଷ ପ୍ରଶାନ୍ତ ହୋତା ଏବଂ ପ୍ରିମସ ପାର୍ଟନର୍ସ ଇଣ୍ଡିଆର ବରିଷ୍ଠ ପରାମର୍ଶଦାତା ଭାରତ ଦୁରେଜା ପ୍ରମୁଖ ସାମିଲ ଥିଲେ।

ସେହିଭଳି ଆସୋଚାମ୍ ଓଡ଼ିଶା ରାଜ୍ୟ ବିକାଶ ପରିଷଦର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଆଭିମୁଖ୍ୟକୁପ୍ରଶଂସା କରିଥିଲେ। ଓଡ଼ିଶାରେ ସ୍ମାର୍ଟ ଓ ସ୍ଥାୟୀ ନିର୍ମାଣକୁ ସକ୍ଷମ କରିବା ପାଇଁ ସରକାର, ଶିଳ୍ପ ଓ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ମଜବୁତ ସହଯୋଗିତା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ପୂର୍ବ ଏବଂ ଉତ୍ତରପୂର୍ବ ଭାରତର ବ୍ରିଟିଶ ଡେପୁଟି ହାଇକମିଶନର ଆଣ୍ଡ୍ରୁ ଫ୍ଲେମିଂ କହିଛନ୍ତି, ଭାରତ ଏବଂ ବ୍ରିଟେନ ଶିଳ୍ପାୟନ ଓ ଉଦ୍ଭାବନର ଏକ ସମୃଦ୍ଧ ଇତିହାସର ଅଂଶୀଦାର ଅଟନ୍ତି। ଏହି ଅବସରରେ ଦୁଇଟି ପ୍ରମୁଖ ପୂର୍ଣ୍ଣାଙ୍ଗ ଅଧିବେଶନର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବରିଷ୍ଠ ସରକାରୀ ଓ ଘରୋଇ ଅଧିକାରୀ, ଶିଳ୍ପର ବିଶିଷ୍ଟ ବ୍ୟକ୍ତି, ଟେକ୍ନୋଲୋଜି ଲିଡର, ଅନ୍ତର୍ଜାତୀୟ ପ୍ରତିନିଧି ଓ ଅନ୍ୟମାନେ ଯୋଗଦେଇଥିଲେ। ପରିଶେଷରେ ଆସୋଚାମ୍ ପୂର୍ବ ଓ ଉତ୍ତରପୂର୍ବର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦର ଜିତ କୌର ଧନ୍ୟବାଦ ଅର୍ପଣ କରିଥିଲେ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୮।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୩୯ (୧୩୮.୬୪) ପଏଣ୍ଟ ହ୍ରାସ ଘଟି ୮୧,୪୪୫ (୮୧,୪୪୪.୬୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୪୧ (୪୧.୩୫) ପଏଣ୍ଟ କମି ୨୪,୮୧୨ (୨୪,୮୧୨.୦୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# କୋଲ୍ ଇଣ୍ଡିଆରେ ସ୍ୱଚ୍ଛତା ପଖୱାଡା

ଭୁବନେଶ୍ୱର,୧୮।୬



ପି.ଏମ୍. ପ୍ରସାଦ

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ପରିସରରେ 'ସ୍ୱଚ୍ଛତା ପଖୱାଡା-୨୦୨୫' ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏପରିକି କୋଲକାତାସ୍ଥିତ ସିଆଇଏଲ୍‌ର କର୍ପୋରେଟ୍ ମୁଖ୍ୟାଳୟଠାରେ ସ୍ୱଚ୍ଛତା ପଖୱାଡା-୨୦୨୫ର ଶୁଭାରମ୍ଭ ଅବସରରେ ସିଆଇଏଲ୍‌ର ଅଧ୍ୟକ୍ଷ ପି.ଏମ୍. ପ୍ରସାଦ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ପ୍ରତିଜ୍ଞା ପ୍ରଦାନ କରାଇଥିଲେ। ଏହି ଅବସରରେ ସିଆଇଏଲ୍‌ର ନିର୍ଦ୍ଦେଶକ(ଅର୍ଥ) ମୁକେଶ ଅଗ୍ରୱାଲ, ନିର୍ଦ୍ଦେଶକ (ବୈଷୟିକ) ଅଚ୍ୟୁତ ଘଟକଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟନିର୍ବାହୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମ (ସ୍ୱଚ୍ଛତା ପଖୱାଡା) ୨୦୨୫ ଜୁନ୍ ୩୦ ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷର ବିଷୟବସ୍ତୁ ହେଉଛି ସ୍ୱଚ୍ଛତା ସମସ୍ତଙ୍କର ବ୍ୟବସାୟ। ଏହି ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱଚ୍ଛତା ଏକ ସାମୂହିକ ଦାୟିତ୍ୱ ଏବଂ ସମାଜର ସମସ୍ତ ବର୍ଗର ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରିଥାଏ। ସେହିପରି ଏହି ଅବଧି ସମୟ ମଧ୍ୟରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ଲାଷ୍ଟିକ୍ ବିରୋଧୀ ସଚେତନତା ଅଭିଯାନ, ରଥ ମେଳା ସ୍ଥାନରେ ଡଷ୍ଟବିନ୍ ବଣ୍ଟନ, ଆବାସିକ କଲୋନି ଏବଂ ଜଳାଶୟ ସଫା କରିବା ଭଳି ଅନେକ କାର୍ଯ୍ୟକ୍ରମ ଯୋଜନା କରାଯାଇଛି। ବିଶେଷକରି ଏହି ଅବସରକୁ ପାଳନ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିବା ନିମନ୍ତେ ଏକ ଇ-ଆବର୍ଜନା ସଂଗ୍ରହ କିଓସ୍କ ଏବଂ ଏକ କପଡ଼ା ଦାନ କିଓସ୍କ ସ୍ଥାପନ କରାଯାଇଛି।

# ୨୦ରୁ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ

ଭୁବନେଶ୍ୱର,୧୮।୬

ଜେରିଆଟ୍ରିକ୍ ସୋସାଇଟି ଅଫ୍ ଇଣ୍ଡିଆ (ଜିଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ତଥା ଏକ ୩ ଦିନିଆ ଜାତୀୟ ବାର୍ଷିକ ମଧ୍ୟବର୍ତ୍ତୀ ସମ୍ମିଳନୀ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଏକ ଖବରଦାତା ସମ୍ମିଳନୀ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଚଳିତ ବର୍ଷ ଜିଏସ୍‌ଆଇର ତତ୍ତ୍ୱାବଧାନରେ ଜାତୀୟ ବାର୍ଷିକ ମଧ୍ୟକାଳୀନ ସମ୍ମିଳନୀ ଜିଏସ୍‌ଆଇସିଓନ ପୂର୍ବ ଜୋନାଲ ଏବଂ ଦ୍ୱିତୀୟ ବାର୍ଷିକ ଜିଏସ୍‌ଆଇ ଓଡ଼ିଶା ରାଜ୍ୟ ସମ୍ମିଳନୀ-୨୦୨୫ ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ହେବାକୁ ଯାଉଛି। ଏହି ଅବସରରେ ଜିଏସ୍‌ଆଇ ଓଡ଼ିଶା ରାଜ୍ୟ ଶାଖା ଦ୍ୱାରା ଏକ ଉଲ୍ଲେଖନୀୟ ଦୃଷ୍ଟିକୋଣ ଏବଂ ସଠିକତା ସହ ଆୟୋଜିତ ହେଉଛି। ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି ଜେରିଆଟ୍ରିକ୍ ଯତ୍ନ: ଗବେଷଣାରୁ ଅଭ୍ୟାସ ପର୍ଯ୍ୟନ୍ତ। ଯାହା ନିଜେ ଜ୍ଞାନକୁ ଅଭ୍ୟାସରେ ପ୍ରୟୋଗ କରିବା ଏବଂ ମୂଳ ପର୍ଯ୍ୟନ୍ତ ପହଞ୍ଚିବାର ଗୁରୁତ୍ୱ ବିଷୟରେ କହିଥାଏ। ଏହି ସମ୍ମିଳନୀ ବୟସ୍କ ଜନସଂଖ୍ୟାରେ ଦ୍ରୁତବୃଦ୍ଧି ସହ ଓଡ଼ିଶା ଏବଂ ଭାରତରେ ଜେରିଆଟ୍ରିକ୍ ଯତ୍ନର ସ୍ତରକୁ ପୁନଃ ଆକୃତି ଦେବାରେ ସାହାଯ୍ୟ କରିବ। ଏହି ସମ୍ମିଳନୀ ଗବେଷଣା କାର୍ଯ୍ୟ ଏବଂ କ୍ଲିନିକାଲ୍ ଅଭିଜ୍ଞତା ବାଣ୍ଟିବା ପାଇଁ ଏକ ପରିବର୍ତ୍ତନଶୀଳ ପ୍ଲାଟ୍‌ଫର୍ମ ପ୍ରଦାନ କରିବ। ଯାହା ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଉଦ୍ଭାବକମାନଙ୍କୁ ଏକତ୍ର କରିବ। ସେହିଭଳି ଭୁବନେଶ୍ୱରର ହାଇଟେକ୍ ମେଡିକାଲ କଲେଜ ଅଡିଟୋରିୟମଠାରେ ୨୦୨୫ ଜୁନ୍ ୨୦ରୁ ୨୨ ଜୁନ୍ ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ଏହି ବୈଜ୍ଞାନିକ ଅଧିବେଶନରେ ସାରା ଭାରତରୁ ପ୍ରାୟ ୫୦୦ଜଣ ଡାକ୍ତର, ପାରାମେଡିକ୍ସ, ନର୍ସ, ଡାଏଟିସିଆନ୍ ସାମିଲ ହେବେ।

# କେଭିଆଇସି ପକ୍ଷରୁ ୯୦୬ କୋଟିର ଋଣ ମଞ୍ଜୁର

ଭୁବନେଶ୍ୱର,୧୮।୬

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ପକ୍ଷରୁ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି) ଅଧୀନରେ ଦେଶବ୍ୟାପୀ ୯୦୬ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଏହି ଋଣ ବିପକ୍ଷରେ ୧୧,୪୮୦ ସେବା କ୍ଷେତ୍ର ହିତାଧିକାରୀମାନଙ୍କୁ ୩୦୦ କୋଟି ଟଙ୍କାର ମାର୍ଜିନ୍ ମନି ସବ୍‌ସିଡି ଆକାରରେ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂଆଦିଲ୍ଲୀର ରାଜଘାଟ କାର୍ଯ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କେଭିଆଇସିର ଅଧ୍ୟକ୍ଷ ମନୋଜ କୁମାର ଆଭାସି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ସବ୍‌ସିଡି ଅର୍ଥ ପ୍ରଦାନ କରିଛନ୍ତି। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ରୂପ ରାଶିଙ୍କ ସମେତ କେନ୍ଦ୍ରୀୟ କାର୍ଯ୍ୟାଳୟର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାମାନେ ଉପସ୍ଥିତ ଥିଲେ। ସେହିଭଳି ଦେଶର ସମସ୍ତ ୬ଟି ଜୋନ୍ ଏହି ବଣ୍ଟନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରୀୟ ଜୋନ୍ (ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ଉତ୍ତରାଖଣ୍ଡ) ଅଧୀନରେ ମୋଟ ୨୪୦୩ଟି ପ୍ରକଳ୍ପ ପାଇଁ ୭୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଛି। ଏହା ପାଇଁ ମୋଟ ୨୧୮ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା। ପୂର୍ବ ଜୋନ୍ (ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆଣ୍ଡାମାନ ଏବଂ ନିକୋବର ଦୀପପୁଞ୍ଜ) ଅଧୀନରେ ୯୯୬ଟି ପ୍ରକଳ୍ପ ପାଇଁ ୨୨କୋଟି ଟଙ୍କାର ସବ୍‌ସିଡି ପ୍ରଦାନ କରାଯାଇଥିଲାବେଳେ ଋଣ ମଞ୍ଜୁର ପ୍ରାୟ ୭୧ କୋଟି ଟଙ୍କା ଥିଲା।



# ଟ୍ରାଇ ଡ୍ରାଇଭ ଟେଷ୍ଟରେ ଜିଓ ଅଗ୍ରଣୀ

ଭୁବନେଶ୍ୱର,୧୮।୬

ରିଲାଏନ୍ସ ଜିଓକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜିଓ ଓଡ଼ିଶା ବଜାରରେ ସର୍ବାଧିକ ହାରାହାରି ଡାଉନ୍‌ଲୋଡ୍ ସ୍ପିଡ୍ ହାସଲ କରିଛି। ବିଶେଷକରି ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ଡ୍ରାଇଭ୍ ଟେଷ୍ଟରେ ଜିଓ ଅଗ୍ରଣୀ ବା ଶ୍ରେଷ୍ଠ ସ୍ଥାନ ହାସଲ କରିଛି। ଟ୍ରାଇ ଦ୍ୱାରା ୨୦୨୫ ଏପ୍ରିଲ ମାସ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ ପରୀକ୍ଷଣ (ଆଇଡିଟି) ଫଳାଫଳ ଅନୁଯାୟୀ ରିଲାଏନ୍ସ ଜିଓ କଟକ ସହରରେ ବେଶ୍ ପ୍ରଭାବଶାଳୀ ନେଟ୍‌ୱର୍କ ପ୍ରଦର୍ଶନ କରିଛି। ଟ୍ରାଇର ନିୟମିତ ସେବା ଗୁଣବତ୍ତା ଅଡିଟ୍‌ର ଏକ ଅଂଶ ଭାବେ ଏହି ଡ୍ରାଇଭ୍ ପରୀକ୍ଷଣ ୨୦୨୫ ଏପ୍ରିଲ ୧୫ରୁ ୧୮ପର୍ଯ୍ୟନ୍ତ ଓଡ଼ିଶା ସେବା କ୍ଷେତ୍ରର କଟକ ସହରରେ କରାଯାଇଥିଲା, ଯେଉଁଥିରେ ମୋଟ ୩୩୧.୪ କିଲୋମିଟର ଡ୍ରାଇଭ୍ ସହିତ ରିଅଲ୍-ଟାଇମ୍ ନେଟ୍‌ୱର୍କ ପ୍ରଦର୍ଶନ ମୂଲ୍ୟାଙ୍କନ କରାଯାଇଥିଲା। ସେହିପରି କଟକ ସହରରେ ଡାଟା ସେବା ପାଇଁ କରାଯାଇଥିବା ପରୀକ୍ଷଣରେ ଜିଓ ଏହାର ନେଟ୍‌ୱର୍କର ପ୍ରାଧାନ୍ୟ ପ୍ରମାଣିତକରି ସର୍ବାଧିକ ୨୩୩.୪୬ ଏମ୍‌ବିପିଏସ୍ ହାରାହାରି ଡାଉନଲୋଡ୍ ସ୍ପିଡ୍ ହାସଲ କରିବା ସହ ୨୪.୦୪ ଏମ୍‌ବିପିଏସ୍‌ର ଦୃଢ଼ ଅପ୍‌ଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ପ୍ରାୟ ୨ଗୁଣ ଅଧିକ ରହିଥିଲାବେଳେ ବ୍ୟସ୍ତବହୁଳ ହଟ୍‌ସ୍ପଟ୍‌ଗୁଡ଼ିକରେ ମଧ୍ୟ ଜିଓର ୫ଜି ଡାଉନଲୋଡ୍ ସ୍ପିଡ୍ ୧୦୨.୦୯ ଏମ୍‌ବିପିଏସ୍ ରହିଥିଲା, ଯାହା ଷ୍ଟ୍ରିମିଂ, ଭିଡିଓ କନଫରେନ୍ସିଂ ଏବଂ ରିଅଲ୍-ଟାଇମ୍ ଆପ୍ଲିକେଶନ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ସଂଯୋଗ ସୁନିଶ୍ଚିତ କରିଥିଲା।

# ଶ୍ରୀଚୈତନ୍ୟଙ୍କ ବ୍ରହ୍ମଗିରି ପଦାର୍ପଣ

ଘରେ ପଡ଼ିତ ହୋଇ ଦାଢ଼ୁଆଁ ଶ୍ରୀମନ୍ଦିର ଅଣସର ଘରେ ବିଶ୍ରାମ ନେଉଛନ୍ତି। ଏବେ ଭକ୍ତମାନେ ପଟ୍ଟଦିଅଁଙ୍କୁ ଦର୍ଶନ କରୁଛନ୍ତି। ବିଶ୍ୱାସ ରହିଛି, ଏହି ସମୟରେ ବ୍ରହ୍ମଗିରିସ୍ଥିତ ଅଲାରନାଥଙ୍କୁ ଦର୍ଶନ କଲେ ପୁଣ୍ୟ ପ୍ରାପ୍ତି ହୋଇଥାଏ। ଅଲାରନାଥଙ୍କ ଦର୍ଶନ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ବ୍ରହ୍ମଗିରି ଏକ ପବିତ୍ରତମ ସ୍ଥାନ। ପୌରାଣିକ ଯୁଗରୁ ଏହାର ଖ୍ୟାତି ରହିଛି। କିମ୍ବଦନ୍ତୀରୁ ଜଣାଯାଏ, ବିଷ୍ଣୁ ଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପୁରୁଷୋତ୍ତମ ନିମିତ୍ତ ମନ୍ଦିରର ପ୍ରତିଷ୍ଠା ପାଇଁ ସୃଷ୍ଟିକର୍ତ୍ତା ବ୍ରହ୍ମା ଯେଉଁ ଗିରିବେଷ୍ଟିତ ଅଞ୍ଚଳରେ ପାଦ ଦେଇଥିଲେ, ସେହି ପବିତ୍ର ଧାମ ହିଁ ବ୍ରହ୍ମଗିରି। ଏହା ଏକ ପବିତ୍ର ସ୍ଥାନ ହୋଇଥିବାରୁ ତଥା ବିଷ୍ଣୁ ଉପାସକ ଆଲୱାରମାନେ ଏଠାରେ ବସବାସ କରୁଥିବାରୁ ସେହି ଆଲୱାର ସାଧୁମାନେ ବ୍ରହ୍ମଗିରିଠାରେ 'ଅଲୋୟାରନାଥ'ଙ୍କ ବିଗ୍ରହ ପ୍ରତିଷ୍ଠା କରି ପୂଜା ଉପାସନା କରୁଥିଲେ। ଏଣୁ ଅଲୋୟାରନାଥ ସ୍ଥାନୀୟ ଲୋକଙ୍କ ମୁଖରେ ଅପଭ୍ରଂଶ ହୋଇ ଅଲାରନାଥ ନାମରେ ନାମିତ ହେଲେ। ଶ୍ରୀଅଲାରନାଥଙ୍କ ପୂଜାପଦ୍ଧତିରେ ବୈଷ୍ଣବୀୟ ପରମ୍ପରାର ପ୍ରଭାବ ରହିଛି। ବିଷ୍ଣୁ ମନ୍ତ୍ରରେ ଶ୍ରୀଅଲାରନାଥଙ୍କ ଭୋଗପୂଜା ନୀତି ସମାହିତ ହୋଇଥାଏ। ଅଲୋୟାର ଏକ ଦ୍ରାବିଡ଼ ଶବ୍ଦ, ଯାହାର ଅର୍ଥ ହେଉଛି ଭକ୍ତ। ଅଲୋୟାରନାଥ ଅର୍ଥ 'ଭକ୍ତର ନାଥ'। ମହାପ୍ରଭୁ ଶ୍ରୀଅଲାରନାଥ ପ୍ରକୃତରେ ଭକ୍ତର ନାଥ। ପ୍ରଭୁଙ୍କ ଅଲାରନାଥ ନାମକରଣ ନେଇ ଏକ କିମ୍ବଦନ୍ତୀ ରହିଛି। ଶ୍ରୀଚୈତନ୍ୟଙ୍କ ପ୍ରଥମ ଦର୍ଶନରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀଅଲାରନାଥଙ୍କୁ ଏକ ଓ ଅଭିନ୍ନ ବୋଲି ଭାବି ତାଙ୍କ ଅନ୍ତରର ଭକ୍ତି ଅର୍ପଣ କରୁଥିଲେ। ପ୍ରାଚୀନ କବି ଗୋବିନ୍ଦ ଦାସ ବାବାଜିଙ୍କ ବିରଚିତ ଓ ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ଦ୍ୱାରା ସମ୍ପାଦିତ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରୁ ଜଣାଯାଏ, ଶ୍ରୀଚୈତନ୍ୟଙ୍କର ଶ୍ରୀଅଲାରନାଥଙ୍କ ପ୍ରତି ଗଭୀର ଭକ୍ତି ଥିଲା। ୧୫୧୫ ମସିହାରେ ତୀର୍ଥାଟନ ସାରି ଶ୍ରୀଚୈତନ୍ୟ ତାଙ୍କର ଦ୍ୱିତୀୟବାର ଶ୍ରୀକ୍ଷେତ୍ର ଆଗମନ କାଳରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଅନୁଗ୍ରହ ଲାଭକରି ତତ୍କାଳୀନ କାଶୀ ମିଶ୍ରଙ୍କ ଘର ବା ବର୍ତ୍ତମାନର ରାଧାକାନ୍ତ ମଠ ଭାବେ ପରିଚିତ ଗମ୍ଭୀରାରେ ଦୀର୍ଘ ଅଠରବର୍ଷ କାଳ ଅବସ୍ଥାନ କରିଥିଲେ। ସେତେବେଳେ ଶ୍ରୀଜଗନ୍ନାଥଙ୍କ ଅନବସର ସମୟରେ ପ୍ରାଚୀନ ପଞ୍ଚସଖାଙ୍କ ସହିତ ଶିଷ୍ୟବର୍ଗଙ୍କୁ ସାଙ୍ଗରେ ନେଇ ବହୁବାର ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ନାମ ସଂକୀର୍ତ୍ତନ କରୁଥିଲେ।

ସୂଚନାଯୋଗ୍ୟ ୧୫୧୦ ମସିହାରେ ଶ୍ରୀଚୈତନ୍ୟ ତାଙ୍କ ଭକ୍ତିଧାରାର ପ୍ରଚାର ପାଇଁ ଶ୍ରୀକ୍ଷେତ୍ର ଆଗମନ କରିଥିଲେ। ମାତ୍ର ତତ୍କାଳୀନ ରାଜାଙ୍କର ପ୍ରେମ ଭକ୍ତି ପ୍ରଚାରର ଅନୁକୂଳ ବାତାବରଣ ନ ଦେଖି ଶ୍ରୀକ୍ଷେତ୍ରରେ ସ୍ୱଳ୍ପକାଳ (ଚୈତନ୍ୟ ଚରିତାମୃତ ମତରେ ୩ ମାସ, ଚୈତନ୍ୟ ଚନ୍ଦ୍ରୋଦୟ ନାଟକ ମତରେ ୧୮ ଦିନ) ଅବସ୍ଥାନ କରି ସେ ଦକ୍ଷିଣ ଭାରତ ଚାଲିଯାଇଥିଲେ। ୧୫୧୦ରୁ ୧୫୧୫ ମସିହା ପର୍ଯ୍ୟନ୍ତ ସେ ଦକ୍ଷିଣ ଭାରତ, ଉତ୍ତର ଭାରତ, ପଶ୍ଚିମ ଭାରତର ବହୁ ତୀର୍ଥ ଭ୍ରମଣ ସାରି ପୁନର୍ବାର ଶ୍ରୀକ୍ଷେତ୍ରକୁ ଫେରିଆସିଥିଲେ। ସେତେବେଳେ ଦକ୍ଷିଣରୁ ଶ୍ରୀକ୍ଷେତ୍ରକୁ ଆସିବା ପାଇଁ ବର୍ତ୍ତମାନ ଭଳି ସଡ଼କପଥରେ କୌଣସି ସୁବିଧା ନ ଥିଲା। ଦକ୍ଷିଣରୁ ଆସିବାକୁ ହେଲେ ଚିଲିକା ପାରିହୋଇ ଚିଲିକା ଉପକୂଳ ରାସ୍ତା ବା ସମୁଦ୍ରକୂଳ ରାସ୍ତା ଦେଇ ମଙ୍ଗଳାଘାଟ ପାର ହୋଇ ଶ୍ରୀକ୍ଷେତ୍ରକୁ ଆସିବାକୁ ପଡୁଥିଲା। ଆସିବା ବାଟରେ ପଡୁଥିଲା ବ୍ରହ୍ମଗିରି ଓ ଶ୍ରୀଅଲାରନାଥ ମନ୍ଦିର। ୧୫୧୫ ମସିହାରେ ଶ୍ରୀଚୈତନ୍ୟ ଦକ୍ଷିଣ ଭାରତରୁ ଶ୍ରୀକ୍ଷେତ୍ର ଆସିବା ସମୟରେ ପ୍ରଥମଥର ପାଇଁ ଶ୍ରୀଅଲାରନାଥଙ୍କୁ ଦର୍ଶନ କରିଥିଲେ। ତାଙ୍କ ଅଲାରନାଥ ଦର୍ଶନ ନେଇ 'ଚୈତନ୍ୟ ଚକଡ଼ା' ଗ୍ରନ୍ଥରେ କୁହାଯାଇଛି– 'ଉତ୍କଣ୍ଠିତ ପ୍ରଭୁ ତଥି ଘାଟିମାନ ବାଟ ଦେଇ, ବ୍ରହ୍ମଗିରି ପଥେ ତଥି ଉପସ୍ଥିତ ହୋଇ'।



–ଅଜିତ କୁମାର ମହାନ୍ତି, ପୁରୀ

# ବିଶ୍ୱସ୍ତରୀୟ ଉଦ୍ୟମର ଆବଶ୍ୟକତା ରହିଛି

ଆଜି ବିଶ୍ୱ ସିକଲ୍ ସେଲ୍ ଦିବସ



ପ୍ରତିବର୍ଷ ଜୁନ୍ ୧୯ ତାରିଖକୁ 'ବିଶ୍ୱ ସିକଲ୍ ସେଲ୍ ଦିବସ' ଭାବରେ ପାଳନ କରାଯାଇଆସୁଛି। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି–'ବିଶ୍ୱସ୍ତରୀୟ ଉଦ୍ୟମ : ସ୍ଥାନୀୟ ପ୍ରଭାବ ଏବଂ ସମାଜକୁ ଏ ନେଇ ଅଧିକାର ଦେବା'। ସିକଲ୍ ସେଲ୍ ଏକ କୁଞ୍ଚସୂତ୍ରଜନିତ(ଜେନେଟିକ୍) ରୋଗ ହୋଇଥିବାରୁ ଏହି ସମସ୍ୟା ଆମ ଜନସଂଖ୍ୟାର ପାଖାପାଖି ୪ ପ୍ରତିଶତ ବ୍ୟକ୍ତିଙ୍କ ପାଖରେ ଥାଏ। ଏ ସମ୍ପର୍କରେ ବରିଷ୍ଠ ଚିକିତ୍ସକ ଡା. ରାମଚନ୍ଦ୍ର ରାଉତ କହନ୍ତି, ପ୍ରତିବର୍ଷ ବିଶ୍ୱରେ ପାଖାପାଖି ତିନି ଲକ୍ଷ ଶିଶୁ ହିମୋଗ୍ଲୋବିନ୍ ତ୍ରୁଟି ଥାଇ ଜନ୍ମ ନେଇଥାଆନ୍ତି। ସିକଲ୍ ସେଲ୍ ରୋଗରେ ଗୋଲ ଓ ଚେପଟା ଆକାରର ଲୋହିତ ରକ୍ତ କଣିକା ଅର୍ଦ୍ଧମୀ ଚକ୍ର ପରି ହୋଇଥାଏ। ଫଳରେ ଏହା ରକ୍ତ ଶିରା ଓ ଧମନୀରେ ସ୍ୱଚ୍ଛନ୍ଦରେ ପ୍ରବାହିତ ନ ହୋଇ କମ୍ ସମୟରେ ନଷ୍ଟ ହୋଇଯାଏ। ରକ୍ତ ଧମନୀ ଓ ଶିରା ଅବରୋଧ ଦ୍ୱାରା ଯନ୍ତ୍ରଣା ହୋଇଥାଏ। ପରବର୍ତ୍ତୀ ସମୟରେ ସଂକ୍ରମଣ ହୋଇ କୋଷ ସମୂହ ନଷ୍ଟ ହୋଇଯାଏ। ଥାଲାସେମିଆ ରୋଗ ସମୂହରେ ମଧ୍ୟ ହିମୋଗ୍ଲୋବିନ୍‌ରେ ତ୍ରୁଟି ଥାଏ ଏବଂ ଆଲଫା ଓ ବିଟା ଶିଙ୍କୁଳି ତ୍ରୁଟିଯୁକ୍ତ ହୋଇଥାଆନ୍ତି। ସ୍ଥଳ ବିଶେଷରେ ଏହି ହିମୋଗ୍ଲୋବିନୋପାଥି ସାମାନ୍ୟ ଓ ଗୁରୁତର ହୋଇଥାଏ।

ସିକଲ୍ ସେଲ ରୋଗ ସବୁ ମାତା–ପିତାଙ୍କ ଜିନ୍ (କୁଞ୍ଚସୂତ୍ର) ଦ୍ୱାରା ପିଲାମାନଙ୍କୁ ଆସିଥାଏ। ଏହି ଉଭୟଙ୍କର ତ୍ରୁଟି ଥିଲେ ପିଲାମାନଙ୍କୁ ଏହା ଗୁରୁତର ଭାବେ ଆକ୍ରାନ୍ତ କରିଥାଏ। ମା'ବାପାଙ୍କଠାରୁ ଶିଶୁମାନେ ଏହାଦ୍ୱାରା ଆକ୍ରାନ୍ତ ହେବା ପ୍ରାୟ ୨୫ ପ୍ରତିଶତ ଏବଂ ୫୦ ପ୍ରତିଶତ ଏହାର ବାହକ ହେବା ଆଶଙ୍କା ଥାଏ। ଏହି ରୋଗସମୂହର ହ୍ରାସ ପାଇଁ ରୋଗାକ୍ରାନ୍ତ ଶିଶୁଙ୍କର ଉପଯୁକ୍ତ ଚିକିତ୍ସା ଓ ପରିଚାଳନା ତଥା ଏହା କିପରି ନ ହେବ ସେଥିପ୍ରତି ପ୍ରତିଷେଧକ ବ୍ୟବସ୍ଥା କରାଯାଉଛି। ଏହି ରୋଗୀମାନେ ଉପଯୁକ୍ତ ତରଳ ପାନୀୟ, ସୁଷମ ଖାଦ୍ୟ, ଫଲିକ୍ ଏସିଡ୍ ବଟିକା ସେବନ, ଯନ୍ତ୍ରଣା ଲାଘବ ପାଇଁ ଔଷଧ (ସ୍ଥଳ ବିଶେଷରେ), ଅନ୍ୟ ସଂକ୍ରମଣ ନ ହେବା ପାଇଁ ଟିକା ଓ ଚିକିତ୍ସା ତଥା ଯେଉଁ ସମୟରେ କୌଣସି ଅନ୍ୟ ରୋଗ ହୁଏ ତାହାର ଆଶୁ ଚିକିତ୍ସା କରିବା ଦରକାର। ଏହା ସହିତ ଥାଲାସେମିଆ ଜେନରେ ରକ୍ତ ସଞ୍ଚାଳନ ଦରକାର ପଡ଼େ। ଅସ୍ଥିମଜ୍ଜା ପ୍ରତିରୋପଣ ଆମ ରାଜ୍ୟରେ ଆରମ୍ଭ ହେବା ଏକ ଉଲ୍ଲେଖନୀୟ ଘଟଣା। ଏହା ସହିତ ଜିନ୍ ଥେରାପି ମଧ୍ୟ ସଫଳତାର ସହିତ କରାଯାଉଛି। ବିବାହ ପୂର୍ବରୁ ସବୁ ପରୀକ୍ଷା ସହ ସିକଲ୍ ସେଲ ପରୀକ୍ଷା କରାଇ ନେବା ଜରୁରୀ। ଶିଶୁଟି ଜନ୍ମ ହେବା ପରେ ଠିକ୍ ଭାବରେ ନ ବଢ଼ିବା, ବାରମ୍ବାର ଦେହ ଖରାପ ହେଲେ କିମ୍ବା ରକ୍ତହୀନତା ସମସ୍ୟା ଦେଖାଦେଲେ ଏହି ପରୀକ୍ଷା କରାଇ ନେବା ଆବଶ୍ୟକ।

# ତ୍ରିପୁରା, ଅରୁଣାଚଳ ପ୍ରଦେଶରେ ଓଡ଼ିଶା ଭିଜିଲାନ୍ସ

## ଆଇଏଏସ୍ ଅଧିକାରୀ ଧୀମାନ୍ ଚକ୍‌ମାଙ୍କ ଘର, ଶ୍ୱଶୁର ଘରେ ଚଢ଼ାଉ

ଭୁବନେଶ୍ୱର,୧୮।୬ (ସତ୍ୟଜିତ୍ ରାଉତ)

ଲାଞ୍ଚ ନେବା ମାମଲାରେ ଜେଲରେ ଥିବା ଆଇଏଏସ୍ ଅଧିକାରୀ ଧୀମାନ ଚକ୍‌ମାଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସେ ଆୟ ବହିର୍ଭୂତ ସମ୍ପତି ଠୁଳ କରିଥିବା ସନ୍ଦେହ କରି ରାଜ୍ୟ ଭିଜିଲାନ୍ସ ଅଧିକ ଖୋଳତାଡ ଚଳାଇଛି। ସମ୍ପତ୍ତି ଠାବ କରିବାକୁ ଭିଜିଲାନ୍ସର ୩ଟି ଟିମ୍ ତ୍ରିପୁରା ଓ ଅରୁଣାଚଳ ପ୍ରଦେଶ ଯାଇ ଯାଞ୍ଚ କରୁଥିବା ବୁଧବାର ସୂଚନା ଦିଆଯାଇଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଉତ୍ତର ତ୍ରିପୁରା ଜିଲା କାଞ୍ଚନପୁରରେ ଥିବା ଧୀମାନଙ୍କ ବାସଭବନ, ହିମାଚଳପ୍ରଦେଶର କୁଲ୍ଲୁଜିଲା ମନାଲି ଥାନା ଅନ୍ତର୍ଗତ ସମିନାଲା ଏବଂ ଲାହୋଲେ ସ୍ପିତି ଜିଲା କିଲଙ୍ଗ୍ ଥାନା ଅନ୍ତର୍ଗତ ରଙ୍ଗବେଷ୍ଟିତ ଶ୍ୱଶୁର ଘର ରହିଛି। ଭିଜିଲାନ୍ସ ଅଧିକାରୀମାନେ ବ୍ୟାଙ୍କ ଜମା ଓ ନିବେଶ ସମ୍ବନ୍ଧୀୟ ଦସ୍ତାବିଜ ଆଦିକୁ ଯାଞ୍ଚ କରୁଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଅନ୍ୟାନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ଯାଞ୍ଚ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଧୀମାନଙ୍କ ଘରେ ଚଢ଼ାଉ ପାଇଁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ୧୩ ତାରିଖରେ ସର୍ଚ୍ଚ ୱାରେଣ୍ଟ ଜାରି ହୋଇଥିଲା। ରବିବାର ଭିଜିଲାନ୍ସ ଟିମ୍ ଦୁଇ ରାଜ୍ୟକୁ ଯାଇ ତଦନ୍ତ ଜାରି ରଖିଛି। କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଥିବା ଧୀମାନଙ୍କୁ ଗତ ୧୦ ତାରିଖରେ ମୁଖ୍ୟମନ୍ତ୍ରୀ ନିଲମ୍ବନ କରିଥିଲେ। ମଙ୍ଗଳବାର କୋର୍ଟ ଧୀମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

ସୂଚନାଯୋଗ୍ୟ, ବ୍ୟବସାୟିକ ନିୟମରେ ତ୍ରୁଟି ଦର୍ଶାଇ ଧୀମାନ ଜଣେ କ୍ରଶର ମାଲିକଙ୍କୁ କିଛିଦିନ ହେବ ଧମକାଉଥିଲେ। ୨୦ ଲକ୍ଷ ଟଙ୍କା ଟଙ୍କା ଲାଞ୍ଚ ନ ଦେଲେ ବ୍ୟବସାୟ ବନ୍ଦ କରିଦେବେ ବୋଲି ସେ ଚେତାବନୀ ଦେଉଥିଲେ। ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୁନ ୮ରେ ଭିଜିଲାନ୍ସ ଟିମ୍ ଧୀମାନଙ୍କୁ ଗିରଫ କରିଥିଲା। ଏହାପରେ ଧର୍ମଗଡ଼ସ୍ଥିତ ସରକାରୀ ଆବାସରୁ ଆଉ ୪୭ ଲକ୍ଷ ଟଙ୍କା ଜବତ ହୋଇଥିଲା।

# ଜୁଲାଇ ୯ରେ ପରବର୍ତ୍ତୀ ଶୁଣାଣି, ପୁଣି ସମୟ ନେଲେ ସରକାର

## ହାଇକୋର୍ଟରେ ସାର୍ବଜନୀନ ପାଠାଗାର ମାମଲା

କଟକ,୧୮।୬(କାର୍ତ୍ତିକ ସାହୁ)

ସାର୍ବଜନୀନ ପାଠାଗାରକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ବୁଧବାର ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ରାଜ୍ୟ ସରକାର ଏ ସଂକ୍ରାନ୍ତୀୟ ତଥ୍ୟର ସତ୍ୟପାଠ ଚଳିତ ଶୁଣାଣିରେ ପ୍ରଦାନ କରିପାରିନାହାନ୍ତି। ଅପରପକ୍ଷରେ ଏ ସଂକ୍ରାନ୍ତୀୟ ତଥ୍ୟ ସଂଗ୍ରହ ସରିଛି, ସତ୍ୟପାଠ ଆକାରରେ ଦାଖଲ ପାଇଁ ଅଧିକ ସମୟ ଆବଶ୍ୟକ। ତେଣୁ ଅଧିକ ସମୟ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଆବେଦନ ଗ୍ରହଣ କରି ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଜୁଲାଇ ୯ ତାରିଖକୁ ଧାର୍ଯ୍ୟ ହୋଇଥିବା ଜଣାଯାଇଛି।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ସାର୍ବଜନୀ ପାଠାଗାର ନିୟମାବଳୀ, ୨୦୧୬ ପ୍ରଣୟନ ହୋଇଥିଲେ ବି ସେହି ଅନୁସାରେ କାର୍ଯ୍ୟକାରୀ ହେଉନାହିଁ। ଅଧିନିୟମର ଧାରା–୩ ଅନୁସାରେ ଓଡ଼ିଶା ପାଠାଗାର ପରିଷଦ, ଧାରା–୪ ଅନୁସାରେ ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠନ ହୋଇନାହିଁ।


**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL), UPPER KOLAB HYDRO ELECTRIC PROJECT**
AT/PO: BARINIPUT, DIST: KORAPUT- 764006, PHONE:06854-242001, FAX-06854-242038
E-mail: sgmel.ukhep@gmail.com, CIN: U40101OR1995SGC003963
**E-Tender NOTICE No.-04/2025-26, Dated 17.06.2025**

**No.CAD-808:** The Unit Head, Upper Kolab Hydro Electric Project, Bariniput, Koraput, Odisha invites **percentage rate bid in double cover system** in **ONLINE MODE** only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/m to Shifting of Statue near Main Gate Power House, UKHEP, Bariniput and Signage of "UPPER KOLAB POWER HOUSE" UKHEP, Bariniput. | 5,29,462.34/- | 5,294/- | 4,720/- (Rs.40000 + 18% GST) | "C or D" Class | From 10.00 AM of Dt.23.06.2025 to 13.00 Hrs of Dt.30.06.2025 | At 12.30 Hrs. of 01.07.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC). 2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

OIPR-04002/11/0099/2526 — **Sd./- Unit Head, UKHEP, Bariniput**



**IN THE COURT OF THE ADDL. DISTRICT JUDGE, KAMAKHYANAGAR**
**No.F-28** R.F.A. 37/2022
First Appeal No.155/1983

1. Collector, Dhenkanal representing the State of Odisha At/Po/Ps- Dhenkanal, Dist- Dhenkanal,
Others (Defendants)......................... Appeallants.
Vrs
Nityananda Panda and Others (plaintiff)....................... Respondents

**DRAFT PUBLICATION OF NOTICE**

To
1 (a) Nityananda Panda
1 (b) Niranjan Panda
1 (c) Nirakar Panda
1 (d) Prakash Panda
All are sons of Late Kirtan Panda
At/Po- Anlabereni, Ps-Tumusinga, Dist-Dhenkanal
1 (e) Basanti Panigrahi, W/o- Dibakar Panigrahi, D/o- Late Kirtan Panda, Village/Po- Chitalpur, Ps-Tumusinga, Dist-Dhenkanal (plaintiff)......................... Respondents.

Take notice that you are not appearing in the Court in spite of several summons issued to you by this Court, you are directed to appear in the undersigned Court on dt.20.06.25 At 10.30 AM failing which this Appeal shall be heard and decided in your absence.

Sd./-Addl. District Judge
OIPR-24065/11/0001/2526 Kamakhyanagar



idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES — No.CAD-809

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**
**Tender Call Notice No.IDCO/H.O./P&C/ EST/E-2902/01/2025/ 17317, dated: 13.06.2025**
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work:** Improvement and strengthening of road side berm and construction of balance portion drain with cover slab at I/E Angaragadia, Balasore 2025-26.
2. **Estimated Cost :** Rs.135.15 lakh (Approx.)
3. **Period of Completion:** 05 (Five) Calendar Months
4. **Other details :**

| Procurement Officer | Bid ID/ Tender reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-17/2025-26 | 24.06.2025 at 17.00 Hrs. | 11.07.2025 upto 17.00 Hrs. |

Further details can be seen from the e-Procurement Portal, **www.tendersodisha.gov.in** and Corrigendum if any will not be published in newspapers and can only be seen in the e-Procurement portal **www.tendersodisha.gov.in** and **www.idco.in.**

Sd./- Chief General Manager (P&C)
OIPR-14003/11/0178/2526 IDCO, Bhubaneswar



**ODISHA UNIVERSITY OF TECHNOLOGY AND RESEARCH**
**P.O. : MAHALAXMI VIHAR, BHUBANESWAR - 751 029**

Notice No. OUTR/Transport/2025-26/08Date:12/06/2025
**No.KK-87 : Sealed Tenders are invited** under two bid systems from reputed Registered Tour & Travel Agencies/ Experienced & financially sound Companies/ Private Individuals/ Partnership Firm for providing Light Commercial Vehicle (AC) on monthly/ daily basis to **OUTR, Bhubaneswar**.
Date of available in University Website : 12-06-2025 06:00 P.M.
Last date and time of submission of Bid : 14-07-2025 upto 03.00 P.M.
For details : Please visit : http://www.outr.ac.in
For any query please contact : Prof. Bishnu Narayan Mohapatra
Phone No- 7735430820, Email :- bnm@outr.ac.in

OIPR-16005/11/0095/2526 **Sd./- REGISTRAR**



**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in
**INVITATION FOR BIDS (e-Procurement)**
**Bid identification no:- VI-08(06)/SERIFED/2025-26/ 747**

**No.CAD-802** : The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, for the 01 (One) no of works at Boudh. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 19.06.2025 to 17.00 hours up to dt. 25.06.2025. Online bids shall be received till 17.00 hours dt. 25.06.2025 & shall be opened at 11.30 AM on Dt. 26.06.2025. Any addendum / corrigendum / cancellation of tender can also be seen in the said website.

OIPR-39036/11/0051/2526 **Sd./- MANAGING DIRECTOR**



**DISTRICT PROJECT MANAGEMENT UNIT PRADHAN MANTRI POSHAN SHAKTI NIRMAN (PM POSHAN)**
**DISTRICT EDUCATION OFFICE, JAJPUR**
Email- deojajpurtown13@gmail.com, dnojajpurmdm@gmail.com
**NO. 153/DPMU/DATE: 13.06.2025**
**TENDER CALL NOTICE FOR APPOINTMENT OF TRANSPORTING AGENT FOR TRANSPORTATION OF FOODSTUFF UNDER PM POSHAN & MM POSHAN YOJANA**

**No.n-73** : Sealed tenders in the prescribed form are invited from the intending firms/individuals/ Companies/Corporations/Transporting Agencies having valid Transporting agent license under Odisha motor vehicles (licensing of agent) rules, 1990 for transportation of foodstuff (Rice) under PM POSHAN & MM POSHAN YOJANA of School & Mass Education Deptt. in Jajpur District during the year 2024-25. The tender papers along with details of terms and conditions of tender EMD, Capability Certificate and Statutory Requirements can be obtained by downloading from the District Website i.e. https://jajpur.odisha.gov.in. The cost of tender paper is Rs.10,500/- (Rupees Ten Thousand Five Hundred) only which is non-refundable and should be submitted with the tender form in shape of Demand draft made in favour of **DISTRICT EDUCATION OFFICER DPMU MDM JAJPUR** payable at **Punjab National Bank, Jajpur Town Branch**. The tender paper complete in all respect alongwith other required documents may be sent in sealed cover superscripted as **"SEALED TENDER FOR UNDERTAKING "TRANSPORTATION WORK OF FOODGRAINS(RICE) UNDER PM POSHAN & MM POSHAN YOJANA"** addressed to the "District Education Officer, Jajpur, District Project Management Unit (MDM), District Education Office, Jajpur, by Registered post /Speed Post only so as to reach before **5 P.M. of 25.06.2025**. The tender shall be opened **at 11 A.M on 26.06.2025** by the Collector, Jajpur or by any officer authorized by him in presence of tenderers or their authorized representatives and tender committee members. The undersigned reserves the right to reject/ cancel any or all the tenders without assigning any reason thereof.

**Sd./- Collector & District Magistrate, Jajpur**
OIPR-27021/11/0001/2526



**OFFICE OF THE SUPERINTENDING ENGINEER, RWS&S DIVISION, BHUBANESWAR**
E-Mail : eebbsrrwss@gmail.com
**QUOTATION CALL NOTICE No. 08 of 2025-26**

**No.O-302** : Executive Engineer, RWS&S Division, Bhubaneswar on behalf of the Governor of Odisha invities quotations in sealed covers for the following work as stated below from Authorised Dealer / Distributor / Supplier under following terms and conditions.

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (Online UPS-10 KVA & Replacement of Spray Chamber for ICP-MS) |
| 2 | No. of Item | 02(two) |
| 3 | Time for completion | 15 (fifteen) days |
| 4 | Cost of bidding document | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt.20.06.2025 (10.00 A.M.) to Dt.30.06.2025 (1.00 P.M.) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.30.06.2025 up to 4.00 P.M. |
| 7 | Date & time of opening of Quotation | Dt.01.07.2025 at 11.00 A.M. in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

Sd./- Superintending Engineer,
OIPR-25011/11/0018/2526 RWS&S Division, Bhubaneswar



**OFFICE OF THE MUNICIPAL COUNCIL : KHORDHA**
H & UD Department, Govt. of Odisha, Khordha - 752055
E-Mail : khurda_municipality@yahoo.co.in, Phone No. 06755-220674
**"e" Procurement Notice**
**No.1977 / Date : 13.06.2025**

**No.C-535** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Tender Reference No. : KMPLTY/01/2025-26
2. Name of the Work : Civil Construction works as mentioned in website
3. No. of works : 2 Nos.
4. Eastimated Cost : As per DTCN
5. Earnest Money Deposit (EMD) : As per DTCN
6. Period of Completion : As per DTCN
7. Date & Time of Bidding : From Date. **17.06.2025** at **11:00 A.M.**
8. Last date & time for receipt of bids in the portal : Date. **24.06.2025** up to **05:30 P.M.**
9. Bids received online shall be opened on : Date. **26.06.2025** from **11:00 A.M.**
10. Name and address of the Officer inviting Bid : O/o-Executive Officer, Khordha Municipality

Further amendments, corrigendum or other communication regarding this notice will be available only on https://tendersodisha.gov.in/nicgep/app and will not be published in print media.

Sd./- Executive Officer
OIPR-13082/11/0021/2526 Khordha Municipality



**WATCO**
**OFFICE OF THE GENERAL MANAGER, WATCO DIVISION-II, BHUBANESWAR** No.C-534
Near Rajiv Bhawan, Unit-V, Bhubaneswar-751001, Odisha, India
Telefax : +91-674-2390322, E-mail - gmdivtwowatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
**Invitation for Bids (IFB) Dtd.13.06.2025**

1 Nos. of works : 02 Nos (Two Nos)
2 Estimate cost : Rs.364.76 Lakhs & Rs.106.36 Lakhs
3 Period of completion : 03 (Three) Months & 12 (Twelve) Months
4 Class of contractor : B & A Class
5 Date & Time of availability of bid document in the portal : From 11.00 A.M. of Dt. 18.06.25 to 5.00 P.M. of 08.07.2025
6 Last date / time of receipt of bids in the portal : 5.00 P.M. of 08.07.2025
7 Last date & time of seeking clarification : 5.00 P.M. of 23.06.2025
8 Date & time of opening of bids : At 12.30 P.M. of 09.07.2025
9 Name and address of the Officer Inviting Bid : General Manager, WATCO Division-II, BBSR

Further details can be seen from the e-Procurement portal "https://www.tendersorissa.gov.in".

Sd./- GENERAL MANAGER
OIPR-13089/11/0022/2526 WATCO DIVISION-II, BHUBANESWAR


See Career Appointment on every Wednesday & Saturday


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
Letter No.1904, **1st Corrigendum Notice** Date:12.06.25

**1st Corrigendum to Bid Identification No. Tender Online RCK-10/25 invited this Office Letter No.1729, Dt.30.05.2025**
**No.O-304:** The changes as detailed below are hereby made in the above N.I.T.:-
**1 Clause No.-06 of NIT modified below:-**

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-10/25 | From 09.06.2025 at 11.00 AM to 23.06.2025 upto 05.00 PM | From 21.06.2025 at 05.00 PM to 09.07.2025 upto 05.00 PM | 23.06.2025 upto 02.00 PM | 09.07.2025 upto 02.00 PM | 24.06.2025 at 11.00 AM | 10.07.2025 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.
Chief Construction Engineer
OIPR-25129/11/0054/2526 Rural Works Circle, Kendrapara-Jajpur



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOLE, PO-SUNGUDA, JAJPUR- 754296, Email:serw_kpd@yahoo.com
Letter No.1902, **2nd Corrigendum Notice** Date:12.06.25

**2nd Corrigendum to Bid Identification No. Tender Online RCK-09/25 invited this Office Letter No.1575, Dt.19.05.2025**
**No.O-305:** The changes as detailed below are hereby made in the above N.I.T.:-

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | | Date & Time of opening of tender: Technical Bid | | Date & Time of opening of tender: Financial Bid | |
|---|---|---|---|---|---|---|---|---|---|
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara-Jajpur | Tender Online RCK-09/25 | From 28.05.2025 at 11.00 AM to 21.06.2025 upto 05.00 PM | From 21.06.2025 at 05.00 PM to 05.07.2025 upto 05.00 PM | 21.06.2025 upto 02.00 PM | 05.07.2025 upto 02.00 PM | 21.06.2025 at 11.00 AM | 06.07.2025 at 11.00 AM | Will be Intimated Later | Will be Intimated Later |

All other conditions of NIT remain unaltered.
Sd./- Chief Construction Engineer
OIPR-25129/11/0055/2526 Rural Works Circle, Kendrapara-Jajpur

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପଏଣ୍ଟ ଖାତା ଖୋଲିଲା ବ୍ଲାକ୍ ଟାଇଗର୍ସ

## ରଗ୍‌ବୀ ପ୍ରିମିୟର ଲିଗ୍

ମୁମ୍ବାଇ, ୧୮।୬

ସ୍ଥାନୀୟ ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଦେଶର ସର୍ବପ୍ରଥମ ଜିଏମ୍‌ଆର ରଗ୍‌ବୀ ପ୍ରିମିୟର ଲିଗ୍‌ରେ ପଏଣ୍ଟ ଖାତା ଖୋଲିଛି ଭୁବନେଶ୍ୱର ଭିତ୍ତିକ ଦଳ କଳିଙ୍ଗ ବ୍ଲାକ୍ ଟାଇଗର୍ସ। ପ୍ରଥମ ୨ଟି ମ୍ୟାଚରେ କ୍ରମାଗତ ପରାଜୟ ପରେ ଏହି ଦଳ ବୁଧବାର ଚେନ୍ନାଇ ବୁଲ୍ସ ବିପକ୍ଷ ମ୍ୟାଚକୁ ୨୬-୨୬ ପଏଣ୍ଟରେ ଡ୍ର ରଖିଛି। ଅନ୍ୟପକ୍ଷରେ ଚେନ୍ନାଇ ବୁଲ୍ସ ପ୍ରତିଯୋଗିତାରେ ଅପରାଜେୟ ଆଖ୍ୟା ବଜାୟ ରଖିଛି। ଚେନ୍ନାଇକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ବ୍ଲାକ୍ ଟାଇଗର୍ସ। ଫଳରେ ଦଳ ପାଇଁ ମ୍ୟାଚ ଡ୍ର ରଖିବା ସହଜ ହୋଇ ନ ଥିଲା। ତେବେ ଅଧିକାଂଶ ସମୟ ପଛୁଆ ରହିଥିଲେ ମଧ୍ୟ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି ପଏଣ୍ଟ ଭାଗ କରିଥିଲା। ୪ ମ୍ୟାଚରୁ ଚେନ୍ନାଇ ବୁଲ୍ସର ପଏଣ୍ଟ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ୩ ମ୍ୟାଚରୁ ୨ ପଏଣ୍ଟ ହାସଲ କରିଛି। କଳିଙ୍ଗ ବ୍ଲାକ୍ ଟାଇଗର୍ସ ଏହାର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ହାଇଦ୍ରାବାଦ ହିରୋଜଠାରୁ ୧୪-୨୪ ଓ ବେଙ୍ଗାଲୁରୁ ବ୍ରେଭ୍‌ହାର୍ଟ୍ସ ନିକଟରୁ ୧୦-୩୫ ପଏଣ୍ଟରେ ହାରିଥିଲା। ତୃତୀୟ ମ୍ୟାଚରେ ଦଳ ଚମତ୍କାର ପ୍ରଦର୍ଶନ କରି ଟେବୁଲ ଟପ୍ପର ଚେନ୍ନାଇ ବୁଲ୍ସ ବିପକ୍ଷରେ ମ୍ୟାଚ ଡ୍ର ରଖିଛି। ଚେନ୍ନାଇ ଦଳ ନିଜର ପ୍ରଥମ ୩ ମ୍ୟାଚରେ ଯଥାକ୍ରମେ ମୁମ୍ବାଇ ଡ୍ରିମର୍ସଙ୍କୁ ୨ଟି ମ୍ୟାଚରେ ୨୪-୫ ଓ ୩୧-୧୭ ଏବଂ ଦିଲ୍ଲୀ ରେଜ୍‌କୁ ୨୧-୭ରେ ପରାସ୍ତ କରିଥିଲା। ବୁଧବାର ଦ୍ୱିତୀୟ ମ୍ୟାଚ ମୁମ୍ବାଇ ଡ୍ରିମର୍ସ ଓ ଦିଲ୍ଲୀ ରେଜ୍ ମଧ୍ୟରେ ଅନୁଷ୍ଠିତ ହେଉଛି।




### ଜନ୍ମଦିନ ଶୁଭେଚ୍ଛା



ଶୁଭଶ୍ରୀ ପୃଷ୍ଟି (ଗୁଗୁଲୁ)
ବାଜପୁର, କାକଟପୁର

ତୋର ୨୬ତମ ଜନ୍ମ ଉତ୍ସବ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ। ପ୍ରଭୁ ଶ୍ରୀ ସାକ୍ଷୀଗୋପାଳ, ମା ଶ୍ରୀରାଧା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ ତୋ ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ: ଆଇ, ବୁବୁଲୁ, ଡୁଡୁଲୁ


# ଆଜିଠୁ ଅଲ୍ ଓଡ଼ିଶା ଓପନ ୬ରେଡ୍ ସ୍ନୁକର



ଖବରଦାତା ସମ୍ମିଳନୀ ଅବସରରେ କର୍ମକର୍ତ୍ତା ଓ ଖେଳାଳିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୮।୬ (ତପନ ସ୍ୱାଇଁ)

ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ଆନୁକୂଲ୍ୟରେ ଫାଲକନ ଅଲ୍ ଓଡ଼ିଶା ଓପନ ୬ ରେଡ୍ ସ୍ନୁକର ଟୁର୍ନାମେଣ୍ଟ ଗୁରୁବାର ଭିନ୍‌ଟେଜ୍ କ୍ଲବ ପରିସରରେ ଆରମ୍ଭ ହେବ। ଏହା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତ କ୍ୟାଲେଣ୍ଡର ବର୍ଷରେ ବିଏସ୍ଏଓ ପକ୍ଷରୁ ଏହା ହେବ ୩ୟ ଇଭେଣ୍ଟ। ୬ରେଡ୍ ଫର୍ମାଟ ଚାମ୍ପିୟନଶିପ୍‌ରେ ଏପର୍ଯ୍ୟନ୍ତ ୪୦ ଖେଳାଳି ଅଂଶଗ୍ରହଣ ପାଇଁ ସ୍ୱିକୃତି ଦେଇ ସାରିଛନ୍ତି। ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୨୧,୦୦୦, ରନରଅପ୍‌ଙ୍କୁ ୧୧,୦୦୦ ଟଙ୍କା ପ୍ରଦାନ କରାଯିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଏହା ବ୍ୟତୀତ ସେମିଫାଇନାଲିଷ୍ଟଙ୍କୁ ୫,୦୦୦, କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୨,୫୦୦, ସର୍ବାଧିକ ବ୍ରେକ୍ ପାଇଁ ୫,୦୦୦ ଓ ସର୍ବାଧିକ (୭୫) ପଏଣ୍ଟ ପାଇଁ ୧୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ବିଏସ୍ଏଓ ସମ୍ପାଦକ ସମିର ଅଲୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଗୋବିନ୍ଦ ଶର୍ମା, ଭିନ୍‌ଟେଜ କ୍ଲବର ପ୍ରତିଷ୍ଠାତା ତଥା ମାଲିକ ଅମିୟ ରଞ୍ଜନ ନାୟକ, ପାର୍ଟନର ସତ୍ୟଦୀପ ଦାସ ଏବଂ ଅନ୍ୟ ଅଂଶଗ୍ରହଣକାରୀ ଖେଳାଳିମାନେ ଉପସ୍ଥିତ ଥିଲେ।



ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟାଇଟଲ ଜିତିଥିବା ଟେମ୍ବା ବଭୁମାଙ୍କ ଦଳକୁ ବୁଧବାର ଦକ୍ଷିଣ ଆଫ୍ରିକାରେ ଭବ୍ୟ ସ୍ୱାଗତ କରାଯାଇଛି।

# ଜରୁରିକାଳୀନ ବୈଠକ ଡକାଇଲେ ଇସି ସଦସ୍ୟ

## ଏଆଇଟିଏ ବିବାଦ ଘନେଇଲା

ନୂଆଦିଲ୍ଲୀ, ୧୮।୬(ପି.ଟି.)

ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ନିର୍ବାଚନକୁ ନେଇ ଦେଖାଦେଇଥିବା ବିବାଦ ଘନେଇବାରେ ଲାଗିଛି। ଗତ ବର୍ଷ ଅନାସ୍ଥା ପ୍ରସ୍ତାବର ସମ୍ମୁଖୀନ ହୋଇଥିବା ସଭାପତି ଅନୀଲ ଜୈନ ଗତ ମେ' ୨୬ ତାରିଖରେ ଫେଡେରେଶନ ନିର୍ବାଚନକୁ ବାତିଲ କରିବା ଲାଗି ଦିଲ୍ଲୀ ହାଇକୋର୍ଟକୁ ଅନୁରୋଧ କରିଥିଲେ। ଏହାର ପ୍ରତିକ୍ରିୟାରେ ଫେଡେରେଶର କାର୍ଯ୍ୟକାରୀ କମିଟି(ଇସି) ସଦସ୍ୟମାନେ ଆସନ୍ତା ୨୭ ତାରିଖରେ ବୈଠକ ଲାଗି ଡାକରା ଦେଇଛନ୍ତି।

ଜୈନ ବ୍ୟକ୍ତିଗତ ଫାଇଦା ଲାଗି ଫେଡେରେଶନରେ ନିଜ ପଦବୀକୁ ବ୍ୟବହାର କରିଥିବା ନେଇ ଅଭିଯୋଗ ସହ ଏଆଇଟିଏର ଏକ ସ୍ୱୀକୃତିପ୍ରାପ୍ତ ରାଜ୍ୟ ଆସୋସିଏଶନ ପକ୍ଷରୁ ଅନସ୍ଥା ପ୍ରସ୍ତାବ ଅଣାଯାଇଥିଲା। ପରେ ଅନାସ୍ଥା ପ୍ରସ୍ତାବକୁ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପୂର୍ବରୁ ପ୍ରତ୍ୟାହାର କରାଯାଇଥିଲା। ଏଜିଏମ୍‌ରେ ନୂଆ କାର୍ଯ୍ୟକାରୀ କମିଟି ଲାଗି ସଦସ୍ୟ ନିର୍ବାଚିତ ହୋଇଥିଲେ। ହେଲେ ପୂର୍ବତନ ଖେଳାଳି ସୋମଦେବ ବର୍ମନ ଓ ପୁରବ ରାଜା ନିର୍ବାଚନର ବୈଧତାକୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଫଳରେ ସେବେଠାରୁ ନିର୍ବାଚନର ଫଳାଫଳ ବନ୍ଦ ଲିଫାପାରେ କୋର୍ଟଙ୍କ ନିକଟରେ ରହିଛି। ଏଥିଯୋଗୁ ନବ ନିର୍ବାଚିତ ସଦସ୍ୟ ଏପର୍ଯ୍ୟନ୍ତ ନିଜ ଦାୟିତ୍ୱ ସମ୍ଭାଳି ପାରିନାହାନ୍ତି।

ବର୍ମନଙ୍କ ଆବେଦନରେ ପ୍ରତିକ୍ରିୟା ରଖି ଜୈନ ଗତ ମେ' ୨୬ ତାରିଖରେ ନିଜ ଅନୁରୋଧରେ କହିଥିଲେ ଯେ, ଏଆଇଟିଏ ନିର୍ବାଚନକୁ ବାତିଲ କରାଯିବା ଉଚିତ। କିନ୍ତୁ ଫେଡେରେଶନର ପରିଚାଳନା ପାଇଁ ପ୍ରଶାସନିକ କମିଟି (ସିଓଏ)କୁ ନିଯୁକ୍ତ ନକରିବାକୁ ଅନୁରୋଧ କରିଥିଲେ। ନହେଲେ ସିଓଏକୁ ନିଯୁକ୍ତ କରାଯିବା ଦ୍ୱାରା ଆନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ଓ ଏସିଆନ ଟେନିସ ମହାସଂଘ (ଏଟିଏଫ୍) ଆପତ୍ତି ଉଠାଇବେ ଏବଂ ଏଆଇଟିଏ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି, ଯାହାକି ଫେଡେରେଶନର କାର୍ଯ୍ୟରେ ବାଧକ ସାଜିବ। ଅନ୍ୟପକ୍ଷରେ ଜୈନ କୋର୍ଟରେ ତାଙ୍କ ପ୍ରତିକ୍ରିୟା ରଖିବା ପୂର୍ବରୁ ସେମାନଙ୍କ ପରାମର୍ଶ ନେଇନଥିଲେ ବୋଲି ଇସି ସଦସ୍ୟମାନେ ଦାବି କରିଛନ୍ତି। ଏଭଳି ପ୍ରତିକ୍ରିୟା ରଖିବା ଲାଗି ଇସି ସଦସ୍ୟଙ୍କର ସହମତି ଦରକାର। ସେ ଏହାକୁ ସିଧାସଳଖ କୋର୍ଟରେ ଦାଖଲ କରିପାରିବେ ନାହିଁ। ଇସିକୁ ପ୍ରଥମେ ପ୍ରସ୍ତାବ ପାରିତ କରିବାର ଥିଲା। ତା' ପରେ କୋର୍ଟରେ ଉତ୍ତର ରଖାଯାଇପାରିବ। ଜୈନ ସମସ୍ତ ସଦସ୍ୟଙ୍କୁ ଅଯୋଗ୍ୟ କରିବାକୁ ଚେଷ୍ଟା କରୁଛନ୍ତି। ଆଜି ବି ସ୍ୱୀକୃତି ପାଇନଥିବା ବ୍ୟକ୍ତି ଫେଡେରେଶନ ପରିଚାଳନା କରୁଛନ୍ତି ବୋଲି ହିରନମୟ ଚାଟାର୍ଜୀ କହିଛନ୍ତି। ହିରମନ ଆସନ୍ତା ୨୭ ତାରିଖରେ ଇସି ବୈଠକ ଲାଗି ନୋଟିସ ଜାରି କରିଛନ୍ତି। ଏ ସମ୍ପର୍କରେ ଜୈନ କହିଛନ୍ତି ଯେ, ମୁଁ ଏବେ ବି ଏଆଇଟିଏ ସଭାପତି। ସାଧାରଣ ସମ୍ପାଦକଙ୍କ ବିରୋଧରେ ରିଟ ପିଟିସନ ଦାଖଲ କଲା ବେଳେ ସେମାନେ ମୋ ପରାମର୍ଶ ନେଇନଥିଲେ। ସେମାନଙ୍କର ଲୁକାୟତ ଉଦ୍ଦେଶ୍ୟ ରହିଛି। ମୁଁ ନିର୍ବାଚନ ପ୍ରକ୍ରିୟାରେ ଖୁସି ନଥିଲି। ଏଣୁ ମୁଁ ନାମାଙ୍କନ ଦାଖଲ କରି ନଥିଲି। ସେମାନେ ସ୍ପୋର୍ଟ୍ସ କୋର୍ଡର କାର୍ଯ୍ୟକାଳ ଗାଇଡ୍ ଲାଇନ ପାଳନ କଲେ ନାହିଁ। ଏଆଇଟିଏ ସ୍ପୋର୍ଟ୍ସ କୋଡ୍ ପାଳନ କରିବା ଉଚିତ। ସେମାନେ ଡକାଇଥିବା ଇସି ବୈଠକ ବେଆଇନ। ସାଧାରଣ ସମ୍ପାଦକ ଏହାକୁ ଡକାଇ ନାହାନ୍ତି ଏବଂ ମୋ ପରାମର୍ଶ ମଧ୍ୟ ନିଆଯାଇ ନାହିଁ। ସେମାନେ ମୋ ବିରୋଧରେ ଖରାପ ଓ ଭିତ୍ତିହୀନ ଆଧାରରେ ମୋ ବିରୋଧରେ ଅନସ୍ଥା ପ୍ରସ୍ତାବ ଆଣିଥିଲେ।


# Classified Everyday
0674-2580101, 9692975378



REAL ESTATE

SALE

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର- ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9 0 9 0 7 4 6 4 4 5 , 7008067338.** D-76275

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call- 9861642492.** D-738

**A Commercial Plot Facing to NH (Nakhara to Niali) 10KM from Nakhara 60x166, 3sides Road Personal plot Contact only owners- 7809525452** D-76467

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



**Relax, Refresh your body, Mind at Saikrupa SPA with best therapies. 7848011468.** D-859

Newly open SPA positively health benefits (expert therapist). Contact- 7749034655. D-76919

Positively health benefits SPA expert female therapist homely atmosphere. 8658088274. D-974

## LOST

ମୁଁ ଓ୍ୱହିଦ ଶାହା, ବୟସ ୬୧ ବର୍ଷ, ପିତା- ଖଲିଲ ଶାହା ମରହୁମ, ସା- ଦହନାଶୁଣୀ (କାଜିବଜାର), ପୋଷ୍ଟ- ଗରଦପୁର, ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ, ଏକ ଘରବାଡ଼ି ବୃତ୍ତି ପାଇଁ ତୋହିଦ ଶାହାଙ୍କ ଠାରୁ ରେଜିଷ୍ଟ୍ରି ଦଲିଲ ନମ୍ବର ୩୭୩୧ ଗତ ୦୨।୧୧।୨୦୧୭ ରେ ଖରିଦ କରିଥିଲୁ। ଉକ୍ତ ଦଲିଲ ଘରୁ କଚେରି ବଜାର ମାର୍କେଟ ଯିବା ବାଟରେ ହଜିଯାଇଛି, ମୁଁ ଶତଚେଷ୍ଟା କରିସାରିବା ପରେ ମଧ୍ୟ ଉପରଲିଖିତ ଦଲିଲ ପାଇବାରେ ସକ୍ଷମ ହୋଇନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଫୋନ୍- 8249554228, 9776189770 D-985

## AFFIDAVIT

I, Suresh Kumar Peddina, S/o Late Pedina Ananta Rao, Resident of ward No.-5, At- Dera Sahi, Gudari, P.O./P.S.- Gudari, Dist.- Rayagada, Odisha, PIN- 765026 declare by this affidavit No.- 480, dated- 21.05.2025, that now onwards I shall be known as Suresh Kumar Pedina for all future purposes. D-980

By virtue of affidavit sworn before the Executive Magistrate, Bhubaneswar, on dated- 17th June 2025, I Smt. Prabhati Badatya, Address: At- Baliapata Basti, GGP Colony, Bhubaneswar- 751025, Odisha, have changed my Minor son name from " Santosh Badadia (old name) to Santosh Badatya" ( new name). Henceforth my minor son shall be known as " Santosh Badatya" for all purposes. D- 972

By virtue of an affidavit sworn before the Notary Public, Sonepur, dated- 10.06.2025, I, Pinki Biswal, At/P.O.- Bhimtikira, P.S.- Binka, Dist.- Subarnapur, Odisha- 767019 declare that I have changed my name from Pinki Swain to Pinki Biswal. Henceforth, I Shall be known as Pinki Biswal for all purposes. D-977

By virtue of an affidavit No.- 1616, dated- 17.06.25, sworn before Executive Magistrate, Bhandaripokhari. I Balaram Sahoo(39) S/o Narahari Sahoo, Vill- Kaharapokhari, P.O.- Piripur, P.S.- Bhandaripokhari, Dist.- Bhadrak, declare that my real name is Balaram Sahoo as per Aadhar xxxx xxxx 2643 & SBI A/C. But in LIC pol. NO.- 586231371, wrongly mentioned as Balabhadra Sahoo. So Balaram Sahoo, Balabhadra Sahoo one & same person for future purposes. D-981

By virtue of an affidavit sworn before the Executive Magistrate, Titilagarh, No.- 413, dated- 10.06.2025, I Anita Poddar, W/o- Late Govind Poddar, R/o. At/P.O./P.S.- Titilagarh, Dist.- Balangir, Odisha, PIN- 767033, declare that I have changed my daughter's name from Krapali Poddar to Kripali Poddar. Henceforth she shall be known as Kripali Poddar for all purposes.
Anita Poddar D-979

**Your Classified Advertisement published in Dharitri will be listed free in Dharitri Online Edition: dharitriepaper.in**

By virtue of an affidavit sworn before the Executive Magistrate, Boudh No.- 938, dated- 11.06.25, I Seshadev Meher, R/o. Village- Baghapali, P.O.- Sarasara, P.S./ Dist.- Boudh, Odisha, PIN- 762026, declare that I have changed my son's name from Dipak Meher to Deepak Meher. Henceforth he shall be known as Deepak Meher for all Purposes.
Seshadev Meher D-978


By virtue of an affidavit sworn before in the Court of Executive Magistrate, Hatadihi, Keonjhar, dated- 28.05.2025, I, Shibani Mana, Address- At/P.O./Via- Hatadihi, P.S.- Nandipada, PIN- 758083, Dist.- Keonjhar, State- Odisha, declare that I have changed my name from Shibani Baitha to Shibani Mana. Henceforth, I shall be Known as Shibani Mana for all purposes. D-976

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓ ଜୁରିଆ ମୁଦୁଲି
ସ୍ଥାନ- ବ୍ରହ୍ମନଗର ୩ୟ ଲାଇନ୍, ହନୁମାନ ମନ୍ଦିର ନିକଟ, ବ୍ରହ୍ମପୁର, ଗଞ୍ଜାମ
ତିରୋଧାନ : ୨୯.୦୬.୨୦୨୪
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା, କର୍ତ୍ତବ୍ୟପରାୟଣତା ଓ ଉତ୍ସର୍ଗୀକୃତ ଜୀବନାଦର୍ଶକୁ ପାଥେୟ କରି ତୁମ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ପୁତ୍ର- କୃପାସିନ୍ଧୁ ମୁଦୁଲି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ। D-976


# ମାଷ୍ଟର୍ସ କପ୍ ହକି ଆରମ୍ଭ

## କର୍ନାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ବିଜୟୀ

ଚେନ୍ନାଇ, ୧୮।୬

ହକି ଇଣ୍ଡିଆ ଆନୁକୂଲ୍ୟରେ ବହୁ ପ୍ରତୀକ୍ଷିତ ସର୍ବପ୍ରଥମ ମାଷ୍ଟର୍ସ କପ୍ ହକି ଟୁର୍ନାମେଣ୍ଟ ବୁଧବାର ଏଠାରେ ଆରମ୍ଭ ହୋଇଛି। ପ୍ରତିଯୋଗିତାର ମହିଳା ବିଭାଗରେ ୮ଟି ଶ୍ରେଷ୍ଠ ଦଳ ଓଡ଼ିଶା, କର୍ନାଟକ, ହରିୟାଣା, ହିମାଚଳ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ ଓ କେରଳ ଦଳ ଅଂଶଗ୍ରହଣ କରିଛନ୍ତି। ସେହିପରି ପୁରୁଷ ବିଭାଗରେ ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ଚଣ୍ଡିଗଡ଼, ହରିୟାଣା, କର୍ନାଟକ, ମହାରାଷ୍ଟ୍ର, ପଞ୍ଜାବ, ତାମିଲନାଡୁ, କେରଳ, ପୁଡୁଚେରୀ ଓ ମଣିପୁର ଆଦି ୧୧ଟି ଦଳ ପରସ୍ପର ସହ ମୁକାବିଲା କରିବେ। ୨୭ ତାରିଖରେ ପ୍ରତିଯୋଗିତା ଶେଷ ହେବ। ପ୍ରଥମ ଦିବସରେ ମର୍ନାଟକ ଓ ମହାରାଷ୍ଟ୍ର ମହିଳା ଏବଂ ପଞ୍ଜାବ ଓ ତାମିଲନାଡୁ ପୁରୁଷ ବିଭାଗରେ ବିଜୟ ହାସଲ କରିଛନ୍ତି।

ଦିବସର ପ୍ରଥମ ମ୍ୟାଚରେ କର୍ନାଟକ ମହିଳା ଦଳ ୭-୦ ଗୋଲରେ କେରଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସ୍ନେହା ସି. ୧୫, ୧୭ ଓ ୫୦ତମ ମିନିଟରେ ଗୋଲ ଦେଇ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ଅଧିନାୟିକା କେ.କେ. କାର୍ତ୍ତିକ ୪୨ ଓ ୫୫ତମ ମିନିଟରେ ୨ଟି ଗୋଲ ସ୍କୋର କରିଥିଲେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ମହାରାଷ୍ଟ୍ର ୫-୦ ଗୋଲରେ ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ପୁରୁଷ ବିଭାଗର ପ୍ରଥମ ମ୍ୟାଚରେ ପଞ୍ଜାବ ୩-୨ ଗୋଲରେ ପୁଡୁଚେରୀକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବାବେଳେ ପଞ୍ଜାବ ବାଜି ମାରିଛି। ଅନ୍ୟଏକ ମ୍ୟାଚରେ ତାମିଲନାଡୁ ୮-୦ ଗୋଲରେ କେରଳକୁ ହରାଇଛି। ତାମିଲନାଡୁ ପକ୍ଷରୁ ରାମାଦୋସ ଭି. ୧୪ ଓ ୪୪ତମ ମିନିଟରେ ୨ଟି ଗୋଲ ଦେଇଥିଲେ।

# ଯାହା ଭାବୁଥିଲେ ଅଭିଷେକ...


'ଭାବାନ୍ତର' ଫିଲ୍ମରେ (ବାମରୁ)ସରୋଜ, ସୂର୍ଯ୍ୟମୟୀ, ଅଭିଷେକ

**ବେ**ଳେବେଳେ ମଣିଷ ଯାହା ଚିନ୍ତା କରିଥାଏ, ତାହା ସତରେ ପରିଣତ ହୋଇଥାଏ । ଏକ ତ୍ରିକୋଣୀୟ ପ୍ରେମ କାହାଣୀକୁ ଆଧାର କରି ବର୍ତ୍ତମାନ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ସଫଳତାର ସହ ପ୍ରଦର୍ଶିତ ହେଉଛି ଓଡ଼ିଆ ସିନେମା 'ଭାବାନ୍ତର' । ଫିଲ୍ମଟି ହିଟ୍ ହେବ ବୋଲି ଆକଳନ କରିଥିଲେ ଏଥିରେ ନାୟକ ଭୂମିକାରେ ଅଭିନୟ କରିଥିବା ଅଭିଷେକ ଗିରି, ଯାହା ସତରେ ପରିଣତ ହୋଇଛି । ଏ ବିଷୟରେ ସେ କହନ୍ତି, ''ଶୁଟିଂ ସମୟରେ ମୋ ମନକୁ ଏକଥା ଆସିଥିଲା ଯେ ଅନନ୍ତ ମହାପାତ୍ରଙ୍କ ଭଳି ବିଶିଷ୍ଟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନା ବଡ ପରଦାରେ ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ । ଆଉ ଫିଲ୍ମଟି ରିଲିଜ ହେବା ପରେ ତାହା ସତ ହୋଇଛି । ତାଙ୍କ ଭଳି ନିର୍ଦ୍ଦେଶକଙ୍କ ସହ କାମ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ ।'' ଏହାର ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ ।

# ଭୁଲନ୍ତି ନାହିଁ ବାଣୀ


ବାଣୀ

**ବା**ଣୀ କପୁର ଏବେ ଅଭିନୟ ସହ ଜଡିତ । ହେଲେ ତାଙ୍କୁ ଯେତେବେଳେ ଅବସର ମିଳେ ସେ ଗୋଟିଏ କଥା ଆଦୌ ଭୁଲି ନ ଥାନ୍ତି । ତାହା କ'ଣ ଜାଣନ୍ତି ? ବାସ୍କେଟବଲ ଖେଳିବା । ପାଠ ପଢ଼ିବା ସମୟରେ ସେ ଏହି ଖେଳ ସହ ଜଡିତ ଥିଲେ । ଏପରି କି ସେ ଜଣେ ଜାତୀୟ ସ୍ତରୀୟ ବାସ୍କେଟବଲ ଖେଳାଳି । ଏ ବିଷୟରେ ବାଣୀ କହନ୍ତି, ''ପାଠ ପଢ଼ିବା ବେଳେ ମୁଁ ବାସ୍କେଟବଲ୍ ପ୍ରତି ଆକର୍ଷିତ ହୋଇଥିଲି । କେବଳ ସେତିକି ନୁହେଁ, ଏହାକୁ ନିୟମିତ ଅଭ୍ୟାସ କରିବାର ସୁଫଳ ମୋତେ ମିଳିଥିଲା । କାରଣ ମୁଁ ଜାତୀୟ ସ୍ତରରେ ବାସ୍କେଟବଲ ଖେଳିବାର ସୌଭାଗ୍ୟ ଅର୍ଜନ କରିଥିଲି । ଏବେ ସମୟ ମିଳିଲେ ମୁଁ ନିଜକୁ ଏହା ସହ ନିୟୋଜିତ ରଖିଥାଏ ।'' ଅଭିନୟ ପୂର୍ବରୁ ସେ ମଧ୍ୟ ମଡେଲିଂ ସହ ଜଡିତ ଥିଲେ । ଛୋଟ ପରଦାରେ ମୁହଁ ଦେଖାଇବା ପରେ ସେ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ । ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ, ଯାହାଙ୍କ ଅପୋଜିଟ୍‌ରେ ନାୟକ ସାଜିଥିଲେ ସୁଶାନ୍ତ ସିଂ ରାଜପୁତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ସବୁବେଳେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହିଥାଆନ୍ତି ।

# ଦିଲ୍ ନା ଲଗେ...

**ବ**ଲିଉଡ୍‌ର ଲୋକପ୍ରିୟ ଟାଇମ୍ସ ଅଡିଓରେ ନିକଟରେ ମୁକ୍ତିଲାଭ କରିଛି ହିନ୍ଦୀ ମ୍ୟୁଜିକ ଭିଡିଓ 'ଦିଲ୍ ନା ଲଗେ..' । ଏଥିରେ ଓଡ଼ିଆ ଅଭିନେତା ରାକେଶ ଦେଓ ଓ ଅଭିନେତ୍ରୀ ସ୍ୱପ୍ନା ପତି ଅଭିନୟ କରିଛନ୍ତି । କେବଳ ସେତିକି ନୁହେଁ ଏହାର ନିର୍ଦ୍ଦେଶକ ଓ ପ୍ରଯୋଜକ ମଧ୍ୟ ଓଡ଼ିଆ । ଏଥିରେ ଉଭୟ ବଲିଉଡ୍ ଏବଂ ଓଲିଉଡ୍‌ର ଗୋଟିଏ ଲେଖାଏଁ ଟିମ୍ କାମ କରିଛନ୍ତି । ସୁଦୀପ ଜେନାଙ୍କ ସ୍ୱର ସଂଯୋଜନାରେ ହିନ୍ଦୀ ଚଳଚ୍ଚିତ୍ରର ଜଣାଶୁଣା ଗାୟିକା ପ୍ରତୀକ୍ଷା ବଶିଷ୍ଠ ଏଥିରେ କଣ୍ଠଦାନ କରିଛନ୍ତି । ମୁମ୍ବାଇର ଆର୍ ଆଣ୍ଡ ବି ଷ୍ଟୁଡିଓରେ ଏହାକୁ ରେକର୍ଡ କରାଯାଇଛି । ଅପରପକ୍ଷରେ ଓଲିଉଡ୍ ଟିମ୍‌ର ନେତୃତ୍ୱ ନେଇଛନ୍ତି ବଲିଉଡ୍‌ରେ ଅବସ୍ଥାପିତ ଓଡ଼ିଆ ପ୍ରଯୋଜକ ରାଜେଶ କୁମାର ମହାନ୍ତି । ଏସ୍‌ଆର୍ ଏଣ୍ଟରପ୍ରାଇଜର୍ସ ଓ ଟାଇମ୍ସ ଅଡିଓ ନିବେଦିତ ଏହି ମ୍ୟୁଜିକ ଭିଡିଓର ନିର୍ଦ୍ଦେଶକ ଅଛନ୍ତି ସଞ୍ଜୟ କୁମାର ସାହୁ । ସେ ଏହାର ନୃତ୍ୟ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି । ଭୁବନେଶ୍ୱର ଓ ପୁରୀରେ ଏହାର ଶୁଟିଂ ହୋଇଛି ।

# ଆପ୍ପା ରାଓର ମନ କଥା

**ଖୁ**ବ୍‌ଶୀଘ୍ର ବଡ ପରଦାରେ ଆପ୍ପା ରାଓ ନିଜର ମନ କଥା କହିବ । ଏଭଳି ଏକ ଚରିତ୍ର ପଛରେ କ'ଣ ରହସ୍ୟ ରହିଛି ତାହା ଫିଲ୍ମଟି ରିଲିଜ ପରେ ହିଁ ଜଣାପଡିବ । ହଁ, ଏପରି ଏକ ରୋଲ୍‌ରେ ଦର୍ଶକଙ୍କ ସାମ୍‌ନାକୁ ଆସୁଛନ୍ତି ସୋସିଆଲ ମିଡିଆର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ପ୍ରୀତିରଞ୍ଜନ ପ୍ରଧାନ । ଆଉ ଚଳଚ୍ଚିତ୍ରଟି ହେଲା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ ତଥା ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଲଢ଼େଇ' । ଅବଶ୍ୟ ଏହା ତାଙ୍କ ଅଭିନୀତ ପ୍ରଥମ ସିନେମା ନୁହେଁ । ତେବେ ଏଭଳି ଏକ ଭୂମିକା ବିଷୟରେ ସେ କହନ୍ତି, ''ଏହି ଚରିତ୍ର ପଛରେ ଅନେକ କଥା ଲୁଚି ରହିଛି । ତେଣୁ ଏବେଠାରୁ ମୁଁ ତାହାକୁ ସାମ୍‌ନାକୁ ଆଣିବାକୁ ଚାହୁଁନାହିଁ । ବର୍ତ୍ତମାନ ସୁଦ୍ଧା ମୋତେ ଯେତେ ଭୂମିକା ମିଳିଛି ତନ୍ମଧ୍ୟରୁ ଆପ୍ପା ରାଓ ହେଉଛି ଭିନ୍ନ ଧରଣର । ଯେତେବେଳେ ମୁଁ ଏହି ରୋଲ୍ ବିଷୟରେ ଅବଗତ ହେଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା । ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି । ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ।'' ପେସାରେ ଜଣେ ଖେଳ ଶିକ୍ଷକ, ହେଲେ ଅଭିନୟ ମାୟାରେ ସେ ପିଲାଟି ଦିନରୁ ପଡିଯାଇଛନ୍ତି । ବଡ ପରଦାରେ ସୁଯୋଗ ପାଇବା ପୂର୍ବରୁ ସେ ଅନେକ ଥିଏଟର ନାଟକରେ ଅଭିନୟ କରିସାରିଛନ୍ତି । ଖାସ୍ କଥା ହେଲା, ନିଜର ହୋମ୍ ବ୍ୟାନରରେ ଏଥର ନାୟକ ସାଜୁଛନ୍ତି ଲୋହିତାକ୍ଷ ପଟ୍ଟନାୟକ । ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ନବାଗତା ଅଭିଲିପ୍ସା । କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ଭରଦ୍ୱାଜ ପଣ୍ଡା ରଚନା କରିଥିବା ବେଳେ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଏବଂ ସୋମେଶ ଶତପଥୀ । ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।


'ଲଢ଼େଇ' ଫିଲ୍ମରେ ପ୍ରୀତିରଞ୍ଜନ

# ନାମକରଣ ଅନ୍ତରାଳେ

**କି**ଆରା ଆଡ୍‌ଭାନୀ ଇତିମଧ୍ୟରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଲେଣି । ହେଲେ ଦିନେ ସେ ଯେ ଅଭିନେତ୍ରୀ ସାଜିବେ ଏକଥା କେବେ କଳ୍ପନା କରି ନ ଥିଲେ । ପ୍ରଥମେ ସେ ଏକ ସ୍କୁଲରେ ଶିକ୍ଷକତା କରୁଥିଲେ । ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଥିବା ଏହି ଅଭିନେତ୍ରୀଙ୍କ ଅଭିନୀତ ପ୍ରଥମ ସିନେମା ହେଲା 'ଫୁଗଲି' (୨୦୧୪) । ଅନ୍ୟପକ୍ଷରେ ସେ ଅଭିନୟ କରିଥିବା 'ୱାର ୨' ଆସନ୍ତା ମାସ ୧୪ରେ ରିଲିଜ ହେବାକୁ ଯାଉଛି । ତେବେ କିଆରା ହେଉଛି ତାଙ୍କର ସ୍କ୍ରିନ୍ ନେମ୍ । ହେଲେ ଏହି ନାମକରଣ ପଛରେ ଏକ ରହସ୍ୟ ଲୁଚି ରହିଛି । ତାଙ୍କର ପ୍ରକୃତ ନାମ ଥିଲା ଆଲିୟା । ହେଲେ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ନିଜ ନାମକୁ ବଦଳାଇବାକୁ ଚାହିଁଥିଲେ । ତେବେ ଏ ସମ୍ପର୍କରେ ସେ କହନ୍ତି, ''ମୁଁ ଯେତେବେଳେ ମୋର ଏକ କ୍ୟାଚି ସ୍କ୍ରିନ୍ ନେମ୍ ଦେବାକୁ ଚାହିଁଲି ସେତେବେଳେ ଗୋଟିଏ କଥା ମୋତେ ବେଶ୍ ଅନୁପ୍ରାଣିତ କରିଥିଲା । ପ୍ରିୟଙ୍କା ଚୋପ୍ରା ଅଭିନୟ କରିଥିବା 'ଅଞ୍ଜାନା ଅଞ୍ଜାନୀ'ରେ ତାଙ୍କର ଭୂମିକାଟିର ନାମ ଥିଲା କିଆରା । ବାସ୍, ଏକଥା ମୋ ମନକୁ ଆସିବା ପରେ ମୁଁ ନିଜ ସ୍କ୍ରିନ୍ ନେମ କିଆରା ରଖିଥିଲି ।''


କିଆରା

# ସମାଧାନର ବାଟ ଖୋଜାଯାଉ

**ଓ**ଡ଼ିଆ ସିନେମାକୁ ୯୦ ବର୍ଷ ହେଲା । ଆମେ ଚାଲି ନ ଜାଣି ବାଟର ଦୋଷ ଦେଇ କେବଳ ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ ହେଉ ବୋଲି ମନ୍ତବ୍ୟ ଦେଉଛେ । ଆମେ କେବଳ ଆଶାରେ ମନ ଦମ୍ଭ କରି ରହୁଛେ । ୯୦ ବର୍ଷର ଓଡ଼ିଆ ସିନେମା ଶିଳ୍ପର ମାନ୍ୟତା ପାଇଥିଲେ ମଧ୍ୟ ଏଭଳି କେତେକ ସମସ୍ୟା ରହିଛି ଯାହାର ସମାଧାନ ଜରୁରୀ ହୋଇପଡିଛି । କେବଳ ଭାଷଣ ଦେଲେ ହେବ ନାହିଁ, ସବୁ କାମ ବାସ୍ତବରେ ହେଲେ ଆମ ସିନେମା ଆହୁରି ଆଗକୁ ଯାଇପାରିବ । ପ୍ରଥମ କଥା ହେଲା ପ୍ରେକ୍ଷାଳୟ । ଆମ ରାଜ୍ୟରେ ଏବେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଚାଲିଛି କହିଲେ ଆଦୌ ଭୁଲ ହେବ ନାହିଁ । ସିନେମା ଶିଳ୍ପ ବଞ୍ଚିବା ପାଇଁ ପ୍ରତି ଜିଲାରେ ସିନେମା ହଲ୍‌ର ଆବଶ୍ୟକତା ରହିଛି । ଛୋଟ ପ୍ରେକ୍ଷାଳୟ ହେଲେ ପ୍ରଯୋଜକମାନେ ସିଧାସଳଖ ଖର୍ଚ୍ଚ ମୁତାବକ କିଛି ଅର୍ଥ ଫେରିପାଇବେ । ମଲ୍‌ରେ ଥିବା ହଲ୍‌ଗୁଡ଼ିକରେ ଟିକେଟର ଦାମ ପ୍ରାୟ ଅଧିକ । ତେଣୁ କେତେକ ଦର୍ଶକ ସେଠାରେ ସିନେମା ଦେଖିବାକୁ ସାହସ କରୁନାହାନ୍ତି । ଓଡ଼ିଶାରେ ଭଲ ସିନେମା ହେଉଛି । କିନ୍ତୁ ପ୍ରେକ୍ଷାଳୟ ଅଭାବରୁ ସିନେମା ସାଧାରଣ ଦର୍ଶକ ଦେଖିବାରୁ ବଞ୍ଚିତ ହେଉଛନ୍ତି । ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ଏବେ ପ୍ରାୟ ୬୦ଟି ରହିଛି । କେବେଳ ବଡ଼ ସହର ଭୁବନେଶ୍ୱର, ବ୍ରହ୍ମପୁର ଆଦି ସହରରେ ମଲ୍‌ଟି ପ୍ରେକ୍ଷାଳୟ ଥିବା ଯୋଗୁ ସ୍ୱଳ୍ପ ସଂଖ୍ୟାରେ ଦର୍ଶକ ସିନେମା ଦେଖୁଛନ୍ତି ।

ନିକଟରେ ଓଡ଼ିଆ ସିନେମା ସୋସାଇଟି ପକ୍ଷରୁ ୪ ଦିନ ଧରି ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ବିଭିନ୍ନ ରାଜ୍ୟର ସିନେମା ସହ ଓଡ଼ିଆ କ୍ଲାସିକ ସିନେମା ପ୍ରଦର୍ଶନ ବ୍ୟବସ୍ଥା କରାଯାଇଥିଲା । ଓଡ଼ିଆ ସିନେମାକୁ ଆଗକୁ ଆଗେଇ ନେବା ପାଇଁ ସରକାରୀ ସ୍ତରରେ ମଧ୍ୟ ଆହୁରି ଉଦ୍ୟମ ହେବା ଦରକାର । ବର୍ତ୍ତମାନ ଆମ ରାଜ୍ୟର ନୂଆ ସରକାର ଏ ନେଇ ଦୃଷ୍ଟି ଦେବେ ବୋଲି ମୋର ଆଶା ।

ସିନେମାଟିଏ ନିର୍ମାଣ କରିବା ସମୟରେ ଏହାର କାହାଣୀ, କଳାକାର ଚୟନ, ଗୀତ, ସଙ୍ଗୀତ ସଂଳାପ, ଉପସ୍ଥାପନା ଏପରି କି ପ୍ରଚାର ପ୍ରସାର ପ୍ରତି ପ୍ରଯୋଜନା ସଂସ୍ଥା ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର ।

ଗୋଟିଏ ସିନେମାକୁ ଭଲ ଆୟ ହେଲେ ସମ୍ପୃକ୍ତ ପ୍ରଯୋଜକ ଆଉ ଏକ ସିନେମା ନିର୍ମାଣ କରିବାକୁ ଆଗଭର ହେବେ । ସାମ୍ପ୍ରତିକ ଘଟଣାବଳୀକୁ ନେଇ ସିନେମା ନିର୍ମାଣ ଧାରା ବଜାୟ ରହିବା ଦରକାର । ଆମ ଓଡ଼ିଆ ସିନେମା ଆଗକୁ ଆଗେଇବାକୁ ହେଲେ ସାମ୍‌ନାରେ ଉଭା ହୋଇଥିବା ସମସ୍ୟାଗୁଡିକର ସମାଧାନ ହେବା ନିହାତି ଦରକାର ।

**–ଦିଲୀପ ହାଲି,** ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଏଥର ରାଜ୍‌ସାବ୍


'ରାଜ୍‌ସାବ୍' ଫିଲ୍ମରେ ପ୍ରଭାସ

**ଦ**କ୍ଷିଣ ଭାରତୀୟ ଅଭିନେତା ପ୍ରଭାସ ଏବେ ଭାରି ଖୁସି । କାରଣ ବର୍ତ୍ତମାନ ସେ ଏଭଳି ଏକ ସିନେମାରେ ଅଭିନୟ କରୁଛନ୍ତି ଯାହା ସୁପରହିଟ୍ ହେବ ବୋଲି ସିନେ ସମୀକ୍ଷକମାନେ ପୂର୍ବାନୁମାନ କରିସାରିଲେଣି । ଏହି ଫିଲ୍ମଟିର ଟାଇଟଲ ରହିଛି 'ରାଜ୍‌ସାବ୍' । ଖାସ୍ କଥା ହେଲା ଏହା କେଳବ ମୂଳଭାଷା ତେଲୁଗୁ ନୁହେଁ, ହିନ୍ଦୀ, ତାମିଲ, ମାଲାୟାଲମ ଏପରି କି କନ୍ନଡ ଭାଷାରେ ମଧ୍ୟ ନିର୍ମିତ ହେଉଛି । ଏହାର ଟିଜର ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି । ଏହି ଟିଜରରେ ପ୍ରଭାସ ଏକ କାର୍ ଉପରେ ବସିଛନ୍ତି । ତେବେ ତାଙ୍କର ବସିବା ଷ୍ଟାଇଲ ଯୁବପିଢ଼ିଙ୍କୁ ବେଶ୍ ପ୍ରଭାବିତ କରିଛି । ଏହା ହେଉଛି ଏକ ସୁପର ନାଚୁରାଲ ହରର୍ ଫିଲ୍ମ । ଆଉ ଏକ ଖାସ୍ କଥା ଜାଣନ୍ତି ? ଏହି ଫିଲ୍ମରେ ପ୍ରଭାସ ଡବଲ ରୋଲରେ ଅଭିନୟ କରୁଛନ୍ତି । ଅନ୍ୟପକ୍ଷରେ ଏହାର ଷ୍ଟାରକାଷ୍ଟରେ ସଞ୍ଜୟ ଦତ୍ତ, ମାଳବିକା ମୋହନନ, ରିଦ୍ଧି କୁମାର ଏବଂ ନିଧି ଅଗ୍ରୱାଲ ଅଛନ୍ତି । ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ମାରୁତି । ପାଖାପାଖି ୫୦୦କୋଟି ବଜେଟ୍‌ରେ ନିର୍ମାଣ କରାଯାଉଥିବା ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୫ରେ ରିଲିଜ ହେବାର ଯୋଜନା ରହିଛି ।

# ଅପେକ୍ଷା କରିଛନ୍ତି ଶୁଭମ୍

**ଓ**ଡ଼ିଆ ସିନେମାରେ ନବାଗତ ତାଲିକାରେ ଆଉ ଜଣେ ନିଜ ନାମକୁ ସାମିଲ କରିବାକୁ ଯାଉଛନ୍ତି । ସେ ହେଲେ ଶୁଭମ୍ । କିନ୍ତୁ ତାଙ୍କର ଏକ ବଡ ଆଶା ପୂରଣ ହୋଇଛି । ଯେଉଁଭଳି ଏକ ମନଛୁଆଁ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଛି । ହଁ, ଶୁଭମ୍‌ଙ୍କ ଅଭିନୀତ ପ୍ରଥମ ଓଡ଼ିଆ ସିନେମାର ଟାଇଟଲ ରହିଛି 'ଶମ୍ଭୁ' । ଏ ବିଷୟରେ ସେ କହନ୍ତି, ''ଏହାର କାହାଣୀ ମୋତେ ବେଶ୍ ଇମ୍ପ୍ରେସ କରିଛି । ମୋ ଭୂମିକାଟିକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି । ଆଶା ରଖିଛି ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ । ମୋ ଭିତରେ ଥିବା ଅଭିନୟ ଦକ୍ଷତାକୁ ଦେଖାଇବାକୁ ଏହି ଫିଲ୍ମରେ ମୋତେ ଭରପୂର ସୁଯୋଗ ମିଳିଛି ।'' ଉକ୍ତ ଚିତ୍ରଟି ଚଳିତ ରଥଯାତ୍ରା ଅବସରରେ ମୁକ୍ତିଲାଭ କରିବାକୁ ଯାଉଛି । ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ । ବିଭୂତି ଭୂଷଣ ଜେନାଙ୍କ ପ୍ରଯୋଜିତ 'ଶମ୍ଭୁ'ର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ଦିଲୀପ ପଣ୍ଡା । ତମନ୍ନା, ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଡ୍ଡି ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ ।


ଶୁଭମ୍

# ଶୁବମନ ୪ ନମ୍ବରରେ ବ୍ୟାଟିଂ କରିବେ

ହେଡିଂଲେ,୧୮।୬(ପି.ଟି.)

ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ଶୁବମନ ଗିଲ ନଂ-୪ ଓ ଉପ ଅଧିନାୟକ ରିଷଭ ପନ୍ତ ନଂ-୫ ପୋଜିଶନରେ ବ୍ୟାଟିଂ କରିବେ। ଏ ନେଇ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପନ୍ତ ପ୍ରକାଶ କରିଛନ୍ତି। ବିରାଟ କୋହଲିଙ୍କ ଅବସର ଯୋଗୁ ନଂ-୪ ପୋଜିଶନ ଲାଗି ନୂଆ ବ୍ୟାଟର ଖୋଜିବା ବାଧ୍ୟତାମୂଳକ ଥିଲା। ଏହି ପୋଜିଶନରେ ଗିଲ୍ ବ୍ୟାଟିଂ କରିବେ।

ମୋ ମତରେ ନଂ-୩ ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ନେଇ ଏବେ ବି ଆଲୋଚନା ଚାଲିଛି। କିନ୍ତୁ ନଂ-୪ ଓ ୫ ବ୍ୟାଟିଂ ପୋଜିଶନ ଫିକ୍ସ ରଖାଯାଇଛି। ମୋ ମତରେ ଶୁବମନ ନଂ-୪ ଏବଂ ମୁଁ ପଞ୍ଚମ କ୍ରମରେ ବ୍ୟାଟିଂ କରିବୁ। ବଳକା ପୋଜିଶନରେ କିଏ ବ୍ୟାଟିଂ କରିବ, ସେ ସମ୍ପର୍କରେ ଆମେ ଚର୍ଚ୍ଚା ଜାରି ରଖିଛୁ ବୋଲି ପନ୍ତ କହିଛନ୍ତି। ଏତଦ୍ ବ୍ୟତୀତ ଅଧିନାୟକ ଗିଲ୍‌ଙ୍କ ସହ ବନ୍ଧୁତା ସମ୍ପର୍କରେ ପନ୍ତ ପ୍ରକାଶ କରିଛନ୍ତି ଯେ, ଗିଲ ଓ ମୁଁ ଫିଲ୍ଡ ବାହାରେ ବହୁତ ଭଲ ବନ୍ଧୁ। ଯଦି ଫିଲ୍ଡ ବାହାରେ ତୁମେ ଭଲ ବନ୍ଧୁ, ତେବେ ତାହା ଫିଲ୍ଡରେ ମଧ୍ୟ ଦେଖାଯିବ। ଆମେ ପରସ୍ପର ସହିତ ସହଜ ଅନୁଭବ କରୁ ଏବଂ ବହୁତ କଥା ହେଉ। ଗତ ୧୯ ବର୍ଷରେ ପ୍ରଥମ ଥର ପାଇଁ ଇଂଲଣ୍ଡ ଦଳ ଜେମ୍ସ ଆଣ୍ଡରସନ ଓ ଷ୍ଟୁଆର୍ଟ ବ୍ରଡଙ୍କ ବିନା ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ଏ ସମ୍ପର୍କରେ ପନ୍ତ କହିଛନ୍ତି ଯେ, ଆଣ୍ଡରସନ ଓ ବ୍ରଡ ଏଥର ନଖେଳିବା ଆମ ପାଇଁ ନିଶ୍ଚିତ ଭାବେ ଭଲ ଖବର।



ଖବରଦାତା ସମ୍ମିଳନୀରେ ରିଷଭ ପନ୍ତ।

କାରଣ ସେମାନେ ଦୀର୍ଘ ବର୍ଷ ହେଲା ଇଂଲଣ୍ଡ ପାଇଁ ଖେଳୁଥିଲେ। ମୁଁ କେବଳ ଦୁଇଟି ଟୁରରେ ସେମାନଙ୍କ ବିପକ୍ଷରେ ଖେଳିଛି। କିନ୍ତୁ ସେମାନଙ୍କ ଅନୁପସ୍ଥିତି ପରେ ବି ଇଂଲଣ୍ଡ ନିକଟରେ ଯଥେଷ୍ଟ ଦକ୍ଷ ପେସ ବୋଲର ରହିଛନ୍ତି। ଆମେ କାହାକୁ ବି ହାଲୁକା ଭାବେ ନେବାକୁ ଚାହୁଁନୁ। କାରଣ ଆମ ଦଳରେ ପ୍ରାୟ ଯୁବ ଖେଳାଳି ରହିଛନ୍ତି। ସେମାନେ ଏବେ ବି ନିଜକୁ କ୍ରିକେଟର ଭାବେ ଇମ୍ପ୍ରୁଭ କରୁଛନ୍ତି। କିନ୍ତୁ ଆମକୁ କ୍ରିକେଟ ଖେଳିବାର ଅଛି ଏବଂ ଦରକାର ଥିଲା ବେଳେ ପ୍ରତିପକ୍ଷ ବୋଲରଙ୍କ ପ୍ରତି ସମ୍ମାନ ପ୍ରଦର୍ଶିତ କରିବାକୁ ପଡ଼ିବ।





ହେଡିଂଲେରେ ବୁଧବାର ଭାରତୀୟ ଦଳର ନେଟ୍ସ ସେସନରେ ଅଧିନାୟକ ଶୁବମନ ଗିଲ୍ ଓ କୋଚ୍ ଗୌତମ ଗମ୍ଭୀରଙ୍କ ମଧ୍ୟରେ ଆଲୋଚନା। ଯଶପ୍ରୀତ୍ ବୁମ୍‌ରାଙ୍କ ଅଭ୍ୟାସ।

# ଗ୍ରୁପ୍-୧ରେ ଭାରତ, ପାକିସ୍ତାନ, ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୧୮।୬

ଇଂଲଣ୍ଡରେ ହେବାକୁଥିବା ୨୦୨୬ ମହିଳା ଟି୨୦ କ୍ରିକେଟ୍ ବିଶ୍ୱକପ୍ କାର୍ଯ୍ୟସୂଚୀ ବୁଧବାର ପ୍ରକାଶ ପାଇଛି। ଜୁନ୍ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ଭାରତ, ପାକିସ୍ତାନ ଓ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଆଉ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୧ରେ ଖେଳିବେ। ଆୟୋଜକ ଇଂଲଣ୍ଡ, ଗତଥରର ଚାମ୍ପିୟନ ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା ଓ ଅନ୍ୟ ୨ଟି ଯୋଗ୍ୟତା ପର୍ଯ୍ୟାୟ ଦଳ ଗ୍ରୁପ୍-୨ରେ ସ୍ଥାନ ପାଇବେ। ଓଭାଲରେ ୨ଟି ଯାକ ସେମିଫାଇନାଲ ଏବଂ ଲର୍ଡ୍ସରେ ଫାଇନାଲ ଅନୁଷ୍ଠିତ ହେବ।

ଟୁର୍ନାମେଣ୍ଟରେ ମୋଟ ୩୩ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଇଂଲଣ୍ଡର ୭ଟି ଭେନ୍ୟୁରେ ଏହା ୨୪ ଦିନଧରି ଖେଳାଯିବ। ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଓଭାଲ ଏବଂ ଲର୍ଡ୍ସ ବ୍ୟତୀତ ମ୍ୟାଚ୍‌ଗୁଡ଼ିକ ଓଲ୍ଡ ଟ୍ରାଫୋର୍ଡ, ହେଡିଂଲେ, ସାଉଥମ୍ପଟନ, ବ୍ରିଷ୍ଟଲ ଓ ଏଜ୍‌ବାଷ୍ଟନରେ ୩ଟି ଭିନ୍ନ ଭିନ୍ନ ସମୟ ପୂର୍ବାହ୍ନ ୧୦ଟା ୩୦, ଅପରାହ୍ନ ୨ଟା ୩୦ ଓ ସନ୍ଧ୍ୟା ୬ଟା ୩୦ରେ ଆରମ୍ଭ ହେବ। ଜୁନ୍ ୧୨ରେ ଉଦ୍‌ଘାଟନୀ ମ୍ୟାଚ୍ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଏଜ୍‌ବାଷ୍ଟନଠାରେ ଅନୁଷ୍ଠିତ ହେବ। ଏହା ଗତ ସଂସ୍କରଣ ସେମିଫାଇନାଲର ରିମ୍ୟାଚ୍ ସଦୃଶ ହେବ। ଚାମ୍ପିୟନ ନ୍ୟୁଜିଲାଣ୍ଡ ଜୁନ୍ ୧୩ରେ ସାଉଥମ୍ପଟନରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ସେହିଦିନ ଅଷ୍ଟ୍ରେଲିଆ ୨୦୨୪ ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମାଞ୍ଚେଷ୍ଟରରେ ମ୍ୟାଚ୍ ଖେଳିବ। ଜୁନ୍ ୧୪ରେ ଏଜ୍‌ବାଷ୍ଟନରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଗ୍ରୁପ୍-୧ର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟରେ ଜୁନ୍ ୨୧ରେ ମାଞ୍ଚେଷ୍ଟରରେ ଭାରତ-ଦକ୍ଷିଣ ଆଫ୍ରିକା ଏବଂ ୨୮ରେ ଲର୍ଡ୍ସଠାରେ ଭାରତ-ଅଷ୍ଟ୍ରେଲିଆ ମ୍ୟାଚ୍ ହେବ। ଭାରତ-ଅଷ୍ଟ୍ରେଲିଆ ମୁକାବିଲା ପ୍ରତିଯୋଗିତାର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ହେବ। ସେହିପରି ପାକିସ୍ତାନ ଜୁନ୍ ୧୭ରେ ଦକ୍ଷିଣ ଆଫ୍ରିକା ଓ ୨୩ରେ ଅଷ୍ଟ୍ରେଲିଆକୁ ଭେଟିବ।

### ଜୁନ୍ ୧୪ରେ ପାକିସ୍ତାନକୁ ଭେଟିବ ଭାରତ

ଗ୍ରୁପ୍-୨ରେ ଥିବା ଇଂଲଣ୍ଡ ଏହାର ମ୍ୟାଚ୍‌ଗୁଡ଼ିକ ୫ଟି ଭେନ୍ୟୁରେ ଖେଳିବ। ଏହି ଦଳ ଜୁନ୍ ୨୪ରେ ଲର୍ଡ୍ସରେ ୱେଷ୍ଟଇଣ୍ଡିଜ ଓ ୨୭ରେ ଓଭାଲରେ ନ୍ୟୁଜିଲାଣ୍ଡକୁ ଭେଟିବ। ଶ୍ରୀଲଙ୍କା ଜୁନ୍ ୧୬ରେ ସାଉଥମ୍ପଟନରେ ନ୍ୟୁଜିଲାଣ୍ଡ ଓ ୨୧ରେ ବ୍ରିଷ୍ଟଲରେ ୱେଷ୍ଟଇଣ୍ଡିଜ ସହିତ ମୁକାବିଲା କରିବ। ଆୟୋଜକ ଇଂଲଣ୍ଡ ଏବଂ ୨୦୨୪ ବିଶ୍ୱକପ୍‌ର ଟପ୍-୫ ଦଳ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ସ୍ୱାଭାବିକଭାବେ ଯୋଗ୍ୟତା ହାସଲ କରିଛନ୍ତି। ପାକିସ୍ତାନ ଓ ଶ୍ରୀଲଙ୍କା ସେହିବର୍ଷ ଅକ୍ଟୋବର ୨୧ ବେଳକୁ ପରବର୍ତ୍ତୀ ୨ ଶ୍ରେଷ୍ଠ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ଥିବାରୁ ଯୋଗ୍ୟତା ହାସଲ କରିଛନ୍ତି। ଅନ୍ୟ ୪ଟି ଦଳ ୨୦୨୬ ପ୍ରାରମ୍ଭରେ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ଆସିବେ। ୧୦ ଦଳକୁ ନେଇ ହେବାକୁଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ବାଂଲାଦେଶ, ସ୍କଟ୍‌ଲାଣ୍ଡ, ଆମେରିକା, ନେପାଳ ଓ ଥାଇଲାଣ୍ଡ ମନୋନୀତ ହୋଇସାରିଛନ୍ତି। ୟୁରୋପ, ଆଫ୍ରିକା ଏବଂ ଇଷ୍ଟ ଏସିଆ-ପାସିଫିକ କ୍ୱାଲିଫାୟର୍ସଗୁଡ଼ିକ ହେବାକୁ ବାକିଅଛି।

# କଙ୍ଗନା ବ୍ରାଣ୍ଡ୍ ଆମ୍ବାସାଡର

ନୂଆଦିଲ୍ଲୀ,୧୮।୬(ପି.ଟି.)

### ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ବଲିଉଡ୍ ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତ୍‌ଙ୍କୁ ବୁଧବାର ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟର ବ୍ରାଣ୍ଡ୍ ଆମ୍ବାସାଡର କରାଯାଇଛି। ଏହି ଟୁର୍ନାମେଣ୍ଟ ଚଳିତବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ନୂଆଦିଲ୍ଲୀରେ ହେବ। 'ଫ୍ୟାଶନ' ଓ 'କ୍ୱିନ୍' ଭଳି ଫିଲ୍ମରେ ନିଜ ଅଭିନୟ ଜରିଆରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ୩୯ ବର୍ଷୀୟା କଙ୍ଗନା ବର୍ତ୍ତମାନ ହିମାଚଳ ପ୍ରଦେଶର ମଣ୍ଡି ନିର୍ବାଚନମଣ୍ଡଳୀରୁ ଏମ୍‌ପି ଅଛନ୍ତି। ଭାରତୀୟ ପାରା ଆଥ୍‌ଲେଟମାନେ ପ୍ରତ୍ୟେକ ଦିନ ଯାହା ସମ୍ଭବ ତାହା କରି ଦେଖାଉଛନ୍ତି। ସେମାନଙ୍କୁ ସମର୍ଥନ



କଙ୍ଗନା ରାଣାଓ୍ୱତ୍

ଏବଂ ସେମାନଙ୍କ ଅବିଶ୍ୱସନୀୟ ଉପଲବ୍ଧି ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିପାରୁଥିବାରୁ ମୁଁ ନିଜକୁ ଗର୍ବିତ ମନେକରୁଛି। ଆମ ଚାମ୍ପିୟନଙ୍କ ସହ ଛିଡ଼ାହୋଇଥିବାରୁ ମୁଁ ଗର୍ବିତ ବୋଲି ରାଣାଓ୍ୱତ୍ କହିଛନ୍ତି। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ(ପିସିଆଇ) ସଭାପତି ତଥା ଭାଜପା ନେତା ଦେବେନ୍ଦ୍ର ଝାଝାରିଆ ପ୍ରକାଶ କରିଛନ୍ତି ଯେ, ଭାରତୀୟ ଆଥ୍‌ଲେଟଙ୍କ ପ୍ରତି ତାଙ୍କର ପ୍ୟାଶନ, ପ୍ରଭାବ ଓ ପ୍ରତିବଦ୍ଧତା କଙ୍ଗନାଙ୍କୁ ନୂଆଦିଲ୍ଲୀରେ ହେବାକୁଥିବା ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଲାଗି ଉପଯୁକ୍ତ ଆମ୍ବାସାଡର ଭାବେ ବିବେଚିତ କରୁଛି। ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୫ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ଦେଶର ପାରା ଆଥ୍‌ଲେଟ ଭାଗନେବେ।

# ଇଂଲଣ୍ଡ ଭଲ ସର୍ଫେସ୍ ଚାହୁଁଛି: ଲିଡ୍ସ କ୍ୟୁରେଟର

ଲିଡ୍ସ,୧୮।୬(ପି.ଟି.)

ଆସନ୍ତା ଶୁକ୍ରବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ଏହା ଉଭୟ ବ୍ୟାଟିଂ ଓ ବୋଲିଂକୁ ସୁହାଉଥିବା ପିଚ୍‌ରେ ଖେଳାଯିବ ବୋଲି ଲିଡ୍ସର ହେଡ୍ ଅଫ୍ ଗ୍ରାଉଣ୍ଡ୍ସ ରିଚାର୍ଡ ରବିନସନ କହିଛନ୍ତି। ଲିଡ୍ସରେ ସାଧାରଣତଃ ସିରିଜ୍‌ର ମଧ୍ୟବର୍ତ୍ତୀ ମ୍ୟାଚ୍ ଖେଳାଯାଇଥାଏ। କିନ୍ତୁ ଦୀର୍ଘବର୍ଷ ପରେ ଲିଡ୍ସ କୌଣସି ସିରିଜ୍‌ର ପ୍ରଥମ ଟେଷ୍ଟ ଆୟୋଜନ କରିବାକୁ ଯାଉଛି। ଏଣୁ ମ୍ୟାଚ୍‌ରେ କେଉଁଭଳି ପିଚ୍ ବ୍ୟବହାର କରାଯିବ, ତାହା ଚର୍ଚ୍ଚାର ବିଷୟ ପାଲଟିଛି।

ଇଂଲଣ୍ଡ ଦଳ ଏକ ଭଲ ସର୍ଫେସ୍ ଚାହୁଁଛି। ଏଣୁ ପିଚ୍ ପର୍ଯ୍ୟାୟକ୍ରମେ ଉଭୟ ବୋଲିଂ ଓ ବ୍ୟାଟିଂକୁ ସୁହାଇବ। ସେମାନେ ତାହା ହିଁ ଚାହୁଁଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନ ପିଚ୍ ଫାଷ୍ଟ ବୋଲରଙ୍କୁ ସୁହାଇବ। ପରେ ଅତ୍ୟଧିକ ଖରା କାରଣରୁ ପିଚ୍ ଫ୍ଲାଟ୍ ହେବ ଏବଂ ବ୍ୟାଟିଂ କରିବା ସହଜ ହେବ ବୋଲି ରବିନସନ କହିଛନ୍ତି। ରୋହିତ୍ ଶର୍ମା ଓ ବିରାଟ କୋହଲି ଅବସର ନେଇସାରିଥିବାରୁ ଲୋକେଶ ରାହୁଲ ଭାରତୀୟ ଦଳର ସବୁଠୁ ସିନିୟର ଖେଳାଳି ପାଲଟିଛନ୍ତି। ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଦଳରେ ପ୍ରାୟତଃ ଯୁବଖେଳାଳି ସ୍ଥାନ ପାଇଛନ୍ତି। ଦଳରେ ସ୍ଥାନ ପାଇଥିବା ଯଶସ୍ୱୀ ଜୟସ୍ୱାଲ କ୍ୟାରିୟରରେ ପ୍ରଥମଥର ପାଇଁ ଇଂଲଣ୍ଡ ଟୁର୍ କରିଥିବା ବେଳେ କରୁନ ନାୟାର ଅନ୍ତିମଥର ୨୦୧୭ରେ ଟେଷ୍ଟ ଖେଳିଥିଲେ। ଭାରତୀୟ ଦଳ ସୋମବାର ହେଡିଂଲେରେ ପହଞ୍ଚିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଟିମ୍ ଇଣ୍ଡିଆ ଏଠାରେ ଅଧିକ ମ୍ୟାଚ୍ ଖେଳିନାହିଁ। ୨୦୨୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ଭାରତୀୟ ଦଳ ଏକ ଇନିଂସ ବ୍ୟବଧାନରେ ପରାସ୍ତ ହୋଇଥିଲା। ଏଥିପୂର୍ବରୁ ୨୦୦୨ରେ ଏଠାରେ ଭାରତ ଏକ ଐତିହାସିକ ବିଜୟ ହାସଲ କରିଥିଲା।

# ଇଂଲଣ୍ଡର ଚୂଡ଼ାନ୍ତ ଏକାଦଶ ଘୋଷିତ

ହେଡିଂଲେ,୧୮।୬

### ଭାରତ ବିପକ୍ଷ ପ୍ରଥମ ଟେଷ୍ଟ

ଆସନ୍ତା ଶୁକ୍ରବାରଠାରୁ ଭାରତ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଲାଗି ଇଂଲଣ୍ଡ ପକ୍ଷରୁ ବୁଧବାର ଚୂଡ଼ାନ୍ତ ଏକାଦଶ ଘୋଷଣା କରାଯାଇଛି। ଏହି ମ୍ୟାଚ୍ ସହିତ ତେନ୍ଦୁଲକର-ଆଣ୍ଡରସନ ଟ୍ରଫିର ଅଭିଯାନ ଓ ଉଭୟ ଦଳର ୨୦୨୫-୨୭ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସାଇକେଲ ଆରମ୍ଭ ହେବ।

ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଦଳରେ ଯୁବ ଓ ଅଭିଜ୍ଞ ଖେଳାଳି ସ୍ଥାନ ପାଇଛନ୍ତି। ଜେମି ସ୍ମିଥଙ୍କୁ ଉଇକେଟ କିପିଂ ଦାୟିତ୍ୱ ଦିଆଯାଇଥିବା ବେଳେ ବେନ ଷ୍ଟୋକ୍ସଙ୍କ ନେତୃତ୍ୱାଧୀନ ଦଳରେ କ୍ରିସ ୱୋକ୍ସ ଓ ବ୍ରାଇଡନ କାର୍ସେଙ୍କ ଭଳି ପେସ ବୋଲିଂ ଅଲରାଉଣ୍ଡରଙ୍କୁ ସାମିଲ କରାଯାଇଛି। ଓଲି ପୋପ ନଂ-୩ ପୋଜିଶନ ବଜାୟ ରଖିଛନ୍ତି ଏବଂ ଦଳରେ ଏକମାତ୍ର ସ୍ପିନର ଭାବେ ଶୋଏବ ବଶୀରଙ୍କୁ ସ୍ଥାନ ମିଳିଛି।

**ପ୍ରଥମ ଟେଷ୍ଟ ଲାଗି ଇଂଲଣ୍ଡ ଏକାଦଶ:** ଜ୍ୟାକ କ୍ରଲି, ବେନ ଡକେଟ, ଓଲି ପୋପ (ଉପ ଅଧିନାୟକ), ଜୋ ରୁଟ, ହ୍ୟାରି ବ୍ରୁକ, ବେନ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ (ଉଇକେଟକିପର), କ୍ରିସ ୱୋକ୍ସ, ବ୍ରାଇଡନ କାର୍ସେ, ଜୋଶ ଟଙ୍ଗ ଓ ଶୋଏବ ବଶୀର।

# ବିଶ୍ୱକପ ପୂର୍ବରୁ ପ୍ରକୃଷ୍ଟ ଟୁର୍ନାମେଣ୍ଟ: ହୁଣ୍ଡାଲ

ବେଙ୍ଗାଲୁରୁ, ୧୮।୬

### ଚତୁଃରାଷ୍ଟ୍ରୀୟ ଜୁନିୟର ପୁରୁଷ ହକି

ଜର୍ମାନୀର ବର୍ଲିନଠାରେ ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ଚଳିତ ମାସ ୨୧ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳ ବୁଧବାର ବର୍ଲିନ ଯାତ୍ରା କରିଛି। ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲଙ୍କ ନେତୃତ୍ୱରେ ଭାରତ ଏହାର ପ୍ରଥମ ମ୍ୟାଚ ୨୧ ତାରିଖରେ ଜର୍ମାନୀ ବିପକ୍ଷରେ ଖେଳିବ। ଏହାପରେ ୨୨ରେ ଅଷ୍ଟ୍ରେଲିଆ ଓ ୨୪ରେ ସ୍ପେନ୍ ବିପକ୍ଷରେ ମୁକାବିଲା କରିବ। ପୁଲ ପର୍ଯ୍ୟାୟର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ୨୫ରେ ଅନୁଷ୍ଠିତ ହେବ। ସେହିଦିନ ଅନ୍ୟ ୨ ଦଳକୁ ନେଇ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ।

ଏଫ୍‌ଆଇଏଚ୍ ଜୁନିୟର ହକି ବିଶ୍ୱକପ ୨୦୨୫ ପୂର୍ବରୁ ଏହି ଟୁର୍ନାମେଣ୍ଟ ଆମପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱକପ ଆଉ ଅଳ୍ପ କିଛିମାସ ବାକିଥିବାରୁ ଆମେ ନିଜର ଦୋଷ ଦୁର୍ବଳତା ଜାଣିବା ପାଇଁ ଏହା ହିଁ ପ୍ରକୃଷ୍ଟ ଟୁର୍ନାମେଣ୍ଟ। ଏଥିରୁ ଆମେ ଟିମ୍ କମ୍ବିନେଶନ ପ୍ରସ୍ତୁତ କରିବୁ ଏବଂ ଦୁର୍ବଳ ଦିଗ ଉପରେ କାମ କରିବୁ। ଆମେ ବିଶ୍ୱର କେତେକ ଶ୍ରେଷ୍ଠ ଦଳକୁ ଭେଟିବାକୁ ଯାଉଛୁ। ଏଥିରୁ ଆମର କେତେ ଶକ୍ତି ତାହା ଜଣାପଡ଼ିବ ଏବଂ ମ୍ୟାଚ ଗୁଡ଼ିକରେ ଭିନ୍ନ ରଣନୀତିରେ ଖେଳିବାକୁ ଚେଷ୍ଟା କରିବୁ'' ବୋଲି ଭାରତୀୟ ଦଳର ଅଧିନାୟକ ଅରାଇଜିତ ସିଂ ହୁଣ୍ଡାଲ ପ୍ରକାଶ କରିଛନ୍ତି। ୨୦୨୫ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ ଚେନ୍ନାଇ ଓ ମଦୁରାଇରେ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ ଆଉ ୬ ମାସରୁ କମ୍ ସମୟ ଥିବାରୁ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ୪ଟି ଯାକ ଦଳ ଭଲ ଅଭ୍ୟାସ ପାଇପାରିବେ।




ଚତୁଃରାଷ୍ଟ୍ରୀୟ ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ବୁଧବାର ଜର୍ମାନୀ ଗସ୍ତ କରିଥିବା ଭାରତୀୟ ହକି ଦଳ।

# ସର୍ଜରିର ସମ୍ମୁଖୀନ ହୋଇପାରନ୍ତି ସୂର୍ଯ୍ୟକୁମାର

**ନୂଆଦିଲ୍ଲୀ,୧୮।୬(ପି.ଟି.):** ଭାରତର ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ପୋର୍ଟ୍ସ ହର୍ନିଆ ସମ୍ପର୍କିତ ଇଞ୍ଜୁରିର ଚିକିତ୍ସା ଲାଗି ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ପାଇଁ ଇଂଲଣ୍ଡ ଗସ୍ତ କରିଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ୩୩ ବର୍ଷୀୟ ସୂର୍ଯ୍ୟ ଗତ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଲାଗି ୭୦୦ରୁ ଊର୍ଦ୍ଧ୍ୱ ରନ୍ କରିଥିଲେ। ଆଇପିଏଲ୍ ପରେ ସେ ମୁମ୍ବାଇ ପ୍ରିମିୟର ଲିଗ୍ ଟି୨୦ରେ ମଧ୍ୟ ଭାଗ ନେଇଥିଲେ। ସୂର୍ଯ୍ୟ ଏବେ ସ୍ପୋର୍ଟ୍ସ ହର୍ନିଆ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସେ ବିଶେଷଜ୍ଞଙ୍କ ସହ ପରାମର୍ଶ ଲାଗି ୟୁକେ ଯାଇଛନ୍ତି। ଯଦି ଦରକାର ପଡ଼େ, ତାଙ୍କର ସର୍ଜରି କରାଯିବ। ଆସନ୍ତା ଅଗଷ୍ଟ-ସେପ୍ଟେମ୍ବର ପର୍ଯ୍ୟନ୍ତ କୌଣସି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ନ ଥିବାରୁ ସୂର୍ଯ୍ୟ ତାଙ୍କ ଇଞ୍ଜୁରିର ଉପଚାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପଚାର ପରେ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ରହିବା ଲାଗି ତାଙ୍କୁ ଯଥେଷ୍ଟ ସମୟ ମିଳିବ ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ